ଧରିତ୍ରୀ
DHARITRI
ଧରିତ୍ରୀ DHARITRI 50 Years
ଭୁବନେଶ୍ୱର, ଶନିବାର, ଡିସେମ୍ବର ୯/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 9/2023 Page 20 ₹ 7.00
୫୦ଶ ଭାଗ ୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 16 ମୂଲ୍ୟ ₹୭/-

# ମଦଭାଟି ଟଙ୍କା ଗଣିହେଉନି

ବଲାଙ୍ଗୀର, ୮।୧୨
(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସୁଦପଡା ଦେଶୀ ମଦଭାଟି ଓ କ୍ଲବ୍‌ପଡା ଅଫିସରୁ ଜବତ ହୋଇଥିବା ଟଙ୍କା ସ୍ଥାନୀୟ ଏସ୍‌ବିଆଇ ମୁଖ୍ୟ ଶାଖାକୁ ଟ୍ରକ୍‌ରେ ଅଣାଯାଇ ଗଣାଯାଉଛି। ଶୁକ୍ରବାର ତୃତୀୟ ଦିନରେ ଆୟକର ବିଭାଗ ଅଧିକାରୀ ବ୍ୟାଙ୍କ କର୍ମଚାରୀଙ୍କ ସହ ୧୦ଟି ଟଙ୍କା ଗଣା ମେଶିନ୍‌ରେ ୩୮ କୋଟିରୁ ଊର୍ଦ୍ଧ୍ୱ ଗଣିଥିବା କୁହାଯାଉଛି। ଗୁରୁବାର ରାତି ୯ଟା ସୁଦ୍ଧା ୨୦ କୋଟିର ନୋଟ୍ ଗଣାଯାଇଥିବାବେଳେ ଶୁକ୍ରବାର ଆହୁରି ୧୮ କୋଟି ଟଙ୍କା ଗଣତି କରାଯାଇଥିବା ଜଣାପଡିଛି। ତେବେ ଟଙ୍କାର ପରିମାଣ ଏତେ ଯେ ଗଣତି ବେଳେ ମେଶିନ୍ ଅକାମୀ ହୋଇଯାଉଛି। ମଦଭାଟି ମ୍ୟାନେଜର ରାଜେଶ ସାହୁ ଓ ବଣ୍ଟି ସାହୁଙ୍କ ସହ ଟିଟିଲାଗଡ଼ରୁ ଆସିଥିବା ଅନ୍ୟ ଜଣେ ଯୁବକଙ୍କୁ ବିଭାଗୀୟ ଅଧିକାରୀମାନେ ବ୍ୟାଙ୍କ ଭିତରକୁ ନେଇଛନ୍ତି। ସମୁଦାୟ ୧୫୬ଟି ବ୍ୟାଗ ଓ ବସ୍ତାରେ ଜବତ ଟଙ୍କା ରହିଥିବାରୁ ଗଣତି ପାଇଁ ୪/୫ ଦିନ ସମୟ ଲାଗିଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

ଆୟକର ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ ପରେ ମଦ ବ୍ୟବସାୟୀଙ୍କ ଭାଟି, କାର୍ଯ୍ୟାଳୟ ଏବଂ ବାସଭବନରୁ ଶତାଧିକ କୋଟି ଟଙ୍କା ଜବତ ହେବା ଘଟଣା ରାଜ୍ୟ ତଥା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ପଶ୍ଚିମ ଓଡ଼ିଶାର ଅନଗ୍ରସର ଜିଲାରୁ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବାରୁ ଏହା ବାସ୍ତବରେ ମଦ ବିକ୍ରି ଟଙ୍କା ନା ଏହା ପଛରେ ଆଉ କ'ଣ ରହସ୍ୟ ରହିଛି, ତାକୁ ନେଇ ପ୍ରଶ୍ନ ହେଉଛି। ଆୟକର ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ପ୍ରତିକ୍ରିୟା ରଖାଯାଇ ନ ଥିବାରୁ ଏତେ ପରିମାଣର ଟଙ୍କା ☞ପୃଷ୍ଠା-୪

> “ ଦେଶବାସୀ ଏହି ନୋଟ୍ ଗଦାକୁ ଦେଖନ୍ତୁ। ତା' ପରେ ଏମାନଙ୍କ ନେତାଙ୍କ ସଚ୍ଚୋଟତାର ଭାଷଣ ଶୁଣନ୍ତୁ। ଜନତାଙ୍କଠାରୁ ଯାହା ଲୁଟିଛନ୍ତି, ସବୁ ଫେରାଇବାକୁ ପଡ଼ିବ। ଏହା ମୋଦିଙ୍କ ଗ୍ୟାରେଣ୍ଟି।
> - ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ନୂଆବର୍ଷରୁ ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖା ବନ୍ଦ

ପୁରୀ, ୮।୧୨ (ଅଜିତ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ପାନ, ଗୁଟ୍‌ଖା ସେବନ ବନ୍ଦ ଏବଂ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ନୂଆବର୍ଷଠାରୁ ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରି ଆସିବାକୁ ଥିବାରୁ ଏ ନେଇ ପୂର୍ବରୁ ସେବାୟତ ଓ ଜେଟିପିମାନଙ୍କ ଦ୍ୱାରା ସଚେତନ କରାଯିବା ସହ ପୁରୁଷ ଭକ୍ତଙ୍କୁ ଧୋତି ପିନ୍ଧାଯାଇ ଶ୍ରୀମନ୍ଦିର ଭିତରକୁ ଛଡ଼ାଯାଇଥିଲା। ତେବେ ଆସନ୍ତା ନୂଆବର୍ଷରୁ ଏହି ବ୍ୟବସ୍ଥା କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି। ସେହିପରି ଜାନୁୟାରୀ ୧ରୁ ଶ୍ରୀମନ୍ଦିର ପରିସରରେ ପାନ ଓ ଗୁଟ୍‌ଖା ସେବନ ଉପରେ କଟକଣା ଜାରି କରାଯାଇଛି।

ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରି ଶ୍ରୀମନ୍ଦିରକୁ ଆସିବା ନେଇ ଗତ ୨ମାସ ତଳେ ☞ପୃଷ୍ଠା-୪

## ଅଭିନେତା ଜୁନିୟର ମେହମୁଦ୍‌ଙ୍କ ପରଲୋକ



ମୁମ୍ବାଇ, ୮।୧୨

ଜୁନିୟର ମେହମୁଦ୍ ଭାବେ ଲୋକପ୍ରିୟ ବର୍ଷୀୟାନ ଅଭିନେତା ନଇମ୍ ସୟେଦଙ୍କର ଶୁକ୍ରବାର ତାଙ୍କ ମୁମ୍ବାଇସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ପାକସ୍ଥଳୀ କର୍କଟରେ ପୀଡ଼ିତ ଥିଲେ। ୧୮ ଦିନ ପୂର୍ବରୁ ଜୁନିୟର ମେହମୁଦ୍‌ଙ୍କ ପାକସ୍ଥଳୀ କ୍ୟାନ୍‌ସର ଚତୁର୍ଥ ସ୍ତରରେ ପହଞ୍ଚିଥିଲା ବୋଲି ତାଙ୍କ ପୁଅ ହୁସ୍‌ନୈନ କହିଛନ୍ତି। ତାଙ୍କୁ ଟାଟା ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଘରକୁ ନେଇଯିବା ଲାଗି ଡାକ୍ତର ପରାମର୍ଶ ଦେଇଥିଲେ। ୧୯୬୬ରେ 'ମହବତ୍ ଜିନ୍ଦଗୀ ହେ'ରୁ ଜୁନିୟର ମେହମୁଦ୍ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ
ଇଡିର ନେତୃତ୍ୱ

# ଜିତିଲା କମିଟି, ହାରିଲେ ମହୁଆ

ନୂଆଦିଲ୍ଲୀ, ୮।୧୨

## ପ୍ରଶ୍ନ ପାଇଁ ଲାଞ୍ଚ ମାମଲା



ମହୁଆ ମୋଇତ୍ର

ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗ ଉପରେ ଏଥିକ୍ସ କମିଟି ରିପୋର୍ଟ ଆଧାରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ଶୁକ୍ରବାର ଲୋକ ସଭାରୁ ବହିଷ୍କାର କରାଯାଇଛି। ପାର୍ଲାମେଣ୍ଟରେ ସରକାରଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିବା ନିମନ୍ତେ ୪୯ ବର୍ଷୀୟ ମହୁଆ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ନଗଦ ୨ କୋଟି ଟଙ୍କା ଏବଂ ବିଳାସପୂର୍ଣ୍ଣ ଉପହାର ନେଇଥିବା ଅଭିଯୋଗ ହୋଇଥିଲା। ଟିଏମ୍‌ସି ଏମ୍‌ପି ପାର୍ଲାମେଣ୍ଟ ୱେବ୍‌ସାଇଟ୍‌ରେ ତାଙ୍କର ବ୍ୟକ୍ତିଗତ ତଥା ଗୋପନୀୟ ଆକାଉଣ୍ଟର ଲଗ୍-ଇନ୍ ପାସ୍‌ୱାର୍ଡ ସମର୍ପଣ କରିଥିଲେ, ଯେପରି ହୀରାନନ୍ଦାନୀ ସିଧାସଳଖ ତାଙ୍କ ଆକାଉଣ୍ଟରେ ପ୍ରଶ୍ନ ରଖିପାରିବେ ବୋଲି ଅଭିଯୋଗ ହୋଇଥିଲା। ମୋଦି ସରକାରଙ୍କ ସମାଲୋଚକ ଭାବେ ପରିଚିତ ମହୁଆ ଲାଞ୍ଚ ନେବା ଅଭିଯୋଗକୁ ଅସ୍ୱୀକାର କରିଥିଲେ ମଧ୍ୟ ଲଗ୍-ଇନ୍ ପାସ୍‌ୱାର୍ଡ ଶେୟାର କରିଥିବା ସ୍ୱୀକାର କରିଥିଲେ। ଏଥିକ୍ସ କମିଟି ରିପୋର୍ଟରେ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ତାଙ୍କଠାରୁ ଉପହାର ଓ ବେଆଇନ ସନ୍ତୁଷ୍ଟି ଲାଭ କରିବା ଅଭିଯୋଗରେ ମହୁଆଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଲୋକ ସଭାରେ ଜୋର୍‌ଦାର ବିତର୍କ ପରେ ଉକ୍ତ ରିପୋର୍ଟ ଗୃହୀତ ହୋଇଥିଲା। ମହୁଆଙ୍କୁ ଗୃହରେ କହିବା ପାଇଁ ଅନୁମତି ଦିଆଯାଇ ନ ଥିଲା। 'ଅନୈତିକ ଆଚରଣ' ପାଇଁ ଟିଏମ୍‌ସି ସଦସ୍ୟଙ୍କୁ ବହିଷ୍କାର କରାଯିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପ୍ରସ୍ତାବ ଆଣିଥିବାବେଳେ ଏହା ଧ୍ୱନିମତରେ ଗୃହୀତ ହୋଇଥିଲା।

ଲୋକ ସଭାରୁ ବହିଷ୍କୃତ ହେବା ପରେ ମହୁଆ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ସେ କଙ୍ଗାରୁ କୋର୍ଟ ଦ୍ୱାରା ଲଦି ଦିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସହ ତୁଳନା କରିଛନ୍ତି। ବିରୋଧୀଙ୍କୁ ବଶ୍ୟତା ସ୍ୱୀକାର କରିବା ନିମନ୍ତେ ବାଧ୍ୟ କରିବା ପାଇଁ ସରକାର ସଂସଦୀୟ କମିଟିକୁ ଅସ୍ତ୍ର ଭାବେ ବ୍ୟବହାର କରିଥିବା ଟିଏମ୍‌ସି ନେତ୍ରୀ କହିଛନ୍ତି। ସେ ଟଙ୍କା ନେଇଥିବାର କୌଣସି ପ୍ରମାଣ ନାହିଁ। ଯେଉଁ ଆଚାର ସଂହିତା ଉଲ୍ଲଂଘନ ନେଇ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି, ସେଭଳି କୌଣସି ଆଚାର ସଂହିତା ନ ଥିବା ମହୁଆ କହିଛନ୍ତି।

ମହୁଆଙ୍କ ବିରୋଧରେ ଭାଜପା ସଦସ୍ୟ ନିଶିକାନ୍ତ ଦୁବେ ଆଣିଥିବା ଅଭିଯୋଗ ଆଧାରରେ ଭାଜପା ଏମ୍‌ପି ବିନୋଦ କୁମାର ସୋଙ୍କରଙ୍କ ଅଧ୍ୟକ୍ଷତାରେ ଗଠିତ ଲୋକ ସଭା ଏଥିକ୍ସ କମିଟି ତଦନ୍ତ କରି ରିପୋର୍ଟ ଦେଇଥିଲା। କମିଟିରେ ଭାଜପାରୁ ବିଷ୍ଣୁଦତ୍ତ ଶର୍ମା, ସୁମେଧାନନ୍ଦ ସରସ୍ୱତୀ, ଅପରାଜିତା ଷଡ଼ଙ୍ଗୀ, ରାଜଦୀପ ରାୟ, ସୁନିତା ଦୁଗଲ ଏବଂ ସୁଭାଷ ଭାମ୍ରେ ସଦସ୍ୟ ରହିଥିବାବେଳେ କଂଗ୍ରେସରୁ ଭି ବୈଥିଲିଙ୍ଗମ୍, ଏନ୍. ଉତ୍ତମ କୁମାର ରେଡ୍ଡୀ, ପରିଣିତି କୌର, ୱାଇଏସ୍‌ଆର୍‌ସିପିରୁ ବାଲାଶୋରୀ ଭଲ୍ଲାଭାନେନି, ଶିବସେନାରୁ ହେମନ୍ତ ଗଡ୍‌ସେ, ଜେଡିୟୁରୁ ଗିରିଧାରୀ ଯାଦବ, ସିପିଆଇ-ଏମ୍‌ରୁ ପି.ଆର୍. ନଟରାଜନ ଏବଂ ବିଏସ୍‌ପିରୁ କୁନ୍‌ୱାର ଡାନିସ୍ ଅଲି ସଦସ୍ୟ ରହିଛନ୍ତି। ମହୁଆଙ୍କ ବିରୋଧରେ ଅଭିଯୋଗକୁ ୬ ସଦସ୍ୟ ସମର୍ଥନ କରିଥିବାବେଳେ ୪ ଜଣ ବିରୋଧ କରିଥିଲେ। ତାଙ୍କ ବିରୋଧରେ ରିପୋର୍ଟକୁ ଅପରାଜିତା ଷଡ଼ଙ୍ଗୀ, ରାଜଦୀପ୍ ରାୟ, ସୁମେଧାନନ୍ଦ ସରସ୍ୱତୀ, ପରିଣିତି କୌର, ବିନୋଦ ସୋଙ୍କର, ହେମନ୍ତ ଗଡ୍‌ସେ ସମର୍ଥନ କରିଥିବାବେଳେ ଡାନିସ୍ ଅଲି, ଭି. ବୈଥିଲିଙ୍ଗମ୍, ପି.ଆର୍. ନଟରାଜନ ଏବଂ ଗିରିଧାରୀ ଯାଦବ ବିରୋଧ କରିଥିଲେ। ଶୁକ୍ରବାର ଗୃହରେ ଏଥିକ୍ସ କମିଟି ରିପୋର୍ଟ ଦାଖଲ ହେବା ପରେ ଉକ୍ତ ସୁପାରିସ୍‌କୁ ଗୃହୀତ କରାଇବା ପାଇଁ ଜୋଷୀ ଗୃହକୁ ନିବେଦନ କରିଥିଲେ। ଲୋକ ସଭା ସଦସ୍ୟ ଭାବେ ମହୁଆ ରହିବା ଅସମର୍ଥନୀୟ ହୋଇଥିବାରୁ ତାଙ୍କୁ ବହିଷ୍କାର କରାଯାଇପାରେ ବୋଲି ପ୍ରସ୍ତାବ ଅଣାଯାଇଥିଲା। ମହୁଆ ଗୃହରେ ତାଙ୍କ ମତାମତ ରଖିବା ଲାଗି ଟିଏମ୍‌ସି ଓ ଅନ୍ୟ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ ମଧ୍ୟ ବାଚସ୍ପତି ଓମ୍ ବିର୍ଲା ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ୨୦୦୫ରେ ୧୦ ଏମ୍‌ପିଙ୍କ ବିରୋଧରେ ପ୍ରଶ୍ନ ପାଇଁ ଲାଞ୍ଚ ଅଭିଯୋଗ ଆସିଥିଲେ ମଧ୍ୟ ସେମାନଙ୍କୁ ମତାମତ ରଖିବାକୁ ତତ୍କାଳୀନ ବାଚସ୍ପତି ସୋମନାଥ ଚାଟାର୍ଜୀ ଅନୁମତି ଦେଇ ନ ଥିଲେ ବୋଲି ବିର୍ଲା କହିଥିଲେ। ପରେ ପ୍ରସ୍ତାବ ବାଚନିକ ମତରେ ଗୃହୀତ ହୋଇଥିଲା।






ବିକଶିତ ଭାରତ ସଂକଳ୍ପ ଯାତ୍ରା

# ସାମିଲ ହେଲେଣି କୋଟିଏରୁ ଅଧିକ

**ନୂଆଦିଲ୍ଲୀ, ୮।୧୨(ପିଆଇବି)**

ନଭେମ୍ବର ୧୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡ଼ଖଣ୍ଡର ଖୁଣ୍ଟିରେ ଶୁଭାରମ୍ଭ କରିଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ସାରା ଦେଶରେ ନାଗରିକମାନଙ୍କ ସହ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଏକ ପରିବର୍ତ୍ତନକାରୀ ଅଭିଯାନ ରୂପେ ଉଭା ହୋଇଛି। ଉଦ୍‌ଘାଟନର ମାସକ ଭିତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି।

ଇଲେକ୍ଟ୍ରୋନିକ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିକଶିତ କଷ୍ଟମାଇଜ୍‌ଡ ପୋର୍ଟାଲରେ ପ୍ରଦତ୍ତ ତଥ୍ୟାନୁସାରେ ଡିସେମ୍ବର ୭ ସୁଦ୍ଧା ଏହି ଯାତ୍ରା ୩୬,୦୦୦ରୁ ଅଧିକ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ପହଞ୍ଚିସାରିଛି। ଏଥିରେ ୧ କୋଟିରୁ ଊର୍ଦ୍ଧ୍ୱ ନାଗରିକ ସାମିଲ ହୋଇଥିବା ଦେଖାଯାଇଛି। ଭାରତର ସର୍ବାଧିକ ଜନବହୁଳ ରାଜ୍ୟ ଉତ୍ତର ପ୍ରଦେଶର ୩୭ ଲକ୍ଷରୁ ଅଧିକ ଲୋକ ଯୋଗଦାନ କରିଛନ୍ତି। ସେହିପରି ମହାରାଷ୍ଟ୍ରରୁ ୧୨.୭ ଓ ଗୁଜରାଟରୁ ୧୧.୫୮ ଲକ୍ଷ ସାମିଲ ହୋଇଛନ୍ତି। ଏପରିକି ଜମ୍ମୁ-କଶ୍ମୀରର ୯ ଲକ୍ଷ ଲୋକ ଏଥିରେ ମିଶିସାରିଲେଣି। ପ୍ରତିଦିନ ଯାତ୍ରାରେ ଯୋଗଦାନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯାତ୍ରାର ପ୍ରଥମ ସପ୍ତାହରେ ୫ ଲକ୍ଷ ନାଗରିକ ଭାଗନେଇଥିବାବେଳେ ୧୦ ଦିନ ଭିତରେ ସେମାନଙ୍କ ସଂଖ୍ୟା ୭୭ ଲକ୍ଷ ଟପିଥିବା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଦେଶବାସୀଙ୍କୁ ସରକାରୀ ଯୋଜନାଗୁଡ଼ିକର ସୁବିଧା ହାସଲ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ(ଆଇଇସି) ଭ୍ୟାନ୍‌ଗୁଡ଼ିକୁ ନିୟୋଜିତ କରାଯାଇଛି। ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ପିଏମ୍ ଉଜ୍ୱଳା ସ୍କିମ୍ ଭଳି ମହିଳା କୈନ୍ଦ୍ରିକ ୪୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ସଚେତନ ହେଲେଣି। ଅଦ୍ୟାବଧି ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବିଭିନ୍ନ ହେଲ୍‌ଥ କ୍ୟାମ୍ପରେ କରାଯାଇସାରିଲାଣି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି


ମନାଲିରେ ପର୍ଯ୍ୟଟକମାନେ ଶୁକ୍ରବାର ରିଭର ରାଫ୍ଟିଂର ମଜା ଉଠାଉଛନ୍ତି।

# ସବୁଠୁ ବଡ଼ ପ୍ରାଇଭେଟ୍ ଜେଟ୍ 'ଫ୍ଲାଇଂ ମେନଶନ'

**ନୂଆଦିଲ୍ଲୀ, ୮।୧୨**



ବିଶ୍ୱର ସବୁଠୁ ବଡ଼ ପ୍ରାଇଭେଟ୍ ଜେଟ୍‌କୁ 'ଫ୍ଲାଇଂ ମେନଶନ' ଅର୍ଥାତ୍ 'ଉଡ଼ନ୍ତା ମହଲ' ନାମ ଦିଆଯାଇଛି। ଏହି ଜେଟ୍ ଦେଖିବାକୁ ଏତେ ସୁନ୍ଦର ଯେ କେହି କେବେ ସ୍ୱପ୍ନରେ କଳ୍ପନା ବି କରି ନ ଥିବେ। ଏଥିରେ ଅନେକ ବେଡ୍‌ରୁମ୍, ଡାଇନିଂ ରୁମ୍ ପରି ସୁବିଧା ଉପଲବ୍ଧ ରହିଛି। ଲୋକଙ୍କ ସୁବିଧାକୁ ଦେଖି ସବୁ ଜରୁରୀ ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ବି ଏଥିରେ ମେଶିନର ଶବ୍ଦ ଆଦୌ ଶୁଣାଯାଏନି। ରିପୋର୍ଟ ମୁତାବକ, ଜେଟ୍‌ରେ ଲାଗିଥିବା କ୍ୟାମେରାକୁ ମଧ୍ୟ ଭିନ୍ନ ଧରଣର ଡିଜାଇନ କରାଯାଇଛି। ଏଥିରେ ଯେତେ ପାରିବ ସେତେ ଜିନିଷ ନେଇ ଯାଇହେବ। ଭିତରେ ଏପରି ବ୍ୟବସ୍ଥା କରାଯାଇଛି, ଯାହା ଏକ ମହଲ ଭଳି ଅନୁଭୂତ ହେବ। ଏହାକୁ ଅତି ନିଖୁଣ ଭାବେ ଡିଜାଇନ କରାଯାଇଛି। ପୂରା ବିମାନରେ ଖାସ ପ୍ରକାର କାଠ ବ୍ୟବହୃତ ହୋଇଛି। ବିମାନରେ ଡ୍ରିଙ୍କସ ଏବଂ ଖେଳର ମଧ୍ୟ ବ୍ୟବସ୍ଥା ରହିଛି। ବୋଇଂ ୭୪୭-୮ ପ୍ରଥମ ଥର ପାଇଁ ୨୦୦୫ ନଭେମ୍ବରରେ ଉଡ଼ିଥିଲା। ସେହି ସମୟରେ ଏହି ବିମାନରେ ମୋଟ ୪୬୭ ଯାତ୍ରୀ ଯାଇପାରୁଥିଲେ। ବର୍ତ୍ତମାନ ଏହି ବିମାନର ମାଲିକ ହେଉଛନ୍ତି ରିୟଲ ଇଷ୍ଟେଟ ଟାଇକୋନ ଜୋସେଫ୍ ଲାଉ। ଜୋସେଫ୍‌ଙ୍କ ମୋଟ ସମ୍ପତ୍ତି ୧୦.୩ ବିଲିୟନ୍ ପାଉଣ୍ଡରୁ ଅଧିକ ବୋଲି ଜଣାପଡ଼ିଛି।

## କେଶରେ ଖୋଲିଲେ ବିୟର ବୋତଲ



**ନୂଆଦିଲ୍ଲୀ, ୮।୧୨:** ଜଣେ ମହିଳା ନିଜ ଲମ୍ବା କେଶରେ ବିୟର ବୋତଲ ଖୋଲୁଥିବା ବେଳର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ୧୧ ନିୟୁତରୁ ଅଧିକ ୟୁଜର୍ସ ଦେଖିସାରିଥିବା ଏହି ଭାଇରାଲ ଭିଡିଓରେ ସେ କେଶ ବିସ୍ତାର କରି ବୋତଲ ଖୋଲୁଛନ୍ତି। ଏହି କୀର୍ତ୍ତି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ଭିଡିଓକୁ ଜେନେରେଟର ନାମକ ଜଣେ ୟୁଜର୍ସ ଶେୟାର କରିଛନ୍ତି।

# ମାଟିରୁ ବାହାରୁଛି ସୁନା

**ବିଶାଖାପାଟଣା, ୮।୧୨**



ଆନ୍ଧ୍ରପ୍ରଦେଶର ଚିତ୍ତୋର ଜିଲାର ଶ୍ରୀକଳାହସ୍ତି ନିକଟ ଗ୍ରାମରେ ଲୋକେ ମାଟିରୁ ସୁନା ବାହାର କରୁଛନ୍ତି। ଅନେକ ପିଢ଼ି ଧରି ଗ୍ରାମବାସୀ ଏହି କାର୍ଯ୍ୟ କରିଆସୁଛନ୍ତି। ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଚେନ୍ନାଇର ପ୍ରସିଦ୍ଧ ଦୋକାନଗୁଡ଼ିକରେ ଅଳଙ୍କାର ପ୍ରସ୍ତୁତି ବେଳେ ଧୂଳି, ମାଟି ଏବଂ ଅନ୍ୟାନ୍ୟ ଜିନିଷ ନଷ୍ଟ ହୋଇଯାଏ। ଏହି ଲୋକମାନେ ସେହି ଅଦରକାରୀ ଜିନିଷ କିଣିବା ପରେ ସେଥିରୁ ସୁନା ବାହାର କରିଥାନ୍ତି। ମର୍କ୍ୟୁରି ସାହାଯ୍ୟରେ ସେମାନେ ମାଟିକୁ ସୁନାରେ ପରିଣତ କରନ୍ତି। ମାଟିରେ ମର୍କ୍ୟୁରି ମିଶ୍ରଣ ପରେ ଛୋଟ ବଲ ତିଆରି କରି ୨-୩ ଦିନ ଶୁଖିବା ପାଇଁ ରଖାଯାଏ। ସେଗୁଡ଼ିକ କେକ୍ ପରି ତିଆରି ହୋଇ ଗରମ ହୋଇ ମେଶିନକୁ ପଠାଯାଏ। ସେଠାରେ ଏହି କେକ୍ ପରି ମାଟି ଶୁଖାଯାଇ ଆଉ ଗୋଟିଏ ଦିନ ଥଣ୍ଡା କରାଯାଏ। ଅଳିଆରୁ ମିଳିଥିବା ସୁନାକୁ ଏକ ଗ୍ଲାସ ପାତ୍ରରେ ରଖାଯାଏ ଏବଂ ପରେ ଏହାକୁ ଏକ ଚୁଲିରେ ରାନ୍ଧାଯାଏ। ଏଥିରେ ଏସିଡ୍ ମିଶାଯାଇ ଗରମ କରାଯାଏ। ତେବେ ଅନେକ ଥର ମର୍କ୍ୟୁରି ମିଶ୍ରିତ ହେଲେ ଅଧିକ ସୁନା ମିଳି ନ ଥାଏ। ବେଳେବେଳେ ୧ ଗ୍ରାମ ଏବଂ ବେଳେବେଳେ ୨ ଗ୍ରାମ ମିଳିଥାଏ। ଏଭଳି ସ୍ଥିତିରେ ମାଟି କିଣିବା ଏବଂ ଏହାକୁ ପ୍ରକ୍ରିୟାକରଣ ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି।




























# ସରକାରୀ ହସ୍ପିଟାଲ ଉପରେ ଲୋକଙ୍କ ଆସ୍ଥା ବଢ଼ିଛି

- ଆଗାମୀ ଦିନରେ ଏହା ମେଡିକାଲ କଲେଜରେ ପରିଣତ ହେବ
- ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ କେନ୍ଦ୍ର କୋଇଲା ମନ୍ତ୍ରୀ
- ପବିତ୍ର ମୋହନଙ୍କୁ ମିଳିଲା ଉପଯୁକ୍ତ ସମ୍ମାନ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

## ପବିତ୍ର ମୋହନ ପ୍ରଧାନ ସରକାରୀ ହସ୍ପିଟାଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଅଛନ୍ତି।

ଅନୁଗୋଳ,୮।୧୨
(ଅମିତ କୁମାର ସାମଲ)

କିଛି ବର୍ଷ ମଧ୍ୟରେ ରାଜ୍ୟରେ ମେଡିକାଲ କଲେଜ ସଂଖ୍ୟା ବଢ଼ିଛି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ନୂଆ ନୂଆ ଚିକିତ୍ସା ସେବା ବି ଉପଲବ୍ଧ ହେଉଛି। ଏଥିପାଇଁ ସରକାରୀ ହସ୍ପିଟାଲ ଉପରେ ଏବେ ଲୋକଙ୍କ ଆସ୍ଥା ବଢ଼ିଛି। ତାଳଚେର ଠାରେ ୩୩୦ ଶଯ୍ୟା ବିଶିଷ୍ଟ ପବିତ୍ର ମୋହନ ପ୍ରଧାନ ସରକାରୀ ହସ୍ପିଟାଲକୁ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଯୋଗେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଏହି ହସ୍ପିଟାଲ ପାଇଁ ସମସ୍ତ ସହାୟତା ଓ ସହଯୋଗ ଯୋଗାଇ ଦେଇଥିବାରୁ ଓଡ଼ିଶା ସରକାର ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ତଥା ଉଦ୍ୟୋଗୀକରଣ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କୁ ଏ ମାଟି ଉପଯୁକ୍ତ ସମ୍ମାନ ଦେଲା ବୋଲି କହିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ମତ ରଖିଥିଲେ। ହସ୍ପିଟାଲ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଏହାର ପ୍ରତିଷ୍ଠା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ତାଳଚେର ହେଉଛି ସଂଗ୍ରାମ ଓ ସ୍ୱାଭିମାନର ଭୂମି। ମହାନ୍ ସଂଗ୍ରାମୀ ନେତା ପବିତ୍ର ମୋହନ ପ୍ରଧାନ ଏ ମାଟିରେ ଜନ୍ମ ନେଇଥିଲେ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭକରି ରାଜ୍ୟର ବିକାଶ କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଯାଇଛନ୍ତି। ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି ହସ୍ପିଟାଲକୁ ଆଗାମୀ ଦିନରେ ଏକ ମେଡିକାଲ କଲେଜରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସ୍ୱାସ୍ଥ୍ୟସେବା ସବୁବେଳେ ସରକାରଙ୍କ ଫୋକସ୍ ହୋଇ ରହିଛି। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରତି ମାସରେ ଲକ୍ଷାଧିକ ଲୋକ ଉତ୍ତମ ଚିକିତ୍ସା ସେବା ପାଉଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଜି ଯେଉଁ ରୂପାନ୍ତର ଆସିଛି ତାହା ଲୋକମାନଙ୍କ ସହଯୋଗ ଯୋଗୁ ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର କୋଇଲା ମନ୍ତ୍ରୀ ଜୋଷୀ କହିଲେ, ଏହି ହସ୍ପିଟାଲ ତାଳଚେର ଓ ଅନୁଗୋଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବହୁ ଉପଯୋଗୀ ହେବ। ଉକ୍ତ ହସ୍ପିଟାଲ ପାଇଁ କୋଲ୍ ଇଣ୍ଡିଆର ଅନେକ ଅବଦାନ ରହିଛି। ଏହାକୁ ମେଡିକାଲ୍ କଲେଜରେ ପରିଣତ କରିବା ପାଇଁ କୋଲ୍ ଇଣ୍ଡିଆ ସମସ୍ତ ସହଯୋଗ ଦେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଲେ, ସମସ୍ତଙ୍କ ପାଇଁ ଏହା ଏକ ଗୌରବ ଓ ସ୍ମରଣୀୟ ଦିନ ହୋଇ ରହିବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଦେବା ସହ ଖୁବ୍‌ଶୀଘ୍ର ମେଡିକାଲ କଲେଜ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପୂଜାରୀ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଏ ଦିଗରେ ଅଧିକ ପ୍ରେରଣା ଯୋଗାଉଛି ବୋଲି ମତବ୍ୟକ୍ତ କରିଥିଲେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପି. ଏମ. ପ୍ରସାଦ, ଏମ୍‌ସିଏଲ ମହାପ୍ରବନ୍ଧକ କେଶବ ରାଓ ଯୋଗ ଦେଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

# ସିକିଲ୍ ସେଲ୍ ଚିକିତ୍ସା ପାଇଁ 'କେସ୍‌ଜେଭି' ଓ 'ଲିଫ୍‌ଜେନିଆ'

ୱାଶିଂଟନ, ୮।୧୨

**ବିଶ୍ୱର ପ୍ରଥମ ଜିନ୍-ଏଡିଟିଂ ଚିକିତ୍ସାକୁ ଏଫ୍‌ଡିଏର ମଞ୍ଜୁରୀ**

ସିକିଲ୍ ସେଲ୍ ଭଳି ବଂଶାନୁଗତ ରକ୍ତରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଖୁସି ଖବର। ଏହି ରୋଗରୁ ମୁକ୍ତି ପାଇଁ ନୂଆ ମେଡିସିନ୍ ଆମେରିକା ବଜାରରେ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଛି।

ଆମେରିକାର ଔଷଧ ନିୟନ୍ତ୍ରକ ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ (ଏଫ୍‌ଡିଏ) ଶୁକ୍ରବାର ଭେର୍ଟେକ୍ସ ଫାର୍ମାସ୍ୟୁଟିକାଲ୍ସ ଏବଂ ଏହାର ସହଯୋଗୀ ସିଆର୍‌ଆଇଏସ୍‌ପିଆର୍ ଥେରାପ୍ୟୁଟିକ୍ସ ଦ୍ୱାରା ପ୍ରସ୍ତୁତ ଜିନ୍-ଏଡିଟିଂ ଟ୍ରିଟ୍‌ମେଣ୍ଟ 'କେସ୍‌ଜେଭି' ଓ 'ଲିଫ୍‌ଜେନିଆ'କୁ ବ୍ୟବହାର ପାଇଁ ଅନୁମତି ଦେଇଛି। ଏହି ମେଡିସିନ୍‌କୁ ୧୨ ଓ ତଦୂର୍ଦ୍ଧ୍ୱ ବୟସ୍କ ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରାଯିବ। କେସ୍‌ଜେଭି ଦକ୍ଷତାର ସହିତ ଏବଂ ଠିକ୍ ଭାବରେ ଡିଏନ୍‌ଏ ପରିବର୍ତ୍ତନକୁ ଚିକିତ୍ସା କରିପାରିବ। ୨.୨ ନିୟୁତ ଆମେରିକୀୟ ଡଲାରରେ 'କେସ୍‌ଜେଭି' ଚିକିତ୍ସା ଉପଲବ୍ଧ କରାଇବ ବୋଲି ଶୁକ୍ରବାର ସୂଚନା ଦେଇଛି। ସେହିପରି ବ୍ଲୁ ବାର୍ଡ ବାୟୋ ଏହି ଚିକିତ୍ସା ପାଇଁ ଆଣିଥିବା ଲିଫ୍‌ଜେନିଆ ୩.୧ ନିୟୁତ ଡଲାରରେ ବିକ୍ରି ପାଇଁ ଧାର୍ଯ୍ୟ କରିଛି। ଏହା ହେଉଛି ବିଶ୍ୱର ପ୍ରଥମ ମେଡିସିନ୍; ଯାହା ସିଆର୍‌ଆଇଏସ୍‌ପିଆର୍ ଜିନ୍-ଏଡିଟିଂ ଟେକ୍ନୋଲୋଜି ଉପରେ ଆଧାରିତ।

# ସରକାରୀ କ୍ୱାର୍ଟର୍ସରୁ ମିଳିଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ମୃତଦେହ

ଭବାନୀପାଟଣା,୮।୧୨
(ଉତ୍ତମ କୁମାର ଦାଶ)



ଏଇଇ ରଞ୍ଜିତ କାର୍ଜି

କଳାହାଣ୍ଡି ଜିଲାରେ କାର୍ଯ୍ୟରତ ଜଳ ସମ୍ପଦ ବିଭାଗର ଜଣେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୁକ୍ରବାର ଜୟପାଟଣା ବ୍ଲକ ମୁଖୀଗୁଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ତାଙ୍କର ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ମୃତ ଯନ୍ତ୍ରୀ ହେଲେ ରାୟଗଡା ଜିଲା ଗୁଣପୁର ନିକଟସ୍ଥ ସୁଭଦ୍ରାପୁରର ରଞ୍ଜିତ କୁମାର କାର୍ଜି (୪୫)। ସେ ମୁଖୀଗୁଡା ଇନ୍ଦ୍ରାବତୀ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ସୁଦ୍ଧା ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଜୟପାଟଣା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଜୟପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୧/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

# ସୀମାନ୍ତରେ ଜଣଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୮।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଜଣେ ଗ୍ରାମବସୀଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ମୃତକ ହେଲେ ନାରାୟଣପୁର ଜିଲା କୋଷପଡକା ଗ୍ରାମର ଧନା ରାମ। ତାଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ହତ୍ୟା କରିଥିବା ଜଣାପଡିଛି। ଧନାଙ୍କୁ କେତେ ଜଣ ମାଓବାଦୀ ଗତ ରାତିରେ ଘରୁ ଉଠାଇ ନେଇଥିଲେ। ପରେ ଗ୍ରାମ ନିକଟରେ ତାଙ୍କୁ ହତ୍ୟା କରିଥିଲେ। ଘଟଣା ସ୍ଥଳରେ ମାଓବାଦୀମାନେ ପୋଷ୍ଟର ଲଗାଇବା ସହ ଧନ ଜଣେ ପୋଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କୁ ହତ୍ୟା କରାଗଲା ବୋଲି ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଚାଓମିନ୍ ପଇସା ମାଗିବାରୁ ଦୋକାନ ଜାଳିଦେଲେ ଯୁବକ

ଦଶମନ୍ତପୁର,୮।୧୨
(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତରେ ଚାଓମିନ୍ ଖାଇ ଜଣେ ଯୁବକ ଟଙ୍କା ନ ଦେଇ ସମ୍ପୃକ୍ତ ଦୋକାନରେ ନିଆଁ ଲଗାଇ ଦେଇଛନ୍ତି। ଗିର୍ଲି ଗ୍ରାମର ଈଶର ବିଶୋୟୀଙ୍କ ସ୍ତ୍ରୀ ନନ୍ଦିନୀ ଗ୍ରାମରେ ଏକ ଚାଓମିନ୍ ଦୋକାନ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଗ୍ରାମର ବିଷ୍ଣୁ ମୁଦୁଲି ଆସି ନନ୍ଦିନୀଙ୍କ ଦୋକାନରେ ଚାଓମିନ୍ ଖାଇବା ପରେ ଟଙ୍କା ଦେଇ ନ ଥିଲେ। ନନ୍ଦିନୀ ତାଙ୍କୁ ଟଙ୍କା ମାଗିବାରୁ ଯୁକ୍ତିତର୍କ ହୋଇଥିଲା। ବିଷ୍ଣୁ ନନ୍ଦିନୀଙ୍କ ଛଣ ଛପରରେ ହୋଇଥିବା ଦୋକାନ ଘରେ ନିଆଁ ଲଗାଇଦେଇଥିଲେ। ଚାଓମିନ୍ ଓ ଘରୋଇ ସାମଗ୍ରୀ ସବୁ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ ଅଧିକାରୀ ଅଜିତ ବାରାଙ୍କ ନେତୃତ୍ୱରେ କର୍ମଚାରୀ ପ୍ରଦ୍ୟୁମ୍ନ ଶବର, ଅନନ୍ତ ସେଠୀ, ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ନିଆଁ ଲିଭାଇଥିଲେ। ଏନେଇ ନନ୍ଦିନୀଙ୍କ ସ୍ୱାମୀ ଈଶ୍ୱର ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ତତ୍ତ୍ୱାବଧାନରେ ମୁରାନ ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଏବଂ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏନେଇ କେସ୍ ନଂ. ୧୭୦/୨୩ରେ ଏକ ମାମଲା ରୁଜୁ ହୋଇଛି।









**ଆଜିର ମନ୍ତବ୍ୟ**

"୨୦୨୪ ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କଂଗ୍ରେସ ଜନସମ୍ପର୍କ ଅଭିଯାନକୁ ଆହୁରି ମଜଭୁତ କରିବ। ଏଥିପାଇଁ ବୁଥ୍‌ସ୍ତରରେ ଦଳୀୟ ପ୍ରଦର୍ଶନ ସମ୍ପର୍କିତ ରିପୋର୍ଟ ଦାଖଲ ଲାଗି ଦଳ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

– କେ.ସି. ବେଣୁଗୋପାଳ, ଏଆଇସିସି ସାଧାରଣ ସମ୍ପାଦକ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡରୁ ଡରୁ ଦିନ ଗଲା**
**ସଉତୁଣୀ ସଙ୍ଗେ ପୀରତି ଲଗାଇ**
**କାନ୍ତ ଏହି କଥା କଲା।**

କୌଣସି ନାରୀ ତା'ର ସିନ୍ଦୂରରେ କେହି ଭାଗ ବସାଉ ତାହା କେବେ ଚାହିଁ ନ ଥାନ୍ତି। ତେବେ ପରିସ୍ଥିତିରେ ପଡ଼ି ସ୍ୱାମୀ ଘରକୁ ସଉତୁଣୀ ନେଇ ଆସିଲେ ବିଚାରୀ ସ୍ତ୍ରୀର ଦୁର୍ଭାଗ୍ୟ ବଢ଼ିଯାଇଥାଏ। ଏପରିକି ତାକୁ ସବୁ ସମୟ ଡରି ଡରି ଚଳିବା ସହ ନିଜକୁ ସେ ଖୁବ୍ ଏକୁଟିଆ ମନେ କରିଥାଏ। ସ୍ୱାମୀ ସହ ପ୍ରୀତିପୂର୍ଣ୍ଣ ସମ୍ପର୍କ ରଖୁଥିବା ସଉତୁଣୀକୁ ସ୍ତ୍ରୀ କେବେ ସହିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡେଙ୍ଗେଇ ନାନୀ ସରୁ କାଟେଣୀ**
**ପାଣି କାଢୁଥିଲା କୂଅରେ**
**ଟୋପି ଚନ୍ଦନିଆ ବୋକ ଦେଇଗଲା**
**କେଶର ଲାଗିଛି ମୁହଁରେ।**

ସାଧାରଣତଃ ପ୍ରେମରେ ପଡିଥିବା ବ୍ୟକ୍ତି ପରସ୍ପରର ସାନିଧ୍ୟ ପାଇବା ପାଇଁ ବ୍ୟାକୁଳ ହୋଇଉଠନ୍ତି। ପ୍ରେମିକାକୁ ପାଖରେ ପାଇ ପ୍ରେମ ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସୌରିନ୍‌ଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

## ଯୁବତୀଙ୍କୁ ଯୌନ ନିର୍ଯାତନା ମାମଲା



ସୌରିନ୍ ଭଟ୍ଟ

**କଟକ,୮।୧୨ (କାର୍ତ୍ତିକ ସାହୁ)**

ଜଣେ ଓଡ଼ିଆ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଯୌନ ନିର୍ଯାତନା ଦେବା ମାମଲାରେ ଫେରାର ଥିବା ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କ ନାମରେ ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ବି ସୌରିନ୍ ଭୁବନେଶ୍ୱର-କଟକ କମିଶନରେଟ୍‌ପୋଲିସ କିମ୍ବା କୋର୍ଟଙ୍କ ନିକଟରେ ହାଜର ନ ହେବାରୁ କୋର୍ଟ ଏଭଳି ପଦକ୍ଷେପ ନେଇଛନ୍ତି।

ସୂଚନା ଅନୁସାରେ, ସ୍ଥାନୀୟ ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟରତ ଜଣେ ଯୁବତୀ ସୌରିନ୍‌ଙ୍କ ନାମରେ କଟକ ମହିଳା ଥାନାରେ ଗତ ଜୁନ୍ ୧୨ ତାରିଖରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ସୌରିନ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକିବା, ୧୦ ଲକ୍ଷ ଟଙ୍କା ନେବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ନେଇ ଯୁବତୀ ଜଣଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏନେଇ ମହିଳା ଥାନା ପୋଲିସ ମାମଲା ରୁଜୁ କରିବା ସହ ସୌରିନ୍‌ଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଉକ୍ତ ଟିମ୍ କୋଲକାତା ସମେତ ବିଭିନ୍ନ ଆଡ଼େ ଚଢ଼ାଉ କରିବା ପରେ ବି ସୌରିନ୍‌ଙ୍କୁ ଧରିପାରି ନଥିଲା। ଅନ୍ୟପକ୍ଷରେ ସୌରିନ୍ ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସୌରିନ୍‌ଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜାମିନ୍ ଆବେଦନ ଖାରଜ କରିଦେଇଥିଲେ। ପରେ କମିଶନରେଟ ପୋଲିସ ସେପ୍ଟେମ୍ବର ୧୧ରେ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା। ଏହାପରେ ସୌରିନ୍‌ଙ୍କୁ ଧରିବା ଲାଗି ଏନ୍‌ବିଡବ୍ଲ୍ୟୁ ଜାରି ପାଇଁ ହାଇକୋର୍ଟରେ ପୋଲିସ ଆବେଦନ କରିଥିଲା ବୋଲି ଜୋନ୍-୨ ଏସିପି ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।





# ଗୃହ, ସ୍ୱାସ୍ଥ୍ୟ ବିଭାଗକୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ହାଇକୋର୍ଟରେ ଜେଲ ସଂସ୍କାର ମାମଲା**

## ଆଇନ୍‌ସେବା ପ୍ରାଧିକରଣ ସଚିବ ମାସିକିଆ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**କଟକ,୮।୧୨ (କାର୍ତ୍ତିକ ସାହୁ)**

ଜେଲ୍ ସଂସ୍କାର ମାମଲାର ଶୁଣାଣି ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁକ୍ରବାର ହୋଇଛି। ଆଇନସେବା ପ୍ରାଧିକରଣ ସଚିବମାନେ ବିଭିନ୍ନ ସମୟରେ ଜେଲ ପରିଦର୍ଶନ କରି ଉପଯୁକ୍ତ ପଦକ୍ଷେପ ନେବେ। ବିଚାରାଧୀନ କଏଦୀମାନଙ୍କୁ ଜେଲ କର୍ତ୍ତୃପକ୍ଷ କିପରି ବ୍ୟବହାର କରୁଛନ୍ତି ସେନେଇ କୋର୍ଟଙ୍କୁ ପ୍ରତି ମାସରେ ଅବଗତ କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍‌ରେ କଏଦୀମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ ହେଉଛି କି ନାହିଁ ତାହା ସଚିବମାନେ ତଦାରଖ କରିବେ। ଖାଦ୍ୟ, ବସ୍ତ୍ର, ପାଇଖାନା, ଗାଧୁଆଘର, ପାନୀୟଜଳ ସୁବିଧା ସମେତ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଉଛି କି ନାହିଁ ତାହାର ରିପୋର୍ଟ ମଧ୍ୟ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ପ୍ରତି ଜେଲରେ ବିଚାରାଧୀନ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜେଲରେ ଉପଲବ୍ଧ ବ୍ୟବସ୍ଥା ସମ୍ପର୍କରେ ଅବଗତ କରି ପଦକ୍ଷେପ ନେବାକୁ ହାଇକୋର୍ଟ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରାଧୀନ କଏଦୀମାନଙ୍କ ପ୍ରତିଦିନ ଯୋଗାଭ୍ୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି ହାଇକୋର୍ଟ। ସେମାନେ ଯେପରି ସୁନ୍ଦର ପରିବେଶରେ ରହିବେ ଓ ଯୋଗାଭ୍ୟାସ କରିବେ ସେଥିପ୍ରତି ଯତ୍ନବାନ ହେବାକୁ ଅଦାଲତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଖଣ୍ଡପୀଠ ମାମଲାର ପୂର୍ବ ଶୁଣାଣିରେ ସମସ୍ତ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଆଗାମୀ ଦୁଇ ମାସ ମଧ୍ୟରେ ନିଜ ଜିଲାରେ ଥିବା ଜେଲ ଓ ସବ୍‌ଜେଲ ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜ୍ୟରେ ଜେଲ ସଂସ୍କାର ସମ୍ପର୍କିତ ମାମଲାରେ ଜେଲରୁ ଭିଡ଼ କମାଇବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ତିଆରି ହେଉଥିବା ନୂଆ ଜେଲ ପ୍ରକଳ୍ପରେ ଜେଲ ସହ ଏକସଙ୍ଗେ ପାଚେରି ନିର୍ମାଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ନଷ୍ଟ ସାମଗ୍ରୀ ବିକି ଆମାଜନ୍ ଗଣିବ ୫୦ ହଜାର

**କଟକ,୮।୧୨ (କାର୍ତ୍ତିକ ସାହୁ)**

ଆମାଜନ୍ ରିଟେଲ ଇଣ୍ଡିଆ ପ୍ରା. ଲି. କଟକ ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି। ନଷ୍ଟ ହୋଇଥିବା ସାମଗ୍ରୀ ବିକ୍ରି ଅଭିଯୋଗର ବିଚାର କରି ଅଦାଲତ କ୍ଷତିପୂରଣ ଓ ମାମଲା ଖର୍ଚ୍ଚ ବାବଦକୁ ୫୦ ହଜାର ଟଙ୍କା ଆବେଦନକାରୀ କଟକ ସିଡିଏ ସେକ୍ଟର-୧୦ ଅଞ୍ଚଳର ଡ. ସୁନୀଲ କୁମାର ରଥଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନଷ୍ଟ ସାମଗ୍ରୀର ମୂଲ୍ୟ ୧୪୦୪ ଟଙ୍କା ମଧ୍ୟ ଆବେଦନକାରୀଙ୍କୁ ଫେରସ୍ତ ଦେବାକୁ କୁହାଯାଇଛି। ନିର୍ଦ୍ଦେଶନାମାର ନକଲ ପାଇବାର ୩୦ ଦିନ ମଧ୍ୟରେ ଏହା ଅନୁପାଳନ କରିବାକୁ ଅଦାଲତର ସଭାପତି ଦେବାଶିଷ ନାୟକ ଓ ସଦସ୍ୟ ଶିବାନନ୍ଦ ମହାନ୍ତି ନିର୍ଦ୍ଦେଶରେ ଦର୍ଶାଇଛନ୍ତି।

ଆବେଦନକାରୀ ଗତ ଜୁନ୍ ୭ରେ ଆମାଜନ୍‌ରୁ ଏକ କିଲୋଗ୍ରାମର ଏନ୍‌ସ୍ୱିୟର ପାଉଡର କିଣିଥିଲେ। ସାମଗ୍ରୀର ମୂଲ୍ୟ ବାବଦରେ ୧୪୦୪ ଟଙ୍କା ଦେଇଥିଲେ। ହେଲେ ସାମଗ୍ରୀ ପାଇବା ପରେ ଆବେଦନକାରୀ ତାହା ନଷ୍ଟ ହୋଇଯାଇଥିବା ସାମଗ୍ରୀ ବୋଲି ଜାଣିବାକୁ ପାଇଥିଲେ। ସେ ଏନେଇ ଆମାଜନ୍ ନିକଟରେ ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ନ ପାଇବାରୁ ଲିଗାଲ ନୋଟିସ ପଠେଇଥିଲେ। ତଥାପି ପଦକ୍ଷେପ ନ ଯିବାରୁ ଆବେଦନକାରୀ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

# ହୋଟେଲରେ ଚଢ଼ାଉ, ୬ ଶିଶୁ ଶ୍ରମିକ ଉଦ୍ଧାର

**କଟକ,୮।୧୨ (କାର୍ତ୍ତିକ ସାହୁ)**

କଟକ ମଙ୍ଗଳାବାଗ ଅଞ୍ଚଳରେ ଶୁକ୍ରବାର ପୋଲିସ ଓ ଶ୍ରମ ଅଧିକାରୀଙ୍କ ପକ୍ଷରୁ ମିଳିତ ଚଢ଼ାଉ କରାଯାଉ ୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳାବାଗ ଥାନା ନିକଟରୁ ରାଣୀହାଟସ୍ଥିତ ଘଣ୍ଟାଘର ଯାଏ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ୧୦ଟି ହୋଟେଲରେ ଚଢ଼ାଉ ହୋଇଥିଲା। ଉଦ୍ଧାର ଶିଶୁମାନଙ୍କ ମଧ୍ୟରେ ଅନୁଗୋଳ ଅଞ୍ଚଳର ୪, ବାଲେଶ୍ୱର ଓ ଗଜପତିର ଜଣେ ଲେଖାଏ ଅଛନ୍ତି। ସମସ୍ତଙ୍କ ବୟସ ୧୫ରୁ ୧୭ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମଙ୍ଗଳାବାଗ ଥାନାରେ ଶିଶୁ ଶ୍ରମିକଙ୍କୁ ହାଜର ପରେ ବୟାନ ରେକର୍ଡ କରାଯାଇଛି। ହୋଟେଲରେ ବାସନ ମାଜିବା, ପାଣି ବୋହିବା ଓ ରୋଷେଇ ଘରେ ଚୁଲି ଜାଳିବା ଆଦି କାମରେ ସେମାନେ ନିୟୋଜିତ ହୋଇଥିବା କହିଛନ୍ତି। ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ବସୁନ୍ଧରାରେ ଥଇଥାନ କରାଯାଇଛି। ସେଠାରେ ସେମାନଙ୍କ କାଉନସେଲିଂ କରାଯିବାକୁ ସିଡବ୍ଲ୍ୟୁସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉପଖଣ୍ଡ ଶ୍ରମ ଆୟୁକ୍ତ(ଡିଏଲସି)ଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ପ୍ରୀତିବନ୍ଧନ ଘଡ଼େଇ, ମୋନାଲିସା ପାଢ଼ୀ, ମଙ୍ଗଳାବାଗ ଥାନା ଏଏସ୍‌ଆଇ ରଶ୍ମିରଞ୍ଜନ ବରାଳ, ଉତ୍କଳ ସେବକ ସମାଜର ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ପକ୍ଷରୁ ଚିତ୍ତରଞ୍ଜନ ମହାନ୍ତି, ଅନିସ୍କା ଚୌଧୁରୀ, ସୁପ୍ରିୟା ପଣ୍ଡା, ବାସୁଦେବ ରାଉତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ବିଶାଖାପାଟଣାରେ ବିଏସ୍‌କେୱାଇରେ ମାଗଣା ଚିକିତ୍ସା ପାଇଲେ କର୍କଟ ପୀଡ଼ିତା ନାବାଳିକା

**ଭୁବନେଶ୍ୱର, ୮।୧୨ (ଅସମାପିକା ସାହୁ)**



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ରକ୍ଷାକବଚ ସାଜିଛି। ଏହି ଯୋଜନା ମାଧ୍ୟମରେ ଓଡ଼ିଶା ସମେତ ବାହାର ରାଜ୍ୟର ସୁପର ସ୍ପେଶାଲିଟି ହସ୍ପିଟାଲଗୁଡ଼ିକରେ ଅନେକ ଜଟିଳ ରୋଗର ସଫଳ ଚିକିତ୍ସା ଦେୟମୁକ୍ତ ଭାବେ ହୋଇପାରୁଛି। ବରଗଡ଼ ଜିଲା ଆମ୍ବପାଲି ଗ୍ରାମର କର୍କଟ ପୀଡିତା ନାବାଳିକା ସ୍ନେହା ସେଠ୍ ଏହି ଯୋଜନାରେ ବିଶାଖାପାଟଣାରେ ମାଗଣାରେ ଚିକିତ୍ସିତ ହୋଇଛନ୍ତି। ତାଙ୍କ ଭାଇ ଦିବ୍ୟା ସେଠ୍‌ଙ୍କ ସୂଚନାନୁସାରେ, ତାଙ୍କ ସାନଭଉଣୀ ସ୍ନେହା ପ୍ରାୟ ୧ ବର୍ଷ ହେବ ବ୍ଲଡ୍ କ୍ୟାନ୍ସରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ବିଏସ୍‌କେୱାଇ କାର୍ଡ ଦ୍ୱାରା ବିଶାଖାପାଟଣା ମହାତ୍ମା ଗାନ୍ଧୀ କ୍ୟାନ୍ସର ହସ୍ପିଟାଲରେ ମାଗଣା ଚିକିତ୍ସା ପାଇଥିବା ଜଣେ ମହିଳାଙ୍କଠାରୁ ଶୁଣି ସେ ଭଉଣୀଙ୍କୁ ଧରି ସେଠାକୁ ଯାଇଥିଲେ। ଏଥିରେ ବିଏସ୍‌କେୱାଇ ଟିମ୍ ସହଯୋଗ କରିଥିଲା। ହସ୍ପିଟାଲରେ ସ୍ନେହାଙ୍କର ଆଡ୍‌ମିଶନ, ବିଭିନ୍ନ ପରୀକ୍ଷା, ଚିକିତ୍ସା ଓ ବୋନ୍ ମାରୋ ପ୍ରତିରୋପଣ ଆଦି ମାଗଣାରେ କରାଯାଇଛି। ବର୍ତ୍ତମାନ ସ୍ନେହା ସୁସ୍ଥ ଅଛନ୍ତି। ଭଉଣୀ ଜୀବନ ବଞ୍ଚାଇଥିବାରୁ ଭାଇ ଦିବ୍ୟା ଓ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମହାତ୍ମା ଗାନ୍ଧୀ ହସ୍ପିଟାଲର ଡାକ୍ତରମାନଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ ଯୋଜନା ମାଧ୍ୟମରେ ଜଣେ ନାବାଳିକାଙ୍କ କ୍ୟାନସର ଚିକିତ୍ସା ସଫଳତାର ସହ ହୋଇପାରିଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସନ୍ତୋଷ ବ୍ୟକ୍ତ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ମଦଭାଟି ଟଙ୍କା...

କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା ବୋଲି ଲୋକେ କହୁଛନ୍ତି। ଏହି ଜିଲା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମାନବ ବିକାଶ ସୂଚକାଙ୍କରେ ପଛରେ ପଡ଼ିଥିବାବେଳେ ଦାଦନ ଶ୍ରମିକ ସମସ୍ୟା ବଡ଼ ସଙ୍କଟ ହୋଇ ଉଭାହୋଇଛି। କିଛିବର୍ଷ ହେଲା ଏହି ଅଞ୍ଚଳରେ ଦେଶୀ-ବିଦେଶୀ ମଦ ଓ ନିଶା କାରବାର ବଢ଼ିଛି। ଅପରାଧ ପ୍ରବଣତା ମଧ୍ୟ ବୃଦ୍ଧିପାଇଛି। ଦାରିଦ୍ର୍ୟ କାରଣରୁ ପିଲା ଅଧାରୁ ପାଠ ଛାଡ଼ିବାକୁ ବାଧ ହେଉଥିବାବେଳେ ସଦ୍ୟ ଘଟଣା ଦେଶରେ ଚର୍ଚ୍ଚିତ ହୋଇଛି। ବଲାଙ୍ଗୀର, ବୌଦ୍ଧ, ରାୟଗଡ଼ା, ସୁନ୍ଦରଗଡ଼, ରାଉରକେଲା, ସମ୍ବଲପୁର ଓ ଟିଟିଲାଗଡ଼ଠାରେ ଆୟକର ବିଭାଗ ତିନିଦିନ ହେଲା ଡେରା ପକାଇଛି। ମଦ ବ୍ୟବସାୟୀଙ୍କ ମଦଭାଟି, ବାସଭବନ ଓ ଅଫିସ୍‌ରେ ଚଢ଼ାଉ ଜାରି ରଖିବା ସହ ସବୁ ସ୍ଥାନକୁ ନିଜ ଅଧୀନରେ ରଖିଛି। ଏପରି କି ସେହି ସ୍ଥାନଗୁଡ଼ିକରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ବାହାରିଛି। ଝାଡ଼ଖଣ୍ଡ ଓ ଟିଟିଲାଗଡ଼ରେ ଘର କରି ବଲାଙ୍ଗୀର ସମେତ ପଡ଼ୋଶୀ ଜିଲାଗୁଡ଼ିକରେ ମଦ ବ୍ୟବସାୟ କରୁଥିବା ବ୍ୟବସାୟୀ ଦୀପକ ସାହୁ ଓ ସଞ୍ଜୟ ସାହୁଙ୍କ ଘରୁ ଏବଂ ମଦଭାଟିରୁ ବାହାରିଥିବା ଟଙ୍କାର ପରିମାଣ ଜଣାପଡ଼ିନାହିଁ।

ବଲାଙ୍ଗୀର ଜିଲାରେ ଗୋଟିଏ ବି ଶିଳ୍ପ କାରଖାନା ନାହିଁ। ଏକମାତ୍ର ଦେଓଗାଁ ଟିନିକଲ ଦୀର୍ଘବର୍ଷ ହେଲା ବନ୍ଦ ପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ଟିନିକଲ ଖୋଲୁନାହିଁ। ଅନ୍ୟ ଶିଳ୍ପ ବି ପ୍ରତିଷ୍ଠା ହେଉନାହିଁ। ଏଠାରେ ଭଲ ହସ୍ପିଟାଲ ନ ଥିବାରୁ ପ୍ରତିଦିନ ଏଠାକାର ଲୋକେ ସାଧାରଣ ରୋଗ ପାଇଁ ଭୁବନେଶ୍ୱର, କଟକ, ବିଶାଖାପାଟଣା, ଦିଲ୍ଲୀ, ବେଙ୍ଗାଲୁରୁ ଓ ବମ୍ବେ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ବିଶ୍ୱବିଦ୍ୟାଳୟ, କଲେଜ, ସ୍କୁଲରେ ବହୁ ପଦବୀ ଖାଲିପଡ଼ିଛି। ଏହି ସ୍ଥଳେ ଝାଡ଼ଖଣ୍ଡର କଂଗ୍ରେସ ଏମ୍‌ପି ଧୀରଜ ସାହୁଙ୍କ ସମ୍ପର୍କୀୟଙ୍କ ନିକଟରୁ ଟଙ୍କା ଜବତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏନେଇ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ବିରୋଧୀ ଦଳକୁ ଟାର୍ଗେଟ କରିଛନ୍ତି।

### ମ୍ୟାନେଜରଙ୍କ ଘରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଜବତ

ଆୟକର ବିଭାଗ ଅଧିକାରୀମାନେ ଶୁକ୍ରବାର ରାତିରେ ମଦଭାଟି ମ୍ୟାନେଜର ବଣ୍ଟି ସାହୁଙ୍କ ଭଡାଘରେ ଚଢ଼ାଉ କରି ୧୯ଟି ବ୍ୟାଗ୍ ଓ ପେଟିରେ ଥିବା ୫୦ କୋଟିରୁ ଅଧିକ ଟଙ୍କା ଜବତ କରିଛନ୍ତି। ଏସ୍‌ବିଆଇ ମୁଖ୍ୟ ଶାଖାରେ ଟଙ୍କା ଗଣତି ବେଳେ ରାଜେଶ, ବଣ୍ଟି ସାହୁ ଓ ଟିଟିଲାଗଡ଼ର ଅନ୍ୟ ଜଣେ ଯୁବକ ଉପସ୍ଥିତଥିଲେ। ଅଧିକାରୀମାନେ ସେମାନଙ୍କୁ ପଚରାଉଚରା ପରେ ମଦଭାଟି ନିକଟ ଉକ୍ତ ଘରେ ଆଲମିରା ଓ ପେଟିରେ ଟଙ୍କା ଥିବା ଦେଖିବାକୁ ପାଇଥିଲେ। କଡ଼ା ସୁରକ୍ଷା ଭିତରେ ଉକ୍ତ ଟଙ୍କା ବ୍ୟାଙ୍କକୁ ଅଣାଯାଇଛି। କେବଳ ବଲାଙ୍ଗୀର ଜିଲାରେ ବିହାର ଓ ଝାଡ଼ଖଣ୍ଡ ଅଞ୍ଚଳର ଶତାଧିକ କର୍ମଚାରୀ ମଦଭାଟିରେ କାମ କରୁଛନ୍ତି। ମଦ ବିକ୍ରି ଆଢୁଆଳରେ ସେମାନେ କ'ଣ କରୁଥିଲେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜିଲାରୁ ଅନେକ ମଦଭାଟି କର୍ମଚାରୀ ଫେରାର ହୋଇଯାଇଥିବା ଚର୍ଚ୍ଚା ହେଉଛି। ଟିଟିଲାଗଡ଼ରୁ ମଦଭାଟି ଓ ମଦ ଦୋକାନୀଙ୍କଠାରୁ ଅଧିକ ଟଙ୍କା ଜବତ ହୋଇଥିବା ସୂଚନା ମିଳୁଛି। ଜିଲାର ଅନ୍ୟ ମଦଭାଟି, ଭାଟି କର୍ମଚାରୀ, ସହଯୋଗୀ ଓ ଗୁପ୍ତ ସ୍ଥାନରେ ଚଢ଼ାଉ ପାଇଁ ଯୋଜନା ଚାଲିଥିବା ଜଣାପଡ଼ିଛି। ବହୁ ଗୁପ୍ତ ସ୍ଥାନରେ ଟଙ୍କା ରହିଥିବା ଅନୁମାନ କରାଯାଉଛି। ମଦ ବ୍ୟବସାୟୀ ଦୀପକ ସାହୁ ଓ ସଞ୍ଜୟ ସାହୁଙ୍କ ପତ୍ତା ମିଳୁନାହିଁ।

## ଅଭିନେତା ଜୁନିୟର...

ସେ ନୌନିହାଲ, କାରାଭାନ, ହାଥୀ ମେରେ ସାଥୀ, ମେରେ ନାମ ଜୋକର, ସୁହାଗ ରାତ, ବ୍ରହ୍ମଚାରୀ, କଟି ପତଙ୍ଗ, ହରେ ରାମ ହରେ କ୍ରିଷ୍ଣ, ଗୀତ ଗାତା ଚଲ୍, ଇମାନଦାର, ବାପ ନମ୍ବରୀ ବେଟା ଦଶ୍ ନମ୍ବରୀ, ଆଜ୍ କା ଅର୍ଜୁନ, ଗୁରୁଦେବ, ଛୋଟେ ସର୍କାର ଏବଂ ଜୁଦାଇ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏହା ବ୍ୟତୀତ କେତେକ ଟେଲିଭିଜନ ଶୋ'ରେ ମଧ୍ୟ ସେ କାମ କରିଥିଲେ। ଅନେକ ମରାଠୀ ଚଳଚ୍ଚିତ୍ରର ସେ ନିର୍ଦ୍ଦେଶନା ଦେବା ସହ ନିର୍ମାତା ଥିଲେ। ୧୯୬୮ରେ ସୁହାଗ ରାତ ଚଳଚ୍ଚିତ୍ରରେ ଅଭିନୟ ବେଳେ ତତ୍କାଳୀନ ହାସ୍ୟାଭିନେତା ମେହମୁଦ୍ ତାଙ୍କୁ ଜୁନିୟର ମେହମୁଦ୍ ନାଁ ଦେଇଥିଲେ। ଶୁକ୍ରବାର ଶାନ୍ତାକ୍ରୁଜ୍ କବରସ୍ଥାନରେ ଅଭିନେତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ନୂଆବର୍ଷରୁ ଶ୍ରୀମନ୍ଦିରରେ...

ପ୍ରୟାସ ଆରମ୍ଭ କରାଯାଇଥିଲା। ଜାନୁୟାରୀ ୧ ତାରିଖଠାରୁ ନିୟମ କଡ଼ାକଡ଼ି ଭାବେ ପାଳନ କରାଯିବ। ବର୍ତ୍ତମାନ ଲକ୍ଷ୍ୟ କରାଯାଉଛି ଯେ, ଭକ୍ତମାନେ ଏହି ନିୟମକୁ ଶତପ୍ରତିଶତ ଅନୁପାଳନ କରୁଛନ୍ତି। ବାଧ୍ୟବାଧକତାର ଆବଶ୍ୟକତା ନାହିଁ। ସେହିପରି ପ୍ରଶାସନ ପକ୍ଷରୁ ପାନଗୁଟ୍‌ଖା ଉପରେ ସଚେତନ କରାଯାଉଛି। ସେବାୟତମାନେ ମଧ୍ୟ ନିଜେ ସଚେତନ ହେବା ସହ ଭକ୍ତଙ୍କୁ ସଚେତନ କରାଉଛନ୍ତି। ଯେଉଁମାନଙ୍କର ପାନ ଗୁଟ୍‌ଖା ଖାଇବାର ଅଛି, ସେମାନେ ଶ୍ରୀମନ୍ଦିର ବାହାରେ ଖାଆନ୍ତୁ। ଏଥିଲାଗି ଯେପରି କାହା ବିରୋଧରେ ଦଣ୍ଡବିଧାନ ନ ହେଉ ତାହା ପ୍ରଶାସନ ଚାହେଁ ବୋଲି ଦାସ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କର୍ମକ୍ଷେତ୍ରରେ ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଆକସ୍ମିକ ଭାବରେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସରକାରୀ ସ୍ତରରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନପରେ ପାଇବେ। ସାମାଜିକ ସ୍ତରରେ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସଦିଚ୍ଛା ମିଳିବ।

**ବୃଷ** – ପାରସ୍ପରିକ ଦୋଷଦର୍ଶିତା ହେତୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ, ଅବଶ୍ୟ କିଛି ରିହାତି ମିଳିବ।

**ମିଥୁନ** – ବନ୍ଧୁଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ହାତକୁ ନେଇଥିବା କାମଟି ବିଳମ୍ବରେ ହେବାରୁ ମନରେ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ। ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବାର ପ୍ରଯତ୍ନ କରିବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କର୍କଟ** – ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡିବ ନାହିଁ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ** – ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ପାରିବାରିକ କ୍ଷେତ୍ରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଧାର ସୂତ୍ରରେ ଅର୍ଥ ସଂଗ୍ରହ କରିବେ ଏବଂ ଆବଶ୍ୟକ ମନେକରୁଥିବା ଜିନିଷ ସମୂହକୁ କିଣିପାରିବେ।

**କନ୍ୟା** – ଆର୍ଥିକ ସମସ୍ୟାକୁ ସୁଧାରି ନେବେ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ତୁଳା** – ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀମାନଙ୍କ ଦ୍ୱନ୍ଦ୍ୱଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ବିଶେଷ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ମଧ୍ୟ ଠିକ୍ ରହିବ ନାହିଁ। ଚିତ୍ରା ନକ୍ଷତ୍ର ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ବସିବେ।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ନିନ୍ଦିତ ହେବେ। ଅଭାବ ସୁଧାରିବା ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟାର ସମାଧାନ କରିବା ସକାଶେ ବନ୍ଧୁମାନଙ୍କ ସହଯୋଗ ଆଶା କରିବେ।

**ଧନୁ** – ସମସ୍ତ ପ୍ରକାର ଅଭିଳାଷକୁ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଦୀର୍ଘଦିନର ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଶାନ୍ତିରେ ନିଃଶ୍ୱାସ ମାରିବେ। ଖଳଲୋକମାନଙ୍କ ହାବୁଡ଼ରୁ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି।

**ମକର** – ଆଜିହିଁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବାର ଆଶା କରାଯାଇପାରେ। ପାରିବାରିକ କ୍ଷେତ୍ର କେତେକାଂଶରେ ଉନ୍ନତ ରହିବ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ଛାଏଁ ଆସିବ। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାର ଆଶଙ୍କା ରହିଛି। ପାରିବାରିକ ସ୍ତରରେ ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିବେ।

**ମୀନ** – ହାତକୁ ନେଇଥିବା କାମଗୁଡ଼ିକ ଅବଶ୍ୟ ସମ୍ପନ୍ନ କରିବେ, କିନ୍ତୁ ଏଥିସକାଶେ କଠିନ ପରିଶ୍ରମ କରିବାକୁ ପଡ଼ିବ। ସାହିତ୍ୟ, ଗବେଷଣା, ଆଲୋଚନା, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନପାରି କଟୁ ମନ୍ତବ୍ୟ ଦେଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣପକ୍ଷର ଉତ୍ପନା ଏକାଦଶୀଯୁକ୍ତ ଦ୍ୱାଦଶୀ ଶନିବାର, ବୈଷ୍ଣବ ସମ୍ମତ ଉନ୍ମିଳନୀ ଏକାଦଶୀ ଉପବାସ, ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ରାଶିନକ୍ଷତ୍ର- ସକାଳ ଘ.୦୮।୫୨ ଗତେ ଚିତ୍ରା/କନ୍ୟା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୦ମି. ଗତେ ଘ.୦୮।୫୬ ମଧ୍ୟେ, ଘ.୧୨।୦୦ମି. ଗତେ, ଘ.୦୧।୦୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୬ମି. ଗତେ ଘ.୧୦।୧୭ମି. ମଧ୍ୟେ ରାହୁକାଳ।

SSR2024
27 ଅକ୍ଟୋବର, 2023ରୁ 9 ଡିସେମ୍ବର, 2023
ଭାରତ ନିର୍ବାଚନ ଆୟୋଗ
ଆପଣ 'ଦେଶର ଫର୍ମ' ପୂରଣ କଲେଣି କି?
ଜଣେ ମତଦାତା ହୁଅନ୍ତୁ କିମ୍ବା ମତଦାତା ତାଲିକାରେ ବିବରଣୀକୁ ଅପ୍‌ଡେଟ୍ କରନ୍ତୁ
ଅଧିକ ଜାଣିବା ପାଇଁ 8929441950ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ
ଫଲୋ କରନ୍ତୁ /ecisveep /eci /ECIVoterEducation /Election Commission of India
ଲଗ୍ ଅନ୍ କରନ୍ତୁ voters.eci.gov.in
ମତଦାତା ସୁବିଧା କେନ୍ଦ୍ର ମାଧ୍ୟମରେ ଆବେଦନ କରନ୍ତୁ କିମ୍ବା ଆପଣଙ୍କର BLOଙ୍କ ସହିତ ସମ୍ପର୍କ କରନ୍ତୁ
ଭୋଟର ହେଲ୍‌ପଲାଇନ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ
Play Store Apple Store
ଶ୍ରୀ ସଚିନ ରମେଶ ତେନ୍ଦୁଲକର
ଭାରତ ନିର୍ବାଚନ ଆୟୋଗର ରାଷ୍ଟ୍ରୀୟ ଆଇକନ୍
CBC 52101/13/0015/2324

**ରାଜ୍ୟ ବନ ବିଭାଗର ନିଷ୍ପତ୍ତି**

# କପିଳାସ ଉଦ୍ଧାର କେନ୍ଦ୍ରରୁ କୁମାରଖୁଣ୍ଟି ଯିବେ ୫ ହାତୀ

ଢେଙ୍କାନାଳ,୮।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରୁ ୩ ଛୁଆହାତୀ ସମେତ ୫ ହାତୀ ଭୁବନେଶ୍ୱରସ୍ଥିତ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର କୁମାରଖୁଣ୍ଟି ହାତୀ ଥଇଥାନ କେନ୍ଦ୍ରକୁ ସ୍ଥାନାନ୍ତର ହେବେ। ରାଜ୍ୟ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀଙ୍କ ନିକଟକୁ ଚିଠି ଆସିଛି। ଏହା ଜଣାପଡ଼ିବା ପରେ କପିଳାସ ପ୍ରାଣୀ ଉଦ୍ୟାନ ହାତୀ ଉଦ୍ଧାର କେନ୍ଦ୍ରରେ ଦୀର୍ଘଦିନ ହେଲା ହାତୀମାନଙ୍କୁ ନିଜ ପିଲାଭଳି ପାଳୁଥିବା ମାହୁନ୍ତମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି। ସେହିପରି ଛୁଆହାତୀମାନେ ଏହି ପରିଚିତ ମାହୁନ୍ତଙ୍କ ବିନା କିଭଳି କୁମାରଖୁଣ୍ଟିରେ ରହିବେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କପିଳାସ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଏହି ଛୁଆ ହାତୀମାନଙ୍କୁ ସ୍ଥାନାନ୍ତର କରାଗଲେ ପ୍ରାଣୀ ଉଦ୍ୟାନଟି ଶ୍ରୀହୀନ ହୋଇପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।


କପିଳାସ ରେସ୍‌କ୍ୟୁ ସେଣ୍ଟରରେ ଥିବା ହାତୀମାନେ।

ପ୍ରକାଶ ଯେ, କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ରରେ ବଡ଼ ଦନ୍ତାହାତୀ ରାକେଶକୁ ମିଶାଇ ମୋଟ୍ ୭ଟି ହାତୀ ରହିଛନ୍ତି। ସମ୍ବଲପୁର, କେନ୍ଦୁଝର, ବ୍ରହ୍ମପୁର, ଅନୁଗୋଳ ଓ ଢେଙ୍କାନାଳ ଜିଲାର ବିଭିନ୍ନ ବନାଞ୍ଚଳରୁ ଏମାନଙ୍କୁ ଉଦ୍ଧାର କରାଯାଇ ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯିବା ପରେ ଲାଳନପାଳନ କରାଯାଉଛି। ଏପରିକି ସେମାନଙ୍କ ନାମକରଣ ମଧ୍ୟ କରାଯାଇଛି। ଏହି ୭ ହାତୀଙ୍କ ମଧ୍ୟରୁ ୩ ଛୁଆହାତୀ ପଦ୍ମା, ଶିବା ଓ ଶ୍ୟାମାଙ୍କ ସମେତ ମଧ୍ୟବୟସ୍କ ହାତୀ କାର୍ତ୍ତିକ ଓ ଉମାଙ୍କୁ କୁମାରଖୁଣ୍ଟି ଥଇଥାନ କେନ୍ଦ୍ରକୁ ସ୍ଥାନାନ୍ତର କରାଯିବ। ସେଠାରେ ଏମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସହିତ ତାଲିମ ଦିଆଯିବ। ଫଳରେ ଭବିଷ୍ୟତରେ ଏହି ହାତୀମାନେ ଆବଶ୍ୟକବେଳେ କାର୍ଯ୍ୟରେ ଆସିପାରିବେ। ଜଙ୍ଗଲରୁ ଅନ୍ୟ ଆହତ ହାତୀଙ୍କୁ ଉଦ୍ଧାର ସମୟରେ ସହାୟତା କରିପାରିବେ। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, କପିଳାସ ହାତୀ ଉଦ୍ଧାର କେନ୍ଦ୍ରରୁ ୩ ଛୁଆ ଓ ୨ଟି ବଡ଼ହାତୀଙ୍କୁ ମିଶାଇ ୫ଟି ହାତୀ କୁମାରଖୁଣ୍ଟି ସ୍ଥାନାନ୍ତର କରିବା ପାଇଁ ରାଜ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିଠି ଆସିଛି। ପିସିସିଏଫ୍‌ଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ଗ୍ରହଣ କରାଯିବ। ଏହାପରେ ମଧ୍ୟ କପିଳାସ ହାତୀ ଉଦ୍ଧାର କେନ୍ଦ୍ରକୁ ତାଲିମ ପାଇଁ ବାହାରୁ ହାତୀ ଆସିବେ। ଏଠାରେ ଆସାମର ୨ଜଣ ମାହୁନ୍ତ ତାଲିମ ପ୍ରଦାନ କରି ଖୁମ୍‌କୀ ହାତୀରେ ପରିଣତ କରିଛନ୍ତି। ସ୍ଥାନାନ୍ତର ହେଉଥିବା ୩ ହାତୀ ଛୁଆଙ୍କର କୁମାରଖୁଣ୍ଟିରେ କିଛି ଅସୁବିଧା ହେବ ନାହିଁ। ସେଠାକାର ପରିବେଶକୁ ହାତୀମାନେ ଆପଣାଇ ନେବେ।

# ଟ୍ରେନ୍ ଲାଇନରେ କଟି ସିଗ୍‌ନାଲ ଯନ୍ତ୍ରୀଙ୍କ ମୃତ୍ୟୁ

ନୂଆପଡ଼ା,୮।୧୨(ମକାରୁ ବେମାଲ)

ନୂଆପଡା ଜିଲା ଲଖନା ଷ୍ଟେଶନରେ ଟ୍ରେନ୍ ଲାଇନରେ କଟି ସିଗ୍‌ନାଲ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଧୋବୀପଡ଼ାର ଅନୁପ ରଏ (୨୮)। ନୂଆପଡ଼ା ଷ୍ଟେଶନର ରେଳ ସିଗନାଲ୍ ଯାନ୍ତ୍ରିକ ତ୍ରୁଟି ଥିବା ଯୋଗୁ ମରାମତି ପାଇଁ ଲଖନା ରେଳ ଷ୍ଟେଶନରୁ ରଏ ଟ୍ରେନ୍ ଯୋଗେ ନୂଆପଡ଼ା ରେଳ ଷ୍ଟେଶନ ଗୁରୁବାର ରାତି ୧୦ଟାରେ ପହଞ୍ଚିଥିଲେ। ସିଗନାଲ ମରାମତି କାମ ସାରି ବିଳମ୍ବିତ ରାତିରେ ଏକ ମାଲବାହୀ ଟ୍ରେନରେ ଫେରିଥିଲେ। ସେ ଲଖନା ଷ୍ଟେଶନରେ ପହଞ୍ଚି ନିଜ ଷ୍ଟାଫ ଘରକୁ ରେଳ ଲାଇନ ପାର ହୋଇ ଯାଉଥିବା ସମୟରେ ରେଳ ଲାଇନରେ ଗୋଡ଼ ଖସି ପଡ଼ିଯାଇଥିଲେ। ଗୋଡ ବାହାର ପାଇଁ ଚେଷ୍ଟା କରିବା ସମୟରେ ହଠାତ୍ ଏକ ଟ୍ରେନ ଆସି ଅନୁପଙ୍କୁ ଶକ୍ତ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ କଣ୍ଟାବାଞ୍ଜିରୁ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏ ନେଇ ରେଲୱେ ପୋଲିସ ଏକ ମାମଲା ରୁଜୁ କରିଛି।


ଅନୁପ ରାଏ

KUBER OPTICALS
FREE COMPUTERISED EYE TESTING
Crizal uv · Essilor · Progressive single vision
BUY 1 GET 1 FREE
Book a Branded LENS Get FRAME FREE
BUY 1 Get 1 FREE
TITAN · VOGUE · Ray-Ban · OAKLEY · ZEISS
NEW OPTILA, Unit - 4, BBSR
kalinga Hospital Chhak, BBSR
Khandagiri Chhak, Infront of SBI, BBSR
Mob : 9090011777, 9040074577, 9090180888

**କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା**

# ସରପଞ୍ଚଙ୍କ ସମେତ ୩ ଗିରଫ

ନାକଟିଦେଉଳ,୮।୧୨ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମ ନିକଟ ରାସ୍ତାରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ପୋଲିସ ଶୁକ୍ରବାର ଜଣେ ସରପଞ୍ଚଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନାକଟିଦେଉଳ ବ୍ଲକ ସାହେବୀ ପଞ୍ଚାୟତର ସରପଞ୍ଚ ରାମପ୍ରସାଦ ସାହୁ (୪୯), ସାହେବୀ ଗ୍ରାମର ବାରୁ ଦେହୁରି (୪୦) ଓ ରେଢାଖୋଲ ସହର ଗଣେଶନଗର ସାହିର ନାରାୟଣ ଦେହୁରି।


ଗିରଫ ୩ ଅଭିଯୁକ୍ତ

ସୂଚନା ଅନୁସାରେ ଗତ ୧ତାରିଖ ସନ୍ଧ୍ୟାରେ ବାଟଗାଁ ଗ୍ରାମର ବାବୁଲା ଦେହୁରି ନାମକ ଯୁବକ ବାଇକ୍‌ରେ ନାକଟିଦେଉଳ ଯାଉଥିବାବେଳେ ଝାରବେଡାଠାରେ ତାଙ୍କ ପଛରୁ ଏକ କାର୍ ଧକ୍କା ଦେଇଥିଲା। ଏହି କାର୍‌ରେ ସରପଞ୍ଚ ରାମପ୍ରସାଦ ଥିବା କୁହାଯାଉଛି। ଦୁର୍ଘଟଣାରେ ବାବୁଲା ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ବୁର୍ଲା ନେବା ବାଟରେ ବାବୁଲାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାବୁଲାଙ୍କୁ ସରପଞ୍ଚ କାର୍ ଧକ୍କାକରି ମାରିଦେଇଥିବା ତାଙ୍କ ସାନଭାଇ ଅଜିତ ଦେହୁରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୭୯/୨୩) ରୁଜୁ କରି ଘଟଣାର ତଦନ୍ତ କରିବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଥିଲା। ସେହି ଦିନଠାରୁ ଫେରାର ଥିବା ରାମପ୍ରସାଦଙ୍କ ସମେତ ସହଯୋଗୀ ବାରୁ ଓ ନାରାୟଣଙ୍କୁ ପୋଲିସ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ଡମଣା ଛକରୁ ୩୦୪ ଦଫାରେ ଗିରଫ କରି ଶୁକ୍ରବାର ରେଢାଖୋଲ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
1. ACCOUNTANT (Graduate / Tally)
2. SALES EXECUTIVE
(Graduate / MBA with Computer skills)
Experience in the IT Products will be preferred.
Send CV:
genesissystech2005@gmail.com
GENESIS SYSTECH
Bhubaneswar, Mob.: 9078659209

ଆବଶ୍ୟକ
କଟକ, ଭୁବନେଶ୍ୱରରେ (Well & Pile) ବ୍ରିଜ କାର୍ଯ୍ୟ ପାଇଁ Experience Engineer, Supervisor, Security Incharge, Accountant, Site Incharge & Cooker ଏବଂ ଭୁବନେଶ୍ୱର ଅଫିସରେ କାର୍ଯ୍ୟ ପାଇଁ Computer Operator, Office Manager, Driver & Other Staff ଆବଶ୍ୟକ।
Ph:9937199625

WANTED
ଧରିତ୍ରୀ DHARITRI Oriya daily is looking for
RECOVERY MANAGER
- Candidates should have good communication skills & atleast 3 years of experience in the field of recovery.
- Good performance will be rewarded with extra incentive.

CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.

Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.

Apply immediately to :
recruitment@dharitri.com
Attractive salary commensurate with experience

# ମଦିନା ମଇଦାନରେ ୧୪୪

**ପ୍ରତିବାଦ ସଭା ବନ୍ଦ ପାଇଁ ପ୍ରଶାସନର ପଦକ୍ଷେପ**

ଭଦ୍ରକ,୮।୧୨(ସନାତନ ରାଉତ)

ଭଦ୍ରକ ସହର ମଦିନା ମଇଦାନରେ ଶୁକ୍ରବାର ସନ୍ଧ୍ୟାରେ ଏକ ପ୍ରତିବାଦ ସଭା ହେବାକୁ ଥିଲା। ଏହି ସଭାରେ ଆଇନ ଶୃଙ୍ଖଳା ପରିସ୍ଥିତି ଆଶଙ୍କା ନେଇ ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିବାକୁ ପୁରୁଣାବଜାର ପୋଲିସକୁ ଉପଜିଲାପାଳ ମନୋଜ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମୁସଲିମ ବସ୍ତିର ସମସ୍ତ ସର୍ଦ୍ଦାରଙ୍କୁ ନେଇ ପ୍ରତିବାଦ ସଭା କରିବାକୁ ପୁରୁଣାବଜାରର ସବୀର ଖାଁ ପୁରୁଣାବଜାର ଥାନାରେ ଆବେଦନ କରିଥିଲେ। ପ୍ରତିବାଦ ସଭାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ସମ୍ଭାବନା ନେଇ ମୁସଲିମ ଜମାତ ଓ କେତେଜଣଙ୍କ ଅଭିଯୋଗ ପରେ ମଦିନା ମଇଦାନ ଓ ଆଖପାଖ ୨୦୦ ମିଟର ପରିସରରେ ୧୪୪ ଧାରା ଜାରି କରାଯାଇଛି ବୋଲି ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୁଣାବଜାର ପୋଲିସକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପକ୍ଷରୁ ମାଇକ୍ ଯୋଗେ ଘୋଷଣା କରାଯାଇଛି।

ପ୍ରକାଶ ଥାଉକି, ଭଦ୍ରକର ମଲ୍ଲିକ ମଇଦାନ ଓ ଇଦ୍‌ଗାର ଉନ୍ନତୀକରଣ ପାଇଁ ସରକାରୀ ଅନୁଦାନ ଆସିବା ପରେ ଚଉଦ ମହଲାର କେତେଜଣ ବ୍ୟକ୍ତି ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତକରି ଧନ୍ୟବାଦ ଦେବାକୁ ଗତ ନଭେମ୍ବର ୩୦ରେ ଭୁବନେଶ୍ୱର ଯାଇଥିଲେ। ସେଠାରେ ଏକ ୱେବ୍ ଚ୍ୟାନେଲରେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୁସଲିମ ଜମାତ ପୂର୍ବରୁ ବିଜୁବାବୁଙ୍କ ସହିତ ଥିଲା, ଏବେ ନବୀନବାବୁଙ୍କ ସହ ରହିଛି ବୋଲି ବାଇଟ୍‌ରେ କହିଥିବା ସୋସିଆଲ ମିଡିଆରେ ଦେଖିବା ପରେ ଏହା ମୁସଲିମ ଜମାତର ମର୍ଯ୍ୟାଦାକୁ ଆଘାତ ଦେଇଛି ବୋଲି ପୁରୁଣାବଜାରର ସବୀର ଖାଁଙ୍କ ସମେତ କେତେଜଣ ବ୍ୟକ୍ତି ପ୍ରତିକ୍ରିୟାଶୀଳ ହୋଇଥିଲେ। ସେମାନଙ୍କ କହିବା ଅନୁଯାୟୀ ମୁସଲିମ ଜମାତରେ ସବୁ ରାଜନୈତିକ ଦଳର ସମର୍ଥକ ଅଛନ୍ତି, ଏହା ଏକ ନିରପେକ୍ଷ ଜମାତ। ଏପରି ବାଇଟ୍ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁସଲିମ ଜମାତର କର୍ମକର୍ତ୍ତାଙ୍କୁ ଲିଖିତ ଭାବେ ଗତ ୨ ତାରିଖରେ ଜଣାଇଥିଲେ। ଏନେଇ ଶୁକ୍ରବାର ସନ୍ଧ୍ୟା ୫ଟାରେ ମଦିନା ମଇଦାନରେ ପ୍ରତିବାଦ ସଭା କରିବା ପାଇଁ ପୁରୁଣାବଜାର ଥାନାକୁ ସବୀର ଅନୁମତି ମାଗିଥିଲେ। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୁଣାବଜାର ପୋଲିସ ଏହି ପ୍ରତିବାଦ ସଭା ପାଇଁ ଅନୁମତି ଦେଇ ନ ଥିବା ଜଣାପଡ଼ିଛି।

# ଚକୋଲେଟ ଦେଇ ୩ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

**ସୋର, ୮।୧୨ (ଜନ୍ମେଜୟ ମିଶ୍ର):** ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଏକ ୩ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ଶୁକ୍ରବାର ସକାଳେ ଝିଅଟି ଖେଳୁଥିବା ବେଳେ ଚକୋଲେଟ ଦେଇ ମହେଶ୍ୱର ଧଡ଼ା(୨୧) ନାମକ ଯୁବକ ଘର ନିକଟରେ ଥିବା ଏକ ନିଛାଟିଆ ସ୍ଥାନକୁ ଡାକି ନେଇ ବଳାତ୍କାର କରିଥିଲେ। ଏନେଇ ପରିବାର ଲୋକେ ଜାଣିବା ପରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମହେଶ୍ୱରଙ୍କୁ ଗିରଫ କରି ଡାକ୍ତରୀମାଇନା କରିଛି। ଏନେଇ ସୋର ଥାନାରେ ମାମଲା(ନଂ. ୮୭୨/୨୩) ରୁଜୁ ହୋଇଛି। ସମ୍ପୃକ୍ତ ଯୁବକ ସମସ୍ତ ଘଟଣା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଶନିବାର ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରାଯିବ।

a fresh LOOK
ADITYA GROUP
Inspiring Possibilities...
CELEBRATING 20th FOUNDATION DAY
Highway Honda · Aditya Motors · Aditya Hyundai · Highway Refill · CAR KARBAR USED CAR PORTAL · Aditya Car Spa
Toll Free Number : 1800 121 0081
www.theadityagroup.com

MICRO MEDIA Awareness
(Dedicated to promote Art, Culture, Literature, Tradition & Social work)
ମାଇକ୍ରୋମିଡ଼ିଆ ଆୱାରନେସ
GUDIANALI, DHENKANAL, ODISHA, MOBILE : 9437197944
ଗୁଡ଼ିଆନାଳୀ, ଢେଙ୍କାନାଳ, ଓଡ଼ିଶା, ମୋବାଇଲ : ୯୪୩୭୧୯୭୯୪୪

"ତୁମେ ଯେଉଁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ-ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। -ଶ୍ରୀମା



# ଇଡିର ନେତୃତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଇଆର୍‌ଏସ୍ ଅଧିକାରୀ ରାହୁଲ ନବୀନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର କାର୍ଯ୍ୟନିର୍ବାହୀ ମୁଖ୍ୟ ଭାବେ ନିଯୁକ୍ତି ଲାଗି ତାଲିକାଭୁକ୍ତ କରାଯିବା ଏବଂ ତାଙ୍କୁ ଅତିରିକ୍ତ ସଚିବ ପଦବୀ ପ୍ରଦାନ କରାଯିବ ବୋଲି ଆଶା କରାଯାଉ ନ ଥିଲା। କିନ୍ତୁ ବହୁ ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ ଏହା କରିବା ଅପରିହାର୍ଯ୍ୟ ବୋଲି ବିବେଚନା କରାଗଲା। ଏସ୍.କେ.ମିଶ୍ରାଙ୍କ ପରେ ୨୦୨୩ ସେପ୍ଟେମ୍ବରରେ ନବୀନ ସେହି ଦାୟିତ୍ୱ ଗ୍ରହଣ କରିଥିଲେ। କେତେଜଣଙ୍କ ମତରେ କେନ୍ଦ୍ରର ଏହି ପଦକ୍ଷେପ ନବୀନଙ୍କୁ ଇଡିର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବେ ନିୟମିତ କରିବା ପାଇଁ ଏକ ବଡ଼ ସମ୍ଭାବ୍ୟ ସଙ୍କେତ। ବାସ୍ତବରେ ଆର୍ଥିକ ଅପରାଧ ଯାଞ୍ଚ ପାଇଁ ଦାୟୀ ଏହି କେନ୍ଦ୍ରୀୟ ଅନୁସନ୍ଧାନକାରୀ ଏଜେନ୍ସି ତାହା ନେତୃତ୍ୱର ଏକ ରଣନୀତିକ ପରିବର୍ତ୍ତନକୁ ଦେଖୁଛି। ନିଶ୍ଚିତ ଭାବରେ, ଏହାର ଭୂମିକା ସାମ୍ପ୍ରତିକ ସମୟରେ ପ୍ରତିଷ୍ଠା ଲାଭ କରିଛି। ୨୦୧୪ଠାରୁ ବିଶେଷକରି ୨୦୧୯ ପରେ ଇଡି ଦ୍ୱାରା ପଞ୍ଜୀକୃତ ମାମଲା ସଂଖ୍ୟାରେ ୫ଗୁଣ ବୃଦ୍ଧି ଘଟିଛି। ବିରୋଧୀ ଦଳର ନେତାଙ୍କୁ ଟାର୍ଗେଟ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସି ବିଶେଷକରି ଇଡିକୁ ଭାଜପା ନେତାମାନେ ବହୁ ସମୟରେ ଅପବ୍ୟବହାର କରୁଥିବା ଅଭିଯୋଗ ବିରୋଧୀଦଳଗୁଡ଼ିକ ଆଣୁଛନ୍ତି। ବର୍ତ୍ତମାନ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ନିର୍ବାଚନ ବିଜୟରୁ ଏହା ଆଶା କରାଯାଉଛି ଯେ, ଇଡି ଅନୁସନ୍ଧାନକୁ ଅଧିକ ଜୋର୍‌ଦାର କରିବ । ଯେହେତୁ ନବୀନ ଦାୟିତ୍ୱ ନେଇଛନ୍ତି ସେଥିପାଇଁ ଇଡି ଭବିଷ୍ୟତର କାର୍ଯ୍ୟଦକ୍ଷତା ବହୁ ଆଗ୍ରହ ସହିତ ଜାରି ରହିବ। ଏହି ଘଟଣା ଅମଲାତାନ୍ତ୍ରିକ ପୁନର୍ଗଠନ, ବିଶେଷ ବିତ୍ତୀୟ ଯାଞ୍ଚ ଏବଂ ଏଜେନ୍ସିର ଆବଶ୍ୟକ ନେତୃତ୍ୱର ଗୁରୁତ୍ୱକୁ ପ୍ରକାଶ କରିଛି।

### କ୍ୟାଡର ପଦୋନ୍ନତିର ରାୟ

ନିମ୍ନ କ୍ୟାଡର ବ୍ୟକ୍ତିବିଶେଷଙ୍କୁ ଉଚ୍ଚ କ୍ୟାଡର ପଦବୀରେ ନିଯୁକ୍ତ କରିବା ପାଇଁ ରାଜ୍ୟ ସରକାର ମାର୍ଗଦର୍ଶିକା ଦର୍ଶାଇବା ଆବଶ୍ୟକ ବୋଲି ନିକଟରେ କର୍ନାଟକ ହାଇକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୁଇ କର୍ନାଟକ ପ୍ରଶାସନିକ ସେବା (କେଏଏସ୍) ଅଧିକାରୀଙ୍କ ମଧ୍ୟରେ ଆଇନଗତ ବିବାଦ ପୃଷ୍ଠଭୂମିରେ କୋର୍ଟଙ୍କ ଏହି ନିର୍ଦ୍ଦେଶ କ୍ୟାଡର ପଦୋନ୍ନତିର ଜଟିଳ ଗତିଶୀଳତାକୁ ସାମ୍ନାକୁ ଆଣିଛି। ଆବେଦନକାରୀ ପ୍ରଜ୍ଞା ଆମ୍ମେବାଲାଙ୍କୁ ବେଙ୍ଗାଲୁରୁସ୍ଥିତ ଖାଦ୍ୟ, ଯୋଗାଣ ଏବଂ ଉପଭୋକ୍ତା ବ୍ୟାପାର ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯିବା ଆଦେଶକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ପଦବୀ ପାରମ୍ପରିକ ଭାବରେ ଆଇଏଏସ୍ କ୍ୟାଡର ଅଧିକାରୀଙ୍କ ପାଇଁ ସଂରକ୍ଷିତ କିମ୍ବା ସେମାନଙ୍କ ଅନୁପସ୍ଥିତିରେ ଜଣେ କେଏଏସ୍ ଅଧିକାରୀ ସୁପର ଟାଇମ ସ୍କେଲ୍‌ରେ ରହିଥାନ୍ତି। ତେବେ କାର୍ଯ୍ୟରତ ବାବୁ ପୋଥାରାଜୁ ମଧ୍ୟ ସମୟ ପୂର୍ବରୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନ ଥିବା ଦର୍ଶାଇ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କର୍ନାଟକ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ(କେଏସ୍‌ଏଟି) ପୋଥାରାଜୁଙ୍କ ସପକ୍ଷରେ ରାୟ ଦେଇଛନ୍ତି, କିନ୍ତୁ ବର୍ତ୍ତମାନ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ଉଭୟ ଅଧିକାରୀଙ୍କ ଯୋଗ୍ୟତାକୁ ଯାଞ୍ଚ ଉପରେ ଗୁରୁତ୍ୱାରୋପ କରିବା ସହ ନିଯୁକ୍ତି ପରିପ୍ରେକ୍ଷୀରେ ପୋଥାରାଜୁଙ୍କ ସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି। ପର୍ଯ୍ୟବେକ୍ଷକମାନେ କହିଛନ୍ତି , ଅଦାଲତର ନୂତନ ବ୍ୟାଖ୍ୟା କେବଳ ବେତନ ସ୍କେଲ ଏବଂ ପଦବୀ ସ୍ତରଠାରୁ ଅଧିକ ପଦୋନ୍ନତିର ସଂଜ୍ଞାକୁ ବ୍ୟାପକ କରିଛି ଏବଂ ସମ୍ମାନ, ମର୍ଯ୍ୟାଦା ଓ ଗ୍ରେଡ୍ ଉନ୍ନତିର ମହତ୍ତ୍ୱକୁ ଅନ୍ତର୍ଭୁକ୍ତ କରିଛି। ଏହି ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଚାରକରି ନୂତନ ଭାବେ ନିଯୁକ୍ତ ମୁଖ୍ୟ ସଚିବ ରଜନୀଶ ଗୋଏଲଙ୍କ ଅଧୀନରେ ରାଜ୍ୟ ସରକାରଙ୍କ ଅତିରିକ୍ତ ନିର୍ଦ୍ଦେଶକ ପଦବୀରେ ଦାୟିତ୍ୱ ତୁଲାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ବିଜ୍ଞାପନରେ ବାବୁ

କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ ) ସଫଳ ୟୁପିଏସ୍‌ସି ପ୍ରାର୍ଥୀ ଏବଂ କୋଚିଂ କ୍ଲାସ୍ ମଧ୍ୟରେ ଜାରି ରହିଥିବା ବ୍ୟାପକ ସମ୍ପର୍କକୁ ନେଇ ଏକ ଆଭିମୁଖ୍ୟ ଗ୍ରହଣ କରିଛି। ସୂତ୍ରରୁ ଜଣାପଡ଼ିଛି, ଏହି ପ୍ରକ୍ରିୟାକୁ ପ୍ରତାରଣାକାରୀ ଏବଂ ନ୍ୟାୟଯୁକ୍ତ ବ୍ୟବସାୟିକ କାର୍ଯ୍ୟର ଉଲ୍ଲଂଘନ ବୋଲି ସିସିପିଏ ବିଚାର କରୁଛି। ବିଜ୍ଞାପନରେ କୋଚିଂ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ୟୁପିଏସ୍‌ସି ଟପ୍ପର୍ସଙ୍କ ଫଟୋ ବ୍ୟବହାର କରିବା ଏକ ଚିନ୍ତଜନକ ବିଷୟ। ୨୦୧୯ର ଉପଭୋକ୍ତା ସୁରକ୍ଷା ଅଧିନିୟମରେ ଏହାକୁ 'ବିଭ୍ରାନ୍ତିକର ବିଜ୍ଞାପନ' ଏବଂ 'ଅନ୍ୟାୟ ବାଣିଜ୍ୟ ଅଭ୍ୟାସ' ଭାବେ ଦର୍ଶାଯାଇଥିବା ସିସିପିଏ ଦାବି କରିଛି। ସେଣ୍ଟ୍ରାଲ ସିଭିଲ ସର୍ଭିସେସ୍ (ଆଚରଣ) ନିୟମ, ୧୯୬୪କୁ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)କୁ ସିସିପିଏ ଚିଠି ଲେଖିଥିବା ଜଣାପଡ଼ିଛି। ଏହି ସୁପାରିସ କୋଚିଂ କ୍ଲାସ୍ ବିଜ୍ଞାପନରେ ଥିବା ସମସ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ, ବିଶେଷକରି ଯେଉଁମାନେ ବର୍ଷସାରା ସେମାନଙ୍କ ବ୍ରାଣ୍ଡ୍ ଆମ୍ବାସାଡର ଭାବରେ କାର୍ଯ୍ୟ କରନ୍ତି । ଏହି ନିଷ୍ପତ୍ତି ପରେ ସିସିପିଏ ୨୦ ଟି ପ୍ରମୁଖ ଆଇଏଏସ୍ କୋଚିଂ ପ୍ରତିଷ୍ଠାନକୁ ନୋଟିସ ଜାରିକରି ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଅନୁଷ୍ଠାନଗୁଡ଼ିକ ଯୁକ୍ତି କରୁଛନ୍ତି ଯେ, ସଫଳ ପ୍ରାର୍ଥୀମାନେ ସାକ୍ଷାତ୍‌କାର ମାର୍ଗଦର୍ଶକ କାର୍ଯ୍ୟକ୍ରମର ଅଂଶ ଥିଲେ । ସିସିପିଏ ଦ୍ୱାରା ଏହି କଟକଣା ଏଭଳି ବିଜ୍ଞାପନ ଦେବାର ନୈତିକତାକୁ ନେଇ ବଢୁଥିବା ଚିନ୍ତାକୁ ପ୍ରତିଫଳିତ କରେ। ଏକ ପ୍ରତିଯୋଗିତା କ୍ଷେତ୍ର ସୃଷ୍ଟିକରିବା ଦିଗରେ ଉଭୟ କୋଚିଂ ପ୍ରତିଷ୍ଠାନ ଏବଂ ୟୁପିଏସ୍‌ସି ଟପ୍ପରଙ୍କ ଦାୟିତ୍ୱ ବିଷୟରେ ଏହା ବୃହତ୍ ବ୍ୟବସାୟକୁ ପ୍ରୋତ୍ସାହିତ କରିଛି ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 5 | | 9 | | | | |
| | | | | | | 7 | | |
| 4 | 6 | | 3 | 2 | | | 1 | |
| | 2 | | 6 | 4 | | | | |
| | 7 | | | | | 6 | | 8 |
| | | | | | 8 | 3 | 9 | |
| | | | | 5 | | | | |
| | | | | | | 2 | 4 | 3 |
| | | | | 1 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 9 | 6 | 1 | 7 | 4 | 5 |
| 4 | 5 | 6 | 2 | 8 | 7 | 9 | 3 | 1 |
| 1 | 9 | 7 | 5 | 4 | 3 | 6 | 8 | 2 |
| 6 | 1 | 5 | 8 | 9 | 4 | 2 | 7 | 3 |
| 2 | 7 | 4 | 6 | 3 | 5 | 8 | 1 | 9 |
| 9 | 3 | 8 | 1 | 7 | 2 | 4 | 5 | 6 |
| 7 | 4 | 9 | 3 | 5 | 6 | 1 | 2 | 8 |
| 5 | 8 | 1 | 7 | 2 | 9 | 3 | 6 | 4 |
| 3 | 6 | 2 | 4 | 1 | 8 | 5 | 9 | 7 |

ଗତକାଲିର ଉତ୍ତର

# ବୈଷମ୍ୟ ହଟିଲେ ଏକତା ଆସିବ



ଅକ୍ଷୟ କୁମାର ମିଶ୍ର

ସବୁରି ମୁହଁରେ ଗୋଟିଏ କଥା, ଏକତା ହିଁ ବଳ। ଏକାଠି ଥିଲେ ଯେତେ ବଡ଼ ବିପଦ ଆସିଲେ ମଧ୍ୟ ତାକୁ ଅତିକ୍ରମ କରିବା ସହଜ। ଏକତା ଥିଲେ ଶତ୍ରୁ ଯେତେ ବଳଶାଳୀ ହେଲେ ମଧ୍ୟ ହାର ମାନିବ। କିନ୍ତୁ ବାସ୍ତବରେ ଆମେ ବହୁଧା ବିଭାଜିତ। ସବୁଠି ବିଭାଜନର ବିଷମଞ୍ଜି ସମ୍ପର୍କ ଓ ସଂହତିକୁ ଧ୍ୱଂସ କରି ଚାଲିଛି। ସମସ୍ତଙ୍କ ମୁହଁରେ ଏକତାର ମନ୍ତ୍ର କିନ୍ତୁ ବିଭାଜନର ତନ୍ତ୍ର ଆମକୁ କବଳିତ କରୁଛି । ଅସହିଷ୍ଣୁତା ଓ ଅନ୍ଧବିଶ୍ୱାସ ଆମକୁ ବିଭାଜିତ କରିଛି ତ ଅପସଂସ୍କୃତି ପରସ୍ପରଠାରୁ ଦୂରେଇ ଦେଇଛି। କିଛି ବିଧିବିଧାନ ଆମ ଭିତରେ ପ୍ରାଚୀର ସୃଷ୍ଟି କରୁଛି । କିଛି ରକ୍ଷଣଶୀଳ ଭାବନା ଆମକୁ ଏକାଠି ହେବାରେ ଅନ୍ତରାୟ ସାଜିଛି। ପ୍ରଶ୍ନ ଉଠେ ; ଯଦି ମଣିଷ ସର୍ବଶ୍ରେଷ୍ଠ ପ୍ରାଣୀ ତେବେ ପରସ୍ପର ମଧ୍ୟରେ କାହିଁକି ଏତେ ଶତ୍ରୁତା, ବିଭାଜନ ଓ ପାର୍ଥକ୍ୟ ? ଏଥି ପାଇଁ ଦାୟୀ କିଏ ?

ଯେତେବେଳେ ମଣିଷ ବଣ ଜଙ୍ଗଲରେ ବାସ କରୁଥିଲା, ସେତେବେଳେ ତା' ଭିତରେ ଏମିତି ବିଭାଜନ ନଥିଲା ! ଆବଶ୍ୟକତାଠାରୁ ମଣିଷ ଯେତେବେଳେ ଅଧିକ ଉତ୍ପାଦନ କଲା ; ତା' ମୁଣ୍ଡକୁ ସମ୍ପଦ, ସମ୍ପତ୍ତି, ସଞ୍ଚୟ କଥା ଜୁଟିଲା । ମାଲିକାନା ଚାହିଁଲା। ଦଳ, ଦଳପତିର ଯୁଗ ଆସିଲା। ଆଞ୍ଚଳିକ ଭିତ୍ତିରେ ବିଭାଜନର ସୂତ୍ରପାତ ହେଲା । ଭୂମି ଦଖଲକୁ ନେଇ ଗୋଷ୍ଠୀ ସଂଘର୍ଷ ହେଲା। ଯିଏ ଅଧିକ ଶକ୍ତିଶାଳୀ ହେଲା, ସିଏ ଅଧିକ ଭୂମି ଦଖଲ କଲା। ବିଶେଷକରି ନଦୀକୂଳରେ ବଡ଼ ବଡ଼ ଜନବସତି ଗଢ଼ି ଉଠିଲା। ତା'ପରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରୁଥିବା ଲୋକମାନେ ତା'ର ନାମକରଣ କଲେ। ଦେଶର ନାମ ଅନୁସାରେ ସେଠାରେ ବସବାସ କରୁଥିବା ଲୋକ ଏକ ଭିନ୍ନ ପରିଚୟ ପାଇଲେ। ଆରମ୍ଭ ହୋଇଗଲା ସୀମା ବିବାଦ। ଆମେ ଭାରତୀୟ, ସେ ଚାଇନା, ସେ ଜଣକ ପାକିସ୍ତାନୀ..... ଇତ୍ୟାଦି ନାମରେ ବିଭାଜିତ ହୋଇଗଲୁ। ଭୌଗୋଳିକ ବିଭାଜନ ସେଇଠି ଥମିଗଲା ନାହିଁ। ତା'ପରେ ଓଡ଼ିଆ, ବଙ୍ଗାଳୀ, ବିହାରୀ....। ଯଦିଓ ଏହା ପ୍ରଶାସନିକ ସୁବିଧା ନିମନ୍ତେ ଦେଶକୁ କେତେକ ରାଜ୍ୟ, ରାଜ୍ୟକୁ କେତେକ ଜିଲା, ବ୍ଲକ୍, ପଞ୍ଚାୟତ ଆଦିରେ ବିଭକ୍ତ କରାଯାଇଛି, ମାତ୍ର ଉଗ୍ର ଜାତୀୟତା ତଥା ସଂକୀର୍ଣ୍ଣ ଆଞ୍ଚଳିକବାଦର ଆବେଗ ଆମକୁ ପରସ୍ପର ମଧ୍ୟରେ ଲଢ଼େଇ କରିବାକୁ ଉସୁକାଉଛି।

ଉଦ୍‌ବେଗଜନକ ପାଲଟିଛି ଧର୍ମକୁ ନେଇ ସୃଷ୍ଟି ହୋଇଚାଲିଥିବା ବିଭାଜନ। ଏହା ସତ୍ୟ ଯେତେ ଧର୍ମ ସେତେ ମତ, ସେତେ ପଥ । ପଥ ଅଲଗା ହେଲେ ମଧ୍ୟ ସବୁ ପଥର ଅନ୍ତିମ ସ୍ଥଳ ଏକ। ସବୁ ମତରେ ସମାନ କଥା ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଏକ ଅଲୌକିକ ଶକ୍ତିଦ୍ୱାରା ଘଟିଛି। ସବୁ ଧର୍ମ ସେହି



ଶକ୍ତିର ଭିଆଣ ବୋଲି କୁହାଗଲା। ସୁଖ ଶାନ୍ତିରେ ଜୀବନ ବିତାଇବା ଏବଂ ମୋକ୍ଷ ଲାଭ ପାଇଁ ଧର୍ମ ଏକ ମାଧ୍ୟମ ବୋଲି ଲୋକେ ବିଶ୍ୱାସ କରିବାକୁ ଲାଗିଲେ।

କିନ୍ତୁ ବାସ୍ତବତା ହେଉଛି ପ୍ରତ୍ୟେକ ଧର୍ମର ପ୍ରବର୍ତ୍ତକ କେହି ନା କେହି ଜଣେ ମଣିଷ। ସେ ଯାହା କହିଲେ ତାହା ହେଲା ବାଣୀ। ସେହି ବାଣୀକୁ ଯେଉଁମାନେ ଗ୍ରହଣ କଲେ ସେମାନେ ହେଲେ ଭକ୍ତ। ଭକ୍ତମାନେ ନିଜ ଧର୍ମର ପ୍ରଚାର ପ୍ରସାରରେ ଲାଗି ପଡ଼ିଲେ। ଦୀକ୍ଷିତ କରାଇଲେ। ଆରମ୍ଭ ହେଲା ପ୍ରତିଯୋଗିତା । ଧର୍ମାନ୍ତରୀକରଣ କରିବାରେ ଲାଗି ପଡ଼ିଲେ କିଛି ଅନୁଗାମୀ। ପ୍ରଚାର ଭିତରେ ଚାଲିଲା ଅପପ୍ରଚାର। ଏଥିରୁ ଜନ୍ମ ନେଲା ଘୃଣା, ବିଦ୍ୱେଷ, ଅସହିଷ୍ଣୁତା। ବ୍ୟକ୍ତିଠାରୁ ଗୋଷ୍ଠୀ ଭିତରକୁ ଏହା ସଂକ୍ରମିତ ହେଲା। ସଂକ୍ରମଣ ବ୍ୟାପିଲା ସମ୍ପ୍ରଦାୟ ଭିତରେ। ତା'ପରେ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଲା। ଇତିହାସ କହେ ଦୂରଦୃଷ୍ଟିର ଅଭାବ ହେତୁ କିଛି କିଛି ରାଷ୍ଟ୍ର ଏଥିରେ ଜଡ଼ିତ ହୋଇଗଲେ। ତା'ପରେ ଯୁଦ୍ଧ। ଏପରିକି ଧର୍ମ, ବିଶ୍ୱଯୁଦ୍ଧର କାରଣ ହେଲା । ଲକ୍ଷ ଲକ୍ଷ ନିରୀହ, ନିରପରାଧ ନରନାରୀ ହତ୍ୟା, ଧର୍ଷଣ, ଲୁଟତରାଜର ଶିକାର ହେଲେ। ଏହା ସତ୍ତ୍ୱେ ଏବେବି ଆମ ଭିତରେ ଶିଖ୍, ହିନ୍ଦୁ, ଇହୁଦୀ, ମୁସଲମାନ, ଖ୍ରୀଷ୍ଟିଆନ୍ ନାମିତ ବିଭାଜନର ଧର୍ମ ପ୍ରାଚୀର ଛିଡ଼ା ହୋଇଛି। ଆମେ ଇତିହାସରୁ କିଛି ଶିକ୍ଷା ଲାଭ କରିପାରିଲୁ ନାହିଁ।

ଆମେ ବୁଝିବାକୁ ନାରାଜ ଯେ ଖାଦ୍ୟ ଓ ପୋଷାକ ଯେମିତି ମଣିଷର ନିଜସ୍ୱ ରୁଚି, ଧର୍ମ ସେମିତି ମଣିଷର ବ୍ୟକ୍ତିଗତ ବିଶ୍ୱାସର ରୂପରେଖ। କିଏ କେଉଁ ଧର୍ମ ଗ୍ରହଣ କରିବ, କିଏ କେଉଁ ଧର୍ମକୁ ଭଲ ପାଇବ ଏହା ତା'ର ସ୍ୱାଧୀନତା ହୋଇଥିଲା ବେଳେ ତାକୁ ନେଇ ବାଦବିବାଦ ଅତ୍ୟନ୍ତ ବେଦନାଦାୟକ। ଏହି କୁତ୍ସିତ ବିଭାଜନ ପ୍ରକ୍ରିୟାରୁ ଈଶ୍ୱର ମଧ୍ୟ ବାଦ୍ ପଡ଼ିନାହାନ୍ତି। ମନ ଖୋଜି ହୁଏ ଈଶ୍ୱରଙ୍କ ସୃଷ୍ଟି ମଣିଷ ନା ମଣିଷଙ୍କ ସୃଷ୍ଟି ଈଶ୍ୱର ? ଯଦି ଈଶ୍ୱରଙ୍କ ସୃଷ୍ଟି ମଣିଷ, ତେବେ ଈଶ୍ୱରଙ୍କୁ ଭାଗ ଭାଗ କଲା କିଏ ?

କେବଳ ଏତିକିରେ ମଣିଷର ମନ ମାନିଲା ନାହିଁ ଯେ ଅସ୍ପୃଶ୍ୟତାର ଭିତ୍ତି ଉପରେ ଛିଡ଼ା ହେଲା ଆଉ ଏକ ବିଭାଜନ।

ଉତ୍କଟ ବର୍ଣ୍ଣ ବୈଷମ୍ୟର ବ୍ୟାଧି ମଣିଷର ମାନବିକତାକୁ ପଙ୍ଗୁ କରିଦେଲା। ଯାହା ଜଣାଯାଏ, ଏହି ଘୃଣ୍ୟ ଜାତିପ୍ରଥାର ଉତ୍ପତ୍ତି ଧର୍ମ ଓ କର୍ମକୁ ନେଇ। ଧର୍ମୀୟ ମତବାଦ ଅନୁସାରେ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ମୁଖଗହ୍ୱର ଦେଇ ଜାତ ମଣିଷ ହେଲେ କ୍ଷତ୍ରିୟ, ଚକ୍ଷୁ ଦେଇ ଆଗମନ ମଣିଷ ହେଲେ ବ୍ରାହ୍ମଣ, ଜାନୁରୁ ଜାତ ମଣିଷ ହେଲେ ବୈଶ୍ୟ, ପାଦରୁ ପଦାର୍ପଣ କରିଥିବା ମଣିଷ ହେଲେ ଶୂଦ୍ର। କିନ୍ତୁ ଐତିହାସିକଙ୍କ ମତରେ କର୍ମ ଆଧାରରେ ମାନବ ସମାଜକୁ ଚାରି ଭାଗରେ ବିଭକ୍ତ କରାଯାଇଛି। ଯେଉଁମାନେ ପୂଜାର୍ଚ୍ଚନା କଲେ ସେମାନଙ୍କୁ ବ୍ରାହ୍ମଣ କୁହାଯାଉଥିବା ବେଳେ ଯେଉଁମାନେ ଯୁଦ୍ଧରେ ଅଂଶଗ୍ରହଣ କଲେ ସେମାନେ ହେଲେ କ୍ଷତ୍ରିୟ। କୃଷିକାର୍ଯ୍ୟ କରୁଥିବା ଲୋକମାନଙ୍କୁ ବୈଶ୍ୟ ଏବଂ ସେବା କାର୍ଯ୍ୟରେ ଯେଉଁମାନେ ନିୟୋଜିତ ହେଲେ ସେମାନଙ୍କୁ ଶୂଦ୍ର ବୋଲି କୁହାଗଲା। ପରବର୍ତ୍ତୀ ସମୟରେ ଏହି ବିଭାଜନ ଆହୁରି ତୀବ୍ରତର ହେଲା। ଆଜି ସମାଜରେ ପଚିଶ ହଜାରରୁ ଉର୍ଦ୍ଧ୍ୱ ଜାତି ଅଛି ବୋଲି କୁହାଯାଉଛି। ଜାତି-ଜାତି ଭିତରେ ସମ୍ପର୍କ ଅତି ତିକ୍ତ। ଛୁଆଁ ଅଛୁଆଁର ଭେଦଭାବ ଭରପୂର। ପ୍ରଥା ଓ ପରମ୍ପରାକୁ ନେଇ ବିବାଦ, ମନ୍ଦିର ପ୍ରବେଶକୁ ନେଇ ପୋଡ଼ାଜଳା, ମାରପିଟ୍ ଭଳି ଅଘଟଣ ଘଟିଚାଲିଛି। ଛାଇ ପଡ଼ିଲେ ଭୋଗ ଅପବିତ୍ର ହୋଇଯାଉଛି, ଛୁଇଁଦେଲେ ପାଣି ମାରା ହୋଇଯାଉଛି। ଏମିତି ଅନ୍ଧବିଶ୍ୱାସ, ଅସଭ୍ୟ ଆଚରଣ ଆମକୁ କବଳିତ କରି ରଖିଥିବା ଯାଏ ଐକ୍ୟ, ସଂହତି ଯେ ପ୍ରତି ମୁହୂର୍ତ୍ତରେ ବାଧାପ୍ରାପ୍ତ ହେଉଥିବ ଏଥିରେ ସନ୍ଦେହ ନାହିଁ।

ମନରେ ପ୍ରଶ୍ନ ଉଠେ ଉଚ୍ଚଜାତି ଓ ନୀଚଜାତି, ସବର୍ଣ୍ଣ ଓ ଅସବର୍ଣ୍ଣ, ଆର୍ଯ୍ୟ ଓ ଅନାର୍ଯ୍ୟ ଏସବୁ ଯଦି ଐଶ୍ୱରିକ ଅବଦାନ, ତେବେ ପଚିଶ ହଜାରରୁ ଉର୍ଦ୍ଧ୍ୱ ଜାତିର ଜନକ କିଏ ? ପୁଣି କର୍ମ ଆଧାରରେ ଯଦି ଚାରୋଟି ଜାତିକୁ ସୃଷ୍ଟି କରାଯାଇଥିଲା, ତେବେ ଏତେ ପ୍ରକାରର ଉପଜାତି କେମିତି ହେଲା ? ଯଦି ହେଲା, ଏବେ ତ ସମସ୍ତେ ସବୁ ପ୍ରକାର କାର୍ଯ୍ୟ କରିବାର ସ୍ୱାଧୀନତା ପାଇଛନ୍ତି, ତେବେ ଜାତିପ୍ରଥାକୁ ନେଇ ଆମେ କାହିଁକି ବିଭାଜିତ ? ଏହା ସ୍ପଷ୍ଟ ଯେ , ସବୁ ବିଭେଦ, ବିଭାଜନ ଓ ବୈଷମ୍ୟର ସୃଷ୍ଟିକର୍ତ୍ତା ଏହି ମଣିଷ। ଯେଉଁ ସବୁ ପ୍ରଥା, ପରମ୍ପରା, ପ୍ରକ୍ରିୟା ମଣିଷ-ମଣିଷ ଭିତରେ ଦୂରତା ବୃଦ୍ଧି କରୁଛି ମଣିଷ ଚାହିଁଲେ ସେ ସବୁ ପ୍ରାଚୀର ଅଚିରେ ଧୂଳିସାତ୍ କରିଦେଇ ପାରିବ। ଏଥିପାଇଁ ଲୋଡ଼ା ମାନବୀୟ ଗୁଣ, ମାନବିକ ମୂଲ୍ୟବୋଧ।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭

# କାନ୍ତକବି ଓ କଣାମାମୁ



ଡ. ପ୍ରଫୁଲ୍ଲ କୁମାର ସାହୁ

ସାଳନ୍ଦୀ ତଟର ମାଟିପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ଜଣେ ଅତୀନ୍ଦ୍ରିୟ ସତ୍ୟସନ୍ଧାନୀ ସ୍ରଷ୍ଟା। କାନ୍ତକବି ଲକ୍ଷ୍ମୀକାନ୍ତ କହିଲେ ଆଖିଆଗରେ ଉଭାହୁଏ ଦୁଇଟି ଦୃଶ୍ୟ। ଗୋଟିଏ ଦୃଶ୍ୟ ଜଣେ ସୌମ୍ୟକାନ୍ତ ଯୁବକର। ସେ ଯୁବକ ଜଣକ ହେଉଛନ୍ତି ତାଳପଦା (ଭଦ୍ରକ)ର ଜମିଦାର ଚୌଧୁରୀ ଭାଗବତ ପ୍ରସାଦ ମହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର। ଫିଟ୍‌ଫାଟ ପୋଷାକ। ର୍‍ୟାକେଟ ଧରି ରେଭେନ୍ସା କଲେଜ ଟେନିସ୍ କୋର୍ଟରେ ଖେଳିଲା ବେଳେ ଯାହାର ଗାମ୍ଭୀର୍ଯ୍ୟ, ସଂଭ୍ରମତା ଓ କ୍ରୀଡ଼ା ନୈପୁଣ୍ୟରେ ସମସ୍ତେ ମୁଗ୍ଧ। ଆଉ ଗୋଟିଏ ଦୃଶ୍ୟ- ମହାବ୍ୟାଧିରେ ପୀଡ଼ିତ ହୋଇ ଶ୍ରୀହୀନ ହୋଇଯାଇଥିବା ଏବଂ ଚଳଶକ୍ତିହୀନ ହୋଇ ଅନ୍ୟର ପିଠିରେ ଲାଉ ହୋଇ ଚଳପ୍ରଚଳ କରୁଥିବା ଜଣେ ଦିବ୍ୟ ଅନୁଭବର ମଣିଷ। ହାତର ଆଙ୍ଗୁଠିଗୁଡ଼ିକ ଛିନ୍ନ। ପାପୁଲିରେ ଥିଲା ଆଙ୍ଗୁଠିର କିଛି ଥୁଆ ଅବଶେଷ। ସେଥିରେ କେହି କଲମଟେ ଗୁଞ୍ଜିଦେଲେ କାଗଜରେ କଅଁଳି ଉଠୁଥିଲା କବିତାର କିଶଳୟ। ଜୀବନର ଏହି ଦୁଇ ବିରୋଧାଭାସକୁ ଭିତ୍ତି କରି ଛିଡ଼ା ହୋଇଛି କାନ୍ତକବିଙ୍କ ସାହିତ୍ୟ ସୌଧ। ରେଭେନ୍ସା କଲେଜରେ ପଢ଼ିଲାବେଳେ ତାଙ୍କ ଲେଖା ପଢ଼ି ଫକୀରମୋହନ ଥରେ କହିଥିଲେ ଫୁଲଚନ୍ଦନ ପଡୁ ତୋ ଲେଖନୀରେ। ସତ ହେଲା ସମ୍ରାଟ୍‌ଙ୍କ କଥା। କାନ୍ତକବିଙ୍କ ବିହ୍ୱଳପଣର କବିତ୍ୱ କ୍ରୀଡ଼ାରେ ଛନ୍ଦିହୋଇ ପଡ଼ିଲା ରାଧାନାଥଙ୍କ ସୌନ୍ଦର୍ଯ୍ୟ, ରବୀନ୍ଦ୍ରଙ୍କ ଆଧିଭୌତିକ ରହସ୍ୟ, ଗୋପବନ୍ଧୁଙ୍କ ଆଦର୍ଶ, ଫକୀରମୋହନଙ୍କ ସଂସ୍କାରୋଚିତ ହାସ୍ୟରସ ଓ ସବୁଜଙ୍କ ରୋମାଞ୍ଚ।

ବ୍ୟାଧି, ଅର୍ଥାଭାବ ଓ ପ୍ରିୟଜନଙ୍କ ଅନାନ୍ତରିକତାର ଧୂସର ଦୁର୍ଭାଗ୍ୟ କବିଙ୍କୁ ବିଷାଦ-ମୂର୍ଚ୍ଛିତ ବୈରାଗ୍ୟ ଆଣିଦେଲା ସତ, କିନ୍ତୁ ସେ ବୈରାଗ୍ୟର ଅର୍ଥ ଥିଲା ଭିନ୍ନ। ତାହା ଜୀବନଠାରୁ ପଳାୟନ ନୁହେଁ, ବରଂ ଆତ୍ମୋପଲବ୍ଧି ଓ ଆତ୍ମ ସାକ୍ଷାତ୍‌କାରର ଏକ ଆହ୍ଲାଦପଣ। ଯିଏ ଅନ୍ତର ଭିତରେ ଅନୁଭବ କରେ ଅମୃତମୟ ଉପଲବ୍ଧି, ତାକୁ ପରାସ୍ତ କରିପାରେନି ବ୍ୟାଧିର ଭୟ। ଶୂନ୍ୟତା ମଧ୍ୟରେ ବି ସେ ଅନୁଭବ କରେ ପୂର୍ଣ୍ଣତାର ଆନନ୍ଦ। ସେହି ଉପଲବ୍ଧି ଯୋଗୁ ଛାତ୍ର ଜୀବନରୁ ନାଟକ ଓ ସଂଗୀତ ରଚନା ତଥା ଅଭିନୟ କଳାରେ ଅସାମାନ୍ୟ ପାରଦର୍ଶିତା ଅର୍ଜିଥିବା କାନ୍ତକବିଙ୍କୁ ଶେଷଯାଏ ଆବିଷ୍ଟ କରିରଖିଥିଲା କୀର୍ତ୍ତନ ସ୍ୱରରେ ଗୀତ ଲେଖିବା ଓ ଗାଇବାର ନିଆରାପଣ। ଶ୍ରୋତା ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲା ତାଙ୍କ ନିଖୁଣ ଅଭିନୟ ଓ ମଧୁସ୍ରାବୀ କଣ୍ଠସ୍ୱର।

କରୁଣ ରସର ଅବାରିତ ଧାରା କାନ୍ତକବିଙ୍କ ବିଷାଦ-ମୂର୍ଚ୍ଛିତ ପ୍ରାଣର ଅନ୍ତଃସ୍ରାବୀ ସ୍ରୋତ। ହଜାରେ ଯାତନା, ବ୍ୟର୍ଥତା ଓ ନୈରାଶ୍ୟ ସତ୍ତ୍ୱେ ସେ ଭାଙ୍ଗି ପଡ଼ିନାହାନ୍ତି, ବରଂ ବୈଷ୍ଣବ ସୁଲଭ ଶାନ୍ତ ନିରୀହତାରେ ବରି ନେଇଛନ୍ତି ସୁଖ ଓ ଦୁଃଖକୁ ସମାନ ଭାବେ ତଉଲିବାର ଦମ୍ଭିଲାପଣ। ତେଣୁ ଭଗବାନ୍‌ଙ୍କୁ ଭାବବନ୍ଧନର କାଠଗଡ଼ାରେ ଠିଆ କରାଇ ସେ ପଚାରିପାରିଛନ୍ତି- ନିଃସ୍ୱକୁ ଲୁଟିବା, ବଞ୍ଚିତକୁ ପ୍ରବଞ୍ଚନାରେ ପୋତି ପକାଇବା କ'ଣ ପ୍ରଭୁପଣ ? ଅଭିମାନ ବ୍ୟଞ୍ଜିତ ସ୍ୱରରେ ଗାଇଛନ୍ତି- "ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ, ଯାହା ଦେଇଥିଲ ସବୁ

**ଜୟନ୍ତୀ ଉପଲକ୍ଷେ**



ତ ନେଲଣି ଆଉ କିସ ଏବେ ଛଡ଼ାଇବ ହେ।"

ବୈଷ୍ଣବୀୟ ଅନୁଭବର ଦିବ୍ୟତା ଓ ଭାକ୍ତିକ ତଲ୍ଲୀନତାରେ ଉଛୁଳି ଉଠିଛି କବିଙ୍କର ଜୀବନ ସଂଗୀତ। ଭଗବତ୍ ପ୍ରେମ ଓ ଭକ୍ତିରେ ଅଧୀର ନ ହେଲେ କେହି କ'ଣ ଗାଇପାରେ- "ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରଜା, ନାଚିବି ବି ଲଙ୍ଗଳା ହୋଇ ତାଳି ମାରି ଦେଖିବୁ ମଜା।" ଏହି ଭକ୍ତି ରସାତ୍ମକ ସଂଗୀତର କାନ୍ତ କୋମଳ ପଦାବଳୀ ହିଁ ତାଙ୍କୁ ଆଣି ଦେଇଛି କାନ୍ତକବିର ଗୌରବ। ଏ ଉପାଧି ତାଙ୍କୁ କୌଣସି ସାରସ୍ୱତ ଅନୁଷ୍ଠାନ ବା ଏକାଡେମୀ ଦେଇନାହିଁ, ବରଂ ଏହା କବିଙ୍କ ପ୍ରତି ସହପାଠୀମାନଙ୍କର ସସ୍ନେହ ସମ୍ବୋଧନ। ଅଗଣିତ ବିଦଗ୍ଧ ପାଠକ ତଥା ଗୁଣଗ୍ରାହୀମାନଙ୍କର ଏକ ଶାବ୍ଦିକ ଶିରସ୍ତ୍ରାଣ। ଫକୀରମୋହନଙ୍କ 'ବ୍ୟାସକବି' ଉପାଧି ପରି ଏହା ବହୁ ଉର୍ଦ୍ଧ୍ୱରେ।

କାନ୍ତକବି ଜାତୀୟ ଜୀବନର ପ୍ରକୃଷ୍ଟ ଉପାସକ। ଶାରୀରିକ ଅକ୍ଷମତା କାରଣରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ପାରି ନ ଥିଲେ ମଧ୍ୟ ତାଙ୍କ ଲେଖକୀୟ ଭାବନାକୁ ସଦା ଆବିଷ୍ଟ କରି ରଖିଥିଲା ଜାତୀୟ ଚେତନା। ଛାତ୍ର ଜୀବନରେ କବିଙ୍କୁ ଭାରତର ସ୍ୱାଧୀନତାଠାରୁ ବେଶି ଘାରିଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଚିନ୍ତା। ତେଣୁ ମାତ୍ର ଅଠର ବର୍ଷ ବୟସରେ ସେ ରଚନା କରିଥିଲ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ। କବିଙ୍କ ଦୃଷ୍ଟିରେ ଉତ୍କଳ ଭୂଖଣ୍ଡ କେବଳ ଏକ ଜଡ଼ ପିଣ୍ଡ ନୁହେଁ, ସେ ଆମ ଜନନୀ। ତା'ର ଜୀବନ ଅଛି, ଯାହାକୁ କୁହାଯାଏ ଜାତୀୟ ଜୀବନ। ଉତ୍କଳ ଜନନୀର ସୁଷମା ମଣ୍ଡିତ ପ୍ରାକୃତିକ ଚିତ୍ରକୁ କବିତାରେ ଟେକି ଧରିବାକୁ ଯାଇ ସେ ଗାଇଛନ୍ତି-"ନୀଳପୟୋଧି ବିଧୌତ ଶରୀରା, ତାଳ ତମାଳ ସୁଶୋଭିତ ତୀରା, ଶୁଭ୍ର ତଟିନୀ କୂଳ-ଶୀକର - ସମୀରା, ଚାରୁ ହାସମୟୀ ଚାରୁ ଭାଷମୟୀ......।" ଏହି କାଳଜୟୀ ସଂଗୀତର ଜାତୀୟତାବୋଧକ ବାର୍ତ୍ତା ପ୍ରାଣକୁ ଯେତିକି ଉଦ୍ଦୀପ୍ତ କରେ, ସେତିକି ସ୍ପନ୍ଦିତ କରେ ଉତ୍କଳର ଶ୍ୟାମଳ ବନରାଜି ତଥା ତାର ନୀଳ ଭୂଧରମାଳା। କବିଙ୍କ ମତରେ ଏହି କବିତା କେବଳ ତୁଚ୍ଛା ଶବ୍ଦ ସଂଯୋଜନାର ମାୟାଜାଲ ନୁହେଁ, ଏହା ଜାତୀୟ ଜୀବନର ଏକ ବୃହତ୍ତର ଅଧ୍ୟାୟ। ଓଡ଼ିଆ ଜାତିର, ଓଡ଼ିଆ ମାଟିର, ଓଡ଼ିଆ ଭାଷାର ଓ ଓଡ଼ିଆ ଜନଜୀବନର ଗୌରବ ଗାଥା। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ଏକ ସାଂସ୍କୃତିକ ସୂତ୍ର। ଉତ୍କଳର ନଦନଦୀ, ଗିରିବନ, କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ କାନ୍ତକବି ଏଥିରେ ଏମିତି ଶବ୍ଦ ଓ ଭାଷାରେ ଗୁନ୍ଥି ଦେଇଛନ୍ତି ଯେ ତାହା ଶୁଣିବାମାତ୍ରେ ଦର୍ପଣରେ ମୁହଁ ଦେଖିଲା ପରି ଆଖି ଆଗରେ ଝଲସିଉଠେ କୀର୍ତ୍ତିମାଳିନୀ ଉତ୍କଳ ଜନନୀର ମୁଖମଣ୍ଡଳ। ସରକାରୀ ସ୍ୱୀକୃତି (୨୦୨୦) ପାଇବାର ଅନେକ ଆଗରୁ ଜନତା ଦରବାରରୁ ମିଳି ସାରିଥିଲା ଜାତୀୟ ସଂଗୀତର ମାନ୍ୟତା।

'କଣାମାମୁ' ଉପନ୍ୟାସ କାନ୍ତକବିଙ୍କର ଏକ ଅନବଦ୍ୟ ସୃଷ୍ଟି। ଅସଂପୂର୍ଣ୍ଣ ହେଲେ ବି ଏବେ ସୁଦ୍ଧା ପାଠକ ଉପରେ ସବାର ହୋଇ ରହିଛି। ବୁଢ଼ା ଶଙ୍ଖାରିର କୋମଳ ପିତୃତ୍ୱ ହେଉ କି ଡଗରୀୟ ଚଟୁଳତା ହେଉ, କାନ୍ତକବିଙ୍କ ଜୀବନ ବୀଣାର ପ୍ରତ୍ୟେକ ମୂର୍ଚ୍ଛନା ଆଜି ଅନୁରଣିତ ହେଉଛି ଉତ୍କଳର ସାରସ୍ୱତ ମନ୍ଦିରରେ।

ମୋ: ୬୩୭୧୬୪୨୪୬୪

## ଏଇ ଭାରତରେ

ସମାଜରେ ଟ୍ରାନ୍ସଜେଣ୍ଡରଙ୍କୁ ବହୁ ଟାହିଟାପରା ଶୁଣିବାକୁ ପଡୁଥିଲାବେଳେ ଆସାମର ରତୁପର୍ଣ୍ଣା ନେଓଗ କିନ୍ତୁ ସମାଜରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଟ୍ରାନ୍ସଓମେନ ରତୁପର୍ଣ୍ଣା ବିଭିନ୍ନ ଗାଁରେ ଲାଇବ୍ରେରି ଖୋଲୁଛନ୍ତି,ଯେଉଁଠି କୌଣସି ଦେୟ ଦେବାକୁ ପଡୁନାହିଁ। ଏଠାରେ ହିନ୍ଦୀ, ଇଂଲିଶ ଓ ଆସାମିଜ ଭାଷାର ବହି ରଖାଯାଇଛି। ଶିକ୍ଷାର ପ୍ରସାର ସହ ଜନମାନସରେ ଥିବା ଲିଙ୍ଗଗତ ବୈଷମ୍ୟ ତଥା ସମଲିଙ୍ଗୀଙ୍କୁ ନେଇ ଥିବା ବିକୃତ ଚିନ୍ତାଧାରା ଦୂର କରିବା ପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି। ସେ 'ଅକାମ ଫାଉଣ୍ଡେଶନ' ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ରତୁପର୍ଣ୍ଣା ଛାତ୍ରଜୀବନରେ ଯେଭଳି ମାନସିକ ନିର୍ଯାତନାର ସମ୍ମୁଖୀନ ହୋଇଛନ୍ତି ସେଭଳି ଅନ୍ୟ ଟ୍ରାନ୍ସଜେଣ୍ଡରମାନେ ନ ଭୋଗନ୍ତୁ- ଏହି ଲକ୍ଷ୍ୟ ନେଇ ଲାଇବ୍ରେରି ମାଧ୍ୟମରେ ଅଭିଯାନ ଚଳାଇ କିଛି ପରିବର୍ତ୍ତନ ଆଣିବା ଲାଗି ପ୍ରୟାସ କରୁଛନ୍ତି। ସେ ମଧ୍ୟ ବିଭିନ୍ନ ସହର ଓ ଗ୍ରାମରେ ଏ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚଳାଉଛନ୍ତି। ରତୁପର୍ଣ୍ଣା ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ, ଗୁଆହାଟୀରୁ ୨୦୧୭ରେ ଡିଗ୍ରୀ ହାସଲ କରିବା ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟରେ ଏବେ ତାଙ୍କ ସହିତ ଆଉ ୧୫ ଜଣ ଟ୍ରାନ୍ସଜେଣ୍ଡର ସାମିଲ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୭୪

- ଭାରତ ମରିସସ୍‌କୁ ୫ କୋଟି ଟଙ୍କାର ଅର୍ଥ ଋଣ ଓ ୧୦ କୋଟି ଟଙ୍କା ମୂଲ୍ୟର ବାଣିଜ୍ୟ ଋଣ ଦେବା ନେଇ ଉଭୟ ଦେଶ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।
- ହିମ ପ୍ରବାହ ଯୋଗୁ ବିହାରରେ ପ୍ରାୟ ୨୦୦ ବ୍ୟକ୍ତିଙ୍କର ମୃତ୍ୟୁ।
- ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ କ୍ଷେତ୍ରରେ ବିନିମୟ ନେଇ ଭାରତ ଓ ବାହାରିନ୍ ମଧ୍ୟରେ ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଉର୍ଦ୍ଧ୍ୱରେ କରାଳ ଧ୍ୱଂସ ଉଠେ ଗର୍ଜି ଅନ୍ଧକାର ଅମା
ବିଶ୍ୱଗ୍ରାସୀ କ୍ଷୁଧାମୁଖେ ଧାବଇ ରାକ୍ଷସ
ଚକ୍ଷୁରୁ ଛୁଟଇ ତା'ର ଶତ କୋଟି ଆଣବିକ ବୋମା
ଚଳେ ଚମୂ ନବ ଶତାବ୍ଦୀର ଅବତଂସ।
-(ଶତାବ୍ଦୀ-ସୈନିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ମାର୍ଗଦର୍ଶିକା ରହୁ

ମହାଶୟ,

ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଉଭୟ ସାମାଜିକ ଏବଂ ଆର୍ଥିକ ଭାବେ ସଶକ୍ତ କରିବା ଲକ୍ଷ୍ୟ ନେଇ ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ପ୍ରକଳ୍ପ କାର୍ଯ୍ୟ କରିଆସୁଛି। କିନ୍ତୁ ଅନେକ ଜାଗାରେ ଦେଖାଯାଉଛି ଯେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବ୍ୟାଙ୍କଗୁଡ଼ିକରୁ ଋଣ ନେଇ କୌଣସି ରୋଜଗାର କାର୍ଯ୍ୟପନ୍ଥା ଆରମ୍ଭ କରିବା ପରିବର୍ତ୍ତେ ସଦସ୍ୟାମାନେ ନିଜନିଜ ଭିତରେ ଋଣ ବାଣ୍ଟିନେଇ ଘର ଖର୍ଚ୍ଚରେ ଲଗାଉଛନ୍ତି କିମ୍ବା ଗାଉଁଲି ସୁଧ କାରବାରରେ ପୁଞ୍ଜି ଖଟାଉଛନ୍ତି। ଯାହାଫଳରେ ପ୍ରକଳ୍ପଗୁଡ଼ିକର ଉଦ୍ଦେଶ୍ୟ ସାଧନ ହୋଇପାରୁ ନାହିଁ। ଦେଖାଯାଉଛି ଯେ କେତେଜଣ ମହିଳା ଦୁଇ ତିନିଟି ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ରହିବା ଯୋଗୁ ସେମାନେ ନିର୍ଦ୍ଦିଷ୍ଟ ରୋଜଗାରଧର୍ମୀ କାର୍ଯ୍ୟ ଆପଣେଇବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ଏମାନଙ୍କ ମଧ୍ୟରୁ ଅଳ୍ପକିଛି ଗୋଷ୍ଠୀ ସେମାନଙ୍କ କର୍ମକୁଶଳତା ତଥା ଦାୟିତ୍ୱସମ୍ପନ୍ନ ଗୁଣ ଯୋଗୁ ପ୍ରସିଦ୍ଧିଲାଭ କରିଛନ୍ତି। ତେଣୁ ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନେ ଯଦି ଉକ୍ତ ଋଣ ଦେବାଠାରୁ ପରିଶୋଧ ହେବା ପର୍ଯ୍ୟନ୍ତ ଋଣର ଲକ୍ଷ୍ୟ ପୂରଣ ପ୍ରତି ସଜାଗ ହୋଇପାରନ୍ତେ ତା'ହେଲେ ହୁଏତ ଉକ୍ତ ପ୍ରକଳ୍ପଗୁଡ଼ିକର ପ୍ରକୃତ ଲକ୍ଷ୍ୟ ସାଧନ ହୋଇପାରିବ। ନ ହେଲେ ଏହା କେବଳ ଅର୍ଥ କାରବାର କାର୍ଯ୍ୟ ମଧ୍ୟରେ ସୀମିତ ରହିଯିବ ଏହା ନିଃସନ୍ଦେହ।

-ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଉ: ଭାଜପା

## 'ସାହୁ ବ୍ରଦର୍ସ ଆଣ୍ଡ କୋ' ପାଖରେ ଗଚ୍ଛିତ ଥିବା ଟଙ୍କାକୁ ନେଇ ପ୍ରଶ୍ନ ଉଠାଇଲା ଦଳ

ଭୁବନେଶ୍ୱର,୮।୧୨(ଅନିଲ ଦାସ)/ବଲାଙ୍ଗୀର(ବୀରେନ୍ଦ୍ର ଝାଙ୍କର)

ଗତ ୩ ଦିନ ହେଲାଣି ଜଣେ ଅଣଓଡ଼ିଆ ମଦ ବେପାରୀଙ୍କଠାରୁ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ଜାତୀୟ ଗଣମାଧ୍ୟମରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏତେ ଟଙ୍କା କେଉଁଠୁ ଆସିଲା ଓ ଗୋଟିଏ ଜାଗାରେ କିପରି ଠୁଳ ହେଲା। ବାର୍ଷିକ ୧୨୦ କୋଟି ଟଙ୍କାର କାରବାର କରୁଥିବା 'ସାହୁ ବ୍ରଦର୍ସ ଆଣ୍ଡ କୋ'ଙ୍କ ନିକଟରୁ ନଗଦ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଲା କେଉଁଠୁ। ଜବତ ହୋଇଥିବା ଏହି ଟଙ୍କା ନିଜସ୍ୱ ନା ଆଉ କାହାର କଳାଟଙ୍କା ଏଥିରେ ସାମିଲ ଅଛି। ଏହି ଘଟଣା ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଦାବି କରିଛନ୍ତି।

ଶୁକ୍ରବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଜବତ ଟଙ୍କା ମଧ୍ୟରେ ୫୦୦ଟଙ୍କା, ୨୦୦ଟଙ୍କା ଓ ୧୦୦ଟଙ୍କିଆ ନୋଟ ବାହାରୁଛି। ନିର୍ବାଚନ ସମୟରେ ସେ ଟଙ୍କା ବଣ୍ଟା ହେବା ପାଇଁ ରଖାଯାଇଥିଲା କି ବୋଲି ମନୋଜ ପ୍ରଶ୍ନ କରିଛନ୍ତି। 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବୌଦ୍ଧ, ସୋନପୁର, ଟିଟିଲାଗଡ଼, ରାୟଗଡ଼ାରୁ ଯେଉଁମାନେ ମନ୍ତ୍ରୀ ଅଛନ୍ତି ଏବଂ ବରଗଡ଼ର ପୂର୍ବତନ ମନ୍ତ୍ରୀଙ୍କ ସମ୍ପର୍କ ଅଛି। ସେହିପରି ମଦ ବ୍ୟବସାୟୀଙ୍କ ସହ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟକ ଟୁକୁନି ସାହୁଙ୍କ ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇଛି। ବୌଦ୍ଧ ରାଇସ ମିଲ୍ ସହ 'ସାହୁ ବ୍ରଦର୍ସ ଆଣ୍ଡ କୋ'ର ସମ୍ପର୍କ କ'ଣ ରହିଛି। ଏପରି କି ଶାସକ ଦଳର ବହୁ ନେତା ଓ ମନ୍ତ୍ରୀଙ୍କ ସହ ମଧ୍ୟ ତାଙ୍କର ସମ୍ପର୍କ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ଆଗୁଆ ନିର୍ବାଚନ ପରିଚାଳନା ପାଇଁ 'ସାହୁ ବ୍ରଦର୍ସ ଆଣ୍ଡ କୋ' ପାଖରେ ଶାସକ ଦଳ ଟଙ୍କା ରଖିଥିଲା କି ବୋଲି ମନୋଜ କହିଛନ୍ତି। 'ସାହୁ ବ୍ରଦର୍ସ ଆଣ୍ଡ କୋ' ସହ ବିଜେଡିର କ'ଣ ସମ୍ପର୍କ ରହିଛି, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ। ଏତେ ଟଙ୍କା କେଉଁଠୁ ଆସିଲା ଏହାର ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଭାଜପା ଦାବି କରୁଥିବା ସେ କହିଛନ୍ତି। ଅନ୍ୟପଟେ ବଲାଙ୍ଗୀର ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ମନ୍ତ୍ରୀ ଓ ମଦ ବ୍ୟବସାୟୀ ସମ୍ପର୍କ ଉପରେ ପ୍ରଶ୍ନ କରି ଏହାର ଯାଞ୍ଚ କରିବାକୁ ଦାବି କରିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମୁଖପାତ୍ର ମନୋଜ ମହାପାତ୍ର ଆୟକର ଚଢାଉ ଘଟଣାକୁ ନେଇ ଗଣମାଧ୍ୟମରେ ପ୍ରକାଶିତ ମଦ ବ୍ୟବସାୟୀଙ୍କ ସହ ମନ୍ତ୍ରୀ ଟୁକୁନି ସାହୁଙ୍କ ଫଟୋ ଦେଖାଉଛନ୍ତି।

# କେନ୍ଦୁଝର ଜିଲା କଂଗ୍ରେସ କମିଟି ଗଠିତ

ଭୁବନେଶ୍ୱର,୮।୧୨(ଅନିଲ ଦାସ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କେନ୍ଦୁଝର ଜିଲା କଂଗ୍ରେସ କମିଟି ଗଠନ କରାଯାଇଛି। ଏହି କମିଟିରେ ଉପସଭାପତି ଭାବରେ ପ୍ରଶାନ୍ତ ସ୍ୱାଇଁ, ନିକୁଞ୍ଜ ବିହାରୀ ମିଶ୍ର, ଦେବେନ୍ଦ୍ର ନାଥ ନାୟକ, ସୁରଥ ଚନ୍ଦ୍ର ସାହୁ, ଗୌରହରି ନାୟକ, ବସନ୍ତ କୁମାର ଦାସ ଓ ମିନତି ନାୟକ ରହିଥିବା ବେଳେ ଲଳିତ ମୋହନ ନାୟକ କୋଷାଧ୍ୟକ୍ଷ ରହିଛନ୍ତି। ସାଧାରଣ ସମ୍ପାଦକ ଭାବରେ କ୍ଷୀରୋଦ ରାଉତ, ତ୍ରିଲୋଚନ ପଣ୍ଡା, ବିଜୟ ସ୍ୱାଇଁ, ଯଶୋବନ୍ତ ଖୁଣ୍ଟିଆ, କିଶୋର ସାହୁ, ଗୋବିନ୍ଦ ମହାନ୍ତ, ମୁରଲୀଧର ବେହେରା ଓ ସରୋଜ ବାଘେଲବାବୁ ରହିଛନ୍ତି। ସେହିପରି ସମ୍ପାଦକ ଭାବରେ ୧୭ ଜଣଙ୍କୁ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ କମିଟିରେ ୨୩ ଜଣ ସଭ୍ୟ ରହିଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବରେ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ହୃଷୀକେଶ ନାୟକ, କୃଷ୍ଣଚନ୍ଦ୍ର ମହାନ୍ତି, ଆଲୋକ ମିଶ୍ର, ମନୋଜ କୁମାର ଜେନା, ଚତୁର୍ଭୁଜ ନାୟକ, ବିପ୍ଳବ ମିଶ୍ର, ବିଦ୍ୟାଧର ଦାସ, ଶ୍ରୀକାନ୍ତ ସେଠୀ, ବ୍ରଜବିହାରୀ ଜେନା, ଶ୍ରୀଧର ଦଳେଇ, ଲକ୍ଷ୍ମଣ ଦାସ, ନାରାୟଣ ପ୍ରଧାନ, ମଧୁରା ମହାନ୍ତ, ପ୍ରଶାନ୍ତ କୁମାର ଦଳେଇ ଓ ସଂଗ୍ରାମ ଦାସ ପ୍ରମୁଖ ରହିଛନ୍ତି। ଏଥିସହିତ ବ୍ଲକ, ଏନ୍ଏସି ଏବଂ ମ୍ୟୁନିସିପାଲିଟିର ସଭାପତିମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି।

ବୈଜ୍ଞାନିକ ତଥା ଔଦ୍ୟୋଗିକ ଗବେଷଣା ପରିଷଦ
Council of Scientific & Industrial Research
ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ବିଭାଗ
Department of Scientific & Industrial Research
ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ, ଭାରତ ସରକାର
Ministry of Science & Technology, Govt. of India
ଅନୁସନ୍ଧାନ ଭବନ, ୨ ରଫି ମାର୍ଗ, ନୂଆଦିଲ୍ଲୀ - ୧୧୦ ୦୦୧
Anusandhan Bhawan, 2 Rafi Marg, New Delhi - 110001

ଆବେଦନର ବିବରଣୀ ପାଇଁ କ୍ୟୁଆର୍ କୋଡ୍ | ଅନ୍‌ଲାଇନ୍ ଆବେଦନ ପାଇଁ କ୍ୟୁଆର୍ କୋଡ୍

ନିଯୁକ୍ତି ବିଜ୍ଞପ୍ତି

ସଂଯୁକ୍ତ ପ୍ରଶାସନିକ ସେବା ପରୀକ୍ଷା - ୨୦୨୩ (ସିଏଏସ୍ଇ - ୨୦୨୩)

ବିଜ୍ଞାପନ ନଂ.: ଇ-I/ଆର୍‌ସି/୨୦୨୩/୧ ମୋଟ ଖାଲି ପଦବୀ ସଂଖ୍ୟା - ୪୪୪

ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ (ସିଏସ୍ଆଇଆର୍), ୧୯୪୨ରେ ପ୍ରତିଷ୍ଠିତ, ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ବିଭାଗ, ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଛତ୍ରଛାୟା ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂସ୍ଥା ଅଟେ। ଏହା ଭାରତର ଏକ ପ୍ରମୁଖ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଆର୍ ଆଣ୍ଡ ଡି ସଙ୍ଗଠନ ଅଟେ ଏବଂ ସାରା ଦେଶରେ ଏହାର ଉପସ୍ଥିତି ସହିତ ଜାତୀୟ ଲାବୋରେଟୋରୀର ଏକ ଗତିଶୀଳ ନେଟ୍‌ୱର୍କ ରହିଛି। ସିଏସ୍ଆଇଆର୍‌ର ଅଭିବୃଦ୍ଧି ତଥା ବିକାଶ ପାଇଁ ପ୍ରଶାସନ ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ।

| ଅନ୍‌ଲାଇନ୍ ଆବେଦନ ଖୋଲିବାର ତାରିଖ ଓ ସମୟ | ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଶେଷ ତାରିଖ ଓ ସମୟ |
|---|---|
| ୦୮।୧୨।୨୦୨୩ (୧୭.୦୦ ଘଟିକା) | ୧୨।୦୧।୨୦୨୪ (୧୭.୦୦ ଘଟିକା) |

ନିମ୍ନଲିଖିତ ପ୍ରଶାସନିକ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି।

ପଦବୀ ବିବରଣୀ

| ପଦବୀର ନାମ | ଖାଲି ପଦବୀ କୋଡ୍ | ପଦବୀ ସଂଖ୍ୟା | ବର୍ଗୀକରଣ ଓ ବେତନ ସ୍ତର / ପେ' ମାଟ୍ରିକ୍ସ | ଜରୁରୀ ଯୋଗ୍ୟତା | ବୟସ ସୀମା |
|---|---|---|---|---|---|
| ସେକ୍ସନ ଅଫିସର (ସାଧାରଣ/ ବିତ୍ତ ଓ ଲେଖା/ ଭଣ୍ଡାର ଓ କ୍ରୟ) | ୨୦୨୩୧୦୧ | ୭୬ | ଗ୍ରୁପ୍ ବି (ଗେଜେଟେଡ୍) ବେତନ ସ୍ତର - ୮, ସେଲ୍- ୧ (ଟ.୪୭,୬୦୦ - ଟ. ୧,୫୧,୧୦୦) | ବିଶ୍ୱବିଦ୍ୟାଳୟ ଡିଗ୍ରୀ | ୩୩ ବର୍ଷରୁ ଅଧିକ ନୁହେଁ |
| ସହକାରୀ ସେକ୍ସନ ଅଫିସର (ସାଧାରଣ/ ବିତ୍ତ ଓ ଲେଖା/ ଭଣ୍ଡାର ଓ କ୍ରୟ) | ୨୦୨୩୧୦୨ | ୩୬୮ | ଗ୍ରୁପ୍ ବି (ଅଣ-ଗେଜେଟେଡ୍) ବେତନ ସ୍ତର - ୭, ସେଲ୍- ୧ (ଟ.୪୪,୯୦୦ - ଟ. ୧, ୪୨,୪୦୦) | ବିଶ୍ୱବିଦ୍ୟାଳୟ ଡିଗ୍ରୀ | ୩୩ ବର୍ଷରୁ ଅଧିକ ନୁହେଁ |

ଦ୍ରଷ୍ଟବ୍ୟ: ପ୍ରତ୍ୟେକ ପଦବୀ ପାଇଁ ସୂଚିତ ଖାଲି ପଦବୀର ସଂଖ୍ୟା ପରୀକ୍ଷାମୂଳକ ଅଟେ ଏବଂ ତାହା ବଢ଼ିପାରେ କିମ୍ବା କମିପାରେ।

*ସବିଶେଷ ବିଜ୍ଞାପନ, ନିୟମ ଓ ସର୍ତ୍ତାବଳୀ ତଥା ଅନ୍‌ଲାଇନ୍‌ରେ ଆବେଦନ କରିବା ପାଇଁ ଦୟାକରି ସିଏସ୍ଆଇଆର୍‌ର ଅଫିସିଆଲ୍ ୱେବ୍‌ସାଇଟ୍ https://www.csir.res.in/ ପରିଦର୍ଶନ କରନ୍ତୁ।*

CBC 36202/12/0017/2324

ଉପ ସଚିବ (ଆର୍‌ସି)

# ସନ୍ଦେହ ଘେରରେ ପଶ୍ଚିମ ଓଡ଼ିଶା ଭାଜପା ନେତା: ବିଜେଡି

ଭୁବନେଶ୍ୱର,୮।୧୨(ଅନିଲ ଦାସ)

ଆୟକର ବିଭାଗର ଚଢ଼ାଉ ନେଇ ରାଜ୍ୟ ଭାଜପା ନେତା ଖବରଦାତା ସମ୍ମିଳନୀ କରିବା ଆଗରୁ ଟିକିଏ ବି ରାଷ୍ଟ୍ରୀୟ ନେତା ଓ ଝାଡ଼ଖଣ୍ଡ ଭାଜପା ନେତା କ'ଣ କହୁଛନ୍ତି, ସେ ବିଷୟରେ ଅବଗତ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସେ କହିଛନ୍ତି, ଆମେ ଯାହା ଦେଖୁଛୁ, ଝାଡ଼ଖଣ୍ଡର ଭାଜପା ନେତାମାନେ କହୁଛନ୍ତି, ମିଳିଥିବା ଟଙ୍କା କଂଗ୍ରେସର। ଅନ୍ୟପକ୍ଷରେ କଂଗ୍ରେସ ନେତାମାନେ କହୁଛନ୍ତି, ଜବତ ହେଉଥିବା ଟଙ୍କା ଭାଜପା ନେତାଙ୍କର। ଉଭୟ ପରସ୍ପରକୁ ଦୋଷ ଦେଉଛନ୍ତି। ଲାଗୁଛି ବୋଧହୁଏ ଉଭୟ ଭାଜପା ଓ କଂଗ୍ରେସ ଦଳର ନେତା ନିଜ ନିଜର ଟଙ୍କାକୁ ବ୍ୟବସାୟୀଙ୍କ ଜରିଆରେ ଠୁଳକରି ରଖୁଥିଲେ।

ବିଜୁ ଜନତା ଦଳ ସର୍ବଦା ଆଇନକୁ ସମ୍ମାନ ଦେଇଥାଏ। ଆୟକର ବିଭାଗ ପକ୍ଷରୁ କରାଯାଇଥିବା ଚଢ଼ାଉକୁ ଆମେ ସ୍ୱାଗତ କରୁଛୁ। ମିଳିଥିବା ଟଙ୍କା ଏବଂ ବ୍ୟବସାୟୀଙ୍କ ସହ ବୋଧହୁଏ ପଶ୍ଚିମ ଓଡ଼ିଶାର କେତେକ ଭାଜପା ନେତାଙ୍କ ସମ୍ପର୍କ ରହିଛି। ତେଣୁ ତଥ୍ୟ ସାମ୍ନାକୁ ଆସିବା ଆଗରୁ ଛାନିଆ ହୋଇ ଖବରଦାତା ସମ୍ମିଳନୀ କରାଯାଇଛି' ଅପେକ୍ଷା କରନ୍ତୁ, କାହାର କାହା ସହ କିପ୍ରକାର ସମ୍ପର୍କ ରହିଛି ସବୁକିଛି ତଦନ୍ତରୁ ସାମ୍ନାକୁ ଆସିଯିବ ବୋଲି ଇପ୍ସିତା କହିଛନ୍ତି।


ବିଜେଡି ମୁଖପାତ୍ର ଇପ୍ସିତା ସାହୁ

# ୧୪ରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୮।୧୨(ଅନିଲ ଦାସ)

ଆସନ୍ତା ୧୪ ତାରିଖରେ ଶଙ୍ଖ ଭବନଠାରେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଏ ନେଇ ଦଳୀୟ ନେତା ଓ ଛାମୁଆ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଜଣାଇ ଦିଆଯାଇଛି। ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହେବାର ସମ୍ଭାବନା ରହିଛି। ଆଉ ମାସ କେତେଟା ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପୂର୍ବରୁ ଏହି ବୈଠକ ଗୁରୁତ୍ୱ ବହନ କରୁଛି। ବୈଠକରେ ନିର୍ବାଚନ ରଣନୀତି ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

# ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ


ବିଧାୟକଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ବିଜେଡିରେ ସାମିଲ ହେଉଛନ୍ତି।

ପରଜଙ୍ଗ,୮।୧୨(ନିଗମାନନ୍ଦ ଦଳବେହେରା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ଶୁକ୍ରବାର ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ଡିହଡୋଳ ବାସଭବନରେ ମାଣିକମରା ପଞ୍ଚାୟତର ୯ଜଣ ଭାଜପା କର୍ମୀ ଓ ମୁକ୍ତାପଶି ପଞ୍ଚାୟତର ଭାଜପା ଯୁବନେତା ବିନୟ କୁମାର ସାହୁ ଓ ଅନ୍ୟତମ ଭାଜପା ଦଳର ନେତା ଦୁଷ୍ମନ୍ତ ସାହୁ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଗୌତମ ପାଣି, ରବିନାରାୟଣ ସାହୁ, ଦିଲ୍ଲୀପ ବର୍ମା, ପ୍ରେମାନନ୍ଦ ସାହୁ, ସର୍ବେଶ୍ୱର ବିଶ୍ୱାଳ, ମୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କର୍ମୀଙ୍କୁ ବିଧାୟକ ସାହୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସମ୍ବିତଙ୍କୁ ଅପଦସ୍ଥ କଲେ ବିଜେଡି ନେତ୍ରୀ


ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କଠାରୁ ବିଜେଡି ନେତ୍ରୀ କ୍ରିଷ୍ଣା ଦାସ ମାଇକ୍ ଛଡାଉଛନ୍ତି।

## ■ ମାଇକ୍ ଛଡ଼ାଇ ନେଲେ, ମଞ୍ଚରୁ ଓହ୍ଲାଇ ଦେଲେ

ନୟାଗଡ଼/ରଣପୁର,୮।୧୨ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ପୁରୀ ଲୋକସଭା ଅନ୍ତର୍ଗତ ରଣପୁର ନିର୍ବାଚନମଣ୍ଡଳୀର ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ଭାଜପା ପକ୍ଷରୁ ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ବିଜେଡି ନେତ୍ରୀ ଭଣ୍ଡୁର କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଭାଷଣ ଦେଉଥିବାବେଳେ ବିଜେଡି ନେତ୍ରୀ କ୍ରିଷ୍ଣା ଦାସ ମଞ୍ଚ ଉପରକୁ ଉଠି ସମ୍ବିତଙ୍କ ହାତରୁ ମାଇକ୍ ଛଡାଇନେବା ସହ ମଞ୍ଚ ତଳକୁ ଓହ୍ଲାଇ ଦେଇଥିଲେ। ପରେ କ୍ରିଷ୍ଣା ଘୋଷଣା କରିଥିଲେ ଚିଠିରେ ନାଁ ନ ଥିବା ବ୍ୟକ୍ତି ମଞ୍ଚରେ ଭାଷଣ ଦେଇପାରିବେ ନାହିଁ।

ରାଷ୍ଟ୍ରୀୟ ପ୍ରବକ୍ତାଙ୍କୁ ମଞ୍ଚରୁ ଓହ୍ଲାଇଦେବା ଘଟଣାରେ ଭାଜପା କର୍ମୀ ଉତ୍ତେଜିତ ହୋଇପଡ଼ିଥିଲେ। ସେହି ସମୟରେ ବିଜେଡି କର୍ମୀ ଓ ନେତା ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚିବାରୁ ଘଟଣାସ୍ଥଳରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଚାପା ଉତ୍ତେଜନା ଦେଖାଦେଇଥିଲା। ମଞ୍ଚ ତଳେ ରଣପୁରର ପୂର୍ବତନ ବିଧାୟିକା ସୁରମା ପାଢ଼ୀ ଓ ଭାଜପାର ଏକାଧିକ ନେତା ବସିଥିଲେ। ବିଜୁ ଯୁବ ଜନତା ଦଳର ରଣପୁର ବ୍ଲକ ସଭାପତି ଆକାଶ ପାଣି, ନୟାଗଡ଼ ଜିଲା ଯୁବ ଜନତା ଦଳର ସାଧାରଣ ସମ୍ପାଦକ ରଞ୍ଜନ ଦାସ, ମଞ୍ଜୁଲତା ସେଠୀ, ଚନ୍ଦ୍ରକାନ୍ତ ସାହୁ, ପ୍ରଦୀପ ସାମନ୍ତରାୟ ପ୍ରମୁଖ କର୍ମୀ ଓ ନେତା ଭାଜପା ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ବନ୍ଦ କରି ଦେଇଥିଲେ। ଆଲୋଚନା ଓ ଚର୍ଚ୍ଚା ଅନୁସାରେ ଗତ ୧ ତାରିଖରେ କନ୍ଧ ନୟାଗଡ଼ରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଗୃହ ପ୍ରବେଶକୁ ନେଇ ଭାଜପା କର୍ମୀ ଓ ରଣପୁର ବ୍ଲକ ଅଧ୍ୟକ୍ଷା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କୁ କଳାପତାକ ଦେଖାଇ ଗୋବ୍ୟାକ୍ ନାରା ଦେଇଥିଲେ। ରଣପୁର ବିଧାୟକ ଗୃହ ପ୍ରବେଶ କରି ନ ପାରି ଅପଦସ୍ଥ ହୋଇ ଫେରିଥିଲେ, ଯାହାର ପ୍ରତିଶୋଧ ବିଜେଡି ଏବେ ଗୋପାଳପୁରଠାରେ ଅନୁଷ୍ଠିତ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ନେଇଛି। ଏପରି କି ମହତପଲ୍ଲା ପଞ୍ଚାୟତରେ ଶୁକ୍ରବାର ହେବାକୁ ଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ଭଣ୍ଡୁର କରିବାକୁ ଅନୁରୂପ ଭାବେ ଯୋଜନା ହୋଇଥିଲା। ତେବେ ମହତପଲ୍ଲାକୁ ଭାଜପା ନେତା ଓ କର୍ମୀ ଯାଇ ନ ଥିବା ଦେଖିବାକୁ ମିଳିଛି। ଆଗକୁ ନିର୍ବାଚନ ଆସୁଥିବାବେଳେ ଦୁଇ ଦଳ ମଧ୍ୟରେ ଚାଲିଥିବା ବିବାଦ କିପରି ସମାଧାନ ହେବ ସେନେଇ ମାନସ ମନ୍ଥନ ଆରମ୍ଭ ହୋଇଯାଇଛି।

HDFC BANK
We understand your world

AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 21.12.2023 | 74081252 | SPANDAN KUMAR SWAIN | 91300 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 21.12.2023 | 73994221 | BISHWARANJAN BARAL | 81600 | |
| 21.12.2023 | 74540718 | ANUJ KUMAR VERMA | 76000 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 21.12.2023 | 74074198 | MUKESH KUMAR BEHERA | 19800 | |
| 21.12.2023 | 73938635 | ANIL KUMAR ROUT | 225800 | HDFC BANK LTD, BYPASS SQAURE, CHORDHA, JAJPUR-755019 |
| 21.12.2023 | 50200031531642 | KULAMANI BHANJA | 945224 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 18.12.2023 | 73346387 | BHARAT SHANKAR SAHU | 654000 | |
| 18.12.2023 | 73336471 | BHARAT SHANKAR SAHU | 316000 | |
| 18.12.2023 | 73712647 | DHANANJAY DAS | 72000 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 18.12.2023 | 73659109 | JYOTIPRAKASH DASH | 40000 | HDFC BANK LTD, F M CIRCLE, BALASORE-756001 |
| 18.12.2023 | 73707164 | JYOTIPRAKASH DASH | 21000 | |
| 18.12.2023 | 73424671 | JYOTIPRAKASH DASH | 19000 | |
| 18.12.2023 | 74408144 | SOUMYA RANJAN PRADHAN | 90400 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 18.12.2023 | 73936101 | DINABANDHU PARIDA | 76600 | |
| 18.12.2023 | 74129022 | ASHOK KUMAR PATRA | 55800 | |
| 18.12.2023 | 74362779 | PRAVASRI NAYAK | 52500 | |
| 21.12.2023 | 73378697 | DEBASHIS PANDA | 266000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 21.12.2023 | 73380096 | DEBASHIS PANDA | 218500 | |
| 21.12.2023 | 74179687 | PUJARINI BISWAL | 137000 | |
| 21.12.2023 | 74391957 | SAKTISWARUP DASH | 59700 | |
| 21.12.2023 | 74234596 | RINKY SWAIN | 50600 | |
| 21.12.2023 | 73948158 | SAUMYA RANJAN MALLICK | 32800 | HDFC BANK LTD, CHANDVALI CHOWK, ATHGARH-754029 |
| 21.12.2023 | 74542845 | NROSINGH NAYAK | 132000 | HDFC BANK LTD, KUNJURI, NEAR IOCL PETROL PUMP, CHANDESWAR, TANGI, KHORDHA-752023 |
| 21.12.2023 | 74299826 | SK ZIAULLAH | 246700 | HDFC BANK LTD, MAHIPAL, KENDRAPARA-754211 |
| 21.12.2023 | 73175855 | UMESH KUMAR ROUT | 204000 | |
| 21.12.2023 | 73746305 | SURYAKANTA BEHERA | 19300 | |
| 21.12.2023 | 74047045 | KALANDI CHANDRA PARIDA | 19200 | |
| 18.12.2023 | 74169487 | KRISHNA CHANDRA NAYAK | 110000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 18.12.2023 | 74060034 | SHATRUGHAN PARIDA | 110000 | HDFC BANK LTD, MAIN ROAD, BALUGAON, KHURDA-752030 |
| 21.12.2023 | 74497968 | SAKUNTALA SAMANTRAY | 103000 | |
| 18.12.2023 | 74147717 | NILANCHAL PANIGRAHI | 119400 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 18.12.2023 | 73874200 | TIRUMALARAJU TEJA | 143000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 18.12.2023 | 73567806 | BAMALI RAJESH | 80000 | |
| 18.12.2023 | 74310711 | KONDALA BENARJEE | 58000 | |
| 18.12.2023 | 74208700 | KONDALA BENARJEE | 36000 | |
| 18.12.2023 | 73726717 | BIPIN KUMAR MALLICK | 16700 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 18.12.2023 | 73711419 | DILESWARI NAIK | 28800 | HDFC BANK LTD, MISSION ROAD, SUNDARGARH-770001 |
| 21.12.2023 | 74319763 | SIMANCHALA MAHAPATRA | 160000 | HDFC BANK LTD, NEAR R.T.O OFFICE, N.H-26, KORAPUT-764020 |
| 21.12.2023 | 73921160 | PULAK KUMAR PARIDA | 281000 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 21.12.2023 | 74484052 | PULAK KUMAR PARIDA | 211800 | |
| 18.12.2023 | 73934842 | HEMANTA KUMAR JENA | 207600 | |
| 21.12.2023 | 73189924 | MANAS KUMAR MOHANTY | 73900 | |
| 21.12.2023 | 73343332 | SABNAM KHANUM | 55500 | |
| 21.12.2023 | 74228556 | SUBASH CHANDRA BEHERA | 52100 | |
| 21.12.2023 | 73587212 | SASMITA SAHOO | 49000 | |
| 21.12.2023 | 74101287 | SRIMANTA KUMAR PATRA | 44000 | |
| 21.12.2023 | 74089475 | RAJESH KUMAR NAYAK | 28300 | |
| 18.12.2023 | 73938924 | NAGAVARAPU VENKATA RAO | 306500 | HDFC BANK LTD, PATEL MARG, NABARANGAPUR-764059 |
| 21.12.2023 | 50200075897011 | ANUPAMA SUKLA | 612345 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 21.12.2023 | 73778194 | MANMATH NATH DAS | 199000 | |
| 21.12.2023 | 74308033 | DEBASISH PAIKARAY | 79500 | |
| 21.12.2023 | 74405308 | UMESH CHANDRA PANDA | 38800 | |
| 18.12.2023 | 73940646 | RAJ KISHOR PODH | 88400 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 21.12.2023 | 73931265 | MANASI PANDA | 108400 | HDFC BANK LTD, S. N. PLAZA, N.H.- 5, NEULPUR, CHANDIKHOL-755024 |
| 18.12.2023 | 73830393 | CHAHAT SAMANTARAY | 532000 | HDFC BANK LTD, AT-BRAJA NAGAR, FIRST LANE, LUCHAPADA ROAD, NEAR RADIO STATION, BRAHMAPUR-760001 |
| 18.12.2023 | 74097452 | GANESH PRASAD MAJHI | 117900 | HDFC BANK LTD, NEAR ILA MEDICAL STORE, SHANTIPARA, BOLANGIR-767002 |
| 21.12.2023 | 74045610 | GANESH PRASAD MAJHI | 66400 | |
| 18.12.2023 | 74141258 | TANMAYA DEEPAK RAY | 60000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 21.12.2023 | 74311700 | KAMALA KHOSLA | 105000 | HDFC BANK LTD, NALCO, BIJU PATTNAIK CHOWK, KORAPUT, DAMANJODI-763008 |
| 18.12.2023 | 73973831 | RAHUL PODHAR | 40800 | HDFC BANK LTD, NALCO, BIJU PATTNAIK CHOWK, KORAPUT, DAMANJODI-763008 |
| 18.12.2023 | 74251128 | KAILASH CHANDRA DAS | 40600 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 21.12.2023 | 73615851 | SUKANTA KUMAR PATTANAIK | 102500 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 18.12.2023 | 74003233 | ARVIND KUMAR | 48300 | |
| 18.12.2023 | 73586559 | BHABANI PRASAD DAS | 45000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 18.12.2023 | 73243231 | SK YAQUINUDDIN | 43509 | |
| 21.12.2023 | 73113076 | AJITAV MISHRA | 30000 | |
| 21.12.2023 | 73791134 | LOKANATH BEHERA | 81800 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 18.12.2023 | 454365783 | RUPALI SAHOO | 10300 | HDFC BANK LTD, PLOT NO SCR - 15, BAPUJI NAGAR, BHUBANESWAR-751009 |
| 21.12.2023 | 74148446 | MUNI MAHANTA | 31500 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 18.12.2023 | 73704447 | SATYA RANJAN ROUT | 68000 | HDFC BANK LTD, VIP PLAZA, VIP ROAD, PURI-752001 |
| 18.12.2023 | 73775508 | RASHMI RANJAN SETHI | 35600 | |
| 18.12.2023 | 73718388 | RASHMI RANJAN SETHI | 30000 | |
| 21.12.2023 | 74350868 | ONKAR SINGH SHABAR | 38900 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 21.12.2023 | 74146659 | PRADEEP KUMAR KHUNTIA | 699000 | HDFC BANK LTD, GUPTA COMPLEX, SALANDI BYPASS, BHADRAK-756100 |
| 21.12.2023 | 74174763 | PRADEEP KUMAR KHUNTIA | 300000 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 09-12-2023,**
**Place : ORISSA**

**Sd/- Authorised Officer,**
**HDFC BANK LTD.**

## ହମାସ୍-ଇସ୍ରାଏଲ୍ ଯୁଦ୍ଧ ୩ୟ ମାସରେ

# ଅସ୍ତ୍ରବିରତିକୁ ନେଇ ବିଶ୍ୱ ବିଭାଜିତ

ଜେରୁଜେଲମ୍,୮।୧୨

ଦକ୍ଷିଣ ଇସ୍ରାଏଲ୍ ଉପରେ ହମାସ୍ ଅକ୍ଟୋବର ୭ରେ ଆକ୍ରମଣ କରିଥିଲା। ଏହି ଆକ୍ରମଣକୁ ୨ ମାସ ପୂରିଥିବାବେଳେ ଜୋର୍ଡାନ ନଦୀ ଏବଂ ଭୂମଧ୍ୟସାଗର ମଧ୍ୟବର୍ତ୍ତୀ ଭୂଖଣ୍ଡରେ ଧ୍ୱଂସ ଓ ମୃତ୍ୟୁର ବିଭୀଷିକା ଲାଗି ରହିଛି। ହମାସ ଆତଙ୍କବାଦୀମାନେ ଦକ୍ଷିଣ ଇସ୍ରାଏଲ୍‌ରେ ପଶି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୪୦ ଜଣଙ୍କୁ ଅପହରଣ କରିନେଇଯାଇଥିଲେ। ଫଳରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ଇସ୍ରାଏଲ୍ ସେନାର ବୋମାମାଡ଼ ଏବଂ ଆକାଶମାର୍ଗରୁ ଆକ୍ରମଣ ଜାରି ରହିଥିବାବେଳେ ଇତିମଧ୍ୟରେ ୧୬,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରୁ ଅନ୍ୟୁନ ୭,୦୦୦ ହେଉଛନ୍ତି ଛୋଟ ପିଲା। ଅଧିକୃତ ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲ୍ ଆକ୍ରମଣରେ ୨୦୦ରୁ ଅଧିକ ପାଲେଷ୍ଟିନୀୟ ନିହତ ହୋଇଛନ୍ତି ଓ ସମ୍ପୂର୍ଣ୍ଣ ଗାଁଗୁଡ଼ିକ ଜନଶୂନ୍ୟ ହୋଇଯାଇଛି। ଇସ୍ରାଏଲ୍ ସେନା ହସ୍ପିଟାଏ, ସ୍କୁଲ୍ ଏବଂ ଶରଣାର୍ଥୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିବାରୁ ବହୁ ନିରୀହ ପ୍ରାଣ ହରାଇଛନ୍ତି। ଜାତିସଂଘ କର୍ମଚାରୀ ଓ ଏହାର ବିଲ୍ଡିଂ ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ିନାହିଁ।


ୱେଷ୍ଟବ୍ୟାଙ୍କରେ ଶୁକ୍ରବାର ଇସ୍ରାଏଲ୍ ସେନା ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବୋମାମାଡ଼ ଯୋଗୁ ଲାଗିଥିବା ନିଆଁକୁ ଲିଭାଯାଉଛି।

ଯୁଦ୍ଧ ବନ୍ଦ ଲାଗି ବିଭିନ୍ନ ଦେଶ ପକ୍ଷରୁ କୂଟନୈତିକ ସ୍ତରରେ ଉଦ୍ୟମ ଜାରି ରହିଛି। ଜାତିସଂଘରେ ଭୋଟ, ସର୍ବସାଧାରଣରେ ମନ୍ତବ୍ୟ ଏବଂ ବୃହତ୍ କୂଟନୈତିକ ପଦକ୍ଷେପ ଦୁଇ ମାସ ହେଲା ଜାରି ରହିଥିବାବେଳେ ଏହାର ଫଳପ୍ରଦ ହୋଇପାରି ନାହିଁ। ଇସ୍ରାଏଲ୍‌କୁ ସମର୍ଥନ ଓ ଯୁଦ୍ଧ ବନ୍ଦ ଦାବିକୁ ନେଇ ବିଶ୍ୱ ଦୁଇଭାଗ ହୋଇଯାଇଛି। ହିଂସା ଓ ଯୁଦ୍ଧ ଶେଷ କରିବା ପାଇଁ 'ଯୁଦ୍ଧବିରତି' ନା 'ମାନବୀୟ ବିରାମ' ଶବ୍ଦ ବ୍ୟବହାର କରାଯିବ, ତାକୁ ନେଇ ବିଶ୍ୱ ସହମତ ହୋଇପାରୁ ନାହିଁ। ଅଧିକାଂଶ ଦେଶ ଯୁଦ୍ଧବିରତି ସପକ୍ଷରେ ଦାବି କରୁଥିବାବେଳେ ଇସ୍ରାଏଲ୍ ସହଯୋଗୀ ରାଷ୍ଟ୍ର ବିରାମ ପାଇଁ କହୁଛନ୍ତି। ଜାତିସଂଘରେ ୫୫ ପ୍ରତିଶତ ଦେଶ ଗାଜାରେ ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ୨୩ ପ୍ରତିଶତ ମାନବୀୟ ବିରାମ ପାଇଁ କହିଛନ୍ତି। ଏହି ଦେଶଗୁଡ଼ିକ ମଧ୍ୟରେ ଅଛନ୍ତି ଆମେରିକା, ଜାପାନ, କାନାଡ଼ା, ଅଷ୍ଟ୍ରେଲିଆ, ବ୍ରିଟେନ୍ ପ୍ରମୁଖ। ୨୨ଟି ଦେଶ କୌଣସି ମତାମତ ଦେଇ ନ ଥିଲେ। ୪୬ ପ୍ରତିଶତ ଦେଶ ଇସ୍ରାଏଲ୍‌କୁ ଦଖଲକାରୀ କହିଥିବାବେଳେ ୫୪ ପ୍ରତିଶତ କୌଣସି ମତ ଦେଇନାହାନ୍ତି।

## ପୁଣି ରାଷ୍ଟ୍ରପତି ନିର୍ବାଚନ ଲଢ଼ିବେ ପୁଟିନ୍



ମସ୍କୋ,୮।୧୨

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଆଉ ୬ ବର୍ଷ କ୍ଷମତାରେ ରହିବାକୁ ଇଚ୍ଛାପ୍ରକାଶ କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୭ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଲାଗି ସେ ନିଜର ପ୍ରାର୍ଥିତ୍ୱ ଘୋଷଣା କରିଛନ୍ତି ଏବଂ ସେ ବିଜୟୀ ହେବା ନିଶ୍ଚିତ। ୟୁକ୍ରେନ୍ ଯୁଦ୍ଧରେ ରୁଷିଆର ବହୁ ସୈନ୍ୟଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ନେଇ ପୁଟିନ୍ ଦେଶ ଭିତରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଜୁନ୍‌ରେ ଘରୋଇ ସେନା ମୁଖ୍ୟ ୟେଭଗେନି ପ୍ରିଗୋଜିନ୍‌ଙ୍କ ବିଦ୍ରୋହ ଯୋଗୁଁ ପୁଟିନ୍ କ୍ଷମତା ହରାଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ତେବେ ବିଦ୍ରୋହ ଭଣ୍ଡୁର ହୋଇଯାଇଥିଲା।

## ସଂକ୍ଷେପରେ

### ଲୋକ ସଭାରୁ ରେଭନ୍ତଙ୍କ ଇସ୍ତଫା



ନୂଆଦିଲ୍ଲୀ,୮।୧୨

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଶୁକ୍ରବାର ଲୋକ ସଭା ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଦାନ କରିଥିଲେ। ସେ ତେଲଙ୍ଗାନାର ମାଲକାଜଗିରି ସଂସଦୀୟ କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିଲେ। ରେଭନ୍ତ ତେଲଙ୍ଗାନାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇଥିଲେ। ସଦ୍ୟସମାପ୍ତ ନିର୍ବାଚନରେ ସେ କୋଡାଙ୍ଗଲ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ।

### କଚ୍ଛରେ ଭୂକମ୍ପ

ଅହମଦାବାଦ,୮।୧୨

ଗୁଜରାଟର କଚ୍ଛ ଜିଲା ଅନ୍ତର୍ଗତ ରାପାର ସହର ନିକଟରେ ଶୁକ୍ରବାର ସକାଳେ ୪.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ କେହି ମୃତାହତ କିମ୍ବା କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ସକାଳ ୯ଟାରେ ଅନୁଭୂତ ହୋଇଥିବା ଏହି ଭୂକମ୍ପର କେନ୍ଦ୍ରସ୍ଥଳ ରାପାରଠାରୁ ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗରେ ୧୯ କିଲୋମିଟର ଦୂରରେ ଓ ୧୯.୫ କିଲୋମିଟର ଗଭୀରରେ ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସିସ୍‌ମୋଲୋଜିକାଲ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି। ରାଜକୋଟରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା।

### ୯ ଟିକସ ଠକେଇ
### ବାଇଡେନ୍‌ଙ୍କ ପୁଅ ଅଭିଯୁକ୍ତ


ହଣ୍ଟର ବାଇଡେନ୍

ୱାଶିଂଟନ,୮।୧୨

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପୁଅ ହଣ୍ଟର ବାଇଡେନ୍ କାଲିଫର୍ନିଆରେ ୯ଟି ଟିକସ ଠକେଇ ମାମଲାରେ ଗୁରୁବାର ଅଭିଯୁକ୍ତ ହୋଇଛନ୍ତି। ହଣ୍ଟରଙ୍କ ବ୍ୟବସାୟ କାରବାରର ତଦନ୍ତ କରୁଥିବା ସ୍ୱତନ୍ତ୍ର କାଉନସେଲ୍ ତାଙ୍କୁ ଅଭିଯୁକ୍ତ କରିଛନ୍ତି। ୨୦୧୮ରେ ସଂଘୀୟ ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ନେଇ ତାଙ୍କ ବିରୋଧରେ ଅଭିଯୋଗ ଥିବାବେଳେ ଏବେ ୩ଟି ଜଘନ୍ୟ ଅପରାଧ ଏବଂ ୬ଟି ସାଧାରଣ ଅପରାଧ ଅଭିଯୋଗ ଲାଗିଛି। ହଣ୍ଟର ଟିକସ ବିଲ୍ ପୈଠ ନ କରି ବ୍ୟୟବହୁଳ ଲାଇଫଷ୍ଟାଇଲ୍‌ରେ ଲକ୍ଷାଧିକ ଡଲାର ବ୍ୟୟ କରୁଥିଲେ ବୋଲି ସ୍ୱତନ୍ତ୍ର କାଉନସେଲ୍ ଡାଭିଡ୍ ୱେଇସ୍ କହିଛନ୍ତି। ୨୦୧୬ରୁ ୨୦୧୯ ମଧ୍ୟରେ ସେ ୧.୪ ନିୟୁତ ଡଲାର ଟିକସ ଫାଙ୍କିଥିବା ନେଇ ଅଭିଯୋଗ ଦାଏର ହୋଇଛି। ଉକ୍ତ ଟ୍ୟାକ୍ସ ଏପର୍ଯ୍ୟନ୍ତ ପୈଠ ହୋଇନାହିଁ। ଦୋଷୀସାବ୍ୟସ୍ତ ହେଲେ ସେ ୧୭ ବର୍ଷ ଜେଲ୍‌ଦଣ୍ଡ ପାଇପାରନ୍ତି।

### ମହମବତି ଫ୍ୟାକ୍ଟ୍ରିରେ ନିଆଁ: ୬ ମୃତ

ପୁଣେ,୮।୧୨:

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ପିମ୍ପ୍ରି ଚିଞ୍ଚୱାଡ଼ାରେ ଥିବା ଏକ ମହମବତୀ ପ୍ରସ୍ତୁତ କାରଖାନାରେ ନିଆଁ ଲାଗି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ଣ ୨ଟା ୪୫ରେ ଉକ୍ତ କାରଖାନାରେ ନିଆଁ ଲାଗିଥିଲା। ସେଠାରେ ମୁଖ୍ୟତଃ ଜନ୍ମଦିନରେ ବ୍ୟବହୃତ ସ୍ପାର୍କଲିଂ କ୍ୟାଣ୍ଡେଲ୍ ପ୍ରସ୍ତୁତ ହେଉଥିଲା। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଆହତମାନଙ୍କୁ ପୁଣେ ଏବଂ ପିମ୍ପ୍ରି ଚିଞ୍ଚୱାଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ବିଚାର ପୂର୍ବରୁ ଦୀର୍ଘଦିନ ଜେଲରେ ରଖାଯାଇପାରିବ ନାହିଁ

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୮।୧୨



ବିଚାର ପୂର୍ବରୁ ଅଭିଯୁକ୍ତଙ୍କୁ ଦୀର୍ଘଦିନ ଜେଲରେ ରଖାଯାଇପାରିବ ନାହିଁ ବୋଲି ଦିଲ୍ଲୀ ଅବକାରୀ ନୀତି ସ୍କାମ୍ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି। ଏହି ମାମଲା ସହ ସମ୍ପୃକ୍ତ ବିଶ୍ୱର ଅନ୍ୟତମ ବୃହତ୍ ମଦ କମ୍ପାନୀ ପେରନୋଡ୍ ରିକାର୍ଡ ଇଣ୍ଡିଆର ବରିଷ୍ଠ କାର୍ଯ୍ୟନିର୍ବାହୀ ବିନୟ ବାବୁଙ୍କୁ ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ଉକ୍ତ ମାମଲାର ତଦନ୍ତ କରୁଥିବା ସିବିଆଇ ଏବଂ ଇଡିଙ୍କ ଅଭିଯୋଗ ମଧ୍ୟରେ ବିରୋଧାଭାସ ରହିଥିବାରୁ ରାୟ କ'ଣ ହେବ ଜଣାନାହିଁ ବୋଲି ଜଷ୍ଟିସ୍ ସଞ୍ଜୀବ୍ ଖାନ୍ନା କହିଥିଲେ। ପେରନୋଡ୍ ରିକାର୍ଡ ଇଣ୍ଡିଆର ଆଞ୍ଚଳିକ ଜେନେରାଲ ମ୍ୟାନେଜର ୧୩ ମାସ ଜେଲରେ ରହିସାରିଲେଣି। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ଅନେକଙ୍କୁ ଗିରଫ କରାଯାଇଥିବାବେଳେ ଏହାକୁ ନେଇ ଭାଜପା ଏବଂ ଏଏପି ମଧ୍ୟରେ ରାଜନୈତିକ ବିବାଦ ଲାଗିରହିଛି।

## କେସିଆର୍ ହସ୍ପିଟାଲରେ ଭର୍ତ୍ତି



ହାଇଦ୍ରାବାଦ,୮।୧୨

ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ବାସଭବନରେ ପଡ଼ିଯିବାରୁ ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିଟି ସ୍କାନ୍ ପରେ ତାଙ୍କ ବାମ ନିତମ୍ବରେ ଫାଟ ହୋଇଥିବା ଜଣାପଡ଼ିଛି। ଉକ୍ତ ହାଡ଼କୁ ପରିବର୍ତ୍ତନ ଆବଶ୍ୟକ ପଡ଼ିବ। ଏଥିପାଇଁ ୬ରୁ ୮ ସପ୍ତାହ ସମୟ ଲାଗିବ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେସିଆର୍‌ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଶପଥ ନେଲେ ଲାଲ୍‌ଡୁହୋମା

ଐଜଲ,୮।୧୨



ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ନେତା ଲାଲ୍‌ଡୁହୋମା ମିଜୋରାମ ମୁଖ୍ୟମନ୍ତ୍ରୀ ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ଅନୁଷ୍ଠିତ ଏହି ଶପଥ ଗ୍ରହଣ ଉତ୍ସବରେ ୭୩ ବର୍ଷୀୟ ଲାଲଡୁହୋମାଙ୍କ ସହ ୧୧ ମନ୍ତ୍ରୀ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ କ୍ୟାବିନେଟ ମନ୍ତ୍ରୀ ହୋଇଥିବାବେଳେ ୪ ଜଣ ରାଷ୍ଟ୍ରମନ୍ତ୍ରୀ। ରାଜ୍ୟପାଳ ହରିବାବୁ କୁମ୍ଭମ୍‌ପତି ଲାଲ୍‌ଡୁହୋମା ଓ ଅନ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମିଜୋରାମ ବିଧାନସଭାର ବିଧାୟକ ସଂଖ୍ୟା ୪୦ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୧୨ ଜଣ ମନ୍ତ୍ରୀ ରହିପାରିବେ। ଶପଥ ଗ୍ରହଣ ଉତ୍ସବରେ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ନେତା ତଥା ବିଦାୟୀ ମୁଖ୍ୟମନ୍ତ୍ରୀ ଜେରାମଥାଙ୍ଗା, ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲ୍ ଥାନହୱଲା ଏବଂ ନବନିର୍ବାଚିତ ୧୦ ଏମ୍‌ଏନ୍‌ଏଫ୍ ବିଧାୟକ ଯୋଗ ଦେଇଥିଲେ। ଏଥିସହିତ ନବନିର୍ବାଚିତ ୨ ଭାଜପା ବିଧାୟକ ଏବଂ ଜଣେ କଂଗ୍ରେସ ବିଧାୟକ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜେଡ୍‌ପିଏମ୍ ବିଧାୟକ ଦଳ ଉପନେତା କେ. ସପ୍‌ଡଙ୍ଗାଙ୍କୁ ଗୃହମନ୍ତ୍ରୀ କରାଯାଇଥିବାବେଳେ ଲାଲରିନ୍‌ପୁଇ ମିଜୋରାମର ପ୍ରଥମ ମହିଳା କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି। ତାଙ୍କୁ ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ, ଆଦିବାସୀ ବ୍ୟାପାର, ମହିଳା ଓ ଶିଶୁ ବିକାଶ ଏବଂ ପର୍ଯ୍ୟଟନ ବିଭାଗ ଦିଆଯାଇଛି। ନୂଆ ସରକାର ଆଗାମୀ ୧୦ ଦିନରେ ୧୨ଟି ପ୍ରାଥମିକତା ଥିବା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଲାଲ୍‌ଡୁହୋମା ଘୋଷଣା କରିଛନ୍ତି। କୃଷକମାନଙ୍କୁ ସର୍ବାଧିକ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି।

## କୋଲକାତା ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ଯୌନ ଆବେଗ ନିୟନ୍ତ୍ରଣ ପରାମର୍ଶ

ନୂଆଦିଲ୍ଲୀ,୮।୧୨

ଯୌନ ଆବେଗକୁ ନିୟନ୍ତ୍ରଣରେ ରଖ ଏବଂ ଦୁଇ ମିନିଟ୍‌ର ଖୁସି ପାଇଁ ଏହାକୁ ଦେଇଦିଅ ନାହିଁ ବୋଲି କୋଲକାତା ହାଇକୋର୍ଟ ଝିଅମାନଙ୍କୁ ଦେଇଥିବା ପରାମର୍ଶ ପାଇଁ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ବିଚାରପତିମାନେ ବ୍ୟକ୍ତିଗତ ମତ ରଖିବା କିମ୍ବା ପ୍ରବଚନ ଦେବା ଆଶା କରାଯାଉ ନାହିଁ ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ କହିବା ସହ ପଶ୍ଚିମବଙ୍ଗ ସରକାର ଓ ଅନ୍ୟ ପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି। କୋଲକାତା ହାଇକୋର୍ଟଙ୍କ ମନ୍ତବ୍ୟ ଉଭୟ ଆପତ୍ତିଜନକ ଓ ଅବାଞ୍ଛିତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବରରେ କୋଲକାତା ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ ଟିପ୍ପଣୀ ଦେଇଥିଲେ ଯେ, ପ୍ରତ୍ୟେକ କିଶୋରୀ ନିଜ ଯୌନ ପିପାସାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। କାରଣ ଯେତେବେଳେ ସେ ମାତ୍ର ୨ ମିନିଟ୍‌ର ଯୌନ ସନ୍ତୁଷ୍ଟି ପାଇଁ ଅନୁମତି ଦିଅନ୍ତି, ସେତେବେଳେ ସମାଜ ଆଖିରେ ସେ ହରାଇଥାନ୍ତି। ତେଣୁ କିଶୋରୀମାନେ ସେମାନଙ୍କ ଶରୀରର ପବିତ୍ରତା, ମର୍ଯ୍ୟାଦା ଓ ଆତ୍ମସମ୍ମାନ ରକ୍ଷା କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ହାଇକୋର୍ଟ କହିଥିଲେ।

## ୩ ରାଜ୍ୟକୁ ପର୍ଯ୍ୟବେକ୍ଷକ ପଠାଇଲା ଭାଜପା

### ମୁଖ୍ୟମନ୍ତ୍ରୀ ଚୟନ ହୋଇପାରୁନି

ନୂଆଦିଲ୍ଲୀ,୮।୧୨


ରାଜନାଥ ସିଂ


ମନୋହର ଲାଲ୍ ଖଟ୍ଟର


ଅର୍ଜୁନ ମୁଣ୍ଡା

ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପା ଜିତିଥିଲେ ମଧ୍ୟ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ଥିର ହୋଇପାରି ନାହିଁ। ଶେଷରେ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଦଳ ପର୍ଯ୍ୟବେକ୍ଷକ ପଠାଇବାକୁ ନିଷ୍ପତ୍ତି ନେଇଛି। ବରିଷ୍ଠ ଭାଜପା ନେତା ରାଜନାଥ ସିଂ, ମନୋହର ଲାଲ୍ ଖଟ୍ଟର ଏବଂ ଅର୍ଜୁନ ମୁଣ୍ଡାଙ୍କୁ ଯଥାକ୍ରମେ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେମାନେ ସମ୍ପୃକ୍ତ ରାଜ୍ୟଗୁଡ଼ିକର ବିଧାୟକ ଦଳ ନେତା ନିର୍ବାଚନରେ ଉପସ୍ଥିତ ରହିବେ। ନୂଆ ବିଧାୟକ ଦଳ ନେତା ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ। ରାଜନାଥଙ୍କ ବ୍ୟତୀତ ଭାଜପା ନେତା ସରୋଜ ପାଣ୍ଡେ ଏବଂ ବିନୋଦ ତୱଡେଙ୍କୁ ରାଜସ୍ଥାନକୁ ପଠାଯାଇଛି। ସେହିପରି ଖଟ୍ଟରଙ୍କ ସହ କେ. ଲକ୍ଷ୍ମଣ ଏବଂ ଆଶା ଲାକ୍ରା ମଧ୍ୟପ୍ରଦେଶ ଯାଇଛନ୍ତି। ଛତିଶଗଡ଼କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ମୁଣ୍ଡାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଦୁଷ୍ୟନ୍ତ କୁମାର ଗୌତମଙ୍କୁ ପଠାଯାଇଛି।

## ଜାନୁୟାରୀ ୧୬ରୁ ରାମମନ୍ଦିର ପ୍ରତିଷ୍ଠା ନୀତି

ବାରାଣସୀ,୮।୧୨



ଅଯୋଧ୍ୟାର ନବନିର୍ମିତ ମନ୍ଦିରରେ ରାମ ଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ଜାନୁୟାରୀ ୨୨ରେ ହେବାକୁ ଥିବାବେଳେ ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ମହାପୂଜନ ପାଇଁ ଜାନୁୟାରୀ ୧୬ରୁ ରୀତିନୀତି ଆରମ୍ଭ ହେବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମଥୁରାନାଥ ଦୀକ୍ଷିତଙ୍କ ନେତୃତ୍ୱରେ ବୈଦିକ ପଣ୍ଡିତ ତଥା ପୂଜକମାନେ ସର୍ବପ୍ରାୟଶ୍ଚିତ୍ତ ହୋମ, ସରଯୂ ନଦୀରେ ସ୍ନାନ, ଯଜ୍ଞ ଅନୁଷ୍ଠାନ ପାଇଁ ଯଜମାନଙ୍କ ଆସ୍ଥାନ ଗ୍ରହଣ ସମେତ ମୂଳ ରୀତିନୀତି ୧୬ ତାରିଖ ଅପରାହ୍ଣରୁ ଆରମ୍ଭ ହେବ। ୧୭ରେ ଜଳଯାତ୍ରା, ତୀର୍ଥ ଓ କଳସ ପୂଜନ ଏବଂ କଳସ ଯାତ୍ରା ଅନୁଷ୍ଠିତ ହେବ। ପ୍ରଧାନ ସଙ୍କଳ୍ପ ଏବଂ ଗଣେଶାମ୍ବିକା ପୂଜନ ସହ ୧୮ ତାରିଖ ଅପରାହ୍ଣରୁ ବିଗ୍ରହ ପ୍ରତିଷ୍ଠାର ମୁଖ୍ୟ ରୀତିନୀତି ଆରମ୍ଭ ହେବ। ସେହିଦିନ ମଣ୍ଡପ ପ୍ରବେଶ ଓ ପୂଜନ ତଥା ଯଜ୍ଞଭୂମି ପୂଜନ ମଧ୍ୟ ଅନୁଷ୍ଠିତ ହେବ। ୧୯ରେ ଦେବତା ପୂଜନ, ସମସ୍ତ ବେଦର ଆବୃତ୍ତି, ଅଧିବାଶନ, କୁଣ୍ଡ ପୂଜନ, ପ୍ରାକୃତିକ ହବନ ପଦ୍ଧତିରେ ଅଗ୍ନିପ୍ରବାହ, ଜଳାଧିବାସ ଆଦି ହେବାକୁ ଥିବାବେଳେ ୨୦ରେ ମନ୍ଦିରର ବାସ୍ତୁ ପୂଜନ ଏବଂ ମନ୍ଦିର ପରିସରକୁ ଶୁଦ୍ଧୀକରଣ କରାଯିବ। ୨୧ ତାରିଖରେ ବିଭିନ୍ନ ତୀର୍ଥକ୍ଷେତ୍ର ଏବଂ ନଦୀରୁ ଅଣାଯାଇଥିବା ପବିତ୍ର ଜଳରେ ବିଗ୍ରହଙ୍କୁ ସ୍ନାନ କରାଯିବା ପରେ ମହାପୂଜା ଓ ନଗର ଭ୍ରମଣ କରାଯିବ। ଏହା ପରେ ବିଗ୍ରହଙ୍କୁ ଯଜ୍ଞ ମଣ୍ଡପକୁ ଅଣାଯାଇ ଶାୟାଧିବାସ, ତତ୍ତ୍ୱନ୍ୟାସ, ମହାନ୍ୟାସ ଆଦି ନୀତି ସମ୍ପନ୍ନ ହେବ। ୨୨ ଅପରାହ୍ଣରେ ବିଗ୍ରହଙ୍କୁ ଅଧିଷ୍ଠାନ ସ୍ଥାନକୁ ନିଆଯାଇ ଦେବପ୍ରାଣପ୍ରତିଷ୍ଠା କରାଯିବ। ଏହାପରେ ସଂସ୍କାର ମହାପୂଜନ, ଆରତୀ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

## ମହୁଆଙ୍କୁ ବହିଷ୍କାର ସଂସଦୀୟ ଗଣତନ୍ତ୍ରକୁ ପ୍ରତାରଣା

ଦାର୍ଜିଲିଂ/ନୂଆଦିଲ୍ଲୀ,୮।୧୨


ମମତା ବାନାର୍ଜୀ

କ୍ୟାଶ୍ ଫର୍ କ୍ୱେରି ଅଭିଯୋଗରେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାରୁ ବହିଷ୍କାର କରାଯିବା ସଂସଦୀୟ ଗଣତନ୍ତ୍ର ପ୍ରତି ପ୍ରତାରଣା ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହା ସଂସଦୀୟ ଗଣତନ୍ତ୍ରର ଅପମାନ। ଆମେ ମହୁଆଙ୍କ ବହିଷ୍କାରକୁ ନିନ୍ଦା କରୁଛୁ ଓ ତାଙ୍କ ପଛରେ ଦୃଢ଼ ଭାବେ ଛିଡ଼ାହୋଇଛୁ। ନିର୍ବାଚନରେ ଆମକୁ ହରାଇ ନ ପାରି ଭାଜପା ଷଡ଼ଯନ୍ତ୍ର ରାଜନୀତିର ଆଶ୍ରୟ ନେଇଛି। ଆଜି ସଂସଦୀୟ ଗଣତନ୍ତ୍ରରେ ଏକ ଦୁଃଖର ଦିନ ବୋଲି ମମତା କହିଛନ୍ତି।

ତାଙ୍କ ବହିଷ୍କାରକୁ କଙ୍ଗାରୁ କୋର୍ଟ ଦ୍ୱାରା ଦିଆଯାଇଥିବା ଦଣ୍ଡ ସହ ତୁଳନା କରିଛନ୍ତି ମହୁଆ। ବିରୋଧୀଙ୍କୁ ବଶତା ସ୍ୱୀକାର ଲାଗି ବାଧ୍ୟ କରାଇବାକୁ ସରକାର ସଂସଦୀୟ କମିଟିକୁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏଥିକ୍ସ କମିଟି ରିପୋର୍ଟ ସବୁ ନିୟମକୁ ଭାଙ୍ଗିଛି। କୋଡ୍ ଅଫ୍ ଏଥିକ୍ସ ନାମରେ କିଛି ନ ଥିଲା ବେଳେ ତାଙ୍କୁ ଏହାର ଉଲ୍ଲଂଘନ ଅଭିଯୋଗରେ ଦୋଷୀସାବ୍ୟସ୍ତ କରାଯାଇଥିବା ଟିଏମ୍‌ସି ନେତ୍ରୀ କହିଛନ୍ତି। ବିରୋଧୀ ଦଳ ମହୁଆଙ୍କ ସହ ରହିଛି ବୋଲି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କହିଛନ୍ତି। ମହୁଆଙ୍କୁ ଲୋକ ସଭାରୁ ବହିଷ୍କାର କରାଯିବା ପାର୍ଲାମେଣ୍ଟ ପାଇଁ କଳା ଦିବସ ବୋଲି ସିପିଆଇ(ଏମ୍) ନେତା ସୁଜନ ଚକ୍ରବର୍ତ୍ତୀ କହିଛନ୍ତି। ଏଥିକ୍ସ କମିଟି ରିପୋର୍ଟ ପଢ଼ିବା ଲାଗି ଅନ୍ୟୁନ ୪୮ ଘଣ୍ଟା ସମୟ ଦିଆଯାଉ ବୋଲି ବାଚସ୍ପତି ଓମ୍ ବିର୍ଲାଙ୍କୁ ଟିଏମ୍‌ସି ପତ୍ର ଲେଖିଥିବା ଦଳୀୟ ଏମ୍‌ପି କଲ୍ୟାଣ ବାନାର୍ଜୀ କହିଛନ୍ତି।

## ସୂର୍ଯ୍ୟଙ୍କ ଫଟୋ ଉଠାଇଲା ଆଦିତ୍ୟ ଏଲ୍-୧

ବେଙ୍ଗାଲୁରୁ,୮।୧୨



ସୂର୍ଯ୍ୟ ମିଶନରେ ଯାଇଥିବା ମହାକାଶ ଯାନ ଆଦିତ୍ୟ ଏଲ୍-୧ ସୂର୍ଯ୍ୟଙ୍କର ପ୍ରଥମ ସମ୍ପୂର୍ଣ୍ଣ ଫଟୋ ଉତ୍ତୋଳନ କରିଛି। ଏହି ଫଟୋ ୨୦୦ରୁ ୪୦୦ ନାନୋମିଟର ୱେଭ୍‌ଲେଙ୍ଗ୍‌ଥକୁ କଭର କରିଛି। ଫଟୋ ଉତ୍ତୋଳନ ପାଇଁ ବ୍ୟବହାର କରାଯାଇଥିବା ଟେଲିସ୍କୋପ୍‌ରେ ସୂର୍ଯ୍ୟ ଉପରିଭାଗର ସବିଶେଷ ଦୃଶ୍ୟ ଆସିବା ପାଇଁ ୧୧ଟି ଭିନ୍ନ ଭିନ୍ନ ଫିଲ୍ଟର ବ୍ୟବହାର କରାଯାଇଥିଲା। ଉକ୍ତ ଫଟୋରୁ ସନ୍‌ସ୍ପଟ୍ ଆଦି ବିଭିନ୍ନ ବୈଶିଷ୍ଟ୍ୟ ଜଣାପଡ଼ିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଆଦିତ୍ୟ-ଏଲ୍୧ ମହାକାଶ ଯାନରେ ଲାଗିଥିବା ସୋଲାର ଅଲ୍‌ଟ୍ରାଭାଇଲେଟ୍ ଇମେଜିଂ ଟେଲିସ୍କୋପ୍ (ଏସ୍‌ୟୁଆଇଟି) ଅଲ୍‌ଟ୍ରାଭାଓଲେଟ୍ ୱେଭ୍‌ଲେଙ୍ଗ୍‌ଥ ନିକଟରେ ସୂର୍ଯ୍ୟଙ୍କ ପ୍ରଥମ ପୂର୍ଣ୍ଣ ଡିସ୍କ ଫଟୋ ଉତ୍ତୋଳନ କରିଥିବାରୁ ଏହା ଏକ ଉଲ୍ଲେଖନୀୟ ସଫଳତା ବୋଲି ଶୁକ୍ରବାର ଘୋଷଣା କରାଯାଇଛି। ସୂର୍ଯ୍ୟର ଫଟୋସ୍ପିୟର ଏବଂ କ୍ରୋମୋସ୍ପିୟର ମଧ୍ୟରେ ଥିବା ଅଭୂତପୂର୍ବ ଦୃଶ୍ୟ ସହ ଏହାର ଠିକ୍ ଉପରକୁ ଥିବା ସ୍ୱଚ୍ଛ ସ୍ତରକୁ ଫଟୋରେ ଅଣାଯାଇପାରିଛି। ସନ୍‌ସ୍ପଟ୍, ସୌରପୃଷ୍ଠରେ ବିଦ୍ୟୁତ୍ ଚୁମ୍ବକୀୟ ଝଡ଼ ଆଦି ସୂର୍ଯ୍ୟରେ ଘଟୁଥିବା ଘଟଣା ଓ ମହାକାଶ ପାଗ ତଥା ପୃଥିବୀର ଜଳବାୟୁ ଉପରେ ଏହାର ପ୍ରଭାବ ସମ୍ପର୍କରେ ବୁଝିବାରେ ଉକ୍ତ ସ୍ତର ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଗତ ମାସ ୨୦ରେ ଏସ୍‌ୟୁଆଇଟିକୁ କ୍ରିୟାଶୀଳ କରାଯାଇଥିଲା ଏବଂ ଗତ ୬ ତାରିଖରେ ଏହା ପ୍ରଥମ ଫଟୋ ଉତ୍ତୋଳନ କରିଛି। ସୂର୍ଯ୍ୟ ଅଭିଯାନ ଉଦ୍ଦେଶ୍ୟରେ ଇସ୍ରୋ ଆଦିତ୍ୟ-ଏଲ୍୧କୁ ଗତ ସେପ୍ଟେମ୍ବର ୨ରେ ମହାକାଶକୁ ପଠାଇଥିଲା।

# ଏଫ୍ଆଇଆର୍‌କୁ ନେଇ ଉଠିଲା ପ୍ରଶ୍ନ

## ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପ୍ରସଙ୍ଗ

■ମୂଳ ଅଭିଯୋଗକାରୀ ବାଦ୍ ପଡ଼ିଲେ
■ଅଧ୍ୟକ୍ଷଙ୍କୁ ଅଭିଯୋଗକାରୀ ଦର୍ଶାଇଲା ପୋଲିସ

ଖୋର୍ଦ୍ଧା,୮।୧୨(ପ୍ରଭାତ ପାଣିଗ୍ରାହୀ)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ (ଜିଏଏମ୍)ରେ ଗତ ୫ବର୍ଷରେ ବିନା ଯୋଗ୍ୟତାରେ କୌଣସି ଆୟୁର୍ବେଦ କଲେଜରେ ପାଠ ପଢି ନ ଥିବା ବାହାର କଲେଜର ୫ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ସୁଯୋଗ ଦିଆଯାଇଛି। ଧରିତ୍ରୀ ଏହି କେଳେଙ୍କାରୀର ପର୍ଦ୍ଦାଫାଶ କରିଥିଲା। ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବେଆଇନ ଭାବେ ଛାତ୍ରୀଛାତ୍ରଙ୍କ ଠାରୁ ମୋଟା ଅଙ୍କ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଏବଂ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲ୍‌ସି), ମାଇଗ୍ରେସନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ନଭେମ୍ବର ୯ରେ ମାନବାଧିକାର କର୍ମୀ ଜୟନ୍ତ ଦାଶ ପୁରୀ କୁମ୍ଭାରପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏହି ଅଭିଯୋଗ ଉପରେ ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ଷ୍ଟେଶନ ଡାଏରୀ କରିଥିଲା। ପରେ ସବିଶେଷ ତଥ୍ୟ ଲାଗି ଗୋପବନ୍ଧୁ ଆୟୁର୍ବେଦ କଲେଜ ଅଧ୍ୟକ୍ଷ ପ୍ରଫେସର ଅରୁଣ ଦାସଙ୍କୁ ରିପୋର୍ଟ ମାଗିଥିଲା। ଏନେଇ ଅଧ୍ୟକ୍ଷ ଦାସ ଏକ ତଦନ୍ତକାରୀ ଟିମ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଗତ ୪ ତାରିଖରେ କୁମ୍ଭାରପଡା ଥାନାକୁ ଦେଇଥିଲେ। ତେବେ ପ୍ରକୃତ ଅଭିଯୋଗକାରୀ ଥାନାରେ ତଥ୍ୟ ପ୍ରମାଣ ସହ ଅଭିଯୋଗ କରିଥିଲେ। ତାଙ୍କ ମୂଳ ଅଭିଯୋଗକୁ ଦୂରେଇ କଲେଜ ଅଧ୍ୟକ୍ଷଙ୍କ ରିପୋର୍ଟକୁ ଆଧାର କରି ପୋଲିସ ୭ ତାରିଖରେ ଥାନାରେ ଦଫା ୧୨୦-ବି,୨୦୧, ୩୪ ଆଇପିସି, ୪୨୦, ୪୬୮ ଏବଂ ୪୭୧ରେ ଏକ ମାମଲା(ନଂ ୩୨୬/୨୩)ରେ ରୁଜୁ କରିଛି। କୁମ୍ଭାରପଡ଼ା ଥାନାର ଏଭଳି ଅଜବ ଏଫ୍ଆଇଆର୍ ରୁଜୁକୁ ନେଇ ପ୍ରଶ୍ନ ଉଠିଛି। ଏଥିରେ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରାଙ୍କ ସମେତ ବ୍ରହ୍ମାନନ୍ଦ ପ୍ରଧାନ, ବସନ୍ତ ସାମନ୍ତରାୟ, ତାରା ପ୍ରସନ୍ନ ମହାପାତ୍ର, ପି.କେ. ନାଥଶର୍ମା ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି।

ଗତ ନଭେମ୍ବରରେ ଜୟନ୍ତଙ୍କ ଅଭିଯୋଗ ଉପରେ ପୋଲିସ କଲେଜକୁ ଏକାଧିକ ଥର ତଦନ୍ତ କରିବାକୁ ଯାଇଥିଲା। ତେବେ ମୂଳ ଅଭିଯୋଗକାରୀଙ୍କୁ ବାଦ୍ ଦେଇ କିପରି ଏବଂ କେଉଁ ଆଇନ ବଳରେ ପୋଲିସ କଲେଜ ଅଧ୍ୟକ୍ଷ ଦେଇଥିବା ଆଭ୍ୟନ୍ତରୀଣ କମିଟିର ରିପୋର୍ଟ ଉପରେ ମାମଲା ରୁଜୁ କରିଛି ତାହାକୁ ନେଇ ଜୟନ୍ତ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାରେ ଯିଏ ସାକ୍ଷୀ ହେବା କଥା ସେ କିପରି ଅଭିଯୋଗକାରୀ ହେଲେ ବୋଲି ଜୟନ୍ତ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ପୋଲିସର କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଏବଂ ନିରପେକ୍ଷତା ଉପରେ ଅଙ୍ଗୁଳି ଉଠୁଛି ବୋଲି ସେ କହିଛନ୍ତି। ଏଭଳି ଏଫ୍ଆଇଆର୍ କୌଣସି ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି। ୧୨.୧୧.୨୦୨୩ରେ ଲଳିତା କୁମାର ବନାମ ଉତ୍ତରପ୍ରଦେଶ ସରକାର ଏବଂ ଅନ୍ୟମାନେ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶକୁ ଏ କ୍ଷେତ୍ରରେ ଅବମାନନା କରିଥିବାରୁ କୁମ୍ଭାରପଡ଼ା ଆଇଆଇସି, ପୁରୀ ଜିଲା ଆରକ୍ଷୀଅଧୀକ୍ଷକଏବଂଅନ୍ୟଅଧିକାରୀଙ୍କ ବିରୋଧରେ ସେ ଅଦାଲତ ଅବମାନନା ମକଦ୍ଦମା କରିବେ ବୋଲି ଜୟନ୍ତ କହିଛନ୍ତି।

ତେବେ କଲେଜ ଅଧ୍ୟକ୍ଷ ଦାସ କହିଛନ୍ତି, କୁମ୍ଭାରପଡ଼ା ଥାନା ପୋଲିସ ଗତ ନଭେମ୍ବର ୧୬ରେ ୨୦୨୦-୨୧, ୨୦୧୬-୧୭, ୨୦୧୭-୧୮ରେ ନାମଲେଖା ଅନିୟମିତତା ହୋଇଥିବା ନେଇ କଲେଜକୁ ରିପୋର୍ଟ ମାଗିଥିଲା। ଏ ନେଇ କଲେଜର ବିଭାଗୀୟ ମୁଖ୍ୟମାନଙ୍କୁ ନେଇ ଗଠିତ କମିଟିର ତଥ୍ୟକୁ ଆଧାର କରି ଥାନାଧିକାରୀଙ୍କୁ ରିପୋର୍ଟ ଦିଆଯାଇଛି। ଏଥିସହିତ କମିଟି ରିପୋର୍ଟକୁ ଆୟୁଷ ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପ୍ରେରଣ କରାଯାଇଛି। ମୁଁ ଅଭିଯୋଗକାରୀ ନୁହେଁ। ଯଦି ପୋଲିସ ମୋତେ ଅଭିଯୋଗକାରୀ ଦର୍ଶାଇଛି, ତେବେ ଏହା ସମ୍ପୂର୍ଣ୍ଣ ଭୁଲ। ଏନେଇ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇବି ବୋଲି ଦାସ କହିଛନ୍ତି। ଅନ୍ୟପକ୍ଷରେ କଲେଜ ଅଧ୍ୟକ୍ଷଙ୍କ ରିପୋର୍ଟ ଭିତ୍ତିରେ ମାମଲା ରୁଜୁ କରାଯାଇଥିବା ଜଣେ ପୋଲିସ ଅଧିକାରୀ ସଫେଇ ଦେଇଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୦୮।୧୨।୨୦୨୩

| | |
|---|---|
| ୪,୪୮, ୬୯୫ ଟଙ୍କା | |
| ସୁନା | ୦୨.୭୫୦ ଗ୍ରାମ୍ |
| ରୁପା | ୭୪.୫୦୦ ଗ୍ରାମ୍ |



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବରେ ଶୁକ୍ରବାର ପରିବେଷିତ ନାଟକ 'ରମାଦେବୀ'ର ଏକ ଦୃଶ୍ୟ।

## ସଂଗ୍ରାମୀଙ୍କ ଜୀବନ ବଖାଣିଲା ନାଟକ 'ରମାଦେବୀ'

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)

ରାଜ୍ୟର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଖଦି ଆନ୍ଦୋଳନ, ବିନୋବା ଭାବେଙ୍କ ଭୂଦାନ ଓ ଗ୍ରାମ ଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ ରମାଦେବୀ। ଜମିଦାର ପରିବାରରୁ ଆସି ମଧ୍ୟ ଭୋଗ ଓ ସୁଖ ତାଙ୍କ ଜୀବନ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥିଲା। ନିରାଡମ୍ବର ଜୀବନ ଭିତରେ ସେ କିପରି ବିଭିନ୍ନ ସଂଗ୍ରାମରେ ନିଜକୁ ସାମିଲ କରିଥିଲେ ତାହାକୁ ବଖାଣିଥିଲା ନାଟକ 'ରମାଦେବୀ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଓଡ଼ିଶା ପ୍ରବାଦ ପୁରୁଷ ଓ ସମାଜ ସଂସ୍କାରକ ଜୀବନୀ ଉପରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ତୃତୀୟ ସଂସ୍କରଣର ଚତୁର୍ଥ ସନ୍ଧ୍ୟାରେ ଏହି ନାଟକ ପରିବେଷିତ ହୋଇଥିଲା। ଡ. ନାରାୟଣ ସାହୁଙ୍କ ରଚିତ ଓ ସୁବାସ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ବେଲପାହାଡ଼ ଝାରସୁଗୁଡ଼ା ମିରର ଥିଏଟର କଳାକାର ସରସ୍ୱତୀ ପ୍ରଧାନ, ଲକ୍ଷ୍ମୀ ସୋନୀ, ଗୋବିନ୍ଦ ପରି, ବସନ୍ତ ସେଠୀ, ରଜତ କୁମାର ପୋଥାଳ, ନରେନ୍ଦ୍ର ନାହାକ ଓ ଅର୍ଜୁନ ପ୍ରମୁଖଙ୍କ ନିଖୁଣ ଅଭିନୟ ଦେଖିବାକୁ ମିଳିଥିଲା। ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ନାଟ୍ୟକାର ମନୋଜ ପଟ୍ଟନାୟକ, ଶୈଳେଶ୍ୱର ନନ୍ଦ, ରମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶଙ୍କର ତ୍ରିପାଠୀଙ୍କ ଶୂନ୍ୟ ପୁରୁଷ, ଶାନ୍ତନୁ ରଥଙ୍କ କବିସମ୍ରାଟ, ମନ୍ମଥ ଶତପଥୀଙ୍କ ସ୍ୱାଭିମାନୀ ଗଜପତି ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ସବୁ ବ୍ଲକରେ ହେବ ଲାବରେଟୋରି

### ଅନ୍‌ଲାଇନ୍‌ରେ ରୋଗୀଙ୍କୁ ମିଳିବ ରିପୋର୍ଟ

ଭୁବନେଶ୍ୱର,୮।୧୨(ଅସମାପିକା ସାହୁ): ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ପଦକ୍ଷେପ ନେଇଛନ୍ତି। ଏଣିକି ରାଜ୍ୟର ସମସ୍ତ ବ୍ଲକରେ ବିଭିନ୍ନ ରୋଗର ପରୀକ୍ଷା ଲାଗି ଲାବରେଟୋରି ପ୍ରତିଷ୍ଠା କରାଯିବ। ଏହାବ୍ୟତୀତ ଜିଲା ମୁଖ୍ୟ ହସ୍ପିଟାଲରେ ଏହାର ନିୟନ୍ତ୍ରଣ ବ୍ୟବସ୍ଥା ରହିବ। ରୋଗୀ ନିଜ ବ୍ଲକରେ ଥିବା ଲାବରେଟୋରିରେ ନିଜର ପରୀକ୍ଷା କରିପାରିବେ। ଏହାର ଟେଷ୍ଟ ରିପୋର୍ଟ ମଧ୍ୟ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯିବ। ବର୍ତ୍ତମାନ ରାଜ୍ୟର ହସ୍ପିଟାଲଗୁଡ଼ିକରେ ବିଭିନ୍ନ ରୋଗର ମାଗଣା ଟେଷ୍ଟ କରାଯାଉଥିବା ବେଳେ ବ୍ଲକସ୍ତରରେ ଏହି ବ୍ୟବସ୍ଥା ପ୍ରଥମଥର ଲାଗି କାର୍ଯ୍ୟକାରୀ ହେବାକୁ ଯାଉଛି। ବ୍ଲକସ୍ତରରେ ହେବାକୁ ଥିବା ଲାବରୋଟୋରିଗୁଡିକରେ କେଉଁ ସବୁ ପରୀକ୍ଷା କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ପ୍ରାଥମିକସ୍ତରରେ ୬୦% ରୋଗର ପରୀକ୍ଷା କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨ମାସ ମଧ୍ୟରେ ପ୍ରାୟ ସବୁ ରୋଗର ମାଗଣା ପରୀକ୍ଷା ବ୍ୟବସ୍ଥା କରାଯିବ ବୋଲି ବିଭାଗ ସୂଚନା ଦେଇଛି। ଟେଷ୍ଟ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ରୋଗୀଙ୍କୁ ଦିଆଯିବ।

## ବ୍ରିଜ୍‌ରେ ଆତ୍ମହତ୍ୟା ଉଦ୍ୟମ: ରାତିରେ ଡେଇଁଲେ, ସକାଳେ ମିଳିଲେ

ବାଙ୍କୀ,୮।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଆତ୍ମହତ୍ୟା କରିବାକୁ ଯାଇ ଜଣେ ଯୁବକ ବ୍ରିଜ୍‌ରୁ ନଦୀକୁ ଡେଇଁପଡ଼ିଥିଲେ। ଗୁରୁବାର ବିଳମ୍ବିତ ରାତିରେ ବାଙ୍କୀ ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁରେ ଏହି ଘଟଣା ଘଟିଥିବାବେଳେ ଶୁକ୍ରବାର ସକାଳେ ବ୍ରିଜ୍ ତଳୁ ସମ୍ପୃକ୍ତ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଯୁବକ ଜଣକ ହେଲେ ଭୁବନେଶ୍ୱରସ୍ଥିତ ଢୁମୁଢୁମା ଅଞ୍ଚଳର ଏସ୍.କେ.ମନିର୍‌ଙ୍କ ପୁତ୍ର ସେକ୍ ଜାହାଙ୍ଗୀର। ସୂଚନାନୁସାରେ, କେହି ଜଣେ ଯୁବକ ବ୍ରିଜ୍‌ରୁ ଡେଇଁ ପଡିଥିବା ଦେଖି ସ୍ଥାନୀୟ ଲୋକେ ବାଙ୍କୀ ଥାନାର ସୁବର୍ଣ୍ଣପୁର ବିଟ୍ ହାଉସ୍‌କୁ ଖବର ଦେଇଥିଲେ। ବିଟ୍ ଅଧିକାରୀ ପ୍ରସନ୍ନ ମାହଲି ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ସେ ଥାନାକୁ ଖବର ଦେଇଥିଲେ। ଶୁକ୍ରବାର ଭୋର୍ ସମୟରେ ପୋଲିସ ସେଠାକୁ ଯାଇ ଖୋଜିବା ପରେ ଜାହାଙ୍ଗୀରଙ୍କୁ ସେତୁ ତଳେ ଏକ ପାହ୍ୟା ଉପରେ ଠାବ କରିଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଜାହାଙ୍ଗୀରଙ୍କୁ ଉଦ୍ଧାର କରିବା ପରେ ତାଙ୍କ ପରିଚୟ ଜଣାପଡ଼ିଥିଲା।



ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କ ସହ ଉଦ୍ଧାର ଯୁବକ (ମଝି) ସେକ୍ ଜାହାଙ୍ଗୀର।

## ନନ୍ଦନକାନନରେ ଚଉଶିଙ୍ଗାର ମୃତ

ବାରଙ୍ଗ,୮।୧୨(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ଅସୁସ୍ଥ ମାଈ ଚଉଶିଙ୍ଗାର ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସମ୍ବଲପୁରରୁ ଆସିଥିବା ଏହି ଚଉଶିଙ୍ଗାଟି ଠିକ୍ ଭାବେ ଖିଆପିଆ କରୁ ନ ଥିବା ଖବରପାଇ ଡାକ୍ତରମାନେ ସେ ରହୁଥିବା ଏନ୍‌କ୍ଲୋଜରକୁ ଯାଇଥିଲେ। ସେଠାରେ ଡାକ୍ତରୀ ଦଳକୁ ଦେଖି ଅସୁସ୍ଥ ଚଉଶିଙ୍ଗାଟି ଧରାଦେଇ ନ ଥିଲା। ତାକୁ ଧରିବାକୁ ଚେଷ୍ଟା କରାଯିବାରୁ ସେ ତାରଜାଲି ମାଡ଼ ହୋଇ ପଡ଼ିଯାଇଥିଲା। ପରେ ତାକୁ ଧରି ଚିକିତ୍ସା ପାଇଁ ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ବିଳମ୍ବିତ ରାତିରେ ତା'ର ମୃତ୍ୟୁ ଘଟିଥିଲା।

## ସେଣ୍ଟ୍ରାଲ ବ୍ୟାଙ୍କର ୨ ପୂର୍ବତନ ଅଧିକାରୀ ଗିରଫ

### ଜାଲିଆତି କରି ୩.୩୩ କୋଟି ଋଣ ଠକେଇ

ଭୁବନେଶ୍ୱର,୮।୧୨(ସତ୍ୟଜିତ୍ ରାଉତ)

ଚଞ୍ଚକତା କରି ଜାଲ ଦସ୍ତାବିଜ୍ ଜରିଆରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୩.୩୩ କୋଟି ଋଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେଣ୍ଟ୍ରାଲ ବ୍ୟାଙ୍କର କଟକ ଜିଲା ଭଦ୍ରେଶ୍ୱର ଶାଖାର ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଉମ୍ବରୁଧର ନାୟକ ଓ ପୂର୍ବତନ ଏଗ୍ରିକଲ୍‌ଚରାଲ୍ ଫାଇନାନ୍ସ ଅଫିସର ଦେବୀଦତ୍ତ ପାଣିଗ୍ରାହୀଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟଙ୍କଠାରୁ ଇଓଡବ୍ଲ୍ୟୁ ଲୋନ ଡକ୍ୟୁମେଣ୍ଟ ସହ ଅନ୍ୟାନ୍ୟ ସନ୍ଦେହଜନକ ଦସ୍ତାବିଜ୍ ଜବତ କରିଛି। ଉଭୟଙ୍କୁ ଗୁରୁବାର ଗିରଫ ପରେ ଶୁକ୍ରବାର ଇଓଡବ୍ଲ୍ୟୁ ପକ୍ଷରୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ୨୦୧୫ ସେପ୍ଟେମ୍ବର ୧୮ରୁ ୨୦୧୮ ନଭେମ୍ବର ୧୧ ପର୍ଯ୍ୟନ୍ତ ଅଭିଯୁକ୍ତଦ୍ୱୟ ଉକ୍ତ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ। ଏହି ସମୟରେ ଦେବୀଦତ୍ତଙ୍କ ସହ ମିଶି ମୁଖ୍ୟ ଅଭିଯୁକ୍ତ ଉମ୍ବରୁଧର ଆପରାଧିକ ଷଡ଼ଯନ୍ତ୍ର କରି ବ୍ୟାଙ୍କର ମୋଟ ୩ କୋଟି ୩୩ ଲକ୍ଷ ୫୨ ହଜାର ୬୦୨ ଟଙ୍କା ହଡ଼ପ କରିଥିଲେ। ଜାଲ ଦସ୍ତାବିଜ୍ ଜରିଆରେ ଉଭୟ ଅଭିଯୁକ୍ତ ଏହି ଠକେଇ କରିଥିଲେ। ସେଣ୍ଟ୍ରାଲ କିଷାନ କ୍ରେଡିଟ୍ କାର୍ଡସ (ସିକେସିସି) ଜରିଆରେ ୮୫ ଲକ୍ଷ ୪୯ ହଜାର ୯୪୧ ଟଙ୍କାର ୬୮ଟି ଲୋନ୍ ଓ ୧ କୋଟି ୪୯ ଲକ୍ଷ ୧୮ ହଜାର ୧୦୩ ଟଙ୍କାର ୨୪ଟି ଟର୍ମ ଲୋନ୍ କରି ନେଇଯାଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନିଶ୍ଚିତ ରୋଜଗାର ଯୋଜନା (ପିଏମ୍‌ଇଜିପି) ସ୍କିମ୍ ଜରିଆରେ ଲୋନ ଦେଇ ଏହା ବାବଦକୁ ୧୫ ଲକ୍ଷ ୬୦ ହଜାର ସବ୍‌ସିଡି ଟଙ୍କା ମଧ୍ୟ ହଡ଼ପ କରିଥିଲେ। ଏଥିସହ ଅଭିଯୁକ୍ତଦ୍ୱୟ ବ୍ୟାଙ୍କର ପ୍ରଫିଟ୍ ଆଣ୍ଡ୍ ଲସ୍ ଆକାଉଣ୍ଟରୁ ୧୧୪ଟି ବେଆଇନ ଟ୍ରାଞ୍ଜାକ୍ସନ୍ କରି ୮୩ ଲକ୍ଷ ୨୪ ହଜାର ୫୫୮ ଟଙ୍କା ହଡ଼ପ କରିଥିଲେ। ତେବେ ପ୍ରଥମ ପର୍ଯ୍ୟାୟରେ ଲୋନ କରାଯାଇଥିବା ଗ୍ରାହକଙ୍କ ଆକାଉଣ୍ଟକୁ କିଛି ପରିମାଣର ଟଙ୍କା ପଠାଇ ଅବଶିଷ୍ଟ ଟଙ୍କାକୁ ଅଭିଯୁକ୍ତଦ୍ୱୟ ହଡ଼ପ କରିନେଇଥିଲେ। ବ୍ୟାଙ୍କ ଅଡିଟ୍ ବେଳେ ଏହି ଠକେଇ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଉମ୍ବରୁଧରଙ୍କୁ ବ୍ୟାଙ୍କ ପକ୍ଷରୁ ଚାକିରିରୁ ବାହାର କରାଯାଇଥିଲା। ସେହିପରି ଦେବୀଦତ୍ତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏନେଇ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ୍ ହେଡ୍ ଅନାଦି ବିଶ୍ୱାସ ଇଓଡବ୍ଲ୍ୟୁରେ ଏତଲା ଦେଇଥିଲେ। ପ୍ରାଥମିକ ଅନୁସନ୍ଧାନରେ ଠକେଇ ସଂକ୍ରାନ୍ତରେ ପ୍ରମାଣ ମିଳିବା ପରେ ଇଓଡବ୍ଲ୍ୟୁ ଗୁରୁବାର ଏକ ମାମଲା (ନଂ.୨୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇଓଡବ୍ଲ୍ୟୁ ଟିମ୍ ଗୁରୁବାର ଉମ୍ବରୁଧରଙ୍କୁ କେନ୍ଦୁଝରରୁ ଓ ସହଯୋଗୀ ଦେବୀଦତ୍ତଙ୍କୁ ଭୁବନେଶ୍ୱରରୁ କାବୁ କରିଥିଲା।



ଗିରଫ ଅଭିଯୁକ୍ତ ଉମ୍ବରୁଧର ନାୟକ ଓ ଦେବୀଦତ୍ତ ପାଣିଗ୍ରାହୀ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ କୃଷ୍ଣଚନ୍ଦ୍ର



@ ମାମାଲି



@ ନିଖିଲ୍



@ ଦିଭେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ନବନିଯୁକ୍ତ ଶ୍ରମ ଅଧିକାରୀଙ୍କ କାଉନ୍‌ସେଲିଂ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)

ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ତରଫରୁ ନବନିଯୁକ୍ତ ଶ୍ରମ ଅଧିକାରୀମାନଙ୍କ ପାଇଁ କାଉନ୍‌ସେଲିଂ କାର୍ଯ୍ୟକ୍ରମ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ କମିଶନର ତଥା ଶାସନ ସଚିବ ସନ୍ଥ ଗୋପାଳନ୍ ଆର୍ ଯୋଗଦେଇ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଶ୍ରମ ଆଇନ୍‌ର ବିସ୍ତୃତ ଅଧ୍ୟୟନ ସହ '୫-ଟି' ଆଧାରରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କଲେ ରାଜ୍ୟର ଶ୍ରମିକଙ୍କ ହିତସାଧନ ହୋଇପାରିବ ଏବଂ ଏହା ରାଜ୍ୟର ବିକାଶରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ଶ୍ରମ କମିଶନର ଅନୁପମ ସାହା ଯୋଗଦେଇ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗକୁ ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ବିଭାଗ ବୋଲି ଅଭିହିତ କରିଥିଲେ । ଶ୍ରମିକମାନେ ଭିତ୍ତିଭୂମି ନିର୍ମାଣ ଓ ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବାରୁ ସେମାନଙ୍କ କଲ୍ୟାଣ ପାଇଁ ଏହି ବିଭାଗ କାର୍ଯ୍ୟ କରି ରାଜ୍ୟ ପ୍ରଗତିରେ ଅଂଶୀଦାର ହୋଇପାରିଛି। ଏହି ବିଭାଗରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥିବାରୁ ନବନିଯୁକ୍ତ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟର ଗୁରୁତ୍ୱକୁ ଅନୁଭବ କରିବା ସହ ନିଷ୍ଠା ଓ ଦାୟିତ୍ୱର ସହ କର୍ତ୍ତବ୍ୟ ସଂପାଦନ କରିବେ ବୋଲି ସେ ପ୍ରକାଶ କରିଥିଲେ। କର୍ମଚାରୀ ରାଜ୍ୟ ବୀମାର ନିର୍ଦ୍ଦେଶକ ଅଶୋକ କୁମାର ପଣ୍ଡା ଅଧିକାରୀମାନଙ୍କୁ କାଉନ୍‌ସେଲିଂ ବିଷୟରେ ସମ୍ୟକ ଧାରଣା ଦେଇଥିବାବେଳେ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗର ଅତିରିକ୍ତ ଶାସନ ସଚିବ ନୀତିରଞ୍ଜନ ସେନ୍ ନବନିଯୁକ୍ତ ଅଧିକାରୀଙ୍କୁ ଶପଥପାଠ କରାଇଥିଲେ। ନବନିଯୁକ୍ତ ଶ୍ରମ ଅଧିକାରୀମାନଙ୍କୁ ବିଭାଗର କାର୍ଯ୍ୟ ବାବଦରେ ଅବଗତ କରାଇବା ଉଦ୍ଦେଶ୍ୟରେ ଶ୍ରମିକଙ୍କ କାର୍ଯ୍ୟକଳାପ ବିଷୟରେ ଏକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗର ଯୁଗ୍ମ ଶାସନ ସଚିବ ନିରଞ୍ଜନ ଜେନା, ଉପଶାସନ ସଚିବ ରାଜେଶ ଅଗ୍ରୱାଲ, ଏଏଫ୍ଏ ସୁଷମା ବିନୋଦିନୀ ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ସ୍ପୋର୍ଟ୍ସ ମିଟ୍, ଇଷ୍ଟ କୋଷ୍ଟ ରେଲ୍‌ୱେ ଷ୍ଟାଡିୟମ୍, ସକାଳ ୭ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ରାଜ୍ୟ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ, ସକାଳ ୯ଟା।
- ବିଂଶତମ ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ, ଏକାମ୍ର ହାଟ, ସକାଳ ୯ଟା ୩୦।
- ଇଣ୍ଡିଆନ ନ୍ୟାଶନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂର ଆନୁଆଲ କନଭେନଶନ୍, ଶିକ୍ଷା ଓ ଅନୁସନ୍ଧାନ ୟୁନିଭର୍ସିଟି, ପୂର୍ବାହ୍ନ ୧୦ଟା।
- ଲୋୟଲା ସ୍କୁଲର ବାର୍ଷିକ କ୍ରୀଡ଼ା ଦିବସ, ସ୍କୁଲ ପରିସର, ଅପରାହ୍ନ ୧ଟା ୩୦।
- ୧ମ ଓଡ଼ିଶା କନ୍‌କର, ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ଅପରାହ୍ନ ୪ଟା ୩୦।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜୟନ୍ତୀ, ବୁଦ୍ଧ ମନ୍ଦିର ପରିସର, ଅପରାହ୍ନ ୫ଟା ୩୦।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀନୃତ୍ୟୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଆ, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶାର ପ୍ରବାଦ ପୁରୁଷ ଓ ସମାଜ ସଂସ୍କାରକଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ,ସନ୍ଧ୍ୟା ୬ଟା ୩୦।

# 'ରାଜ୍ୟ ସରକାର ପେସା ଆଇନ ତୁରନ୍ତ ଲାଗୁ କରନ୍ତୁ'

## ୩ ଦଫା ଦାବି ନେଇ ଆଦିବାସୀ ସମାବେଶ



**ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)**

ଦେଶର ଅନ୍ୟ ଆଠଟି ରାଜ୍ୟଭଳି ଓଡ଼ିଶାରେ ପେସା ଆଇନ ୧୯୯୬ ଲାଗୁ କରିବା ସହ ୩ ଦଫା ଦାବି ନେଇ ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ବେଶପୋଷାକରେ ବାଦ୍ୟଯନ୍ତ୍ର ଧରି ମାଷ୍ଟରକ୍ୟାଣ୍ଟିନ ଛକରେ ଏକାଠି ହେବା ପରେ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ଲୋୟର ପିଏମ୍‌ଜିରେ ସମାବେଶ କରିଥିଲେ। ଶିଳ୍ପପତି, ପୁଞ୍ଜିପତିଙ୍କ ସ୍ୱାର୍ଥରେ ୧୯୫୬ ରେଗୁଲେଶନକୁ ସଂଶୋଧନ ମାଧ୍ୟମରେ ଆଦିବାସୀ ଜମିକୁ ଅଣ ଆଦିବାସୀଙ୍କୁ ହସ୍ତାନ୍ତର ଲାଗି ହୋଇଥିବା କ୍ୟାବିନେଟ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଓ ଜଙ୍ଗଲ ଜମି ଅଧିକାର ଅନୁଯାୟୀ ପଟ୍ଟା ବଣ୍ଟନ କରିବା ସେମାନଙ୍କର ଅନ୍ୟ ଦୁଇ ଦାବି ରହିଛି।

ଓଡ଼ିଶା ରାଜ୍ୟ ପେସା ଗ୍ରାମସଭା କୋଅର୍ଡିନେଶନ କମିଟି ପକ୍ଷରୁ ଆୟୋଜିତ ଏହି ସମାବେଶରେ ରାଜ୍ୟର ପ୍ରାୟ ୧୩ଟି ଆଦିବାସୀ ବହୁଳ ଜିଲ୍ଲାରୁ ଶତାଧିକ ଆଦିବାସୀ ଯୋଗଦେଇଥିଲେ। କମିଟିର ରାଜ୍ୟ ସଭାପତି ବୁଦ୍ଧିଆ ଯୋଜୋ କହିଲେ, ଓଡିଶାର ପ୍ରାୟ ୧୩ଟି ଆଦିବାସୀ ବହୁଳ ଜିଲାରେ ବହୁତ କମ୍ ସଂଖ୍ୟକ ଆଦିବାସୀଙ୍କର ଜମି ଅଛି। ଅନେକ ଆଦିବାସୀଙ୍କ ଜମି ନାହିଁ। ସେମାନେ ଜଙ୍ଗଲ ଜମିରେ ଚାଷ କରି ପେଟ ପୋଷୁଛନ୍ତି। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଏପର୍ଯ୍ୟନ୍ତ ଅନେକ ଯୋଗ୍ୟ ଆଦିବାସୀଙ୍କୁ ପଟ୍ଟା ବଣ୍ଟନ କରାଯାଇନାହିଁ। ଅନ୍ୟପଟେ ଆଦିବାସୀଙ୍କ ଜମିକୁ ଅଣ ଆଦିବାସୀଙ୍କୁ ହସ୍ତାନ୍ତର କରିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ସଂଗଠନର ଉପଦେଷ୍ଟା ତଥା ପରିବେଶବିତ ସୁଦର୍ଶନ ଛୋଟରାୟ କହିଲେ, ୧୯୯୬ରୁ ଦେଶରେ ପେସା ଆଇନ ଲାଗୁ ହୋଇଛି। ହେଲେ ଦୀର୍ଘ ୨୭ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଏହାକୁ ଲାଗୁ କରୁନାହାନ୍ତି। ଏହି ଆଇନ ଦ୍ୱାରା ଆଦିବାସୀଙ୍କ ପରମ୍ପରା, ସଂସ୍କୃତି, ଐତିହ୍ୟ ତଥା ଜଳ, ଜଙ୍ଗଲ, ଜମି ଓ ପରିବେଶ ସୁରକ୍ଷିତ ରହିପାରିବ। ଅନ୍ୟତମ ବକ୍ତା ତଥା ସମ୍ପାଦକ ପାଣ୍ଡୁରାମ ହେମ୍ବ୍ରମ କହିଲେ, ରାଜ୍ୟ ସରକାର ତୁରନ୍ତ ଜମି ହସ୍ତାନ୍ତର ସଂଶୋଧନ ପ୍ରସ୍ତାବ ପ୍ରତ୍ୟାହାର ନ କଲେ ରାଜ୍ୟବ୍ୟାପୀ ଆଦିବାସୀ ଆନ୍ଦୋଳନ ସଂଗଠିତ କରାଯିବ। ରାଜ୍ୟର ପ୍ରାୟ ୪୦ପ୍ରତିଶତ ଜମି ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ ସଂରକ୍ଷିତ ଆଦିବାସୀ ଅଞ୍ଚଳ ହୋଇଥିଲାବେଳେ ସରକାର କାହିଁକି କାଳ ବିଳମ୍ବ କରୁଛନ୍ତି ସେନେଇ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଆଞ୍ଚଳିକ ବିକାଶ ପରିଷଦ ସମ୍ବର୍ଦ୍ଧିତ




ପରିଷଦ ସଭାପତି ବୃନ୍ଦାବନ ସାହୁ ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର,୮।୧୨(ସୁବାସ ଚନ୍ଦ୍ର ପ୍ରଧାନ):** ଦୈନିକ ଇଂରାଜୀ ଖବରକାଗଜ ଓଡ଼ିଶା ଟୁଡ଼େର ୧୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପର୍ଯ୍ୟଟନ: ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକକୁ ନେଇ ଏକ ସେମିନାର ଆୟୋଜିତ ହୋଇଥିଲା। ଏହାକୁ ପ୍ରାକ୍ତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏବଂ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆଗାଁ-ନାଥପୁର ଆଞ୍ଚଳିକ ବିକାଶ ପରିଷଦକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚାରାରୋପଣ ଓ ପରିବେଶ ସୁରକ୍ଷା ଉପରେ ପରିଷଦର ଅଭୁତ ପୂର୍ବ କାର୍ଯ୍ୟପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ବୃନ୍ଦାବନ ସାହୁ ଅତିଥିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଓଡ଼ିଶା ଟୁଡ଼େ ସମ୍ପାଦକ ଅବିନାଶ ମିଶ୍ର ସମ୍ପାଦକୀୟ ପାଠ କରିଥିବାବେଳେ ହରପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବାଜିରାଓ ଆଇଏଏସ୍ ଏକାଡେମୀ ପକ୍ଷରୁ କୁଇଜ୍ ପ୍ରତିଯୋଗିତା




**ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)**

ଚଳିତବର୍ଷ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ରାଜ୍ୟ ପୁସ୍ତକ ମେଳାରେ ବାଜିରାଓ ଆଇଏଏସ୍ ଏକାଡେମୀ ପକ୍ଷରୁ ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ କୃତକାର୍ଯ୍ୟ ହେଉଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଛି। ଏଥିସହିତ ଆଇଏଏସ୍ ଏବଂ ଓଏଏସ୍ କୋଚିଂ ପାଇଁ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଉପରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ୯୦ ପ୍ରତିଶତ ବୃତ୍ତି ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ଏକାଡେମୀ ମୁଖ୍ୟ ଶୁଭ୍ରାଂଶୁ ଶେଖର ଓଝା ସୂଚନା ଦେଇଛନ୍ତି।

## ମା' ମଙ୍ଗଳାଙ୍କ ଦର୍ଶନ କଲେ ସୁପ୍ରିମ୍‌କୋର୍ଟ ଜଜ୍

**ଅସ୍ତରଙ୍ଗ,୮।୧୨(ମମତା ଜେନା)**

ଓଡ଼ିଆ ପୁଅ ତଥା ସୁପ୍ରିମ୍‌କୋର୍ଟ ଜଜ୍ ପ୍ରଶାନ୍ତ କୁମାର ମିଶ୍ର ସପରିବାର ଶୁକ୍ରବାର ମା' ମଙ୍ଗଳାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ପରେ ମନ୍ଦିର ଚତୁଃପାର୍ଶ୍ୱ ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ମନ୍ଦିର ସେବାୟତଙ୍କ ସହିତ ମନ୍ଦିର ଓ ମା'ଙ୍କ ବିଷୟରେ ପଚାରି ବୁଝିଥିଲେ। ସେବାୟତ ନିଯୋଗର ଉପଦେଷ୍ଟା କମିଟି ସଦସ୍ୟ ତାପସ ଦୀକ୍ଷିତ, ନଳିନୀକାନ୍ତ ଦୀକ୍ଷିତ, ଅଞ୍ଜନ ଦୀକ୍ଷିତ, ସନ୍ତୋଷ ଦୀକ୍ଷିତ, ପୂଜାପଣ୍ଡା ସଞ୍ଜୟ ଦୀକ୍ଷିତ, ପାରେଶ୍ୱର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।




ଓୟୁଟିଆରରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଶୁକ୍ରବାର ଉଦ୍‌ଯାପନ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଏସ୍‌ବିଆଇ ପକ୍ଷରୁ ଆମ୍ବେଡକରଙ୍କ ଶ୍ରାଦ୍ଧ ଦିବସ




କାର୍ଯ୍ୟକ୍ରମରେ କନ୍ୟାଶ୍ରମର ଅନ୍ତେବାସୀଙ୍କୁ ବ୍ୟାଗ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)**

ଷ୍ଟେଟ୍ ବ୍ୟାଙ୍କ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଭାରତରତ୍ନ ଡ. ଭୀମ ରାଓ ଆମ୍ବେଡକରଙ୍କ ୬୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାଧ୍ୟକ୍ଷ ସୌରଭ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ବିଆଇର ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବ୍ୟାଙ୍କର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ମଣ୍ଡଳ ନେଟ୍‌ୱର୍କ-୧ ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ, ନେଟ୍‌ୱର୍କ-୨ ମହାପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ, ଭୁବନେଶ୍ୱର ପ୍ରଶାସନିକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଉପ ମହାପ୍ରବନ୍ଧକ (ଡି ଆଣ୍ଡ୍ ଟିବି) ଅମରେନ୍ଦ୍ର କୁମାର, ଭୁବନେଶର ମୁଖ୍ୟ ଶାଖା ପ୍ରବନ୍ଧକ ସସ୍ମିତା ସାହୁ , ଅଧିକାରୀ ସଂଘ ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀ, କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଡ. ଚିତ୍ତ ରଞ୍ଜନ ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଉପେନ୍ଦ୍ର କୁମାର ଦାସ ଓ ସଭାପତି ଗଣେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେଟ ବ୍ୟାଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ପରିପ୍ରେକ୍ଷୀରେ କୁନ୍ତଳା କୁମାରୀ ସାବତ କନ୍ୟା ଛାତ୍ରାବାସରେ ଅନ୍ତେବାସୀଙ୍କୁ ୨୦୦ଟି ଚାଦର ପ୍ରଦାନ କରାଯାଇଥିଲା। ଏଥିସହ ପରିଷଦ ତରଫରୁ କନ୍ୟାଶ୍ରମରେ ୧୧୦ଟି ସ୍କୁଲ ବ୍ୟାଗ ଓ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଥିଲା।

## ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ହଟାଗଲା ଜବରଦଖଲ

**ପୁରୀ,୮।୧୨(ଅଜିତ ମହାନ୍ତି)**

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜବରଦଖଲ କରିଥିବା ଦୋକାନଗୁଡ଼ିକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ନାକଚଣା ଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଏହି ଉଚ୍ଛେଦ କାର୍ଯ୍ୟ କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛ। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିବି ସହ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ପୋଲିସ ଫୋର୍ସ ମୁତୟନ ଥିଲେ। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଛୋଟ ଛୋଟ ମନ୍ଦିର କରି ଜବରଦଖଲ କରିଥିବା ମନ୍ଦିରଗୁଡ଼ିକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଆସନ୍ତା ଜାନୁୟାରୀ ୧୭ ତାରିଖରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଗୁଣ୍ଡିଚା ମନ୍ଦିରଠାରେ ମଧ୍ୟ ସଂକୀର୍ତ୍ତନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ। ଏହାକୁ ଦୃଷ୍ଟିରେ ରଖି ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

## ୧୭ ନମ୍ବର ଜୋନ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ରଙ୍କ ସହ ଅନ୍ୟମାନେ।

**ବାଲକାଟୀ,୮।୧୨(ମନୋଜ ମଣ୍ଡଳ)**

ଜୟଦେବ ନିର୍ବାଚନମଣ୍ଡଳୀର ୧୭ ନଂ ଜୋନ୍‌ରେ ବିଜେଡି ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟଦେବରେ ବିଜେଡିର ମଙ୍ଗୁଆଳ ସାଜିଥିବା ଯୁବନେତା କମଳ ପାତ୍ରଙ୍କ ନେତୃତ୍ୱରେ ପ୍ରତାପ ଶାସନ, ଉମାଦେଇ ଓ ସତ୍ୟଭାମାପୁର ପଞ୍ଚାୟତର ଶହ ଶହ କର୍ମୀ, ସମର୍ଥକ ଓ ଜନପ୍ରତିନିଧି ବାଲକାଟୀସ୍ଥିତ ଭାର୍ଗବୀ ସେତୁ ନିକଟରେ ଏକତ୍ରୀତ ହୋଇଥଲେ। ଏହି ଅବସରରେ ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର, ଇପ୍ସିତା ସାହୁ, ପର୍ଯ୍ୟବେକ୍ଷକ ବରଦା ପ୍ରସନ ପଟ୍ଟନାୟକ, ଆଇନଜୀବୀ ତଥା ଜିଲା ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଭାର୍ଗବୀ ସେତୁ ନିକଟରୁ ପଦଯାତ୍ରା ବାହାରି ବାଲକାଟୀ ପରିକ୍ରମା କରି ଉମାଦେଇ ପଞ୍ଚାୟତର ବିଭିନ୍ନ ସାହି ହୀରାପୁର, ଯଶୁଆପୁର ଦେଇ ସତ୍ୟଭାମାପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିକ୍ରମା କରିଥିଲା। ପଦଯାତ୍ରାରେ ୧୭ ନମ୍ବର ଜିଲା ପରିଷଦ ସଭ୍ୟା କୁନ୍‌ମୁନ୍ ଲେଙ୍କା ଅନ୍ୟ ୫ ଜିଲା ପରିଷଦ ଜୋନର ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ପ୍ରତାପ ଶାସନ ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାରି, ସରପଞ୍ଚ ଭଗବାନ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ସାମିଲ ଥିଲେ। ଅପରପକ୍ଷରେ ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲୀଙ୍କ ନେତୃତ୍ୱରେ ବାଲକାଟୀ ନିକଟ ସରଦେଇପୁର ଡାକ ବଙ୍ଗଳାରେ ଏକ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ବାଲିଅନ୍ତା ଓ ବାଲିପାଟଣା ବ୍ଲକର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ, ସମର୍ଥକ ସାମିଲ ହୋଇ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ଥିବା ଲୋକପ୍ରିୟତାକୁ ପ୍ରତିପାଦନ କରିଥିଲେ।

## ଏଫ୍‌ଏଲ୍‌ଏନ୍ ମଡେଲ ସ୍କୁଲ ଉଦ୍‌ଘାଟିତ

**ବାଲିପାଟଣା,୮।୨୩(ଅଭିମନ୍ୟୁ ନାୟକ)**

ବାଲିପାଟଣା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନ ଧାନହରା ସ୍କୁଲଠାରେ ପ୍ରଥମ ଏଫ୍‌ଏଲ୍‌ଏନ୍ ମଡେଲ ସ୍କୁଲ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ଏହା ଏକ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା। ଡାଏଟ ଅଧ୍ୟକ୍ଷ ତାପସ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବିକ୍ରମ କେଶରୀ ନାୟକ ଯୋଗଦେଇଥିଲେ। ନାଚ, ଗୀତ ଓ ଅଭିନୟ ମାଧ୍ୟମରେ ସ୍ମାର୍ଟ କ୍ଲାସ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ନୂତନ ଦିଶା ଦେଖାଇବ ବୋଲି ନାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ଡାଏଟ ପ୍ରଶିକ୍ଷକ ରଶ୍ମିରେଖା ସ୍ୱାଇଁ ଓ ସୌମ୍ୟା ଦାସ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବଳରାମ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋଜାଲିନ୍ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସିଆର୍‌ସିସି ଝୁନି ଦେଇ ସଭା ପରିଚାଳନା କରିଥିଲେ।

## ସେମିରେ ତିନିଘରିଆ, ଗୋଠପୁର

### ସର୍ବଭାରତୀୟ ଗଣ୍ଡରପୁର କପ ଫୁଟ୍‌ବଲ୍ ଟୁର୍ନାମେଣ୍ଟ



**ବାରଙ୍ଗ,୮।୧୨(ଲିଙ୍ଗରାଜ ରାଉତ)**

କଲ୍ୟାଣପୁର ଗ୍ରାମପଞ୍ଚାୟତର ଗଣ୍ଡରପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲୁଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଶୁକ୍ରବାର ୬ଷ୍ଠ ଦିନରେ ମୋଟ ୬ଟି ମ୍ୟାଚ ଖେଳାଯାଇଥିଲା। ଗ୍ରାମାଞ୍ଚଳ ବିଭାଗର ପ୍ରଥମ ମ୍ୟାଚରେ ଇଲେଭେନଗନ କ୍ଲବ, ତିନିଘରିଆ ୧-୦ ଗୋଲରେ ମହାବୀର ସ୍ପୋର୍ଟିଂ କ୍ଲବ, ନରଣପୁରକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ମା' ମଙ୍ଗଳା କ୍ଲବ ଗୋଠପୁର ୫-୪ ଟାଇ ବ୍ରେକରରେ ବନମହାବୀର କ୍ଲବ ଜୟପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଗୋଠପୁର ପକ୍ଷରୁ ଅଜିତ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଖେଳର ପ୍ରଥମାର୍ଦ୍ଧରେ ବରଗଡ଼ ୟୁନାଇଟେଡର ୧୭ ନମ୍ବର ଜର୍ସି ଚନ୍ଦ୍ର ମୁଦୁଲି ୩୧ତମ ମିନିଟ୍‌ରେ ଏକ ଗୋଲ ଦେଇଥିବାବେଳେ ୨୬ନମ୍ବର ଜର୍ସିରେ ଥିବା ତାମିଲନାଡୁ ପୋଲିସର ଖେଳାଳି ୬୧ତମ ମିନିଟ୍‌ରେ ଗୋଲକୁ ପରିଶୋଧ କରିଥିଲେ। ତାର ୬ ମିନିଟ୍ ପରେ ପୁଣି ସେଇ ୨୬ ନମ୍ବର ଖେଳାଳି ଆଉ ଏକ ଗୋଲ ଦେଇଥିଲେ। ଖେଳର ଅନ୍ତିମ ମୁହୂର୍ତ୍ତରେ ବରଗଡ଼ ଦଳର ୮ ନମ୍ବର ଖେଳାଳି ଗୋଲକୁ ସୁଝାଇ ଦେଇ ମ୍ୟାଚ ବରାବର କରାଇଥିଲେ। ୮୧ତମ ମିନିଟ୍‌ରେ ତାମିଲନାଡୁ ପୋଲିସର ୧୮ ନମ୍ବର ଖେଳାଳି ପୁଣି ଏକ ଗୋଲ ଦେଇ ଦଳକୁ ୩-୨ରେ ଅଗ୍ରଣୀ କରାଇଥିଲେ। ତେବେ ୮୩ତମ ମିନିଟ୍‌ରେ ବରଗଡ଼ର ୭ ନମ୍ବର ଜର୍ସି ଗୋଲକୁ ପରିଶୋଧ କରିଥିଲେ। ଫଳରେ ଟାଇ ବ୍ରେକର ଜରିଆରେ ବରଗଡ଼ ୟୁନାଇଟେଡ ୫-୪ ୟୁନାଟିଏଡ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମଧୁମଧବ ଜେନା, ୧୬ ନଂ. ୱାର୍ଡର କର୍ପୋରେଟର ଅଚ୍ୟୁତ ସ୍ୱାଇଁ, ଜୟ ମା' ସନ୍ତୋଷୀର ପରିଚାଳନା ନିର୍ଦ୍ଦେଶକ ହେମନ୍ତ ନାୟକ, ଅରୁଣ ରାଉତ ଏବଂ ଗ୍ରାମର କମିଟି ସଭାପତି ଭାସ୍କର ପିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଗ୍ରାମାଞ୍ଚଳର ପ୍ରଥମ ସେମି ଫାଇନାଲର ପ୍ରଥମ ମ୍ୟାଚ ସ୍ୱର୍ଣ୍ଣଦେବୀ କ୍ଲବ, ବଉଳକୁଦ ସହିତ ଇଲେଭେନଗନ କ୍ଲବ ଏବଂ ଦ୍ୱିତୀୟ ସେମିଫାଇନାଲ ମା'ମଙ୍ଗଳା କ୍ଲବ ଗୋଠପୁର ସହିତ ବଜରଙ୍ଗବାଲି କ୍ଲବ ଘାଟିକିଆ ମଧ୍ୟରେ ମୁକାବିଲା ହେବ। ସହରାଞ୍ଚଳ ବିଭାଗରେ ନିଜେରିଆ ଏକାଦଶ ସହିତ ବରଗଡ଼ ୟୁନାଇଟେଡର ମୁକାବିଲା ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

## ସ୍ମାରକୀ ବିଳମ୍ବ ନେଇ ଗର୍ଜିଲା କଳିଙ୍ଗ ପାଇକ ସଙ୍ଗଠନ

**ଖୋର୍ଦ୍ଧା,୮।୧୨ (ପ୍ରଭାତ ପାଣିଗ୍ରାହୀ)**



ପ୍ରସ୍ତାବିତ ସ୍ମାରକୀ ସ୍ଥଳରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଥାରେ ଅଛି ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ। ଶିଳନ୍ୟାସର ବର୍ଷେ ନୁହେଁ, ୪ ବର୍ଷ ବିତିଗଲାଣି, ହେଲେ ସ୍ମାରକୀ ନିର୍ମାଣ ହୋଇପାରୁନାହିଁ। ଏହାକୁ କଳିଙ୍ଗ ପାଇକ ସଙ୍ଗଠନ ତୀବ୍ର ସମାଲୋଚନା କରିଛି। ଶୁକ୍ରବାର ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳରେ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ସରକାରଙ୍କ ଉଦାସୀନତା ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ମାରକୀ ନିର୍ମାଣରେ ସରକାରଙ୍କ ଅବହେଳା, ଆନ୍ତରିକତା ଅଭାବକୁ ଅନୁଷ୍ଠାନ ତୀବ୍ର ବିରୋଧ କରିଛି। ଅନୁଷ୍ଠାନର ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶରେ ଉପଦେଷ୍ଟା ସୁରଥ ବିଶ୍ୱାଳ କହିଲେ ଯେ, ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ ହେବା ଆବଶ୍ୟକ। ଏଥିରେ ଯଦି କୌଣସି ଅଭିସନ୍ଧି ରହେ,

### ମାସକ ମଧ୍ୟରେ ନିର୍ମାଣ ଆରମ୍ଭ ନ ହେଲେ ଆନ୍ଦୋଳନ

ତା'ହେଲେ ଇତିହାସ ଏହାକୁ କ୍ଷମା ଦେବନାହିଁ। ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଏକ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଘୋଷଣା କରାଯାଇଛି। ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସମରେନ୍ଦ୍ର ବଳିଆରସିଂ, କାର୍ଯ୍ୟକାରୀ ସଭାପତି ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ସମ୍ପାଦକ ରମଜାନ୍ ଖାଁ, ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, ବିଶ୍ୱଜିତ୍ ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିକ୍ରମ କେଶରୀ ଚମ୍ପତି, ସୁବାସ ଚନ୍ଦ୍ର ସାମନ୍ତରାୟ, ବୈଦ୍ୟନାଥ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବକ୍ସି ଜଗବନ୍ଧୁ ସ୍ମୃତି କମିଟି, ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ, କୃତ୍ତିବାସ ପାଟଶାଣୀ ସ୍ମୃତି ପରିଷଦ, ଉତ୍କଳ ବିକାଶ ପରିଷଦ, ଖୋରଧା ଓକିଲ ସଂଘ, ନିଖିଳ ଉତ୍କଳ ପାଇକ ମହାସଂଘ, ଖଣ୍ଡାୟତ କ୍ଷତ୍ରୀୟ କଲ୍ଯୀ ସଂଘ ଏବଂ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ପ୍ରତିନିଧିମାନେ ସାମିଲ ଥିଲେ।

# ପଞ୍ଚମ ରାଜସୁନାଖଳା ମହୋତ୍ସବ 'କାଉଁରୀ' ଉଦ୍‌ଘାଟିତ

## ଆଦିବାସୀ ଝୁମର ନୃତ୍ୟ ଦର୍ଶକଙ୍କ ମନ ମୋହିଲା

ବୋଲଗଡ଼,୮।୧୨(ଦେବବ୍ରତ ହୋତା)

ପଞ୍ଚମ ରାଜସୁନାଖଳା ମହୋତ୍ସବ କାଉଁରୀ– ୨୦୨୩ ଶୁକ୍ରବାର ଡିଆଇଇଟି ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ପ୍ରଭୁ ଜଗନ୍ନାଥ ଓ ମା' କାଉଁରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ର ପର୍ଯ୍ୟଟନ ନିଗମର ଅଧ୍ୟକ୍ଷ ଡ. ସମ୍ବିତ ପାତ୍ର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ପୌରୋହିତ୍ୟ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲାପାଳ ରବୀନ୍ଦ୍ରନାଥ ସାହୁ, ସେବା ଉତ୍ସବ ଅଧ୍ୟକ୍ଷ ଶିବରାମ ମହାପାତ୍ର, ରଣପୁର ବାର୍ ଆସୋସିଏଶନ ଅଧ୍ୟକ୍ଷ ଗିରିଜାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗୀତ ଗୁରୁ ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଜାତୀୟ ସଙ୍ଗୀତ ଓ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରାର ପ୍ରଚାର ସହ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟ ନେଇ ମହୋତ୍ସବ ଆୟୋଜକ କମିଟି ପକ୍ଷରୁ ଆୟୋଜିତ ମହୋତ୍ସବର ମୁକ୍ତାକାଶ ରଙ୍ଗମଞ୍ଚରେ ସ୍ଥାନୀୟ ପାରମ୍ପରିକ ବିବିଧ ନୃତ୍ୟ, ସମରକଳା ଓ ବିଭିନ୍ନ ଲୋକକଳା ଝଲସି ଉଠିଥିଲା। ସୁନ୍ଦରଗଡ଼ର ଆଦିବାସୀ ଝୁମର ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ମଧ୍ୟାହ୍ନରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାଉଁରୀଙ୍କ ମନ୍ଦିର ପ୍ରାଙ୍ଗଣଠାରୁ ମା'ଙ୍କ ଜ୍ୟୋତି ଓ ପ୍ରତିମାକୁ ନେଇ ଏକ ବିରାଟ ପଟୁଆର ସହିତ ଢୋଲ ମହୁରୀ, ଦଣ୍ଡ ନୃତ୍ୟ, ପାଇକ ଆଖଡ଼ା ଏବଂ ବିଭିନ୍ନ ସାଂସ୍କୃତିକ ନୃତ୍ୟ ଗୀତ ମାଧ୍ୟମରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ନେଇ ମହୋତ୍ସବ ପଡ଼ିଆକୁ ଶୋଭାଯାତ୍ରା ପହଞ୍ଚି ମଞ୍ଚରେ ସ୍ଥାପନ କରାଯାଇଥିଲା। ସଭାକାର୍ଯ୍ୟ ମଧ୍ୟରେ ମହୋତ୍ସବର ମୁଖପତ୍ର 'କାଉଁରୀ' ଉନ୍ମୋଚିତ ହୋଇଥିଲା। ପ୍ରତିଭାବାନ ବ୍ୟକ୍ତିତ୍ୱ ଭାବେ ଶ୍ରେଷ୍ଠ ମେଧାବୀ ଓକିଲାତି ଛାତ୍ରୀ ପୂର୍ବସା ପ୍ରିୟଦର୍ଶିନୀ ସାମନ୍ତରାୟ, ପ୍ରାକ୍ତନ ଆଦର୍ଶ ଶିକ୍ଷକ ଲକ୍ଷ୍ମୀଧର ଚୌଧୁରୀ ଓ ଯୁବ ବୈଜ୍ଞାନିକ ଅଂଶୁମାନ ମିଶ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟିର ସମ୍ପାଦକ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସ୍ଥାପକ ଜୟେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ।


ରାଜ୍ୟପାଳ ରଘୁବର ଦାସଙ୍କ ସମେତ ଅନ୍ୟ ଅତିଥିମାନେ ମହୋତ୍ସବର ମୁଖପତ୍ର 'କାଉଁରୀ'କୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମରେ ୨୫୦ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷା

କୃଷ୍ଣପ୍ରସାଦ,୮।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅଧୀନ କୃଷ୍ଣପ୍ରସାଦ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସମଗ୍ର ଶିକ୍ଷା ପୁରୀ ସହଯୋଗରେ ସୁନେତ୍ର କାର୍ଯ୍ୟକ୍ରମ ବଟେଶ୍ୱର ନୋଡ଼ାଲ ବିଦ୍ୟାପୀଠ ମୋରଡ଼ା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଦର ମହକୁମା ଚିକିତ୍ସାଳୟର ବରିଷ୍ଠ ବିଶେଷଜ୍ଞ ଡ. ଜୋସ୍ନାରାଣୀ ତ୍ରିପାଠୀ, ଡ. ଶୁଭକଳି ପରମଗୁରୁଙ୍କ ନେତୃତ୍ୱରେ ଶୁଭାଶିଷ ବିଶ୍ୱାଳ, ଅନ୍ୱେଷ ମିଶ୍ର, ରୂପାଲି ମହାନ୍ତି, ସରସ୍ୱତୀ ଦେଈ, ଚିନ୍ମୟ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ମାଲୁଦ ଶିକ୍ଷା ସର୍କଲ ଏବଂ ନୂଆପଡ଼ା ଶିକ୍ଷା ସର୍କଲ ଅଧୀନ ବିଦ୍ୟାଳୟଗୁଡ଼ିକରୁ ୨୫୦ ଛାତ୍ରୀଛାତ୍ର ଚକ୍ଷୁ ପରୀକ୍ଷା କରିଥିଲେ। ବ୍ଲଡ ବ୍ୟାଙ୍କ ଅଧିକାରୀ ଦୀପକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଟେଶ୍ୱର ନୋଡ଼ାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅମୀନ ବିଶ୍ୱାଳ ସମେତ ବିଦ୍ୟାଳୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବଗଳାମୁଖି ଦେବୀଙ୍କ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୮।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ପୋଷ୍ଟାଲ କଲୋନୀଠାରେ ଭଗବତୀ ଶ୍ରୀଶ୍ରୀ ବଗଳାମୁଖୀ ଦେବୀଙ୍କ ଦ୍ୱିତୀୟ ବର୍ଷିକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧ତାରିଖଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ରେ ଗୁରୁବାର ପୂର୍ଣ୍ଣାହୁତି ପରେ ଉଦଯାପିତ ହୋଇଥିଲ। ଶୁକ୍ରବାର ଅଙ୍କୁରାରୋପଣ, ଶନିବାର ଶାଳାଧିବାସ, ରବିବାର ଜଳଯାତ୍ରା, ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ପ୍ରତିଦିନ ସୂର୍ଯ୍ୟପୂଜା, ଶାଳାପୂଜା, ରୁଦ୍ରଭିଷେକ, ଚଣ୍ଡୀପାଠ, ଆହୁତି ପ୍ରଦାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ଆହୁତି ପ୍ରଦାନ ହୋଇଥିଲା। ମା' ବଗଳାମୁଖୀଙ୍କ ମୁଖ୍ୟ ପୂଜକ ଜଟିଆ ଭାଇନା ବିଧି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ଆଧ୍ୟାତ୍ମିକ ପ୍ରବଚନ ଏବଂ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନରେ ସ୍ଥାନୀୟ ଅଞ୍ଚଳବାସୀ ଏବଂ ମନ୍ଦିର କମିଟି ସଦସ୍ୟ ସହଯୋଗ କରିଥିଲେ।

### ଛାତ୍ରଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା

କୃଷ୍ଣପ୍ରସାଦ,୮।୧୨
(କୈଳାଶ ଚନ୍ଦ୍ର ପଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ସିଆଣ୍ଡି ପଞ୍ଚାୟତ ସାନସୀମା ନୋଡ଼ାଲ ଉଚ୍ଚ ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ର ସ୍ୱର୍ଗତ ସିତୁ ପଲେଇଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସେନା ଦୀପକ ଜେନା ଏବଂ ସାମାଜିକ କର୍ମୀ ବିଦ୍ୟାଧର ପଲେଇଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ମୋଚିରାମ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକୃତିକ ବିପର୍ଯ୍ୟୟ କ୍ରିୟାନୁଷ୍ଠାନ କମିଟି ସଭାପତି ବିହାରୀ ବନ୍ଧୁ ପଲେଇ, ସାନସୀମା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ତରାଇ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ଅଧ୍ୟାପକ ମଧୁସୂଦନ ସାହୁ, ସହକାରୀ ଶିକ୍ଷକ ଶଙ୍କର୍ଷଣ ଦାଶ, ପ୍ରଭାତ ବାରିକ, ରେଜମେରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଦିବଂଗତ ଛାତ୍ରଙ୍କ ପୁରୁଣା ଦିନକୁ ମନେ ପକାଇବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଗୋପାଳପୁରସ୍ଥିତ ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ଦେବଙ୍କ ପୀଠରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସିତୁଙ୍କ ଘର ନିକଟରେ ପହଞ୍ଚିଥିଲା। ଏଥିରେ ସାନସୀମା ଉଚ୍ଚ ବିଦ୍ୟାଳୟ, ଗୋପାଳପୁର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ମା' ଜାଗୁଳାଇଙ୍କ ସିଂହାସନ ଆରୋହଣ

କୃଷ୍ଣପ୍ରସାଦ,୮।୧୨(କୈଳାଶ ଚନ୍ଦ୍ର ପଟନାୟକ)

ପୁରୀ ଜିଲା ଅଧୀନ କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସରେ ମା' ଜାଗୁଳାଇ ସିଂହାସନ ଆରୋହଣ କରିଛନ୍ତି। ଏହି ଅବସରରେ ନାମ ଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଆଦି ଆୟୋଜନ କରାଯାଇଥିଲା। ବିଦ୍ୱାନ ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦେବତାଙ୍କ ତତ୍ତ୍ୱାବଧାନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ଘଣ୍ଟ ଘଣ୍ଟା, ଆଲଟ ଚାମର ଆଦି ପଟୁଆରରେ ମା' ଜଗୁଳାଇଙ୍କ ବିଜେ ପ୍ରତିମା ଚିଲିକା ନୂଆପଡ଼ାର ସାତ ସାହି ପରିକ୍ରମା କରି ଭୋଗ ଲାଗି କରିଥିଲେ। ଅନ୍ତିମ ଦିବସରେ ଆଖପାଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସମ୍ପାଦକ ସୁକାନ୍ତ ପ୍ରଧାନ ସମେତ ୩୫ ଜଣିଆ କମିଟି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ପ୍ରସ୍ତୁତି

ଖୋର୍ଦ୍ଧା,୮।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବୁଧବାର ବିଜେବି ହାଇସ୍କୁଲ ଖୋରଧା ଠାରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଏଥିରେ ପ୍ରତ୍ୟେକ ବ୍ଲକରୁ ୫ଟି ଲେଖାଏ ଏବଂ ବିଏମ୍‌ସିରୁ ୫ଟି ଏଭଳି ମୋଟ ୫୫ଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହେବା ପାଇଁ ସ୍ଥିର ହୋଇଛି। ପ୍ରତି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ମୟୁରଭଞ୍ଜ ଜିଲାର ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ପ୍ରସ୍ତୁତି ବୈଠକରେ ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ଅଧ୍ୟକ୍ଷତା କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ସରୋଜ ସିଂ ବିଜ୍ଞାନ ପ୍ରଦର୍ଶନୀର କାର୍ଯ୍ୟଧାରା ଉପରେ ବିଶଦ୍ ବିବରଣୀ ରଖିଥିଲେ । ଏଥିରେ ବାଲିଅନ୍ତା ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନାଙ୍କ ସମେତ ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ପରିଡ଼ା, ଗୁରୁଜଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ପାଣି, ବିଜ୍ଞାନ ଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି, ଓଷ୍ଟା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଶିକ୍ଷକ ନବକିଶୋର ମିଶ୍ର, ପ୍ରସନ୍ନ କୁମାର ମହାପାତ୍ର, ନିରଞ୍ଜନ ସାହୁ, ଅଗାଧୁ ସେଠୀ, ଗଣେଶ୍ୱର ମିଶ୍ର, ରବିନାରାୟଣ ପଣ୍ଡା, ତୋଫାନ୍ କୁମାର ରାଉତରାୟ ଏବଂ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ଥିଲେ। ଅଜୟ କୁମାର ବରାଡ ଧନ୍ୟବାଦ ଦେଇଥିଲେ।


ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୪ତମ ଶରଧାପୁର ଫୁଟବଲ କପ୍ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅବସରରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ଫାଇନାଲରେ ଶରଧାପୁର, ଘାଟିକିଆ

ଖୋର୍ଦ୍ଧା, ୮।୧୨ (ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୪ତମ ଶରଧାପୁର ଫୁଟବଲ କପ୍ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ କ୍ଲବ ଘାଟିକିଆ ଏବଂ ଭଞ୍ଜନଗର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଦ୍ୱିତୀୟାର୍ଦ୍ଧରେ ଘାଟିକିଆ ଟିମ୍‌ର ତୋଫାନ ନାୟକ ଗୋଲ ବଳରେ ଦଳ ଫାଇନାଲରେ ପ୍ରବେଶ କରିଛି। ତୋଫାନଙ୍କୁ ମ୍ୟାଚ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ପ୍ରଥମ ସେମି ଫାଇନାଲରେ ଆୟୋଜକ ଟିମ ଏବଂ ଟାଙ୍ଗୀ ମଧ୍ୟରେ ମ୍ୟାଚ ହୋଇଥିଲା। ଟ୍ରାଇବ୍ରେକର ସହାୟତାରେ ୩–୨ ବ୍ୟବଧାନରେ ଶରଧାପୁର ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ରବିବାର ଶରଧାପୁର ଏବଂ ଘାଟିକିଆ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଆଜିଠାରୁ ସର୍ବ ଭାରତୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

ନିରାକାରପୁର,୮।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଶନିବାରଠାରୁ ସଖାସଂଘ କ୍ରୀଡ଼ା ସଂସଦ ପକ୍ଷରୁ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଟୁର୍ନାମେଣ୍ଟ ନିରାକାରପୁର କଲେଜ ପଡ଼ିଆରେ ଖେଳାଯିବ। ଏଥିପାଇଁ ପଡ଼ିଆ ସଫେଇ, ମରାମତି ସହ ଅନ୍ୟାନ୍ୟ ସମସ୍ତ ପ୍ରସ୍ତୁତି ପର୍ବ ସରିଛି। ଶନିବାର ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ ମ୍ୟାଚ୍‌ରେ କିଶୋର କ୍ଲବ ଭୁବନେଶ୍ୱର ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଖେଳ ହେବ। ଏହି ଅବସରରେ ସଂଘ ପକ୍ଷରୁ ସକାଳୁ ଏକ ମଶାଲ ଶୋଭାଯାତ୍ରା ମା'ହରଚଣ୍ଡୀଙ୍କ ପୀଠରୁ ଏକ ବିରାଟ ଶୋଭାଯାତ୍ରାରେ ଆସି କଲେଜ ପଡ଼ିଆଠାରେ ପହଞ୍ଚିବ। ପରେ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବ। ଅପରାହ୍ନ ୩ଟାରେ ଖେଳ ଆରମ୍ଭ ହେବ ବୋଲି ଅନୁଷ୍ଠାନର ସଭାପତି ବିପିନ ଜୟସିଂ ସୂଚନା ଦେଇଛନ୍ତି। ଏହି ଅବସରରେ ସମ୍ପାଦକ ଭାଗୀରଥି ପ୍ରଧାନ, କୋଷାଧ୍ୟକ୍ଷ ହରିବନ୍ଧୁ ସିଂ, ଉପସଭାପତି ପ୍ରଫୁଲ୍ଲ ଜେନା, ଶ୍ୟାମସୁନ୍ଦର ପଟ୍ଟନାୟକ ଓ ମହେଶ୍ୱର ବେହେରାଙ୍କ ସମେତ ସଖାସଂଘ କ୍ରୀଡ଼ାର ସଭ୍ୟ ଉପସ୍ଥିତ ଥିଲେ।

## ମୋ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଟାଙ୍ଗୀ, ୮।୧୨(ରଘୁନାଥ ସାହୁ)

ଚାନ୍ଦପୁର ମୋହନ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ନିର୍ଦ୍ଦେଶରେ 'ମୋ ଓଡ଼ିଶା ଓ ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଝରଣା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଏବଂ ନୟାଗଡ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀ ନାରାୟଣ ମହାପତ୍ର, ଓଷ୍ଟାର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ, ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ କେତନ ସାହୁ, ଜିଲାପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ଦଳବେହେରା, ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି, ସମିତିସଭ୍ୟା ଦୀପ୍ତିମୟୀ ବେହେରା, କନ୍ଦନୟାଗଡ ସରପଞ୍ଚ ଗୁଲୁବାସ ସୁବୁଦ୍ଧି ସମ୍ମାନିତ ଅତିଥି ରୂପେ ଯୋଗଦେଇ ଯୁବପିଢିଙ୍କୁ ଭଲ ମଣିଷ ହୋଇ ପିତାମାତା ଓ ଗୁରୁଜନଙ୍କୁ ଭକ୍ତି ପ୍ରଦର୍ଶନ କରିବାକୁ କହିଥିଲେ। ବିଭିନ୍ନ କ୍ରୀଡ଼ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବେଆଇନ ଖଣିରେ ଚଢ଼ାଉ: ୩ ଟ୍ରକ୍ ଜବତ

### ୧ଲକ୍ଷ ୨୫ ହଜାର ଟଙ୍କା ଜରିମାନା ଆଦାୟ

ନିରାକାରପୁର,୮।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ଚାଲିଥିବା ଚୋରା ଓ ବେଆଇନ ମାଙ୍କଡ଼ା ପଥର ଓ ମୋରମ ଖଣିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଉଦ୍ଦେଶ୍ୟରେ ଜଙ୍କିଆ ପୋଲିସ ଚଢ଼ାଉ ଜାରି ରଖିଛି। ଏହାକୁ ରୋକିବା ନିମନ୍ତେ ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କରଙ୍କ ନେତୃତ୍ୱରେ ଏକ ସ୍ପେଆଲ ଟିମ ଗଠନ କରାଯାଇ ବିଭିନ୍ନ ଖଣିରେ ଚଢ଼ାଉ କରାଯାଉଛି। ଶୁକ୍ରବାର ଚଢ଼ାଉବେଳେ ଡମଣ ଭୂମି ଓ ମଳିପ ରାସ୍ତାରୁ ଓ ଜଙ୍କିଆ କାଳିବତୀ ମୌଜାରୁ ୩ଟି ମାଙ୍କଡ଼ା ପଥର ବୋଢେଇ ଟ୍ରକ (ଓଆର–୦୯–ଇ–୯୮୫୭, ଓଡି–୦୨–ବିବି–୦୨୧୦, ଓଡି–୧୩–୦୦୪୫) ପୋଲିସ ଜବତ କରିଛି। ଉକ୍ତ ଜବତ ଗାଡ଼ିଗୁଡ଼ିକରୁ ୧ଲକ୍ଷ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଙ୍କିଆ ଥାନା ଅଧିକାରିଣୀ କର ସୂଚନା ଦେଇଛନ୍ତି।



## ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଟାଙ୍ଗୀ, ୮।୧୨(ରଘୁନାଥ ସାହୁ)

ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଦୁର୍ଗା ଚରଣ ଚିଲିକା କଲେଜ ଷ୍ଟାଡିୟମଠାରେ ଉଦଘାଟିତ ହୋଇଯାଇଛି। ସ୍କାଉଟ ଆଣ୍ଡ ଗାଇଡର ଛାତ୍ରୀଛାତ୍ରମାନେ ରାମଚଣ୍ଡୀ ମନ୍ଦିରରୁ କ୍ରୀଡ଼ା ମଶାଲ ଧରି ଶୋଭାଯାତ୍ରାରେ ଆସି କ୍ରୀଡାଙ୍ଗନରେ ପହଞ୍ଚିଥିଲେ। ଅତିଥି ଭାବେ ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ସାହିତ୍ୟ ଘର ସଭାପତି ତଥା କ୍ରୀଡ଼ା ସଙ୍ଗଠକ ବିଜୟ କୁମାର ରାଉତ, ସ୍କାଉଟ ଆଣ୍ଡ ଗାଇଡର ରାଜ୍ୟ ସଂଯୋଜକ ରବିନ୍ଦ୍ର କୁମାର ନାୟକ, କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ରଘୁନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଖେଳ ମାଧ୍ୟମରେ ବନ୍ଧୁତା, ସହଯୋଗ, ସହଭାଗିତା, କୌଶଳ, ଶୃଙ୍ଖଳା, ଆତ୍ମବିଶ୍ୱାସ ବୃଦ୍ଧି, ମାନସିକ, ଶାରୀରିକ ତଥା ବୈଦ୍ଧିକ ଶିକ୍ଷା ମିଳିଥାଏ ବୋଲି ଅତିଥିମାନେ କହିଥିଲେ। କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଅତିଥି ଉଦଘାଟନ କରିଥିଲେ। ଛାତ୍ରୀଛାତ୍ରୀମାନେ ଶପଥପାଠ କରିବା ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥଲା। ବିଦ୍ୟାଳୟର ଅଧକ୍ଷ କିଶୋର କୁମାର ସାହୁ ସ୍ୱାଗତ ଭାଷଣ ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ମହାନ୍ତି, କ୍ରିଷ୍ଣା ପରିଡ଼ା, ରୀନାବାଳା ସାହୁ, ନମିତା ରାଉତ, ପ୍ରମିଳା ପ୍ରଧାନ, ଭାରତୀ ବିଶ୍ୱାଳ, ସୁନୀତା ମହାରଣା, କଲ୍ୟାଣୀ ବାଳା ମହାରଣା, ପ୍ରଗତିକା ପ୍ରିୟଦର୍ଶିନୀ ପଲାଇ, ଶିଲ୍ପା ସେନାପତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ସ୍ମାରକୀ ବିଳମ୍ବ ନେଇ ଗର୍ଜିଲା କଳିଙ୍ଗ ପାଇକ ସଙ୍ଗଠନ


ପ୍ରସ୍ତାବିତ ସ୍ମାରକୀ ସ୍ଥଳରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ମାସକ ମଧ୍ୟରେ ନିର୍ମାଣ ଆରମ୍ଭ ନ ହେଲେ ଆନ୍ଦୋଳନ

ଖୋର୍ଦ୍ଧା,୮।୧୨ (ପ୍ରଭାତ ପାଣିଗ୍ରାହୀ)

କଥାରେ ଅଛି ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ। ଶିଳନ୍ୟାସର ବର୍ଷେ ନୁହେଁ, ୪ ବର୍ଷ ବିତିଗଲାଣି, ହେଲେ ସ୍ମାରକୀ ନିର୍ମାଣ ହୋଇପାରୁନାହିଁ। ଏହାକୁ କଳିଙ୍ଗ ପାଇକ ସଙ୍ଗଠନ ତୀବ୍ର ସମାଲୋଚନା କରିଛି। ଶୁକ୍ରବାର ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳରେ କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ସରକାରଙ୍କ ଉଦାସୀନତା ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ମାରକୀ ନିର୍ମାଣରେ ସରକାରଙ୍କ ଅବହେଳା, ଆନ୍ତରିକତା ଅଭାବକୁ ଅନୁଷ୍ଠାନ ତୀବ୍ର ବିରୋଧ କରିଛି। ଅନୁଷ୍ଠାନର ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶରେ ଉପଦେଷ୍ଟା ସୁରଥ ବିଶ୍ୱାଳ କହିଲେ ଯେ, ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ ହେବା ଆବଶ୍ୟକ। ଏଥିରେ ଯଦି କୌଣସି ଅଭିସନ୍ଧି ରହେ, ତା'ହେଲେ ଇତିହାସ ଏହାକୁ କ୍ଷମା ଦେବନାହିଁ। ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଏକ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଘୋଷଣା କରାଯାଇଛି। ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସମରେନ୍ଦ୍ର ବଳିଆରସିଂ, କାର୍ଯ୍ୟକାରୀ ସଭାପତି ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ସମ୍ପାଦକ ରମଜାନ୍ ଖାଁ, ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, ବିଶ୍ୱଜିତ୍ ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିକ୍ରମ କେଶରୀ ଚମ୍ପତି, ସୁବାସ ଚନ୍ଦ୍ର ସାମନ୍ତରାୟ, ବୈଦ୍ୟନାଥ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବକ୍ସି ଜଗବନ୍ଧୁ ସ୍ମୃତି କମିଟି, ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ, କୃତ୍ତିବାସ ପାଟ୍ଟଶାଣୀ ସ୍ମୃତି ପରିଷଦ, ଉତ୍କଳ ବିକାଶ ପରିଷଦ, ଖୋରଧା ଓକିଲ ସଂଘ, ନିଖିଳ ଉତ୍କଳ ପାଇକ ମହାସଂଘ, ଖଣ୍ଡାୟତ କ୍ଷତ୍ରୀୟ କଳ୍କୀ ସଂଘ ଏବଂ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ପ୍ରତିନିଧିମାନେ ସାମିଲ ଥିଲେ।

**ସଂକ୍ଷେପରେ**

## ୧୨ରୁ ସତ୍ୟବାଦୀରେ ସମସ୍ତ ଡାକଘର ବନ୍ଦ

ସାକ୍ଷୀଗୋପାଳ, ୮।୧୨(ଭରତ ରାଉତ)

ସାତଦଫା ଦାବିରେ ଅଖିଳ ଭାରତ ଗ୍ରାମୀଣ ଡାକସେବା ସଂଘ ୧୨ ତାରିଖଠାରୁ ଶାଖା ଡାକଘରଗୁଡ଼ିକ ବନ୍ଦ କରିବା ସହ ହରତାଳ କରିବ ବୋଲି ଜଣାପଡ଼ିଛି। ସତ୍ୟବାଦୀ ବ୍ଲକରେ ଥିବା ୧୫ଟି ଡାକଘର ଏହି ବନ୍ଦ ଡାକରାରେ ସାମିଲ ହେବେ। ଫଳରେ ଗ୍ରାମୀଣ ଡାକସେବା ଅନିର୍ଦ୍ଦିଷ୍ଟ କାଳ ପାଇଁ ଠପ୍ ହୋଇଯିବ। ଲୋକେ ଡାକଘର ମାଧ୍ୟମରେ କରୁଥିବା ଟଙ୍କା ଦେଣନେଣ ମଧ୍ୟ ଠପ୍ ହୋଇଯିବ। ସେମାନଙ୍କ ଦାବି ମଧ୍ୟରେ ୮ ଘଣ୍ଟା କାର୍ଯ୍ୟନିର୍ଘଣ୍ଟ, ନିୟମିତ କର୍ମଚାରୀଙ୍କ ପରିପଦୋନ୍ନତି, ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ପ୍ରଦାନ, ଗ୍ରାଚୁଇଟି ଓ ଗ୍ରୁପ୍ ଇନ୍‌ସୁରାନ୍ସ ୫ଲକ୍ଷ ଟଙ୍କା ଦାବି, ୧୮୦ ଦିନ କାର୍ଯ୍ୟଦିବସ ଛୁଟି ଏନ୍‌କେସ୍‌ମେଣ୍ଟ, ଟାର୍ଗେଟ୍ ନାମରେ ସେବକଙ୍କୁ ନିର୍ଯାତନା ବନ୍ଦ କରିବା ଓ ସମାନ କାମକୁ ସମାନ ଦରମା ଦେବାକୁ ଦାବି ହୋଇଛି।

## ଶେଷ ଦିନରେ ୧୧ ଜାଗାଘର ବିକାଶ ପାଇଁ ଭୂମିପୂଜା

ପୁରୀ, ୮।୧୨(ଅଜିତ୍ ମହାନ୍ତି):

ପୁରୀ ସହରରେ ଶୁକ୍ରବାର ୧୧ଟି ଜାଗା ଘର ବିକାଶ ପାଇଁ ଭୂମିପୂଜା କରାଯାଇଛି। ସହରରେ ଥିବା ୩୫ଟି ଜାଗା ଆଖଡ଼ାର ବିକାଶ କରାଯିବା ନିମନ୍ତେ ବହୁମୁଖୀ ବ୍ୟାୟାମଶାଳା ଓ ଭିତ୍ତିଭୂମି ଉନ୍ନୟନ ଲାଗି ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଜିଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରୁ ଗତ ଦୁଇଦିନରେ ୨୪ଟି ଜାଗାର ଭୂମିପୂଜା ସରିଥିଲା। ଶେଷ ଦିନରେ ଅର୍ଥାତ୍ ଶୁକ୍ରବାର ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ନୂଆତାପଙ୍ଗ ଜାଗା, ସୁନ୍ଦରା ଜାଗା, ଗଣ୍ଡମାଳ ଜାଗା, ରାଜବଲ୍ଲଭ ଜାଗା, ବଡ଼ ଆଖଡ଼ା ଜାଗା, ପାଣ୍ଡ ଜାଗା, ସାତବଖରା ଜାଗା, ଭଟ ଜାଗା, ରାହାସ ମହାନ୍ତି ଜାଗା, ବିଶୁନି ଜାଗା ଓ ଗୋପାଳ ବଲ୍ଲଭ ଜାଗାରେ ପୌର ନିର୍ବାହୀ ଅଧିକାରୀ ପହଞ୍ଚି ଭୂମି ପୂଜା କରିଥିଲେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୌର ପାଳିକାର ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ବାଲିସାହି ଆଖଡ଼ା ସମ୍ପାଦକ ନରେନ୍ଦ୍ର ମହାନ୍ତି, ସମସ୍ତ ଜାଗାର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମୋବାଇଲାଇଜେଶନ କମ୍ କାଉନସେଲିଂ କ୍ୟାମ୍ପ

ଅସ୍ତରଙ୍ଗ,୮।୧୨(ପ୍ରଦୀପ୍ତ ଦୀକ୍ଷିତ):

ସମସ୍ତଙ୍କ ପାଖରେ ବିଶୁଦ୍ଧ ପାଣି ପହଞ୍ଚାଇବାକୁ ରାଜ୍ୟ ସରକାର ବସୁଧା ଯୋଜନା ମାଧ୍ୟମରେ ମିଶନ ମୋଡ଼ରେ କାମ କରୁଛନ୍ତି। ଅସ୍ତରଙ୍ଗ ବ୍ଲକ ସଭାଗୃହ ପରିସରରେ ଗ୍ରାମାଞ୍ଚଳ ଯୁବକଙ୍କ ଦକ୍ଷତା ବିକାଶ ପାଇଁ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରୁ ପ୍ଲମ୍ବର, ଇଲେକ୍ଟ୍ରିସିଆନ, ସୋଲାର ସିଷ୍ଟମ ପାଇଁ ଯୁବକମାନେ ୬୬ଦିନର ତାଲିମ ନିଶ୍ଚିନ୍ତକୋଇଲିଠାରେ ନେବେ। ଏଥିପାଇଁ ପ୍ରତି ପଞ୍ଚାୟତରୁ ୨ଜଣ ଲେଖାଏଁ ଯୁବକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଶ୍ରୀକର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର ଓ ସହାୟକ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତି ଉପସ୍ଥିତ ଥିଲେ।

# ଥଇଥାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ବିସ୍ଥାପିତ ଦୋକାନୀ

ପୁରୀ,୮।୧୨(ଅଜିତ୍ ମହାନ୍ତି):



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବିସ୍ଥାପିତ ଦୋକାନୀମାନେ ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପାଇଁ ବିସ୍ଥାପିତ ହୋଇଥିବା ଦୋକାନୀଙ୍କୁ ଥଇଥାନ କରିବା ଦାବିରେ ମା' କାକୁଡ଼ିଖାଇ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ୭୫ ମିଟର ପରିସରରେ ଦୋକାନୀମାନେ ବ୍ୟବସାୟ କରୁଥିଲେ। ତେବେ ପ୍ରକଳ୍ପ ପାଇଁ ସମସ୍ତ ସଭ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନି ବ୍ୟବସାୟ କରୁଥିବା ସ୍ଥାନକୁ ବିନା ଦ୍ୱିଧାରେ ଛାଡ଼ିଦେଇ ବିସ୍ଥାପିତ ହୋଇଥିଲୁ। ସରକାରଙ୍କ ପକ୍ଷରୁ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ବିସ୍ଥାପିତ ୯୫ଜଣ ସଭ୍ୟଙ୍କୁ ସରକାରଙ୍କ ପକ୍ଷରୁ ୩୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯାଇଥିଲା। ଦୁଃଖର ବିଷୟ, ବର୍ତ୍ତମାନ ଅନ୍ୟ ବ୍ୟବସାୟୀଙ୍କୁ ଥଇଥାନ ସହ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। ମାତ୍ର ମା' କାକୁଡ଼ିଖାଇ କ୍ଷୁଦ୍ର ବ୍ୟବସାୟୀ ସଂଘର ସଦସ୍ୟମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଫଳରେ ସଂଘର ସଦସ୍ୟମାନେ ଜୀବିକା ନିର୍ବାହ କରିବା କଷ୍ଟସାଧ୍ୟ ହେଉଛି। ପୂର୍ବରୁ ପୁରୀ ପୌରସଂସ୍ଥା କ୍ଷୁଦ୍ର ବ୍ୟବସାୟୀ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ତେଣୁ ପ୍ରଶାସନ ସମସ୍ତ ଘଟଣାକୁ ନଜରରେ ରଖି ବିସ୍ଥାପିତ ହୋଇଥିବା ସଂଘର ସମସ୍ତ ସଭ୍ୟଙ୍କୁ ଥଇଥାନ କରିବା ପାଇଁ ଆଦେଶ ପ୍ରଦାନ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

# ୧୨ରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ପୁରୀ,୮।୧୨(ଅଜିତ ମହାନ୍ତି):

ପୁରୀ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଓ ମେଳା ଚଳିତ ମାସ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଶରଧାବାଲିଠାରେ ଅନୁଷ୍ଠିତ ହେବ। ଏଥିରେ କୃଷକମାନଙ୍କୁ ବିଭିନ୍ନ ଆଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ତାହାର ଉପଯୋଗ ଓ ବିକ୍ରୟ ବ୍ୟବସ୍ଥା କରାଯାଇଛି। ସେହିପରି କୃଷକଙ୍କ ସହ ଆଲୋଚନା ଚକ୍ର, ସେମାନଙ୍କ ସମସ୍ୟା, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯିବ। ଏହି ମେଳାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଶୁକ୍ରବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ସହ କୃଷକଙ୍କୁ ସୂଚନା ଦେବା ଓ ସେମାନଙ୍କ ଆବଶ୍ୟକତା ଅନୁସାରେ କୃଷି ଯନ୍ତ୍ରପାତି କ୍ରୟରେ ସହଯୋଗ କରିବାକୁ କୃଷି ଅଧିକାରୀମାନଙ୍କୁ ସାହୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ମନୋଜ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ମେଳା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କୃଷି ଅଧିକାରୀ ସୁଶାନ୍ତ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କବି, ଲେଖକ ସମ୍ମିଳନୀ




ବିଶ୍ୱନୟନ ଐଶ୍ୱରୀୟ ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମିଳନୀରେ ମୁଖପତ୍ରକୁ ଅତିଥି ଉନ୍ମୋଚନ କରୁଛନ୍ତି ।

ପୁରୀ,୮।୧୨(ଅଜିତ ମହାନ୍ତି):

ବିଶ୍ୱନୟନ ଐଶ୍ୱରୀୟ ପରିଷଦ ପକ୍ଷରୁ ଜିଲା ସଂସ୍କୃତି ଭବନଠାରେ ଶୁକ୍ରବାର ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ଓ ଲେଖକ ସମାବେଶକୁ ଉଦଘାଟନ କରି ବିଶିଷ୍ଟ ଅତିଥି ତଥା ବାବା ସତ୍ୟାନନ୍ଦ ଦାସ ମହାରାଜ କହିଥିଲେ, ଜନ୍ମ ଓ ମୃତ୍ୟୁ ହେଉଛି ଚିରନ୍ତନ ସତ୍ୟ। ଏକ ଆଧ୍ୟାତ୍ମିକ ଆନ୍ଦୋଳନ ପାଇଁ ବିଶ୍ୱନୟନ ଆଧ୍ୟାତ୍ମିକ ପତ୍ରିକା ଦୀର୍ଘବର୍ଷ ଧରି ତା'ର ସଂଗ୍ରାମ ଜାରିରଖିଛି। ସେହିପରି ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ବିନୋଦ କୁମାର ପଣ୍ଡା ଯୋଗଦେଇ କହିଲେ ବିଶ୍ୱନୟନ ହେଉଛନ୍ତି ସ୍ୱୟଂ ଜଗନ୍ନାଥ, ଆଉ ବିଶେଶ୍ୱରୀ ହେଉଛନ୍ତି ମା' ଭୁବନେଶ୍ୱରୀ। ଯାହାଙ୍କ ଶ୍ରୀହସ୍ତରେ ଚତୁର୍ଦ୍ଦଶ ଭୁବନର ଚାବିକାଠି। ସେ ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି। ମୁଖ୍ୟ ଅତିଥି ଭାବେ ମହାପାତ୍ର ସବିତା ହୋତା, ସମ୍ମାନିତ ଅତିଥିଭାବେ ଡାକ୍ତର ବିପିନ ବିହାରୀ ଖୁଣ୍ଟିଆ, ସମାଜସେବୀ ଚକ୍ରଧର ମହାପାତ୍ର, ମନୋଜ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱନୟନ ଐଶ୍ୱରୀୟ ପରିଷଦର ସଭାପତି ଡାକ୍ତର ସୋମ୍ୟକାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପରିଷଦର ସମ୍ପାଦିକା ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶେଶ୍ୱରୀ ପତ୍ରିକାର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟଲକ୍ଷ୍ମୀ ଦାଶ ଅଧ୍ୟକ୍ଷତା କରିଥିଲେ।

### ବିଭିନ୍ନ ପୁସ୍ତକ ଲୋକାର୍ପିତ, ପ୍ରତିଭା ସମ୍ମାନିତ

ଅନ୍ୟତମ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକା ଶକୁନ୍ତଳା ବଳିୟାରସିଂ, ଡ. ଜୟଶ୍ରୀ ମହାପାତ୍ର, ନିର୍ମଳା ଫତେସିଂ, ପ୍ରତିମା ମିଶ୍ର, ହରପ୍ରିୟା ସାହୁ, ପ୍ରମୋଦା ଦେବୀ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ବିଶ୍ୱନୟନ ଐଶ୍ୱରୀୟ ପରିଷଦର ମୁଖପତ୍ର 'ବିଶ୍ୱନୟନ' ଓ ନାରୀ ପତ୍ରିକା 'ବିଶେଶ୍ୱରୀ', ପ୍ରମୋଦା ଦେବୀଙ୍କ ରଚିତ ପୁସ୍ତକ 'ଭାରତର ସାଧୁସନ୍ଥ' ଏବଂ ତୃପ୍ତି ପଣ୍ଡାଙ୍କ ପୁସ୍ତକ 'ଚିତ୍ରପଟରେ ଚିତ୍ରଲେଖା' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନେକ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରସନ୍ନ ପଣ୍ଡା, ମୋହନ ମହାରଣା, ଡାକ୍ତର ତପନ କୁମାର ଦାସ, ହରପ୍ରିୟା ମିଶ୍ର, ନିବେଦିତା କର, ଶିବପ୍ରସାଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଣସଂକ୍ରାମକ ରୋଗ ଚିହ୍ନଟ, ନିରାକରଣ ଶିବିର

ପୁରୀ,୮।୧୨(ଅଜିତ ମହାନ୍ତି):

ପେଣ୍ଠକଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୩୧ନଂ ୱାର୍ଡର ସିଦ୍ଧମହାବୀର ମନ୍ଦିର ପରିସର ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣସଂକ୍ରାମକ ରୋଗ ଚିହ୍ନଟ ଓ ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁଶ୍ରୀ ମହାନ୍ତି ଏବଂ ଡା. ଲାଲ୍‌ମୋହନ ହୋ ଉଦ୍‌ଘାଟନ କରିଥିଲେ। ଶୁଭଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଜିତ ମହାପାତ୍ର, ପ୍ରତ୍ୟୁଷ ପ୍ରଧାନ, ତପସ୍ୱିନୀ ମିଶ୍ର, ନେତ୍ରମଣି ଜେନା ପରିଚାଳନାରେ ସହଯୋଗ କରିଥିଲେ। ୭୫ ଜଣଙ୍କ ରକ୍ତଚାପ, ମଧୁମେହ, ରକ୍ତହୀନତା, ମୁଖ କର୍କଟ, ରୋଗ ସଂକ୍ରାନ୍ତୀୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ସୁସ୍ଥ ଜୀବନ ଯାପନ ପାଇଁ ଫିଜିଓଥେରାପି ଶିକ୍ଷା ଦିଆଯାଇଥିଲା। ୧୪ ଜଣ ରକ୍ତଚାପ, ୧୮ଜଣ ମଧୁମେହ ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା। ଡାକ୍ତର ଲାଲ୍‌ମୋହନ ହୋ ଏବଂ ଦନ୍ତରୋଗ ଡାକ୍ତର ଅନିକେଶ ଖୁଣ୍ଟିଆ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅର୍ଚ୍ଚନା ସିଂ ଫିଜିଓଥେରାପି ଶିକ୍ଷା ଦେଇଥିଲେ। ପେଣ୍ଠକଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୁରୀ ପୌରସଂସ୍ଥାର ୱାର୍ଡ ନଂ – ୨୬, ୩୦, ୩୧ ଓ ୩୨ର ବିଭିନ୍ନ ସ୍ଥାନରେ ପ୍ରତି ୩ମାସରେ ଏହି ଶିବିର ଆୟୋଜନ କରାଯାଉଛି।

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ



ବିଦ୍ୟାଳୟ ପରିସରରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

ସାକ୍ଷୀଗୋପାଳ,୮।୧୨(ଭରତ ରାଉତ):

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଙ୍କ ସହ ସ୍କାଉଟ ଆଣ୍ଡ ଗାଇଡ ବିଭାଗର ଛାତ୍ରମାନେ ସଡ଼କ ସୁରକ୍ଷା ସଚେତନତାରେ ଶୁକ୍ରବାର ସାମିଲ ହୋଇଥିଲେ। ସତ୍ୟବାଦୀ ହାଇସ୍କୁଲର ଏନ୍‌ସିସି ଶିକ୍ଷକ ଓ ସ୍କାଉଟ୍‌ଗାଇଡ୍ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ହାଇସ୍କୁଲ ପରିସରରୁ ଏକ ସଚେତନତା ରାଲି ବାହାରିଥିଲା। ପରେ ପିଲାମାନେ ସାକ୍ଷୀଗୋପାଳ–ଅଳଗୁମ ରାସ୍ତାର ପଞ୍ଚସଖା ପଡ଼ିଆଠାରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେବା ସହ ଉକ୍ତ ରାସ୍ତାରେ ଯାଉଥିବା ବିନା ହେଲ୍‌ମେଟ୍ ବାଇକ୍ ଆରୋହୀ ଓ କାର୍ ଚାଳକଙ୍କୁ ସିଟ ବେଲଟ ପିନ୍ଧିବା ନେଇ ସଚେତନ କରାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ନେଇ ପଞ୍ଚାୟତରେ ଉତ୍ତେଜନା

କଣାସ, ୮।୧୨(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ସରକାର ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରତି ଗ୍ରାମପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଦେଇଛନ୍ତି। କଣାସ ବ୍ଲକର ଗଡ଼ସାହି ପଞ୍ଚାୟତରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଅର୍ଥରେ ୧୭ଟି ପ୍ରୋଜେକ୍ଟ କରିବାକୁ ଠିକ୍ ହୋଇଥିବାବେଳେ ବିଧାୟକଙ୍କ ସମର୍ଥକ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସମର୍ଥକ କିଏ କେଉଁ କାମ କରିବ ସେନେଇ ଟଣାଓଟରା ଲାଗିରହିବା ସହ ଗୁରୁବାର ଦୁଇ ଗୋଷ୍ଠୀ ମଧ୍ୟରେ ଗଡ଼ସାହି ପଞ୍ଚାୟତ ସମିତି ନିକଟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। କଣାସ ବ୍ଲକର କନିଷ୍ଠ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ ଗୁରୁବାର ଗଡ଼ସାହି ସରପଞ୍ଚ ବିଭୂତି ଭୂଷଣ ବେବର୍ତ୍ତାଙ୍କୁ ନ ଜଣାଇ ବିଧାୟକଙ୍କ ସମର୍ଥକଙ୍କୁ କାର୍ଯ୍ୟ କରିବାକୁ ଆଦେଶ ଦେଇଥିଲେ। ସରପଞ୍ଚ ବେବର୍ତ୍ତା କନିଷ୍ଠ ଯନ୍ତ୍ରୀଙ୍କୁ ତୁମେ କାହିଁକି ମୋତେ ନ ଜଣାଇ କାର୍ଯ୍ୟାଦେଶ ଦେଲ ବୋଲି କହିବାରୁ ପାଟିତୁଣ୍ଡ ହୋଇଥିଲା। ଗୋଚ୍ଛାୟତଙ୍କୁ ବିଡିଓ ନିର୍ଦ୍ଦେଶ ଦେବାରୁ ସେ ଆସିଥିବା କହିବାରୁ ସରପଞ୍ଚ, ସମିତିସଭ୍ୟ ଓ ତାଙ୍କ ସମର୍ଥକ ଅପରାହ୍ଣରେ ଏନେଇ ବିଡିଓଙ୍କୁ ପଚାରିଥିଲେ। ସେ କାହାରିକୁ କିଛି କହି ନ ଥିବା ବିଡିଓ ନାରାୟଣ ସାହୁ କହିଥିଲା। ବିଡିଓ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଓ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ଖବର ଦେବାରୁ ସେମାନେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ସାହୁଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ଜେଇ ଉପସ୍ଥିତ ନ ହେବାରୁ ଆଲୋଚନା ସ୍ଥଗିତ ରହିଥିଲା। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଗୋଚ୍ଛାୟତଙ୍କୁ ପଚାରିବାରେ, ସେ ପ୍ରଥମେ ସରପଞ୍ଚଙ୍କୁ କାର୍ଯ୍ୟ କରିବାକୁ କହିଥିଲେ। ହେଲେ ସରପଞ୍ଚ ସେ କାର୍ଯ୍ୟ କରିବେନି ବୋଲି ମନା କରିଦେଇଥିଲେ। ପଛରେ ପ୍ରଧାନସାହି କୋଠଘର ନିର୍ମାଣକୁ ନେଇ ସରପଞ୍ଚ ପାଟିତୁଣ୍ଡ କରିଥିଲେ।

## ୧୦ରେ କାକଟପୁର ଆସିବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ

ଅସ୍ତରଙ୍ଗ, ୮।୧୨(ମମତା ଜେନା)

ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ୧୦ ତାରିଖରେ କାକଟପୁର ଗସ୍ତରେ ଆସିବେ। ସେ କାକଟପୁର ବିକାଶ ପରିଷଦର ଏକ ଜନସମାବେଶ କାର୍ଯ୍ୟକ୍ରମରେ ଯୋଗଦେବେ। କାକଟପୁର ବ୍ଲକ ଛକଠାରେ ନିର୍ବାଚନମଣ୍ଡଳୀର ବିକାଶ ପରିଷଦ ପକ୍ଷରୁ ଷଡ଼ଙ୍ଗୀ ଉଦ୍‌ବୋଧନ ଦେବେ। ଷଡ଼ଙ୍ଗୀଙ୍କ ଏହି କାର୍ଯ୍ୟକ୍ରମରେ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କାକଟପୁରର ୧୬ଟି, ଅସ୍ତରଙ୍ଗର ୧୫ଟି, ଗୋପର ୧୪ଟି ଏପରି ସମୁଦାୟ ୪୬ଟି ପଞ୍ଚାୟତ, କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡର ନେତାମାନେ ଉପସ୍ଥିତ ରହିବେ। ଏନେଇ ନିର୍ବାଚନମଣ୍ଡଳୀ ସଂଯୋଜକ ସର୍ବେଶ୍ୱର ମଲ୍ଲିକ, ତପନ ମିଶ୍ର, ମାଧବ ମଲ୍ଲିକ, କୁଞ୍ଜ ପଟ୍ଟନାୟକ, ମନ୍ମଥ ମଲ୍ଲିକ, ଜୀବନ ସାହୁ ପ୍ରମୁଖ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ



କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ ।

ଅସ୍ତରଙ୍ଗ,୮।୧୨(ପ୍ରଦୀପ୍ତ ଦୀକ୍ଷିତ):

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ୧୫ଟି ପଞ୍ଚାୟତକୁ ନେଇ ଗଠିତ। ୨୦୧୭ ମସିହାରେ ନୂଆଗଡ଼ ଗ୍ରାମପଞ୍ଚାୟତକୁ ଭାଗ କରାଯାଇ ନୂଆଗଡ଼ ଓ ଖାଡ଼ଲିଙ୍ଗ ୨ଟି ପଞ୍ଚାୟତ ସୃଷ୍ଟି ହୋଇଥିଲା। ଖାଡ଼ଲିଙ୍ଗ ପଞ୍ଚାୟତର ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ କ୍ରୀଡ଼ା ଓ ଯୁବସେବା, ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବନିତା ବେହେରା, ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ୍, ଖାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଅଫିସ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପଞ୍ଚାୟତ ଅଫିସ ସହିତ ମୋ ସେବା କେନ୍ଦ୍ର, କଅପରେଟିଭ ସମବାୟ ସମିତି ଗୃହ, ମିଶନ ଶକ୍ତି ଗୃହ ସମସ୍ତ ସୁବିଧା ଗୋଟିଏ କ୍ୟାମ୍ପସରେ ଉପଲବ୍ଧ ହେବ। ଏଥିସହ ଖୁବ୍‌ଶୀଘ୍ର ବ୍ୟାଙ୍କିଙ୍ଗ୍ ସୁବିଧା ସିଏସ୍‌ପି ପ୍ଲସ୍ ମଧ୍ୟ କାର୍ଯ୍ୟକ୍ଷମ ହେବ, ଯାହା ଜନସାଧାରଣ ହାତପାଆନ୍ତାରେ ଗୋଟିଏ ସ୍ଥାନରେ ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ବେହେରା ମତପ୍ରକାଶ କରିଛନ୍ତି। ତତ୍‌ସହିତ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ମଧ୍ୟରେ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତ ଜନସାଧାରଣଙ୍କ ସହ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଖେଦରପୁର ମଠର ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା, ୮।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ରାଜ୍ୟ ସରକାରଙ୍କ ୫-ଟି ଅନୁଦାନ ପ୍ରଦତ୍ତ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭୋଗଶାଳଦା ପଞ୍ଚାୟତ ଅଧୀନ ଖେଦରପୁର ମଠର ବିକାଶ ଓ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଧୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସରପଞ୍ଚ ବିଶ୍ୱନାଥ ସେନାପତି, ସମିତି ସଭ୍ୟା ସଭ୍ୟାରାଣୀ ବିଶ୍ୱାଳ, ଯୁବନେତା କୈଳାସ ପାତ୍ର, ସ୍ୱପ୍ନକୁମାର ଲେଙ୍କା, ଅଜୟ ସ୍ୱାଇଁ, ମଠ ମହନ୍ତ ମହାରାଜ କୌଶଲ୍ୟା କିଶୋର ଦାଶ ପ୍ରମୁଖ ଯୋଗଦେଇ ବହୁ ପ୍ରାଚୀନ ମଠର ଉନ୍ନତୀକରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାରୁ ଅତିଥି, ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜଣାଇଥିଲେ। ଖୁବ୍‌ଶୀଘ୍ର ଏହି ପୁରାତନ ମଠର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇ ତ୍ୱରାନ୍ୱିତ ହେବ ବୋଲି ବିଧାୟକ ଦାଶ କହିଛନ୍ତି। ଏହି ଅବସରରେ ସଭାସ୍ଥଳରେ ବିଧାୟକ ଦାଶଙ୍କୁ ପଞ୍ଚାୟତବାସୀ, ଦଳୀୟ କର୍ମୀ, ନେତୃବୃନ୍ଦମାନେ ସ୍ୱାଗତ କରିଥିଲେ।



ସମାରୋହ ସ୍ଥଳରେ ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟାନ୍ୟ ଅତିଥିବୃନ୍ଦ।

## ସୂର୍ଯ୍ୟ ଉପାସନା ସଂକ୍ରାନ୍ତ ଆଲୋଚନାଚକ୍ର

କୋଣାର୍କ,୮।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ କୋଣାର୍କ ପକ୍ଷରୁ କୋଣାର୍କ ଓ ସୂର୍ଯ୍ୟ ଉପାସନା ଶୀର୍ଷକ ଆଲୋଚନାଚକ୍ର ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ଉପେନ୍ଦ୍ର ନାଥ ଭୋଳ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ହରିଶଚନ୍ଦ୍ର ଦାଶ, ଗବେଷକ ସଞ୍ଜୟ ବରାଳ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଆଭାସ ମହାନ୍ତି, ଶିକ୍ଷାବିତ୍ ପ୍ରତାପ ରାଉତ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟଜିତ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ କୋଣାର୍କ ଓ ସୂର୍ଯ୍ୟ ଉପାସନା ଉପରେ ସୁନ୍ଦର ଭାବେ ଆଲୋକପାତ କରିଥିଲେ। ଶ୍ରୀ ଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନର ସମ୍ପାଦକ ବିରଞ୍ଚି ନାରାୟଣ ରଥ କାର୍ଯ୍ୟକ୍ରମ ପରିଚାଳନା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଦୀପ୍ତ ପ୍ରଧାନ, ଶୋଭନୀୟ ଶିକ୍ଷାଶ୍ରମର ଶିକ୍ଷୟିତ୍ରୀ ମନୋରମା ମିଶ୍ର ବିଦ୍ୟୁଲତା ଶତପଥୀ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶାରେ କାନାରା ବ୍ୟାଙ୍କର ୧୭୧୦ତମ ଶାଖା ଉଦ୍‌ଘାଟିତ

ପିପିଲି, ୮।୧୨
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ରାଷ୍ଟ୍ରାୟତ୍ତ କାନାରା ବ୍ୟାଙ୍କ ପକ୍ଷରୁ ପିପିଲି ହାଟ ଛକଠାରେ ଏକ ନୂତନ ଶାଖାର ଉଦ୍‌ଘାଟନ ଶୁକ୍ରବାର ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ସେଲ୍ କାର୍ଯ୍ୟକ୍ରମକୁ କାନାରା ବ୍ୟାଙ୍କର ଓଡ଼ିଶା ମଣ୍ଡଳ ମୁଖ୍ୟ ଜଗଦୀଶ ଚନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏହି ଶାଖାଟି ରାଜ୍ୟର ୧୭୧୦ତମ ଶାଖା। କାନାରା ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କିଙ୍ଗ୍ ଉତ୍ପାଦ, ବିଭିନ୍ନ ନେଣଦେଣ ଯୋଜନା ଏବଂ ଆଧୁନିକ ଆପ୍ ତଥା ଅନ୍‌ଲାଇନ ସୁବିଧା ସମ୍ପର୍କିତ ବିଷୟ ଉପରେ ମଣ୍ଡଳ ମୁଖ୍ୟ ଜଗଦୀଶ ଚନ୍ଦ୍ର ଉପସ୍ଥାପନା କରିଥିଲେ। ପିପିଲି ଚାନ୍ଦୁଆ ହସ୍ତଶିଳ୍ପର ସହର ହୋଇଥିବାରୁ ତାଙ୍କ ବ୍ୟାଙ୍କ ସର୍ବପ୍ରଥମେ କାରିଗରଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତତ୍‌ସହିତ ମହିଳା ଏସ୍‌ଏଚ୍‌ଜିକୁ ଅଗ୍ରାଧିକାର ଦିଆଯିବ। କାନାରା ବ୍ୟାଙ୍କ ସର୍ବଭାରତସ୍ତରରେ କାରବାରରେ ଆଗୁଆ ରହିଥିବା ସେ ଦର୍ଶାଇଥିଲେ। ଏହି ଅବସରରେ କାନାରା ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ମହାମାୟା ପ୍ରସାଦ ରାଏ ଯୋଗଦେଇ ରାଜ୍ୟର ଅର୍ଥନୈତିକ ଅଗ୍ରଗତିରେ କାନାରା ବ୍ୟାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହାୟକ ମହାପ୍ରବନ୍ଧକ ରୀତା ଦାସ, ଡିଭିଜନାଲ ମ୍ୟାନେଜର ବେଦବ୍ୟାସ ପ୍ରଧାନ ଏବଂ ପିପିଲି ଶାଖା ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଭିଜନାଲ ମ୍ୟାନେଜର ଦୀପକ କୁମାର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଜ୍ଞାନମେଳା: ୯୨ ପ୍ରକଳ୍ପ ପ୍ରଦର୍ଶିତ

କଣ୍ଟାପଡା, ୮।୧୨(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ନୋଡାଲ ସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୫ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛି। କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଣ୍ଟପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପଣ୍ଡା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଟୀନ୍ଦ୍ର ବରାଳ, ସାଇଲୋ ବଡବିଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଗଡବାଡ ଓ ବିଭିନ୍ନ ଶିକ୍ଷକ ସଂଗଠନର ସଭାପତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସାଇଲୋ ଝାରପଡା ହାଇସ୍କୁଲର ଛାତ୍ରୀ ପୁନମ ନାୟକ, ବଳେଶ୍ୱର ହାଇସ୍କୁଲର ଛାତ୍ରୀ ଶ୍ରେୟଶ୍ରୀ ନାଏକ, ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିର ଛାତ୍ର ଉଦିତ୍ ନାରାୟଣ ନାୟକ, ଛାତ୍ରୀ ସ୍ମୃତିରେଖା ରାଉତରାୟ ଓ ଶିଶୁଆ ଉ.ପ୍ରା. ବିଦ୍ୟାଳୟର ଛାତ୍ର ରୁଦ୍ରପ୍ରସାଦ ସାହୁଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନିତ ହୋଇଛି। ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ ମୁଖ୍ୟ ଅତିଥି, ଜିଲାପରିଷଦ ସଭ୍ୟ ପିୟୂଷ ମିଶ୍ର, ବ୍ରାହ୍ମଣ ସାଇଲୋ ସରପଞ୍ଚ ତୃପ୍ତିମୟୀ ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ଉଦ୍‌ଘାଟନ ଅପେକ୍ଷାରେ ଶିଶୁଭବନ ନୂଆ କୋଠା

କଟକ,୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)



କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)ର ରୂପରେଖ ବଦଳିବ। ଶିଶୁଭବନରେ ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ହେଲେ ସେହି ଅନୁଯାୟୀ ଭିତ୍ତିଭୂମି ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ କୋଠା ନିର୍ମାଣ ପାଇଁ ଯୋଜନା ହୋଇଥିଲା। ୨୦୧୬ ଫେବୃୟାରୀ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କୋଠା ନିର୍ମାଣ ପାଇଁ ଶିଶୁଭବନ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କୋଠା ନିମାଣ ପାଇଁ କୋଲକାତାର ବ୍ରିଜ୍ ଆଣ୍ଡ୍ ରୁଫ୍ ଲିଃକୁ ଦାୟିତ୍ୱ ଦିଆଯାଇଥିଲା। ଆର୍‌ଆଣ୍ଡବି ବିଭାଗ ଏହାର ତଦାରଖ ଦାୟିତ୍ୱରେ ଥିଲା। ଇତିମଧ୍ୟରେ କୋଠା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆର୍‌ଆଣ୍ଡବି ପକ୍ଷରୁ ଶିଶୁଭବନ କର୍ତ୍ତୃପକ୍ଷଙ୍କୁ ଉକ୍ତ କୋଠାକୁ ହସ୍ତାନ୍ତର କରାଯିବା ପରେ ଶିଶୁଭବନ ସମସ୍ତ ବିଭାଗ ସେଠାକୁ ସ୍ଥାନାନ୍ତର ହେବ। ହେଲେ ସେଠାରେ ଚିକିତ୍ସା ପାଇଁ ଆବଶ୍ୟକ ସରଞ୍ଜାମ ବ୍ୟବସ୍ଥା କରାଯାଇ ନ ଥିବାରୁ କୋଠା ଉଦ୍‌ଘାଟନ ହୋଇପାରୁ ନ ଥିବା ହସ୍ପିଟାଲର ଜଣେ କର୍ମଚାରୀ କହିଛନ୍ତି।

ସୂଚନାନୁଯାୟୀ, ପ୍ରାୟ ୨୯, ୯୧୨ ବର୍ଗ ମିଟରରେ ୧୩୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ୭ ମହଲା କୋଠା ନିର୍ମାଣ କରାଯାଇଛି। ଏଥିରେ ଅତ୍ୟାଧୁନିକ ମେଶିନ ସହ ୮୫ଟି ଇଣ୍ଟେନସିଭ କେୟାର ୟୁନିଟ୍ (ଆଇସିୟୁ) ରହିଛି। ଏପରି କି ରୋଗୀ ସମ୍ପର୍କୀୟଙ୍କ ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୬୦୦ ଶଯ୍ୟା, ୬ଶହ ଡାକ୍ତରୀ ଛାତ୍ରଙ୍କ ରହିବା ପାଇଁ ହଷ୍ଟେଲ, ଅପେକ୍ଷା ଗୃହ, ଆମ୍ୟୁଜମେଣ୍ଟ ପାର୍କ, ଗାଡି ପାର୍କିଂ ପାଇଁ ଜାଗା ଓ ଆମ୍ବୁଲାନ୍ସ ରହଣି ଭଳି ସ୍ଥାନ ରହିଛି। ଶିଶୁଭବନରେ ପୂର୍ବରୁ ଆଇସିୟୁ ସଂଖ୍ୟା ୨୧ଟି ଥିବାବେଳେ ଏବେ ଆହୁରି ୨୦ଟି ନୂଆ କାର୍ଯ୍ୟକ୍ଷମ ହୋଇଛି। ଆବଶ୍ୟକ ସାମଗ୍ରୀ ନ ମିଳିବାରୁ ନୂଆ କୋଠା ଉଦ୍‌ଘାଟନ ଅପେକ୍ଷାରେ ରହିଛି। ଏନେଇ ଶିଶୁଭବନର ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ଜେନା କହିଛନ୍ତି, ନୂଆ କୋଠା ନିର୍ମାଣ କାମ ସରିଛି। ରାଜ୍ୟ ସରକାର ସମସ୍ତ ସରଞ୍ଜାମ ପାଇଁ ବ୍ୟବସ୍ଥା କରୁଛନ୍ତି। ସରଞ୍ଜାମ ଆସିଲେ ଖୁବ୍‌ଶୀଘ୍ର କୋଠା ଉଦ୍‌ଘାଟନ କରାଯିବ।

## ଆଇଟିଆଇରେ 'ନୂଆ-ଓ' କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମେୟର, ବିଧାୟକଙ୍କ ସହ ଅନ୍ୟମାନେ।

କଟକ,୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ) ପକ୍ଷରୁ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ସହ ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଉଦ୍‌ଯାପନୀ ସମାରୋହରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ଡେପୁଟି ନିର୍ଦ୍ଦେଶକ ଅଜୟ ପଣ୍ଡା, ଆଇଏମ୍‌ସି ଚେୟାରମ୍ୟାନ ପ୍ରଭାକର ସ୍ୱାଇଁ ଯୋଗଦେଇଥିଲେ। ବିଧାୟକ ବିଶ୍ୱାଳ କହିଥିଲେ, ଓଡ଼ିଶାର ଯୁବ ଖେଳାଳିମାନେ ଆଗାମୀ ଦିନରେ ରାଜ୍ୟ ପାଇଁ ଗୌରବ ଆଣିବେ। ସେହିପରି ମେୟର କହିଥିଲେ, ଓଡ଼ିଶା ହେଉଛି ୩ୟ ଶ୍ରେଷ୍ଠ ନିବେଶକ ରାଜ୍ୟ। କଟକରେ ଆସନ୍ତା ୨୦୨୪ ସୁଦ୍ଧା ମେଟ୍ରୋ ଟ୍ରେନ୍ କାର୍ଯ୍ୟକାରୀ ହେବ। ପ୍ରଭାକର ସ୍ୱାଇଁ ଛାତ୍ରୀଛାତ୍ରମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ।




ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ଶନ ହଲ୍‌ରେ ଆଇନଜୀବୀ ତଥା ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ସଭାପତି ଡ. ଅଶୋକ କୁମାର ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ।

## ସୁଦର୍ଶନ କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ

କଟକ ସଦର,୮।୧୨ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ସୁଦର୍ଶନ କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏକମାସ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ. ବିଜୟ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସରକାରଙ୍କ ଆର୍ଥିକ ପ୍ରୋତ୍ସାହନରେ ଯୁବବର୍ଗଙ୍କ ମଧ୍ୟରେ ତର୍କ, ନୃତ୍ୟ, ହାସ୍ୟରସ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯିବ। ନୋଡାଲ ଅଫିସର ବିଜୟ କୁମାର ସାହୁ, ଅଧ୍ୟାପକ ଗଣେଶ୍ୱର ଦାଶ, ଡ. ସଂଘମିତ୍ରା ବିଶ୍ୱାଳ, ବିରଞ୍ଚି କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସାମାଜିକ ସଚେତନତାର ବାର୍ତ୍ତା ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନିତ କରାଯାଇଛି।

## ଅଗ୍ନିକାଣ୍ଡ, ୩ ମହିଳା ଆହତ



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଆସବାବପତ୍ର।

କଟକ,୮।୧୨ (କାର୍ତ୍ତିକ ସାହୁ)

କଟକ ପିଠାପୁରସ୍ଥିତ ତାରାଚାନ୍ଦ ପାଟଣା ଅଞ୍ଚଳରେ ଶୁକ୍ରବାର ଭୋର୍ ପ୍ରାୟ ୪ଟାରେ ଅଗ୍ନିକାଣ୍ଡ ଘଟି ୩ ଜଣ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ବାସନ୍ତି ସ୍ୱାଇଁ(୪୩), ବର୍ଷା ମହାନ୍ତି(୧୮) ଓ ବାସନ୍ତି ମହାନ୍ତି(୩୩)। ଚିକିତ୍ସା ନିମନ୍ତେ ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ତାରାଚାନ୍ଦପାଟଣାର ଅଲେଖ ସାହୁ(୫୫)ଙ୍କ ଘରେ ଭଡ଼ାରେ ରୁହନ୍ତି। ବକ୍ସିବଜାର ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଆହତଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଉକ୍ତ ଘରେ ବାସ କରୁଥିବା ଲୋକମାନେ ଜଳଖିଆ ବ୍ୟବସାୟ କରି ଚଳନ୍ତି। ସକାଳେ ବ୍ୟବସାୟ କରିବା ପାଇଁ ରାତିରୁ ଉଠି ଇଡ୍‌ଲି ସମେତ ଅନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିରେ ଲାଗିପଡ଼ନ୍ତି। ଘରର ମହିଳାମାନେ ଖାଦ୍ୟ ପ୍ରସ୍ତୁତିରେ ବହୁ ଭାବେ ସାହାଯ୍ୟ କରୁଥିବାବେଳେ ପୁରୁଷ ଲୋକମାନେ ସେସବୁ ନେଇ ସକାଳୁ ବ୍ୟବସାୟ ପାଇଁ ମାର୍କେଟକୁ ଯାଆନ୍ତି। ପ୍ରତିଦିନ ଭଳି ଶୁକ୍ରବାର ଘରର ମହିଳାମାନେ ଜଳଖିଆ ପ୍ରସ୍ତୁତିରେ ଲାଗିଥିଲେ। ରୋଷେଇ ସମୟରେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେବାରୁ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଘରର ଆସବାବପତ୍ର କେତେକାଂଶରେ ପୋଡ଼ି ନଷ୍ଟ ହୋଇଛି। ତେବେ ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଯୋଗୁ ବଡ଼ ଧରଣର ଅଗ୍ନିକାଣ୍ଡକୁ ରୋକା ଯାଇପାରିଛି।

## କୋଭିଡ୍ ସମୟରେ କୃଷକ ତାଲିମ ଶିବିର ଆୟୋଜନକୁ ନେଇ ବିବାଦ

କଟକ ସଦର,୮।୧୨(ସୁଶାନ୍ତ କୁମାର ଜେନା)

୨୦୨୧ ଜାନୁୟାରୀଠାରୁ ଓଡ଼ିଶାରେ କୋଭିଡ୍‌ର ପ୍ରଭାବ ଦେଖାଦେଇଥିଲା। ଡାକ୍ତରଖାନାରେ ଅମ୍ଳଜାନ ଅଭାବରୁ କେତେକ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ହେଲେ ସେହି ସମୟରେ କଟକ ସଦର ବ୍ଲକ ଅଞ୍ଚଳରେ କୃଷକ ତାଲିମ ଶିବିର ଆୟୋଜନ କରାଯାଇଥିବାରୁ ବିବାଦ ମୁଣ୍ଡ ଟେକିଛି। କାଗଜପତ୍ର ଓ ଫଟୋ ଦ୍ୱାରା ଶିବିର ଆୟୋଜନ କରାଯାଇ ଅର୍ଥ ଆତ୍ମସାତ କରାଯାଇଥିଲା ବୋଲି ଭାଜପା ନେତା ପ୍ରକାଶ ଚନ୍ଦ୍ର ସେଠୀ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏହି ସମୟରେ ସମାବେଶ, ପଲ୍ଲୀ ଓ ଗ୍ରାମସଭାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ମାତ୍ର ଏହି ବ୍ଲକର ଫକୀରପଡ଼ା, ନିମେଇସାପୁର, ପ୍ରହରାଜପୁର ପଞ୍ଚାୟତରେ କୃଷକ ତାଲିମ ଶିବିର ଆୟୋଜନ କରାଯାଇଥିବା ସୂଚନା ମିଳିଛି। ଏହାର ତଦନ୍ତ ପାଇଁ ସେଠୀ କୃଷି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି। କାଗଜପତ୍ରରେ ସବୁକିଛି କରାଯାଇଛି ବୋଲି ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ତତ୍କାଳୀନ ବ୍ଲକ କୃଷି ଅଧିକାରୀ ବଦଳି ହୋଇ ଯାଇଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ବର୍ତ୍ତମାନର ବ୍ଲକ କୃଷି ଅଧିକାରୀ ଜାଫନା ରାୟ ୨ ବର୍ଷ ତଳେ ଏହି ବ୍ଲକରେ ନ ଥିବାରୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ନିଆଳି, ୮।୧୨(ସୁକାନ୍ତ କୁମାର ସିଂହ)

୫ଦିନ ତଳେ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ନିଆଳି ଥାନା ଅଧୀନ କବିଚନ୍ଦ୍ରପୁର ଗ୍ରାମର ଗଡେଶ୍ୱର ଦଳପୋଖରୀରୁ ଶୁକ୍ରବାର ପୋଲିସ ଜବତ କରିଛି। ସେ ହେଲେ କବିଚନ୍ଦ୍ରପୁର ଗ୍ରାମର ପ୍ରକାଶ ସାହୁ। ତାଙ୍କୁ ହତ୍ୟା କରାଯିବା ପରେ ହାତଗୋଡ ବାନ୍ଧି ଏକ ଜରିଅଖାରେ ଭର୍ତ୍ତି କରି ପୋଖରୀରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। କଟକ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବବ୍ରତ ବରାଳ, କଟକ ସଦର ଏସ୍‌ଡିପିଓ ଏବଂ ନିଆଳି ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲ ପଠାଇ ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଥିବା ନିଆଳି ଥାନାଧିକାରୀ ତପନ କୁମାର ରାଉତ କହିଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୪୨୪/୨୩) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଅଭିଯୋଗ ଅନୁଯାୟୀ, କିଛିଦିନ ହେଲା ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହ ପ୍ରକାଶ ମିଶି ଲିଜ୍ ସୂତ୍ରରେ ଧାନକଟା ମେଶିନ ଆଣି ବ୍ୟବସାୟ କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଟଙ୍କା ହିସାବ କରିବା ପାଇଁ ରବିବାର ରାତିରେ ପ୍ରକାଶଙ୍କୁ ଘରୁ ଡାକି ନେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପ୍ରକାଶଙ୍କୁ ତାଙ୍କ ସ୍ତ୍ରୀ ଫୋନ୍ କରିଥିଲେ। ମାତ୍ର ଫୋନ୍ ଲାଗି ନ ଥିଲା। ପରେ ତାଙ୍କୁ ଡାକି ନେଇଥିବା ବ୍ୟକ୍ତିଙ୍କୁ ପ୍ରକାଶଙ୍କ ସ୍ତ୍ରୀ ଫୋନ୍ କରିଥିଲେ। ହେଲେ ସେ କହିଥିଲେ, ହିସାବ ସରିବା ପରେ ପ୍ରକାଶ କେତେବେଳୁ ଘରକୁ ଗଲେଣି। କେଉଁଆଡେ ଯାଇଥିବେ ଫେରିଆସିବେ। ଏହାପରେ ପରିବାର ଲୋକେ ପ୍ରକାଶଙ୍କୁ ରାତିସାରା ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସୋମବାର ଏ ନେଇ କସର୍ଦ୍ଦା ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ କଥାକୁ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ଶୁକ୍ରବାର ଉକ୍ତ ପୋଖରୀରେ ଏକ ଅଖା ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଖା ଖୋଲିବା ପରେ ପ୍ରକାଶଙ୍କ ମୃତଦେହ ହାତଗୋଡ ବନ୍ଧା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ପ୍ରକାଶଙ୍କ ମୃତ୍ୟୁ ପରେ ସ୍ତ୍ରୀ, ୩ ଝିଅ ଓ ବୃଦ୍ଧବାପା ଭାଙ୍ଗି ପଡିଛନ୍ତି। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପାନୀୟଜଳ ପ୍ରକଳ୍ପ ପାଇପ ଚୋରି ଘଟଣା: ୨ ଗିରଫ

ଆଠଗଡ଼,୮।୧୨(ସତ୍ୟ ପ୍ରସାଦ ରଥ)

ଆଠଗଡ ଥାନା ଅନ୍ତର୍ଗତ କନ୍ଦରପୁରରୁ ବୁଧବାର ରାତିରେ ଏକ ଆଇଚର ଗାଡିରେ ପାନୀୟ ଜଳ ପ୍ରକଳ୍ପର ପାଇପକୁ ଚୋରି କରାଯାଇଥିଲା। ଖବରପାଇ ପୋଲିସ ପିଛା କରି ଉକ୍ତ ଗାଡ଼ିକୁ ଧରିବା ସହ ୨ ଜଣଙ୍କୁ ଅଟକ ରଖିଥିଲ। ଏହି ଗାଡ଼ିରେ ୧୫ ଖଣ୍ଡ ପାଇପ ଚୋରା ଚାଲାଣ ହେଉଥିଲା। ଶୁକ୍ରବାର ଏନେଇ ଆଠଗଡ ଥାନାରେ ମାମଲା (ନଂ. ୨୭୩/୨୩) ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମଧ୍ୟପ୍ରଦେଶର ଛିନ୍ଦ ୱାର୍ଡା ଜିଲାର ପାନର୍ଦ୍ଦୁନା ଥାନା ଦାନିମେଟା ଗ୍ରାମର ମଙ୍ଗେଶ ଭାଦେ(୩୧) ଓ ସିଓନି ଥାନା ହିରାଲାର ପାଦରକର । ଏହା ପୂର୍ବରୁ ନଭେମ୍ବର ୩୦ରେ ମଧ୍ୟ ଏଭଳି ପାଇପ ଚୋରି ଘଟଣା ଘଟିଥିଲା। ବାରମ୍ବାର ଏଭଳି ଚୋରି ହେବା ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବ ବୋଲି ଆଲୋଚନା ହେଉଛି।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ମାହାଙ୍ଗା,୮।୧୨(ଯଯାତି ସିଂହ): ଯଯାତି କଟକ ଜିଲା ଭଦ୍ରେଶ୍ୱର ଥାନା ଅଞ୍ଚଳରେ ୪୦୭ ଗାଡ଼ି ଧକ୍କାରେ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇଟାମୁଣ୍ଡଳି ଗ୍ରାମର କୈଳାସ ଚନ୍ଦ୍ର ଓଝା (୮୦)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ୪୦୭କୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛି। ଏନେଇ ଥାନାରେ ମୃତକ ପୁତ୍ର କିଶୋର ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୪୭/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅଧୀନ ହଳଦିଆ ପଞ୍ଚାୟତର ୮ନଂ. କେନାଲ ବନ୍ଧ ରାସ୍ତାରେ ଏକ ସାଇକେଲରେ କୈଳାସ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ୪୦୭ ଗାଡିଟି ଦ୍ରୁତ ବେଗରେ ପଞ୍ଚୁପାଣ୍ଡବ ଅଭିମୁଖେ ଯାଉଥିବାବେଳେ କୈଳାସଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଜବତ ହୋଇଥିବା ଗାଡ଼ିର ଇନ୍ସ୍ୟୁରାନ୍ସ ଅବଧି ୨୦ ଅକ୍ଟୋବର ୨୦୨୩ରୁ ସରିଯାଇଥିବା ବେଳେ ଗାଡିର ଅନ୍ୟାନ୍ୟ କାଗଜପତ୍ରରେ ମଧ୍ୟ ତ୍ରୁଟିଥିବା ଜଣାପଡିଛି।



ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ପରିପ୍ରେକ୍ଷୀରେ କଟକ କଲେଜ ଛକସ୍ଥିତ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା(ପୂର୍ବ) ବିଶ୍ୱନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଯଜ୍ଞରେ ଉପସ୍ଥିତ ସାଧୁସନ୍ଥ।

# ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ ମେଳା

ମଙ୍ଗୁଳି-ଜଗତପୁର,୮।୧୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ସହାୟତାରାଶି ବଣ୍ଟନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ଶ୍ରମିକ ସଙ୍ଗଠନ ସମନ୍ୱୟ ସମିତିର କଟକ ଜିଲା ସଭାପତି ପୀତାମ୍ବର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ମୋଟ ୨୩୪ ଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ୧ କୋଟି ୫୪ ଲକ୍ଷ ୬୯ ହଜାର ୪୦୦ ଟଙ୍କାର ଚେକ୍ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ୩୦ ନିର୍ମାଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ, ଶିକ୍ଷା, ଝିଅ ବିବାହ ପାଇଁ ସହାୟତାରାଶି ବାବଦକୁ ଚେକ୍ ବଣ୍ଟନ କରାଯାଇଛି। ୨୦୪ ଜଣଙ୍କ ଆକାଉଣ୍ଟକୁ ଟଙ୍କା ସିଧାସଳଖ ଯିବ। ଯଦି କୌଣସି ହିତାଧିକାରୀଙ୍କ ଆକାଉଣ୍ଟ ଟଙ୍କା ନ ଯାଏ ସିଧାସଳଖ ମୋତେ ଜଣାଇବାକୁ ବିଧାୟକ ବେହେରା କହିଛନ୍ତି। ଏଥିରେ ମୁଖ୍ୟବକ୍ତା ଭାବେ ସମନ୍ୱୟ ସମିତି ଜିଲା ଆବାହକ ରାଜକିଶୋର ମଲ୍ଲିକ, ସମ୍ମାନିତ ଅତିଥି ଆମ୍ବାର ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀ, ବ୍ଲକ ଚେୟାରମ୍ୟାନ୍‌ଙ୍କ ପ୍ରତିନିଧି ଜନ୍ମଜୟ ଖିଲାର, ବ୍ଲକ ଭାଇସ୍ ଚେୟାରମ୍ୟାନ୍ ସୁପ୍ରିୟା ଜେଠୀ, ଶିକ୍ଷାବିତ୍ ଧୀରେନ୍ଦ୍ର ଜେଠୀ, ଭଟିମୁଣ୍ଡା ସରପଞ୍ଚ ତପସ୍ୱୀ ସାହୁ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଅନ୍ୟମାନେ।

# ସ୍ନେହପ୍ରଭା, ନିରଞ୍ଜନଙ୍କୁ ମା' କଟକଚଣ୍ଡୀ ସମ୍ମାନ

କଟକ,୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ୬ଷ୍ଠ ମା' କଟକ ଚଣ୍ଡୀ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱୟଂପ୍ରଭା ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହୋତ୍ସବରେ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ, ପ୍ରୋଜେକ୍ଟ ଛଉଣୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶୁଭଶ୍ରୀ ମୁଖାର୍ଜୀ, ଭାରତ ଓ ୟୁରୋପରେ ତତ୍ତ୍ୱ ମହୋତ୍ସବର ସହ ପ୍ରତିଷ୍ଠାତା ଚିତ୍ତରଞ୍ଜନ ନାୟକ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଯୋଗଦେଇ ଆୟୋଜକ ନୃତ୍ୟ ମୟୂରୀର କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ଓ ଗୁରୁ ନିରଞ୍ଜନ ରାଉତଙ୍କୁ ମା' କଟକ ଚଣ୍ଡୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ରେନ୍‌ବୋ ଫ୍ୟୁଜନ୍ ପକ୍ଷରୁ ଶାସ୍ତ୍ରୀୟ ବାଦନ ପରିବେଷିତ ହୋଇଥିଲା।



ମହୋତ୍ସବରେ ଗୁରୁ ସ୍ନେହପ୍ରଭା ସାମନ୍ତରାୟ ଓ ନିରଞ୍ଜନ ରାଉତଙ୍କୁ ମା' କଟକଚଣ୍ଡୀ ସମ୍ମାନ ପ୍ରଦାନ କରାଯାଉଛି।

### ମା' କଟକଚଣ୍ଡୀ ମହୋତ୍ସବ ଉଦ୍‌ଘାଟିତ

ସେହିପରି ଭୁବନେଶ୍ୱରସ୍ଥିତ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସାଧକ ଚିନ୍ମୟ ବେହେରା ଓ ସନ୍ଧ୍ୟାରାଣୀ ସାହୁ ଯୁଗଳବନ୍ଦୀ ନୃତ୍ୟ କରିଥିଲେ। ଏଥିସହ ଭୁବନେଶ୍ୱର ନୂପୁର ଅନୁଷ୍ଠାନର ଗୁରୁ ନିରଞ୍ଜନ ରାଉତ ଓ ସାଥି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ମମତା ଓଝା କାର୍ଯ୍ୟକ୍ରମ ସଂଯୋଜନା, ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା ଓ ଧରଣୀଧର ମହାରଣା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଧମକ ଦେଇ ଟଙ୍କା ନେବା ଘଟଣା, ୩ ଗିରଫ

ଭୁବନେଶ୍ୱର,୮।୧୨(ସୂର୍ଯ୍ୟକାନ୍ତ ବେହେରା): ଜଣେ ବ୍ୟକ୍ତିଙ୍କୁ ଡରାଇ ଧମକକାଇ ନଗଦ ଓ ଫୋନ ପେ ଜରିଆରେ ଟଙ୍କା ନେଇଯିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୨ ଲୁଟେରାଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ୟୁନିଟ -୨ ଅଞ୍ଚଳର କରଣ ପ୍ରତାପ ସିଂ ଓ ଜି. ଡାନିଏଲ ରାଓ। ଅପରପକ୍ଷେ ଅଭିଯୁକ୍ତଦ୍ୱୟଙ୍କଠାରୁ ଚୋରା ମୋବାଇଲ କିଣିଥିବାରୁ ସୌମ୍ୟରଞ୍ଜନ ଓଝାଙ୍କୁ ବାନ୍ଧିଛି ପୋଲିସ। ଏମାନଙ୍କଠାରୁ କେବଳ ମୋବାଇଲ ଜବତ ହୋଇଛି।

ସୂଚନାନୁସାରେ, ଅଶୋକ କୁମାର ନାମକ ଜଣେ ବ୍ୟକ୍ତି ଏପ୍ରିଲ ୪ ସନ୍ଧ୍ୟା ସମୟରେ ଖଣ୍ଡିଆ ପାର୍କ ନିକଟରେ ବୁଲାବୁଲି କରୁଥିବା ସମୟରେ ଅଭିଯୁକ୍ତ ପ୍ରତାପ ଓ ରାଓ ତାଙ୍କୁ ଧମକ ଦେଇ ଭୟଭୀତ କରିବା ସହିତ ପାଖରେ ଥିବା ୬ ହଜାର ଏବଂ ଫୋନ-ପେରୁ ୨ ହଜାର ଜୋରଜବରଦସ୍ତ ନେଇଯାଇଥିଲେ। ପୁନର୍ବାର ମେ ମାସରେ ମଧ୍ୟ ଅଶୋକ ନିଜ କର୍ମସ୍ଥଳରୁ ଘରକୁ ଫେରୁଥିବା ବେଳେ ଗିରିଦୁର୍ଗା ମନ୍ଦିର ନିକଟରେ ସେହି ଦୁଇ ଅଭିଯୁକ୍ତ ତାଙ୍କର ପଛ ପାଖରୁ ଆସି ତାଙ୍କ ମୋବାଇଲ ଫୋନକୁ ବଳପୂର୍ବକ ଛଡାଇ ନେଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### କୋଭିଡ୍ ସମୟରେ କୃଷକ ତାଲିମ ଶିବିର ଆୟୋଜନକୁ ନେଇ ବିବାଦ

କଟକ ସଦର,୮।୧୨(ସୁଶାନ୍ତ କୁମାର ଜେନା)

୨୦୨୧ ଜାନୁୟାରୀଠାରୁ ଓଡ଼ିଶାରେ କୋଭିଡ୍‌ର ପ୍ରଭାବ ଦେଖାଦେଇଥିଲା। ଡାକ୍ତରଖାନାରେ ଅମ୍ଳଜାନ ଅଭାବରୁ କେତେକ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ହେଲେ ସେହି ସମୟରେ କଟକ ସଦର ବ୍ଲକ ଅଞ୍ଚଳରେ କୃଷକ ତାଲିମ ଶିବିର ଆୟୋଜନ କରାଯାଇଥିବାରୁ ବିବାଦ ମୁଣ୍ଡ ଟେକିଛି। କାଗଜପତ୍ର ଓ ଫଟୋ ଦ୍ୱାରା ଶିବିର ଆୟୋଜନ କରାଯାଇ ଅର୍ଥ ଆତ୍ମସାତ କରାଯାଇଥିଲା ବୋଲି ଭାଜପା ନେତା ପ୍ରକାଶ ଚନ୍ଦ୍ର ସେଠୀ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏହି ସମୟରେ ସମାବେଶ, ପଲ୍ଲୀ ଓ ଗ୍ରାମସଭାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ମାତ୍ର ଏହି ବ୍ଲକର ଫକୀରପଡ଼ା, ନିମେଇସାପୁର, ପ୍ରହରାଜପୁର ପଞ୍ଚାୟତରେ କୃଷକ ତାଲିମ ଶିବିର ଆୟୋଜନ କରାଯାଇଥିବା ସୂଚନା ମିଳିଛି। ଏହାର ତଦନ୍ତ ପାଇଁ ସେଠୀ କୃଷି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି। କାଗଜପତ୍ରରେ ସବୁକିଛି କରାଯାଇଛି ବୋଲି ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ତତ୍କାଳୀନ ବ୍ଲକ କୃଷି ଅଧିକାରୀ ବଦଳି ହୋଇ ଯାଇଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ବର୍ତ୍ତମାନର ବ୍ଲକ କୃଷି ଅଧିକାରୀ ଜାଫନା ରାୟ ୨ ବର୍ଷ ତଳେ ଏହି ବ୍ଲକରେ ନ ଥିବାରୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

### ଆଇଟିଆଇରେ 'ନୂଆ-ଓ' କାର୍ଯ୍ୟକ୍ରମ

କଟକ,୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ) ପକ୍ଷରୁ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ସହ ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଉଦ୍‌ଯାପନୀ ସମାରୋହରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ଡେପୁଟି ନିର୍ଦ୍ଦେଶକ ଅଜୟ ପଣ୍ଡା, ଆଇଏମ୍‌ସି ଚେୟାରମ୍ୟାନ ପ୍ରଭାକର ସ୍ୱାଇଁ ଯୋଗଦେଇଥିଲେ। ବିଧାୟକ ବିଶ୍ୱାଳ କହିଥିଲେ, ଓଡ଼ିଶାର ଯୁବ ଖେଳାଳିମାନେ ଆଗାମୀ ଦିନରେ ରାଜ୍ୟ ପାଇଁ ଗୌରବ ଆଣିବେ। ସେହିପରି ମେୟର କହିଥିଲେ, ଓଡ଼ିଶା ହେଉଛି ୩ୟ ଶ୍ରେଷ୍ଠ ନିବେଶକ ରାଜ୍ୟ। କଟକରେ ଆସନ୍ତା ୨୦୨୪ ସୁଦ୍ଧା ମେଟ୍ରୋ ଟ୍ରେନ୍ କାର୍ଯ୍ୟକାରୀ ହେବ। ପ୍ରଭାକର ସ୍ୱାଇଁ ଛାତ୍ରୀଛାତ୍ରମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ।

# ସ୍ୱେରେଜ ଖାଲରେ ସ୍କୁଟି ସହ ଖସିପଡ଼ିଲେ ମହିଳା

ଭୁବନେଶ୍ୱର, ୮।୧୨ (ବନ୍ଦନା ସେଠୀ)




ସ୍ୱେରେଜ କାମ ପାଇଁ ରାସ୍ତାରେ ହୋଇଥିବା ଖାଲକୁ ବ୍ୟାରିକେଡ ଦିଆଯାଇଛି। ଖସିପଡିଥିବା ସ୍କୁଟି।

ରାଜଧାନୀ ଭୁବନେଶ୍ୱରର ପ୍ରାୟ ଅଞ୍ଚଳରେ ସ୍ୱେରେଜ କାମ ପାଇଁ ଖୋଳାପୋତା ଚାଲିଛି। ଏଥିପାଇଁ ବିଭିନ୍ନ ସମୟରେ ଅଘଟଣ ଘଟିବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶୁକ୍ରବାର ବଡ଼ଗଡ଼ ଥାନା ଅନ୍ତର୍ଗତ ଚିଲି ପୋଖରୀ ଶିବ ନଗର ଅଞ୍ଚଳରେ ସେହିଭଳି ଏକ ଘଟଣା ଘଟିଛି। ସ୍ୱେରେଜ କାମ ପାଇଁ ଖୋଳା ହୋଇଥିବା ପ୍ରାୟ ୧୦ଫୁଟ ଖାଲରେ ଜଣେ ମହିଳା ସ୍କୁଟି ସହ ଖସି ପଡି ଆହତ ହୋଇଛନ୍ତି। ଆହତ ମହିଳା ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଗୀତାଞ୍ଜଳି ଆଚାର୍ଯ୍ୟ। ସ୍ୱେରେଜ କାମ କରୁଥିବା ଠିକାସଂସ୍ଥାର ଚରମ ଅବହେଳା ପାଇଁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ମହିଳାଙ୍କ ସତର୍କତା ଅଭାବରୁ ଏଭଳି ହୋଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଘଟଣା ପରେ ତୁରନ୍ତ କାମ ବନ୍ଦ କରାଯାଇଛି। ସୂଚନାଯୋଗ୍ୟ, ଶିବ ନଗର ଅଞ୍ଚଳରେ ବିଏମ୍‌ସି ତରଫରୁ ସ୍ୱେରେଜ କାମ ଚାଲୁଥିଲା। ଅପରାହ୍ନ ପ୍ରାୟ ୪ଟା ବେଳକୁ ସମ୍ପୃକ୍ତ ମହିଳା ଜଣକ ସ୍କୁଲରୁ ପୁଅକୁ ଆଣିବା ପାଇଁ ସ୍କୁଟି ନେଇ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ମହିଳା ଜଣକ ଖାଲରେ ପଡି ଯାଇଥିଲେ। ଫଳରେ ତାଙ୍କ ଅଣ୍ଟା, ହାତ ଏବଂ ଗୋଡ଼ରେ ଆଘାତ ଲାଗିଥିଲା। ଆହାତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ କାମ ବନ୍ଦ କରିବା ପରେ ସ୍ଥିତି ଶାନ୍ତ ପଡିଥିଲା। ଏନେଇ ୱାର୍ଡ ନଂ.୫୮ର ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ସ୍ୱେରେଜ କାମ ଚାଲୁଛି। ଯଦି ସେମାନେ ସହଯୋଗ ନ କରିବେ ତେବେ କାମ ବନ୍ଦ ରହିବ। ସେଠାରେ କାମ କରିବା ସମୟରେ ଠିକାସଂସ୍ଥା ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବାଉଁଶ ବ୍ୟାରିକେଡ୍ ସହ ସେଥିରେ ଗ୍ରୀନ୍ ସେଡ୍‌ନେଟ୍ ଘେରାଯାଇଥିଲା। କାମ ଚାଲୁଥିବାରୁ ସେପଟେ ରାସ୍ତା ବନ୍ଦ ଥିବାବେଳେ ପାଦଚଲା ପାଇଁ କିଛି ରାସ୍ତା ଛଡା ଯାଇଥିଲା। ମାତ୍ର ସମ୍ପୃକ୍ତ ମହିଳା ସେହିପଟ ଦେଇ ଗାଡ଼ିରେ ଆସିବାବେଳେ ଅସାବଧାନତା ପାଇଁ ଖାଲରେ ଖସି ପଡିଥିଲେ। ତେବେ ଏବେ ସେ ସୁସ୍ଥ ଅଛନ୍ତି, ତାଙ୍କୁ ବିଶେଷ କିଛି ଆଘାତ ଲାଗିନାହିଁ ବୋଲି ମହାପାତ୍ର କହିଛନ୍ତି।

## ଅବସରପ୍ରାପ୍ତ ବିଚାରପତିଙ୍କ ଘରୁ ଚୋରି

### ଥାନାରେ ଏତଲା ଦେଲେ ଭଡ଼ାଟିଆ

ଭୁବନେଶ୍ୱର,୮।୧୨ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଚୋର ଓ ଲୁଟେରାଙ୍କ ଉତ୍ପାତ ଥମିବାର ନା ନେଉ ନାହିଁ। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧ ଘଟାଇ ଚମ୍ପଟ ମାରୁଛନ୍ତି ଦୁର୍ବୃତ୍ତ। ଏଥର ଟାର୍ଗେଟରେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଘର। ବିଚାରପତି ଜଣକ କୌଣସି କାମରେ ବାହାରକୁ ଯାଇଥିବାବେଳେ ତାଙ୍କ ତଳ ଘରେ ରହୁଥିବା ଭଡାଘରୁ କେହି ଦୁର୍ବୃତ୍ତ ଚୋରିକରି ଫେରାର ହୋଇଯାଇଛନ୍ତି। ଭୁବନେଶ୍ୱର ପୋଖରୀପୁଟ ଲିଙ୍ଗରାଜ ବିହାର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଘର ଝରକା ଭାଙ୍ଗି ଭଡାଟିଆଙ୍କ ଘର ଭିତରେ ପଶି ୩ ହଜାରରୁ ଅଧିକ ଟଙ୍କା, ଗୋଟିଏ ଛୋଟ ରୁପା ମୂର୍ତ୍ତି ଚୋରି କରି ନେଇଛନ୍ତି। ହେଲେ ସୁନା ଅଳଙ୍କାର ଓ ଟଙ୍କା ପାଇବା ଆଶାରେ ଆଲମିରା ତାଡ଼ିଦେବା ସହ ଆସବାବପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ତେବେ ବିଚାରପତି ରହୁଥିବା ରୁମ୍‌କୁ ପଶିବାକୁ ଉଦ୍ୟମ କରି ବିଫଳ ହୋଇଥିବା ସୂଚନା ମିଳିଛି। ଏନେଇ ଭଡାଟିଆ ଦୀପେନ୍ଦୁ କୁମାର ଦାସ ଥାନାରେ ଏତଲା ଦେଇଛନ୍ତି। ସୂଚନାନୁସାରେ, ଅବସରପ୍ରାପ୍ତ ଜଜଙ୍କ ଘରେ ଦୀପେନ୍ଦୁ ଭଡାରେ ରହି ଭୁବନେଶ୍ୱର ଏୟାରପୋର୍ଟରେ ଚାକିରି କରନ୍ତି। ଗୁରୁବାର ରାତି ପ୍ରାୟ ସାଢେ ୯ ବେଳକୁ କର୍ମକ୍ଷେତ୍ରରୁ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ଏୟାରପୋର୍ଟ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା। ଏହି ସମୟରେ ବିଚାରପତି ରହୁଥିବା ରୁମ୍ ବାହାରେ ଅଜଣା ଚାବି ପେନ୍ଥା ମିଳିଥିଲା। ଏଥିରୁ ଚୋରମାନେ ତାଙ୍କ ଘର କବାଟରେ ପଡିଥିବା ତାଲାକୁ ଉକ୍ତ ଚାବିରେ ଖୋଲିବାକୁ ଚେଷ୍ଟା କରିଥିବା ଆଶଙ୍କା କରାଯାଉଛି। ତେବେ ଉକ୍ତ ଚାବି ପେନ୍ଥାକୁ ଜବତ କରି ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି ।

## ଦର୍ଶକଙ୍କୁ ହସାଇଲା କେସିଓ ଷ୍ଟାଣ୍ଡ୍ ଅପ୍ କମେଡ଼ି ଶୋ




ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)

ଯୁବପିଢ଼ିଙ୍କୁ ଷ୍ଟାଣ୍ଡଅପ୍ କମେଡ଼ି ଶୋ' ଆକୃଷ୍ଟ କରୁଛି। ଦର୍ଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କମେଡ଼ି କ୍ଲବ୍ ଅଫ ଓଡ଼ିଶା (କେସିଓ) ପକ୍ଷରୁ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଷ୍ଟାଣ୍ଡ୍ ଅପ୍ କମେଡ଼ି ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରିତେନ ପଟ୍ଟନାୟକ, ବିଶାଲ ମହାନ୍ତି, ମଳୟ ରଞ୍ଜନ ପରିଡା, ଚିରଞ୍ଜିବୀ, ସୁଜିତ, ଷ୍ଟାଲିନ, ଅଭିଜିତ ପ୍ରମୁଖ ବ୍ୟଙ୍ଗାତ୍ମକ କଥା ଶୁଣାଇ ଦର୍ଶକଙ୍କୁ ଖୁବ୍ ହସାଇଛନ୍ତି। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ଗତିବିଧି, ରୁଚି ତଥା ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ରୋଚକ ଢଙ୍ଗରେ ବିଭିନ୍ନ କଥା ପରିବେଷଣ କରି ଏହି ପ୍ରତିଭାମାନେ କରତାଳି ସାଉଣ୍ଟିଥିଲେ। ଷ୍ଟାଣ୍ଡଅପ୍ କମେଡିର ପ୍ରଚାରପ୍ରସାର ପାଇଁ ଆଗାମୀ ଦିନରେ ଏପରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି।

## ଟ୍ରେନ୍‌ରେ କଟି ବୃଦ୍ଧ ମୃତ

ପୁରୁଣା ଭୁବନେଶ୍ୱର,୮।୧୨ (ସୁବାସ ଚନ୍ଦ୍ର ପ୍ରଧାନ):

ଏୟାର ଫିଲ୍ଡ ଥାନା ଅଧୀନ ପୁନାମା ଗେଟ୍‌ଠାରେ ଗୁରୁବାର ଟ୍ରେନ୍ ଲାଇନରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରତ୍ନା ଦାସ। ସେ ଟ୍ରଲି ଚଳାଇ ଜୀବନ ଜୀବିକା ନିର୍ବାହ କରନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳର ଜନୈକ ମାଛ ବିକାଳିଙ୍କ ପାଖରେ ମଧ୍ୟ କାର୍ଯ୍ୟ କରନ୍ତି। ଗୁରୁବାର ରାତ୍ରିରେ ପାଖ ଟ୍ରେନ୍ ଲାଇନ କଡ଼କୁ ରତ୍ନା ପାଣି ଆଣିବାକୁ ଯାଇଥିଲେ। ସେହି ସମୟରେ ଟ୍ରେନ ଆସୁଥିବା ଦେଖି ସେ ଟ୍ରାକ୍‌ରୁ ଯିବେ ବୋଲି ହଡ଼ବଡ଼େଇ ଯାଇଥିଲେ। ଫଳରେ ଦ୍ରୁତ ଗତିରେ ଆସୁଥିବା ଏକ ପାସେଞ୍ଜର ଟ୍ରେନ୍ ତାଙ୍କ ଉପରେ ଚଢିଯାଇଥିଲା। ବିଳମ୍ବିତ ରାତ୍ରିରେ ଖବରପାଇ ପ୍ରଦୀପ ସେବା ଟ୍ରଷ୍ଟ ଘଟଣାସ୍ଥଳରେ ପହଞ୍ଚିଥିଲା ଖଣ୍ଡ ବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)

ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି. ଆର୍. ଆମ୍ବେଡକରଙ୍କ ୬୭ତମ ମହାପରିନିର୍ବାଣ ଦିବସ ଅଲ୍ ଓଡିଶା ଅନୁସୂଚିତ ଜାତି ଓ ଜନଜାତି ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ୟୁନିଟ-୯ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ମହାସଂଘ ସଭାପତି ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ରିଜର୍ଭ ବ୍ୟାଙ୍କର ଅମ୍ବୁଡ୍‌ସମ୍ୟାନ ଏନ୍. ମୋହନା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଣ୍ଡିଆନ ବ୍ୟାଙ୍କର ଫିଲ୍ଡ ଜେନେରାଲ ମ୍ୟାନେଜର ଏମ୍. ଅରୁଣା, ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର ଡେପୁଟି ଜେନେରାଲ ମ୍ୟାନେଜର ଅଭିନ୍ନ ସୁନ୍ଦର ବରାଳ, ଓଡିଶା ଗ୍ରାମ୍ୟବ୍ୟାଙ୍କର ଚେୟାରମ୍ୟାନ ରିଶି ସିଂ, ୟୁନିୟନ ବ୍ୟାଙ୍କର ଡେପୁଟି ଜୋନାଲ ମୁଖ୍ୟ ଆର୍. ଦେବରାଜ, ଇଣ୍ଡିଆନ ବ୍ୟାଙ୍କର ଡେପୁଟି ମ୍ୟାନେଜର ଶଶିକାନ୍ତ ଦାସ ଓ ଜିହୋଭା ଗ୍ରୁପ୍‌ର ଚେୟାରମ୍ୟାନ ନୃସିଂହ ନାଥ ନନ୍ଦ ପ୍ରମୁଖ ଯୋଗଦେଇ ବାବା ସାହେବ ଆମ୍ବେଡକରଙ୍କ ଜୀବନୀ, ଭାରତୀୟ ସମ୍ବିଧାନ ଓ ଜାତି ଜନଜାତି ପାଇଁ ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ମହାସଂଘର ସାଧାରଣ ସମ୍ପାଦକ ବଂଶୀଧର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ଗ୍ରାମ୍ୟ ବ୍ୟାଙ୍କର ସଭାପତି ମନୋଜ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାଙ୍କର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଆଜିଠୁ ଆଇଏନ୍ଏଇର ତିନିଦିନିଆ ବାର୍ଷିକ ସମ୍ମିଳନୀ



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର, ୮।୧୨(ଅସମାପିକା ସାହୁ)

ଶିକ୍ଷା ଓ ଅନୁସନ୍ଧାନ(ସୋଆ)ରେ ଶନିବାରଠାରୁ ଇଣ୍ଡିଆନ୍ ନ୍ୟାଶନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ(ଆଇଏନ୍ଏଇ)ର ତିନିଦିନିଆ ବାର୍ଷିକ ସମ୍ମିଳନୀ ଆରମ୍ଭ ହେବ। ଏଥିରେ ସାରା ଦେଶରୁ ଯାନ୍ତ୍ରିକ ବିଜ୍ଞାନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆଇଏନ୍ଏଇର ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ତଥା ସୋଆ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ସୋଆର କ୍ୟାମ୍ପସ୍ -୨ରେ ଆୟୋଜିତ ହେବାକୁ ଥିବାବେଳେ ଏଥିରେ ଇଞ୍ଜିନିୟରିଂ କ୍ଷେତ୍ରର ଫେଲୋ, ବିଦେଶୀ ଫେଲୋ, ୟଙ୍ଗ୍ ଆସୋସିଏଟ୍‌ସ ଓ ନିମନ୍ତ୍ରିତ ଅତିଥିମାନେ ଯୋଗ ଦେବେ। ଚଳିତ ବର୍ଷ ଏହି ସମ୍ମିଳନୀ ମିଳିତ ଭାବରେ ସୋଆ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱର, ସିଏସ୍ଆଇଆର୍- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲସ ଆଣ୍ଡ ମାଟେରିଆଲ୍ସ ଟେକ୍ନୋଲୋଜି, ଭୁବନେଶ୍ୱର ଓ ଆଇଏନ୍ଏଇ ଭୁବନେଶ୍ୱର ଚାପ୍ଟର ଆୟୋଜନ କରିଛି ବୋଲି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ଆଇଏନଏଇର ପ୍ରାକ୍ତନ ସଭାପତି ଡ. ସନକ ମିଶ୍ର, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଏନ୍ଏଇର ମେମ୍ବର ସେକ୍ରେଟାରି ଲେଫ୍ଟନାଣ୍ଟ କର୍ନେଲ ଶୋଭିତ ରାଏ, ସମ୍ମିଳନୀର ଆୟୋଜକ ସମ୍ପାଦକ ତଥା ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ. ଶୁଭ୍ରାଂଶୁ ସାମନ୍ତରାୟ ଉପସ୍ଥିତ ଥିଲେ।

## କାର୍ଯ୍ୟାନୁଷ୍ଠାନ ନ ହେଲେ ରବିବାରରୁ ଅଳିଆ ଉଠିବନି

### କର୍ପୋରେଟର ସ୍ୱାମୀଙ୍କ ଦୁର୍ବ୍ୟବହାର ଘଟଣା

### କମିଶନରେଟ ପୋଲିସ କାର୍ଯ୍ୟାଳୟ ଘେରିଲେ ସଫେଇ କର୍ମଚାରୀ

ଭୁବନେଶ୍ୱର, ୮।୧୨ (ବନ୍ଦନା ସେଠୀ)



କମିଶନରେଟ୍ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ବିକ୍ଷୋଭ।

ମହିଳା ସଫେଇ କର୍ମୀ ଓ ସଫେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକଙ୍କୁ କର୍ପୋରେଟରଙ୍କ ସ୍ୱାମୀଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ପୁଣି ତେଜିଛି ଅସନ୍ତୋଷ। ୨୦ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ଶୁକ୍ରବାର ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ମଜଦୁର ସଂଘ ପକ୍ଷରୁ କମିଶନରେଟ୍ ପୋଲିସ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏ ପର୍ଯ୍ୟନ୍ତ ପୋଲିସ କାହିଁକି ନୀରବ ବସିଛି ବୋଲି ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ତେବେ ଯଥାଶୀଘ୍ର ଘଟଣାର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସଫେଇ କର୍ମଚାରୀମାନେ ସେଠାରୁ ଫେରିଥିଲେ। ତେବେ ଶନିବାର ସୁଦ୍ଧା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ରବିବାରଠାରୁ ଭୁବନେଶ୍ୱରର ବିଭିନ୍ନ ୱାର୍ଡରୁ ଅଳିଆ ଉଠିବ ନାହିଁ ବୋଲି ସଂଘ ପକ୍ଷରୁ ସମ୍ପାଦକ ସହଦେବ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ୱାର୍ଡ ନଂ. ୬୩ରେ ଠିକା ସଫେଇ ସଂସ୍ଥା ଆୱାରଲ୍ୟାଣ୍ଡ ଅଧୀନରେ କାମ କରୁଥିବା ୩ଜଣ ବୟସ୍କ ବ୍ୟକ୍ତିଙ୍କୁ କାମରୁ ଛଟେଇ କରାଯାଇଥିଲା। ଏହାକୁ ବିରୋଧ କରିବା ସହ ସହଦେବ ସମ୍ପୃକ୍ତ ସଂସ୍ଥାର ସୁପରଭାଇଜର ସହ କଥା ହେଉଥିବାବେଳେ ସ୍ଥାନୀୟ କର୍ପୋରେଟରଙ୍କ ସ୍ୱାମୀ ଲିଙ୍ଗା ଛୋଟରାୟ ହଠାତ୍ ସେଠାକୁ ଆସି ତାଙ୍କୁ ତାଗିଦ୍ କରିଥିଲେ। ଏପରିକି ତାଙ୍କ ସହ ସେଠାରେ କାର୍ଯ୍ୟରତ ମହିଳା ସଫେଇ କର୍ମଚାରୀଙ୍କୁ ଅଶାଳୀନ ଭାଷାରେ ଗାଳି କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପରେ ସଫେଇ କର୍ମଚାରୀଙ୍କ ପକ୍ଷରୁ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦିଆଯାଇଥିଲା। ଏଥିସହ ଦୁର୍ବ୍ୟବହାର କରିଥିବା କର୍ପୋରେଟରଙ୍କ ସ୍ୱାମୀଙ୍କୁ ତୁରନ୍ତ ଗିରଫ ଦାବିରେ ଥାନା ଘେରାଉ ହୋଇଥିଲା। ତେବେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ପ୍ରତିବାଦସ୍ୱରୂପ ୨ଦିନ ଧରି ସହରର ବିଭିନ୍ନ ୱାର୍ଡରେ କାମ ବନ୍ଦ କରିବା ସହ ଅଳିଆ ଉଠାଇ ନ ଥିଲେ ସଫେଇ କର୍ମଚାରୀ। ଏବେ ପୁଣି ଆନ୍ଦୋଳନ ହେଲେ ସହରର ଅଳିଆ ସମସ୍ୟା ଆହୁରି ଉତ୍କଟ ହେବା ନେଇ ଆଶଙ୍କା ଦେଖାଦେଇଛି।



ଅପୂର୍ବା ପ୍ରକାଶନ ପକ୍ଷରୁ ରାଜ୍ୟସ୍ତରୀୟ ପୁସ୍ତକ ମେଳା 'ଅକ୍ଷର'ରେ ଶୁକ୍ରବାର ୨ଟି ପୁସ୍ତକକୁ କବି ପ୍ରଦୀପ ବିଶ୍ୱାଳ, ଡ. ପ୍ରସନ୍ନ ମହାନ୍ତି, କ୍ଷୀରୋଦ ପତି ପ୍ରମୁଖ ଲୋକାର୍ପଣ କରୁଛନ୍ତି।




ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଆୟୋଜିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ

ମାହାଙ୍ଗା,୮।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାଚରଣ ନାୟକ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଆର୍‌ସିସି ମନୋଜ ଦାସ ଯୋଗ ଦେଇଥିଲେ। ଉଦ୍‌ଘାଟକ ଭାବେ ବିଦ୍ୟାଳୟର ପୂର୍ବତନ ସଭାପତି ବିଷ୍ଣୁ ପ୍ରସାଦ ରଥ ଉପସ୍ଥିତ ଥିଲେ। ସେହିପରି ନୋଡାଲ ଅଫିସର ବିଶ୍ୱନାଥ ସେଠୀ, ସାଂସ୍କୃତିକ ଆବାହକ ବିପଦ ଭଞ୍ଜନ ନାୟକ, ସାମାଜିକ ସଚେତନ କାର୍ଯ୍ୟକ୍ରମର ଆବାହକ ଅଭୟ ଦାସ, କ୍ରୀଡ଼ା ଆବାହକ ସଞ୍ଜୟ ଜେନା ପ୍ରମୁଖ ଯୋଗ ଦେଇ 'ନୂଆ-ଓ ଯୁବ ଓଡିଶା ନବିନ ଓଡିଶା' ଗଠନରେ ଯୁବକମାନଙ୍କ ଭାଗୀଦାରୀ ସହାୟକ ହେବ ବୋଲି କହିଥିଲେ। ଅଧ୍ୟାପକ ମନୋଜ ପଣ୍ଡା, ସତ୍ୟବ୍ରତ ରଥ, ଅଧ୍ୟାପିକା ଅମ୍ବିକାବାଳା ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କ୍ରୀଡ଼ା, ଯୋଗ ଦ୍ୱାରା ସୁସ୍ଥ ରହେ ଶରୀର

ଟିଗିରିଆ,୮।୧୨(ଜାଫର ଖାଁ)

ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା କୁଙ୍କୁମିତା ନାୟକ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭ୍ୟ ପ୍ରଶାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଅଜିତ ଧିର ନିଜିଗଡ଼ ସରପଞ୍ଚ ସଂଯୁକ୍ତା ମହାନ୍ତି, ସମିତି ସଭ୍ୟ ବସିରନ୍ ବିବି, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗଦେଇ କ୍ରୀଡ଼ା, ଯୋଗ ଦ୍ୱାରା ଶରୀର ସୁସ୍ଥ ରହେ ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରସନ୍ନମଣୀଙ୍କ ମନ୍ଦିରଠାରୁ ଛାତ୍ରୀମାନେ ମଶାଲ ଶୋଭାଯାତ୍ରାରେ ବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଏଥିରେ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଗଣେଶ୍ୱର ମହାନ୍ତି, କ୍ରୀଡ଼ା ଶିକ୍ଷକ କେ ଏନ୍ ସବ୍ୟସାଚୀ ଯୁଗଧର୍ମା ଦାସ ସହଯୋଗ କରିଥିଲେ।

### ହରିବଂଶଦେବଙ୍କ ପାରାୟଣ ଉଦ୍‌ଯାପିତ

ଟିଗିରିଆ,୮।୧୨(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ପୀଠରେ ୭ ଦିନ ଧରି ହେଉଥିବା ଶ୍ରୀଶ୍ରୀ ହରିବଂଶଦେବ ମହାପ୍ରଭୁଙ୍କ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ଜନସାଧାରଣ ପୀଠରେ ପହଞ୍ଚି ଆଶୀର୍ବାଦ ଲାଭ କରିଥିଲେ। ପ୍ରକାଶ ଦାସ, ପ୍ରଶାନ୍ତ ଦାସ, ପ୍ରତାପ ଦାସ, ପ୍ରମୋଦ ଦାସ, ଧ୍ରୁବଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲଗାଣ ବର୍ଷାରେ ଉଜୁଡ଼ିଲା ଧାନ ଫସଲ

ନିଶ୍ଚିନ୍ତକୋଇଲି, ୮।୧୨
(ଅଶୋକ କୁମାର ମହାପାତ୍ର)



ଲଘୁଚାପ ଜନିତ ଲଗାଣ ବର୍ଷାରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଚଳିତ ବର୍ଷ ଏହି ବ୍ଲକର ଚାଷୀମାନେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ସମବାୟ ସମିତି, ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଧାନଚାଷ କରିଥିଲେ। ଚଳିତ ବର୍ଷ ଭଲ ବର୍ଷା ହୋଇଥିବାରୁ ଉତ୍ତମ ଧାନ ଫସଲ ହୋଇଥିଲା। ଏନେଇ ଚାଷୀ ଖୁସିଥିବାବେଳେ ଧାନ ଅମଳ ପୂର୍ବରୁ ଲଘୁଚାପଜନିତ ବର୍ଷା ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଧାନଚାଷ କ୍ଷତିଗ୍ରସ୍ତ ହେବା ଯୋଗୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଏକରକମ ଭାଙ୍ଗିଯାଇଥିବା କହିଲେ ଅତ୍ୟୁକ୍ତି ହେବନାହିଁ। କ୍ଷତିଗ୍ରସ୍ତ ଚାଷୀମାନେ ବର୍ଷକର ଆହାର କିପରି ପାଇବେ ଓ ଋଣ କିପରି ପରିଶୋଧ କରିବେ ସେନେଇ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକ କୁହନ୍ତି, ସ୍ଥାନୀୟ ଅଞ୍ଚଳରେ ସେଭଳି ବର୍ଷା ହୋଇ ନାହିଁ କିମ୍ବା କୌଣସି କ୍ଷୟକ୍ଷତି ହୋଇଥିବା ରିପୋର୍ଟ ଆସିନାହିଁ। ରିପୋର୍ଟ ମିଳିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ମନ୍ଦିର ସମେତ ଏକାଧିକ ଦୋକାନରୁ ଚୋରି

ସାଲେପୁର,୮।୧୨(ଅରବିନ୍ଦ ଭୂୟାଁ)

### ଚୋରିବେଳର ଦୃଶ୍ୟ ସିସିଟିଭିରେ କଏଦ




ସାଲେପୁର ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ୨ଟି ଦୋକାନ ଓ ଏକ ମନ୍ଦିରରୁ ଚୋରି ହୋଇଛି। ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହାକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଖବରରୁ ପ୍ରକାଶ, ସାଲେପୁର କଲେଜ ନିକଟରେ ଥିବା ରୋଧପୁର ଗ୍ରାମର ପର୍ଶୁରାମ ସାମଲଙ୍କ ପାନ ଦୋକାନ କବାଟ ଭାଙ୍ଗି, ଗୁଟ୍‌ଖା ସାମଗ୍ରୀ, ସିଗାରେଟ୍, ନଗଦ ୩ହଜାର ଟଙ୍କା ଚୋରି ହୋଇଛି। ଉକ୍ତ ଦୋକାନ ପାର୍ଶ୍ୱରେ ଥିବା ଏକ ଜଳଖିଆ ଦୋକାନରୁ ମଧ୍ୟ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଦୁର୍ବୃତ୍ତ ଜଣକ ବିଭିନ୍ନ ସାମଗ୍ରୀ ନେଇ ସାଇକେଲରେ ଲଦି ଯାଉଥିବାର ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ଉର ବଟେଶ୍ୱରସ୍ଥିତ ମଙ୍ଗଳା ମନ୍ଦିରର ଗ୍ରୀଲ୍ ଭାଙ୍ଗି ମନ୍ଦିର ମଧ୍ୟରେ ଥିବା ଘଣ୍ଟି, ଘଣ୍ଟା ଆଦି ଚୋରି କରିଥିବା ଅଭିଯୋଗ ହୋଇଛି। ସେହିପରି ଅଭିଯୁକ୍ତ ଉର ବଟେଶ୍ୱର ଗ୍ରାମରେ ଥିବା ଏକ ଦୋକାନ ଓ ଅଙ୍ଗନୱାଡିର ତାଲା ଭାଙ୍ଗିଥିଲେ ମଧ୍ୟ ଦୋକାନରୁ କୌଣସି ସାମଗ୍ରୀ ନେବାକୁ ସକ୍ଷମ ହୋଇ ନ ଥିବା ଜଣାପଡ଼ିଛି। ଖବରପାଇ ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ମାଣ୍ଡିଆ ରୋଗ ପ୍ରତିରୋଧକାରୀ ଶକ୍ତିର ଉତ୍ସ



ଅତିଥିମାନେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଟିଗିରିଆ, ୮।୧୨ (ଜାଫର ଖାଁ)

ଟିଗିରିଆ କୃଷି ବିଭାଗ ତରଫରୁ ମିଲେଟ ମିଶନ ଆନୁକୁଲ୍ୟରେ ଅର୍ଡର୍ ଏବଂ ଉତ୍ତର ମହାନଦୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ ସହଭାଗିତାରେ ଶୁକ୍ରବାର ଅମଳ ଉତ୍ସବ ପାଞ୍ଚଗାଁସ୍ଥିତ ମୁଣ୍ଡିପାଗଳିରେ ପାଳିତ ହୋଇଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଟିଗିରିଆ ବ୍ଲକରେ ଅମଳ ଉତ୍ସବ ପାଳନର ଶୁଭାରମ୍ଭ ହୋଇଥିଲା। ଏଥିରେ ଟିଗିରିଆ କୃଷି ଅଧିକାରୀ ଯୋଗଦେଇ ମାଣ୍ଡିଆ ରୋଗ ପ୍ରତିରୋଧକାରୀ ଶକ୍ତିର ଉତ୍ସ ବୋଲି କହିଥିଲେ। ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ହରେନ୍ଦ୍ର ଦଳେଇଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା। ଉତ୍ସବରେ

### ଅମଳ ଉତ୍ସବ ପାଳନ

ଟିଗିରିଆ ବ୍ଲକର ୧୪ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ମିଲେଟ ମିଶନ ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ଟିଗିରିଆ ବ୍ଲକର ବିଭିନ୍ନ ଗ୍ରାମରେ ୮୫ ହେକ୍ଟର ମାଣ୍ଡିଆ ଚାଷ କରାଯାଇଥିଲା। ଉକ୍ତ ଚାଷ ଜମିରୁ ୨୩୦ କୁଇଣ୍ଟାଲ ମାଣ୍ଡିଆ ଅମଳ ହୋଇଥିବା ନେଇ ଏହି ଅବସରରେ ସୂଚନା ଦିଆଯାଇଛି। ତନ୍ମଧ୍ୟରୁ ଚାଷୀମାନଙ୍କ ଆବଶ୍ୟକତାକୁ ବାଦ ଦେଇ ୨୦୦ କୁଇଣ୍ଟାଲ ମାଣ୍ଡିଆ ଚାଷୀ ମାନଙ୍କଠାରୁ ଉତ୍ତର ମହାନଦୀ କୃଷକ ଉତ୍ପାଦକ କମ୍ପାନୀ ଲିମଟେଡ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ପର୍ଶୁରାମ ବେହେରା,ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବିଡିଓ ପ୍ରଣବ ବେହେରା, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ଗୌରହରୀ ପରିଡା, ମିଲେଟ ସ୍କିମ୍ କଟକ ଜିଲା ଅଧିକାରୀ ଅସୀମା ମିଶ୍ର, ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୁଷ୍ଟି, ସରପଞ୍ଚ ନିରଞ୍ଜନ ଦଳେଇ, ସହକାରୀ ବୈଷୟିକ ପରିଚାଳକ ଓ କୃଷକ ସାଥିମାନେ ଉପସ୍ଥିତ ଥିଲେ। ଟିଗିରିଆ ବ୍ଲକର ସୁଜାତା ରଣା ମାଣ୍ଡିଆର ନୂତନ ଖାଦ୍ୟ ପ୍ରସ୍ତୁତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ୨ଜଣ ଅଗ୍ରଣୀ ଚାଷୀ ମହମ୍ମଦ ଯକ୍ରିୟା ଓ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏସ୍‌ବିଆଇ ପକ୍ଷରୁ ଆମ୍ବେଡକରଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)

ଷ୍ଟେଟ୍ ବ୍ୟାଙ୍କ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଭାରତରତ୍ନ ଡ. ଭୀମ ରାଓ ଆମ୍ବେଡକରଙ୍କ ୬୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାଧ୍ୟକ୍ଷ ସୌରଭ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ବିଆଇର ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବ୍ୟାଙ୍କର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ମଣ୍ଡଳ ନେଟ୍‌ୱର୍କ-୧ ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ, ନେଟ୍‌ୱର୍କ-୨ ମହାପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ, ଭୁବନେଶ୍ୱର ପ୍ରଶାସନିକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ଉପ ମହାପ୍ରବନ୍ଧକ (ଡି ଆଣ୍ଡ୍ ଟିବି ) ଅମରେନ୍ଦ୍ର କୁମାର, ଭୁବନେଶର ମୁଖ୍ୟ ଶାଖା ପ୍ରବନ୍ଧକ ସସ୍ମିତା ସାହୁ , ଅଧିକାରୀ ସଂଘ ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀ, କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଡ. ଚିତ୍ତ ରଞ୍ଜନ ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଉପେନ୍ଦ୍ର କୁମାର ଦାସ ଓ ସଭାପତି ଗଣେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେଟ ବ୍ୟାଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ପରିପ୍ରେକ୍ଷୀରେ କୁନ୍ତଳା କୁମାରୀ ସାବତ କନ୍ୟା ଛାତ୍ରାବାସରେ ଅନ୍ତେବାସୀଙ୍କୁ ୨୦୦ଟି ଚାଦର ପ୍ରଦାନ କରାଯାଇଥିଲା। ଏଥିସହ ପରିଷଦ ତରଫରୁ କନ୍ୟାଶ୍ରମରେ ୧୧୦ଟି ସ୍କୁଲ ବ୍ୟାଗ ଓ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଥିଲା।

# ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ୩୦୨ ପ୍ରକଳ୍ପ



କୃତୀ ପ୍ରତିଯୋଗୀଙ୍କ ସହ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼,୮।୧୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗଦେଇ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀ ଜରିଆରେ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ହେବା ସହ କୁନି ବୈଜ୍ଞାନିକମାନଙ୍କ ମଧ୍ୟରେ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ଜିଲା ପରିଷଦ ସଦସ୍ୟା ଶାନ୍ତିଲତା ବେହେରା, ବ୍ଲକ ଶିକ୍ଷାଧିକାରୀ ତଥା ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପରିଚାଳନା କମିଟି ସଭାପତି ବିଜୟଲକ୍ଷ୍ମୀ ସାମଲ , ସମ୍ପାଦିକା ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ଆଠଗଡ ବ୍ଲକର ୧୭୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୩୦୨ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ୫ ଜଣ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଶଶଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏବିଇଓ ରଞ୍ଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବ ଭାରତୀୟ ବାପୁଜୀ ପ୍ରିମିୟର ଲିଗ୍: ଷ୍ଟାର, କିଙ୍ଗ ବିଜୟୀ

ବଡ଼ମ୍ବା, ୮।୧୨(ମାୟାଧର ମଲ୍ଲିକ)

ବାପୁଜୀ କ୍ରିକେଟ କ୍ଲବର ଶଙ୍ଖାମେରୀ ପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ସର୍ବଭାରତୀୟ ବାପୁଜୀ ପ୍ରିମିୟର ଲିଗ୍‌ର ୩ୟ ଦିବସରେ ୨ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଲିଗ୍ ମ୍ୟାଚ ଷ୍ଟାର ୧୧ ଓ ଦ୍ୱିତୀୟ ଲିଗ୍ ମ୍ୟାଚରେ କିଙ୍ଗ ୧୧ ବିଜୟୀ ହୋଇଛି। ପ୍ରଥମ ଲିଗ୍ ମ୍ୟାଚ ଷ୍ଟାର ୧୧ ୟୁନିଟ ୯ (ଭୁବନେଶ୍ୱର) ଓ ଖମ୍ଭେଶ୍ୱରୀ ୧୧ ଦଳଙ୍କ ମଧ୍ୟରେ ହୋଇଥିଲା। ଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ବିନିମୟରେ ୭ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଖମ୍ଭେଶ୍ୱରୀ ଦଳ ୭.୫ ଓଭର ବିନିମୟରେ ୧୦ ଉଇକେଟ ହରାଇ ୮୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଭୁବନେଶ୍ୱର ଦଳ ୧୭ ରନରେ ବିଜୟୀ ହୋଇଛି। ବିଜୟୀ ଦଳର ଖଳାଳି ଓବାମାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିପରି କିଙ୍ଗ ୧୧(ପୁରୀ) ଓ ଇମେଜ ୧୧ (ଭଦ୍ରକ) ମଧ୍ୟରେ ଦ୍ୱିତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କିଙ୍ଗ ଦଳ ବ୍ୟାଟିଂ କରି ୭ ଓଭରରେ ୫ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଇମେଜ ଦଳ ୭ ଓଭରରେ ୪ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା। ଫଳରେ କିଙ୍ଗ ଦଳ ୨ ଉଇକେଟରେ ବିଜୟୀ ହୋଇଛି। ବିଜୟୀ ଦଳର ଖେଳାଳି ଦିବ୍ୟ ରଞ୍ଜନ ସ୍ୱାଇଁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନାମୟୀ ବିଶ୍ୱାଳ ଯୋଗ ଦେଇଥିଲେ। ସାମାଜିକ କର୍ମୀ ମାନସ ମୁଦୁଲି ଓ ଆୟୋଜକ ଦଳ ମୁଖ୍ୟ ସଙ୍ଗଠକ ସନ୍ତୋଷ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

# 'ରାଜ୍ୟ ସରକାର ପେସା ଆଇନ ତୁରନ୍ତ ଲାଗୁ କରନ୍ତୁ'

### ୩ ଦଫା ଦାବି ନେଇ ଆଦିବାସୀ ସମାବେଶ

ଭୁବନେଶ୍ୱର, ୮।୧୨ (ଅନୁରାଧା ମହାରଣା)

ଦେଶର ଅନ୍ୟ ଆଠଟି ରାଜ୍ୟଭଳି ଓଡ଼ିଶାରେ ପେସା ଆଇନ ୧୯୯୬ ଲାଗୁ କରିବା ସହ ୩ ଦଫା ଦାବି ନେଇ ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ବେଶପୋଷାକରେ ବାଦ୍ୟଯନ୍ତ୍ର ଧରି ମାଷ୍ଟରକ୍ୟାଣ୍ଟିନ ଛକରେ ଏକାଠି ହେବା ପରେ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ଲୋୟର ପିଏମ୍‌ଜିରେ ସମାବେଶ କରିଥିଲେ। ଶିଳ୍ପପତି, ପୁଞ୍ଜିପତିଙ୍କ ସ୍ୱାର୍ଥରେ ୧୯୫୬ ରେଗୁଲେଶନକୁ ସଂଶୋଧନ ମାଧ୍ୟମରେ ଆଦିବାସୀ ଜମିକୁ ଅଣ ଆଦିବାସୀଙ୍କୁ ହସ୍ତାନ୍ତର ଲାଗି ହୋଇଥିବା କ୍ୟାବିନେଟ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଓ ଜଙ୍ଗଲ ଜମି ଅଧିକାର ଅନୁଯାୟୀ ପଟ୍ଟା ବଣ୍ଟନ କରିବା ସେମାନଙ୍କର ଅନ୍ୟ ଦୁଇ ଦାବି ରହିଛି। ଓଡିଶା ରାଜ୍ୟ ପେସା ଗ୍ରାମସଭା କୋଅର୍ଡିନେଶନ କମିଟି ପକ୍ଷରୁ ଆୟୋଜିତ ଏହି ସମାବେଶରେ ରାଜ୍ୟର ପ୍ରାୟ ୧୩ଟି ଆଦିବାସୀ ବହୁଳ ଜିଲ୍ଲାରୁ ଶତାଧିକ ଆଦିବାସୀ ଯୋଗଦେଇଥିଲେ।

# ବାଲ୍ୟବିବାହ, ଯୌତୁକ ପ୍ରଥା ବନ୍ଦ କର




ସଚେତନତା ସଭାରେ ଯୋଗଦେଇଥିବା ଅତିଥିମାନେ।

ବଡ଼ମ୍ବା,୮।୧୨(ମାୟାଧର ମଲ୍ଲିକ)

ଯୁବଶକ୍ତି ଜାଗ୍ରତ ହେଲେ ବାଲ୍ୟ ବିବାହ ଓ ଯୌତୁକ ଭଳି ବ୍ୟାଧିରୁ ସମାଜ ମୁକ୍ତ ହୋଇ ପାରିବ ବୋଲି ଅନୁଷ୍ଠିତ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି। 'ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶା ଅନ୍ତର୍ଗତ ଏହି ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ଗୋପୀନାଥପୁରଠାରେ ଛାତ୍ରୀଛାତ୍ରଙ୍କ ତରଫରୁ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା କାର୍ଯ୍ୟକ୍ରମର ମୁଖ୍ୟ ସଙ୍ଗଠକ ଡ. ସୁଚିସ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ଗୋପୀନାଥପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଯଯାତି କେଶରୀ ନାୟକ, ବଡ଼ମ୍ବା ବ୍ଲକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ନିର୍ବାହୀ ତଥା ପ୍ରାଧ୍ୟାପକ ବିଶ୍ୱନାଥ ପଟ୍ଟନାୟକ, ପ୍ରାଧ୍ୟାପିକା ଡ. ତନୟା ପଟେଲ, ନୋଡାଲ ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ସରିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରି ବାଲ୍ୟ ବିବାହ ଓ ଯୌତୁକ ଭଳିକୁ ପ୍ରଥାକୁ ସମାଜରୁ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯୁକ୍ତ ୩ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପାରମିତା ପୁହାଣ ଓ ସାଥିମାନେ ବାଲ୍ୟ ବିବାହ ଉପରେ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ।

# ପ୍ରତିଯୋଗିତାମୂଳକ ଯୁଗରେ ଭଲ ପ୍ରତିଯୋଗୀ ହୁଅନ୍ତୁ ଛାତ୍ରୀଛାତ୍ର

ବାଙ୍କୀ,୮।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)




କଲେଜ ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି ଓ ଛାତ୍ରୀମାନେ।

### ବାଙ୍କୀ କଲେଜର ୬୪ତମ ପ୍ରତିଷ୍ଠା ଦିବସ

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଦୃଶ୍ୟଶ୍ରାବ୍ୟ ଗୃହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଏହା ପରିସରରେ ଥିବା କଲେଜ ପ୍ରତିଷ୍ଠାତା ଡ. ଯୋଗେଶ ଚନ୍ଦ୍ର ରାଉତ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, ବୀରାରାଣୀ ଶୁକଦେଇ, ପରିଚାଳନା କମିଟିର ପ୍ରଥମ ସଭାପତି ଅନନ୍ତ ଦେଉରୀ, ବାଙ୍କୀର ପ୍ରଥମ ବିଧାୟକ ଗୋକୁଳାନନ୍ଦ ପ୍ରହରାଜଙ୍କ ସମେତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏନେଇ ଆୟୋଜିତ ଉତ୍ସବରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ପ୍ରଦୀପ କୁମାର ବେହେରା ସଭାପତିତ୍ୱ କରି ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ି କଲେଜର ସୁନାମ ଆଣିବା ପାଇଁ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଐତିହାସିକ ତଥା ଶିକ୍ଷାବିତ୍ ପ୍ରଫେସର୍ ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାମୂଳକ ଯୁଗରେ ଭଲ ପ୍ରତିଯୋଗୀ ହୋଇ ଆଗକୁ ବଢ଼ିଲେ ନିଜେ ଉଚ୍ଚ ହେବା ସହ ନିଜର ଆକାଂକ୍ଷା ପୂରଣ କରିପାରିବେ ବୋଲି କହିଥିଲେ। ବାଙ୍କୀ କଲେଜକୁ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବାରେ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ପ୍ରଫେସର ପାଣି ପ୍ରକାଶ କରିଥିଲେ। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠା ଦିବସର ସଂଯୋଜକ ଡ. ନିରାକାର ପ୍ରସାଦ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଲେଜର ପ୍ରଥମ ବର୍ଷର ଛାତ୍ର ତଥା ବରିଷ୍ଠ ଆଇନଜୀବୀ ବିରଞ୍ଚି ନାରାୟଣ ଦାଶ ଓ ପ୍ରଥମ ଅଧ୍ୟାପକ ରମାକାନ୍ତ ମିଶ୍ରଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଚଳିତ ବର୍ଷ ଯୁକ୍ତ୨, ଯୁକ୍ତ ୩ ଓ ସ୍ନାତକୋତ୍ତରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି, ଉପଢ଼ୌକନ ଓ ମାନପତ୍ର ଦିଆଯାଇଥିଲା। ଏହାକୁ ପ୍ରଶାସନିକ ଅଧିକାରୀ ଡ.ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ.ଅଭିମନ୍ୟୁ ରଣା, ଡ.ଚିନ୍ମୟ ଚିରସୁନ୍ଦର ଦାସ, ଅଧ୍ୟାପକ ଆଶିଷ କୁମାର ପାଢୀ ଓ ଭୂପତି ଭୂଷଣ ପ୍ରଧାନ ପରିଚାଳନା କରିଥିଲେ।

# ‘କୃଷି କ୍ଷେତ୍ରରେ ଓଡ଼ିଶା ଆଗୁଆ’

ଖୋର୍ଦ୍ଧା,୮।୧୨ (ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ବିଧାୟକ ଅରବିନ୍ଦ ଢାଲି ଏବଂ ଅନ୍ୟ ଅତିଥିମାନେ।

ସ୍ଥାନୀୟ ହାବେଳି ପଡ଼ିଆରେ ୫ଦିନ ଧରି ଚାଲିଥିବା ଖୋର୍ଦ୍ଧା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିରୂପେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ କହିଥିଲେ, କୃଷି ପ୍ରଧାନ ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅହରହ ଚେଷ୍ଟା ଚଳାଇଛନ୍ତି। ଆଜି ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ସହିତ କୃଷକ ପରିବାରର ଆୟ ଦ୍ୱିଗୁଣିତ ହୋଇଛି। କୃଷି କ୍ଷେତ୍ରରେ ଓଡ଼ିଶା ଆଜି ଆଗଧାଡ଼ିରେ ରହିଛି। ଏହି ଧାରା ବଜାୟ ରଖିବାକୁ ଏଭଳି କୃଷିଯନ୍ତ୍ରପାତି ମେଳା କରି ଚାଷୀଙ୍କୁ ସଚେତନତା କରାଯାଉଥିବାରୁ କୃଷି ବିଭାଗର କାର୍ଯ୍ୟ ପ୍ରଶଂସନୀୟ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ରୂପେ ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଶଙ୍କର ବେହେରା, ମୁଖ୍ୟ ଜିଲା ପରିଚାଳକ ଅମର କୁମାର ଅଗ୍ରୱାଲ, କୃଷି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତି ଶବର ଯୋଗଦେଇଥିଲେ। ଏହି ମେଳାରେ କେତେଜଣ ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍ୟାନ କୃଷିରେ ବୋଲଗଡ଼ ବ୍ଲକ ମାଣିବନ୍ଧ ଗ୍ରାମର ପ୍ରିୟରଞ୍ଜନ ସାହୁ, ଗୋପାଳନରେ ବଡ଼କୁମାରି ଗ୍ରାମର ସୁବାସ ଚନ୍ଦ୍ର ପଣ୍ଡା, ମାଛଚାଷରେ ବୋଲଗଡ଼ ଝଜ୍ଜିପାଟଣାର ମା’ ଲକ୍ଷ୍ମୀ ମହିଳା ଗୋଷ୍ଠୀ, ଧାନଚାଷ ସହିତ ଅର୍ଥକରି ଫସଲ ପାଇଁ ଜଟଣୀର ଯୁବଚାଷୀ ରମେଶ ସେନାପତି, ବ୍ୟକ୍ତିଗତ ମାଛ ପୋଖରୀ ପାଇଁ ଜଟଣୀର ଅବିନାଶ ନାୟକ, ଗେଣ୍ଡୁ ଓ ଅମୃତଭଣ୍ଡା ଚାଷ ପାଇଁ ଦେଉଳବସ୍ତ ଜୟକୃଷ୍ଣ ମହିଳା ଗୋଷ୍ଠୀ, ଜୈବିକ କୃଷି ପଦ୍ଧତିରେ ଉଦ୍ୟାନ କୃଷି ପାଇଁ ଜଟଣୀ ତରାବୋଇର ସତ୍ୟନାରାୟଣ ବରାଳଙ୍କ ସହିତ ଜିଲା ମତ୍ସ୍ୟ ଅଧିକାରୀ ଓ ସହକାରୀ ଉଦ୍ୟାନ ଅଧିକାରୀ, ମୃତ୍ତିକା ସଂରକ୍ଷଣ ବିଭାଗଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମେଳାରେ ୬୦ଟି ଷ୍ଟଲରେ ବିଭିନ୍ନ କମ୍ପାନୀର କୃଷିଯନ୍ତ୍ରପାତି ପ୍ରଦର୍ଶିତ ହେବା ସହିତ କୃଷି ବିଭାଗ, ପ୍ରାଣୀ ବିଭାଗ, ମୃତ୍ତିକା ବିଭାଗ, ମତ୍ସ୍ୟ ବିଭାଗର ସଚେତନତା ଷ୍ଟଲ ପଡିଥିଲା। କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିବାବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ। ସହକାରୀ କୃଷି ଅଧିକାରୀ ବିନୋଦିନି ଦେଈ, ସୁଶ୍ରୀ ସରୋଜିନୀ, ଖୋର୍ଦ୍ଧା ବ୍ଲକ କୃଷି ଅଧିକାରୀ ଦେବସ୍ମିତା ଶୁଭଦର୍ଶିନୀ ମିଶ୍ର, ଓଭରସିଅର ଦୀପ୍ତିଲତା ପ୍ରଧାନ, ପ୍ରଣୀତା ସାମନ୍ତରାୟ, ସ୍ୱପ୍ନା ଦଳେଇ, କଳ୍ପନା ସାହୁ, ସୁନିମା ଓରାମ, ସୀମା ଲାକ୍ରା, ଧରିତ୍ରୀ ବରିହା, ବିକାଶ ତୀର୍କି, ଅଭିଷେକ ସେଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

## ସଂକ୍ଷେପରେ

### ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)

ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି. ଆର୍. ଆମ୍ବେଦକରଙ୍କ ୬୭ତମ ମହାପରିନିର୍ବାଣ ଦିବସ ଅଲ୍ ଓଡିଶା ଅନୁସୂଚିତ ଜାତି ଓ ଜନଜାତି ବ୍ୟାଙ୍କ କର୍ମଚାରୀ ମହାସଂଘ ପକ୍ଷରୁ ୟୁନିଟ-୯ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ମହାସଂଘ ସଭାପତି ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ରିଜର୍ଭ ବ୍ୟାଙ୍କର ଅମୁଡ଼ସମ୍ୟାନ ଏନ୍. ମୋହନା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଣ୍ଡିଆନ ବ୍ୟାଙ୍କର ଫିଲ୍ଡ ଜେନେରାଲ ମ୍ୟାନେଜର ଏମ୍. ଅରୁଣା, ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର ଡେପୁଟି ଜେନେରାଲ ମ୍ୟାନେଜର ଅଭିନ୍ନ ସୁନ୍ଦର ବରାଳ, ଓଡିଶା ଗ୍ରାମ୍ୟବ୍ୟାଙ୍କର ଚେୟାରମ୍ୟାନ ରିଶି ସିଂ, ୟୁନିୟନ ବ୍ୟାଙ୍କର ଡେପୁଟି ଜୋନାଲ ମୁଖ୍ୟ ଆର୍. ଦେବରାଜ, ଇଣ୍ଡିଆନ ବ୍ୟାଙ୍କର ଡେପୁଟି ମ୍ୟାନେଜର ଶଶିକାନ୍ତ ଦାସ ଓ ଜିହୋଭା ଗ୍ରୁପ୍‌ର ଚେୟାରମ୍ୟାନ ନୃସିଂହ ନାଥ ନନ୍ଦ ପ୍ରମୁଖ ଯୋଗଦେଇ ବାବା ସାହେବ ଆମ୍ବେଡକରଙ୍କ ଜୀବନୀ, ଭାରତୀୟ ସମ୍ବିଧାନ ଓ ଜାତି ଜନଜାତି ପାଇଁ ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ମହାସଂଘର ସାଧାରଣ ସମ୍ପାଦକ ବଂଶୀଧର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ଗ୍ରାମ୍ୟ ବ୍ୟାଙ୍କର ସଭାପତି ମନୋଜ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାଙ୍କର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

### ଦର୍ଶକଙ୍କୁ ହସାଇଲା କେସିଓ ଷ୍ଟାଣ୍ଡ ଅପ୍ କମେଡ଼ି ଶୋ

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା)

ଯୁବପିଢ଼ିଙ୍କୁ ଷ୍ଟାଣ୍ଡଅପ୍ କମେଡ଼ି ଶୋ’ ଆକୃଷ୍ଟ କରୁଛି। ଦର୍ଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କମେଡ଼ି କ୍ଲବ୍ ଅଫ ଓଡ଼ିଶା (କେସିଓ) ପକ୍ଷରୁ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଷ୍ଟାଣ୍ଡ ଅପ୍ କମେଡ଼ି ଶୋ’ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରିତେନ ପଟ୍ଟନାୟକ, ବିଶାଲ ମହାନ୍ତି, ମଳୟ ରଞ୍ଜନ ପରିଡା, ଚିରଞ୍ଜିବୀ, ସୁଜିତ, ଷ୍ଟାଲିନ, ଅଭିଜିତ ପ୍ରମୁଖ ବ୍ୟଙ୍ଗାତ୍ମକ କଥା ଶୁଣାଇ ଦର୍ଶକଙ୍କୁ ଖୁବ୍ ହସାଇଛନ୍ତି। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ଗତିବିଧି, ରୁଚି ତଥା ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ରୋଚକ ଢଙ୍ଗରେ ବିଭିନ୍ନ କଥା ପରିବେଷଣ କରି ଏହି ପ୍ରତିଭାମାନେ କରତାଳି ସାଉଣ୍ଟିଥିଲେ। ଷ୍ଟାଣ୍ଡଅପ୍ କମେଡିର ପ୍ରଚାରପ୍ରସାର ପାଇଁ ଆଗାମୀ ଦିନରେ ଏପରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି।

### ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ହଟାଗଲା ଜବରଦଖଲ

ପୁରୀ,୮।୧୨(ଅଜିତ ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜବରଦଖଲ କରିଥିବା ଦୋକାନଗୁଡ଼ିକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ନାକଚଣା ଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଏହି ଉଚ୍ଛେଦ କାର୍ଯ୍ୟ କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛି। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିବି ସହ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ପୋଲିସ ଫୋର୍ସ ମୁତୟନ ଥିଲେ। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଛୋଟ ଛୋଟ ମନ୍ଦିର କରି ଜବରଦଖଲ କରିଥିବା ମନ୍ଦିରଗୁଡ଼ିକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଆସନ୍ତା ଜାନୁୟାରୀ ୧୭ ତାରିଖରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଗୁଣ୍ଡିଚା ମନ୍ଦିରଠାରେ ମଧ୍ୟ ସଂକୀର୍ତ୍ତନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ଏକ ଐତିହାସିକ କୀର୍ତ୍ତିରାଜି। ତେବେ କିଛି ଲୋକ ମୁଖ୍ୟ ମନ୍ଦିର ନିକଟରେ ଛୋଟ ଛୋଟ ମନ୍ଦିର ଆଡୁଆଳ କଲାଭଳି ନିର୍ମାଣ କରିଥିଲେ। ସେହିପରି ଅନେକ ବ୍ୟକ୍ତି କ୍ୟାବିନ୍ ପକାଇ ଅବରୋଧ କରିଥିଲେ, ସେ ସବୁକୁ ଉଚ୍ଛେଦ କରାଯାଇଛି ବୋଲି ଜେନା କହିଛନ୍ତି।

# ଅବସରପ୍ରାପ୍ତ ବିଚାରପତିଙ୍କ ଘରୁ ଚୋରି

ଭୁବନେଶ୍ୱର,୮।୧୨
(ସୂର୍ଯ୍ୟକାନ୍ତ ବେହେରା)

## ଥାନାରେ ଏତଲା ଦେଲେ ଭଡ଼ାଟିଆ

ରାଜଧାନୀରେ ଚୋର ଓ ଲୁଟେରାଙ୍କ ଉତ୍ପାତ ଥମିବାର ନା ନେଉ ନାହିଁ। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧ ଘଟାଇ ଚମ୍ପଟ ମାରୁଛନ୍ତି ଦୁର୍ବୃତ୍ତ। ଏଥର ଟାର୍ଗେଟରେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଘର। ବିଚାରପତି ଜଣକ କୌଣସି କାମରେ ବାହାରକୁ ଯାଇଥିବାବେଳେ ତାଙ୍କ ତଳ ଘରେ ରହୁଥିବା ଭଡାଘରୁ କେହି ଦୁର୍ବୃତ୍ତ ଚୋରିକରି ଫେରାର ହୋଇଯାଇଛନ୍ତି। ଭୁବନେଶ୍ୱର ପୋଖରୀପୁଟ ଲିଙ୍ଗରାଜ ବିହାର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଘର ଝରକା ଭାଙ୍ଗି ଭଡାଟିଆଙ୍କ ଘର ଭିତରେ ପଶି ୩ ହଜାରରୁ ଅଧିକ ଟଙ୍କା, ଗୋଟିଏ ଛୋଟ ରୁପା ମୂର୍ତ୍ତି ଚୋରି କରି ନେଇଛନ୍ତି। ହେଲେ ସୁନା ଅଳଙ୍କାର ଓ ଟଙ୍କା ପାଇବା ଆଶାରେ ଆଲମିରା ତାଡ଼ିଦେବା ସହ ଆସବାବପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ତେବେ ବିଚାରପତି ରହୁଥିବା ରୁମ୍‌କୁ ପଶିବାକୁ ଉଦ୍ୟମ କରି ବିଫଳ ହୋଇଥିବା ସୂଚନା ମିଳିଛି। ଏନେଇ ଭଡାଟିଆ ଦୀପେନ୍ଦୁ କୁମାର ଦାସ ଥାନାରେ ଏତଲା ଦେଇଛନ୍ତି। ସୂଚନାନୁସାରେ, ଅବସରପ୍ରାପ୍ତ ଜଜଙ୍କ ଘରେ ଦୀପେନ୍ଦୁ ଭଡାରେ ରହି ଭୁବନେଶ୍ୱର ଏୟାରପୋର୍ଟରେ ଚାକିରି କରନ୍ତି। ଗୁରୁବାର ରାତି ପ୍ରାୟ ସାଢେ ୯ ବେଳକୁ କର୍ମକ୍ଷେତ୍ରରୁ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ଏୟାରପୋର୍ଟ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା। ଏହି ସମୟରେ ବିଚାରପତି ରହୁଥିବା ରୁମ୍ ବାହାରେ ଅଜଣା ଚାବି ପେଣ୍ଠା ମିଳିଥିଲା। ଏଥିରୁ ଚୋରମାନେ ତାଙ୍କ ଘର କବାଟରେ ପଡିଥିବା ତାଲାକୁ ଉକ୍ତ ଚାବିରେ ଖୋଲିବାକୁ ଚେଷ୍ଟା କରିଥିବା ଆଶଙ୍କା କରାଯାଉଛି। ତେବେ ଉକ୍ତ ଚାବି ପେଣ୍ଠାକୁ ଜବତ କରି ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ସ୍ୱେରେଜ ଖାଲରେ ସ୍କୁଟି ସହ ଖସିପଡ଼ିଲେ ମହିଳା

ଭୁବନେଶ୍ୱର, ୮।୧୨ (ବନ୍ଦନା ସେଠୀ)



ରାଜଧାନୀ ଭୁବନେଶ୍ୱରର ପ୍ରାୟ ଅଞ୍ଚଳରେ ସ୍ୱେରେଜ କାମ ପାଇଁ ଖୋଳାପୋତା ଚାଲିଛି। ଏଥିପାଇଁ ବିଭିନ୍ନ ସମୟରେ ଅଘଟଣ ଘଟିବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶୁକ୍ରବାର ବଡ଼ଗଡ଼ ଥାନା ଅନ୍ତର୍ଗତ ଚିଲି ପୋଖରୀ ଶିବ ନଗର ଅଞ୍ଚଳରେ ସେହିଭଳି ଏକ ଘଟଣା ଘଟିଛି। ସ୍ୱେରେଜ କାମ ପାଇଁ ଖୋଳା ହୋଇଥିବା ପ୍ରାୟ ୧୦ଫୁଟ ଖାଲରେ ଜଣେ ମହିଳା ସ୍କୁଟି ସହ ଖସି ପଡି ଆହତ ହୋଇଛନ୍ତି। ଆହତ ମହିଳା ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଗୀତାଞ୍ଜଳି ଆଚାର୍ଯ୍ୟ। ସ୍ୱେରେଜ କାମ କରୁଥିବା ଠିକାସଂସ୍ଥାର ଚରମ ଅବହେଳା ପାଇଁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ମହିଳାଙ୍କ ସତର୍କତା ଅଭାବରୁ ଏଭଳି ହୋଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଘଟଣା ପରେ ତୁରନ୍ତ କାମ ବନ୍ଦ କରାଯାଇଛି। ସୂଚନାଯୋଗ୍ୟ, ଶିବ ନଗର ଅଞ୍ଚଳରେ ବିଏମ୍‌ସି ତରଫରୁ ସ୍ୱେରେଜ କାମ ଚାଲୁଥିଲା। ଅପରାହ୍ଣ ପ୍ରାୟ ୪ଟା ବେଳକୁ ସମ୍ପୃକ୍ତ ମହିଳା ଜଣକ ସ୍କୁଲରୁ ପୁଅକୁ ଆଣିବା ପାଇଁ ସ୍କୁଟି ନେଇ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ମହିଳା ଜଣକ ଖାଲରେ ପଡି ଯାଇଥିଲେ। ଫଳରେ ତାଙ୍କ ଅଣ୍ଟା, ହାତ ଏବଂ ଗୋଡ଼ରେ ଆଘାତ ଲାଗିଥିଲା। ଆହାତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ କାମ ବନ୍ଦ କରିବା ପରେ ସ୍ଥିତି ଶାନ୍ତ ପଡିଥିଲା। ଏନେଇ ୱାର୍ଡ ନଂ.୫୮ର ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ସ୍ୱେରେଜ କାମ ଚାଲୁଛି। ଯଦି ସେମାନେ ସହଯୋଗ ନ କରିବେ ତେବେ କାମ ବନ୍ଦ ରହିବ। ସେଠାରେ କାମ କରିବା ସମୟରେ ଠିକାସଂସ୍ଥା ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବାଉଁଶ ବ୍ୟାରିକେଡ୍ ସହ ସେଥିରେ ଗ୍ରୀନ୍ ସେଡ଼ନେଟ୍ ଘେରାଯାଇଥିଲା। କାମ ଚାଲୁଥିବାରୁ ସେପଟେ ରାସ୍ତା ବନ୍ଦ ଥିବାବେଳେ ପାଦଚଲା ପାଇଁ କିଛି ରାସ୍ତା ଛଡା ଯାଇଥିଲା। ମାତ୍ର ସମ୍ପୃକ୍ତ ମହିଳା ସେହିପଟ ଦେଇ ଗାଡ଼ିରେ ଆସିବାବେଳେ ଅସାବଧାନତା ପାଇଁ ଖାଲରେ ଖସି ପଡିଥିଲେ। ତେବେ ଏବେ ସେ ସୁସ୍ଥ ଅଛନ୍ତି, ତାଙ୍କୁ ବିଶେଷ କିଛି ଆଘାତ ଲାଗିନାହିଁ ବୋଲି ମହାପାତ୍ର କହିଛନ୍ତି।




ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ବାଲୁଗାଁ ଉଚ୍ଚ ବିଦ୍ୟାଳୟର ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ହାର ସପ୍ତାହ

ବାଲୁଗାଁ,୮।୧୨(ସଂଗ୍ରାମ ପାଇକରାୟ)

ରାଜ୍ୟ ବ୍ୟାପୀ ଡିସେମ୍ବର ପହିଲାରୁ ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁହାର ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି । ଏହି ଅବସରରେ ପୂର୍ବାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରାଙ୍କ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରୀଛାତ୍ର ବିଦ୍ୟାଳୟରୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବ୍ୟାନର ଓ ପ୍ଲାକାର୍ଡ଼ ଧରି ଶୋଭାଯାତ୍ରାରେ ବାଲୁଗାଁ ବଜାର ଗାନ୍ଧୀ ଛକଠାରେ ପହଞ୍ଚିଥିଲେ। ସେଠାରେ ସଡ଼କ ସୁରକ୍ଷା ଆଧାରିତ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିବା ସହ ରାସ୍ତାରେ ଯାତାୟତ କରୁଥିବା ବିନା ହେଲମେଟ୍‌ଧାରୀ ବାଇକ୍ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ସମେତ ଏସ୍‌ଆଇ ପବିତ୍ର ପ୍ରଧାନ, ଶରତ ପ୍ରଧାନ, ଶ୍ରୀନିବାସ ସାମନ୍ତ ଏବଂ ପୁଷ୍ପଲତା ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୋପୀନାଥ ପ୍ରଧାନ, ମନୋଜ ମହାରଣା, ଆଲୋକ ପାଢଶାଣୀ, ସୁରେନ୍ଦ୍ର ନାୟକ, କେଦାର ମେହେର, ସନ୍ତୋଷ ସାହୁ ଏବଂ ଶିକ୍ଷୟିତ୍ରୀ ସୁଶ୍ରୀ ସନ୍ତୋଷୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧମକ ଦେଇ ଟଙ୍କା ନେବା ଘଟଣା, ୩ ଗିରଫ

ଭୁବନେଶ୍ୱର,୮।୧୨(ସୂର୍ଯ୍ୟକାନ୍ତ ବେହେରା)

ଜଣେ ବ୍ୟକ୍ତିଙ୍କୁ ଡରାଇ ଧମକକାଇ ନଗଦ ଓ ଫୋନ ପେ ଜରିଆରେ ଟଙ୍କା ନେଇଯିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୨ ଲୁଟେରାଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ୟୁନିଟ -୨ ଅଞ୍ଚଳର କରଣ ପ୍ରତାପ ସିଂ ଓ ଜି. ଡାନିଏଲ ରାଓ। ଅପରପକ୍ଷେ ଅଭିଯୁକ୍ତଦ୍ୱୟଙ୍କଠାରୁ ଚୋରା ମୋବାଇଲ କିଣିଥିବାରୁ ସୌମ୍ୟରଞ୍ଜନ ଓଝାଙ୍କୁ ବାନ୍ଧିଛି ପୋଲିସ। ଏମାନଙ୍କଠାରୁ କେବଳ ମୋବାଇଲ ଜବତ ହୋଇଛି।

# ପଞ୍ଚାୟତସ୍ତରୀୟ ବିକଶିତ ଭାରତ ସଂକଳ୍ପ ଯାତ୍ରା

କଳାପଥର,୮।୧୨(ଗଙ୍ଗାଧର ସାହୁ)

ବୋଲଗଡ ବ୍ଲକ ଅଧୀନ ଧଳାପଥର ଗ୍ରାମପଞ୍ଚାୟତ ପରିସରରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନାରାୟଣ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ କରୁଣାକର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପଞ୍ଚାୟତରାଜ ପାନୀୟ ଜଳ, କୃଷି, ଜଙ୍ଗଲ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଶିଶୁ ବିକାଶ, ମିଶନ ଶକ୍ତି, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନାର ଲାଭ ଉଠାଇବା ନେଇ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ଗୋଷ୍ଠୀ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଦୁଷ୍ମନ୍ତ ବଳିୟାର ସିଂ, ସୋସାଇଟ ସଭାପତି ସନ୍ତୋଷ ତ୍ରିପାଠୀ, ଯୋଗାଣ ସହାୟକ ଦିଲ୍ଲୀପ ମହାପାତ୍ର, ସମାଜ ମଙ୍ଗଳ ଅଧିକାରୀ ପବିତ୍ର ସ୍ୱାଇଁ, ଧନେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

# ସରୀସୃପଙ୍କ ବାସସ୍ଥଳୀ ପାଲଟିଛି ସରକାରୀ କୋଠା

## ୧ କୋଟି ଟଙ୍କାରେ ନିର୍ମାଣ ହୋଇଥିଲା ୧୪ ବଖରା

ବେଗୁନିଆ,୮।୧୨(ହର ପ୍ରସନ୍ନ ପଣ୍ଡା)



ବ୍ୟବହାର ନ ହୋଇ ପଡ଼ିରହିଥିବା ସରକାରୀ କୋଠା।

ଜନସାଧାରଣଙ୍କ ହିତ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ବିଭାଗୀୟ ପରିଚାଳନା ତ୍ରୁଟି ଯୋଗୁ ଅନେକ ଯୋଜନା ଲୋକଙ୍କ ହିତରେ ନ ଲାଗି କୋଟି କୋଟି ଟଙ୍କା ପାଣିରେ ପଡୁଛି। ଏହାର ଏକ ଚିତ୍ର ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ। ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୪ବଖରା କୋଠା ଦିନକ ପାଇଁ ଲୋକଙ୍କ ହିତରେ ନ ଲାଗି ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ତେବେ ସରକାରଙ୍କ ପକ୍ଷରୁ କେଉଁ ଆଭିମୁଖ୍ୟ ନେଇ ଏହି କୋଠା ନିର୍ମାଣ କରାଯାଇଥିଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

ପ୍ରକାଶ ଥାଉକି, ବେଗୁନିଆ ସଦର ମହକୁମାରେ ଥିବା ମିନି ଷ୍ଟାଡିୟମ ପାର୍ଶ୍ୱରେ ନିର୍ମାଣ ହୋଇଛି ୧୪ ବଖରା ବିଶିଷ୍ଟ କୋଠା ଘର। ହେଲେ ବିନା ସୂଚନାଫଳକରେ ୨୦୧୫-୧୬ ମସିହାରେ ବ୍ଲକ ଅନୁଦାନରୁ ଆର୍.ଡି ବିଭାଗ ପକ୍ଷରୁ ଏହି କୋଠା ନିର୍ମାଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୪୦ଲକ୍ଷ ଏବଂ ପରେ ତାହା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମିଳିଥିଲା ବୋଲି ଜଣାପଡିଛି। କୃଷକ ପରିବାର ଉତ୍ପାଦନ କରୁଥିବା ବିଭିନ୍ନ ପ୍ରକାରର ଫସଲ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପକ୍ଷରୁ ହାତ ତିଆରି ବିଭିନ୍ନ ସାମଗ୍ରୀ ଏହି କୋଠରୀରେ ରଖି ସୁଲଭ ମୂଲ୍ୟରେ ବିକ୍ରି କରିପାରିବେ ଉଦ୍ଦେଶ୍ୟ ରଖି ଏହି କୋଠା ନିର୍ମାଣ କରାଯାଇଥିଲା ବୋଲି ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସୂଚନା ଦିଆଯାଇଥିଲା। ବର୍ତ୍ତମାନର ବିଭାଗୀୟ ଅଧିକାରୀମାନେ ଏହି କୋଠାର ଉଦ୍ଦେଶ୍ୟ ସମ୍ପର୍କରେ କୌଣସି ଠିକ ତଥ୍ୟ ଦେଇପାରୁ ନ ଥିବା ସଭିଙ୍କୁ ବିସ୍ମିତ କରିଛି। ଏହି କୋଠରୀରେ ଏବେ ସରୀସୃପ ବାସ କରୁଥିବା ଦେଖିବାକୁ ମିଳିଛି। ଲୁହା କବାଟ ଝରକାରେ କଳଙ୍କି ଲାଗି ଗଲାଣି। ସେହିପରି ଅନେକ ସମୟରେ ଏଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ତେବେ ଏ ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସାମାଜିକ କର୍ମୀ ସନାତନ ମଲ୍ଲିକ, ଶିବ କୁମାର ମୁନି ପ୍ରମୁଖ ଦାବି କରିଛନ୍ତି। ଏସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି ଏହି କୋଠା ନିର୍ମାଣ ଦ୍ୱାରା ଚାଷୀ ପରିବାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପକୃତ ହେବେ। ତେବେ ଏହି ଯୋଜନାକୁ କିପରି ସଫଳ କରାଯିବ ସେନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି।

## ସଂକ୍ଷେପରେ

### ୯ରେ ଲୋକ ଅଦାଲତ

ପୁରୀ, ୮।୧୨(ଅଜିତ୍ ମହାନ୍ତି)

ପୁରୀ ସିଭିଲ କୋର୍ଟ ପରିସରରେ ଚଳିତ ମାସ ୯ ତାରିଖ ପୂର୍ବାହ୍ନରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲା ଓ ଦୌରାଜଜ୍ ଏବଂ ଅନ୍ୟାନ୍ୟ ଅଦାଲତର ବିଚାରପତିମାନେ ଯୋଗ ଦେବେ। ବିଭିଧ ମାମଲାର ତ୍ୱରିତ ସମାଧାନ ଲୋକ ଅଦାଲତର ମୂଳ ଉଦ୍ଦେଶ୍ୟ ହୋଇଥିବାରୁ ଏହାର ସୁଯୋଗ ନେବାକୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

### ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ହଟାଗଲା ଜବରଦଖଲ

ପୁରୀ,୮।୧୨(ଅଜିତ ମହାନ୍ତି):

ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜବରଦଖଲ କରିଥିବା ଦୋକାନଗୁଡ଼ିକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ନାକଚଣା ଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଏହି ଉଚ୍ଛେଦ କାର୍ଯ୍ୟ କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛ। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିବି ସହ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ପୋଲିସ ଫୋର୍ସ ମୁତୟନ ଥିଲେ। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଛୋଟ ଛୋଟ ମନ୍ଦିର କରି ଜବରଦଖଲ କରିଥିବା ମନ୍ଦିରଗୁଡ଼ିକୁ ମଧ ଉଚ୍ଛେଦ କରାଯାଇଛି। ଆସନ୍ତା ଜାନୁୟାରୀ ୧୭ ତାରିଖରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଗୁଣ୍ଡିଚା ମନ୍ଦିରଠାରେ ମଧ ସଂକୀର୍ତ୍ତନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ଏକ ଐତିହାସିକ କୀର୍ତ୍ତିରାଜି। ତେବେ କିଛି ଲୋକ ମୁଖ୍ୟ ମନ୍ଦିର ନିକଟରେ ଛୋଟ ଛୋଟ ମନ୍ଦିର ଆଡୁଆଳ କଲାଭଳି ନିର୍ମାଣ କରିଥିଲେ। ସେହିପରି ଅନେକ ବ୍ୟକ୍ତି କ୍ୟାବିନ୍ ପକାଇ ଅବରୋଧ କରିଥିଲେ, ସେ ସବୁକୁ ଉଚ୍ଛେଦ କରାଯାଇଛି ବୋଲି ଜେନା କହିଛନ୍ତି।

### ବିଧାୟକଙ୍କ ଅଚାନକ ବିକାଶ କାର୍ଯ୍ୟ ଅନୁଧାନ

ପିପିଲି,୮।୧୨(ପ୍ରଭାତ ମହାପାତ୍ର)

ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଶୁକ୍ରବାର ଅଚାନକ ଗସ୍ତ କରି ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସକାଳୁ ନିଜ ନିର୍ବାଚନମଣ୍ଡଳୀ ପିପିଲିର ଗାଁକୁ ଗାଁ ବୁଲି ପ୍ରକଳ୍ପ କାମର ସମୀକ୍ଷା କରିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ନିର୍ମାଣାଧୀନ କାର୍ଯ୍ୟର ତଦାରଖ କରିବା ସହିତ ପ୍ରଗତିର କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ବିଧାୟକ ଆହ୍ୱାନ ଦେଇଥିଲେ। ହଠାତ୍ ସକାଳେ ବିଧାୟକ କିଛି କର୍ମୀଙ୍କ ସହ ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତର ସାନ ସରଗାଇଲୋ, କାଙ୍କନଡୁଆ, ନାନପୁର, ତେଇଶିପୁର, ବାଲିଗାଁ, ଆବଲପୁର, ନୂଆଗୋଡ଼ି ଏବଂ ପୋଡ଼ଙ୍ଗ ଆଦି ଗ୍ରାମକୁ ଗସ୍ତ କରି ଗ୍ରାମ, ସହଜପୁର ପଞ୍ଚାୟତରେ ନିର୍ମାଣାଧୀନ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ପ୍ରକଳ୍ପର ଅତ୍ୟାଧୁନିକ ବିକଶିତ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଗ୍ରାମବାସୀ, ଯୁବକ ସାଥୀ ଓ ମହିଳାଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସରପଞ୍ଚ ପ୍ରତିନିଧି କେଶବ ସେନାପତି, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ବରିଷ୍ଠ ନାଗରିକ

**ତହସିଲଦାରଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ**

ଗୋପ,୮।୧୨(ଭାରତୀ ଭୂଷଣ ଉପାଧ୍ୟାୟ)


ଗୋପ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବରିଷ୍ଠ ନାଗରିକମାନେ ଧାରଣା ଦେଇଛନ୍ତି ।

ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ସୁବିଧା ସୁଯୋଗ ଦେବାକୁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ସମସ୍ତ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଶୁକ୍ରବାର ଗୋପ ତହସିଲ ଅଫିସରେ ତହସିଲଦାରଙ୍କ ସମେତ ଅଧିକାଂଶ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ଶତାଧିକ ବରିଷ୍ଠ ନାଗରିକ ଧାରଣା ଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୋପ ତହସିଲ ଅଧୀନ ବେଗୁନିଆ ଗାଁ ରାସ୍ତା ଜବରଦଖଲକୁ ନେଇ ଗ୍ରାମବାସୀ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରି ନିରାଶ ହୋଇଥିଲେ। ପରେ ଗାଁର ଶତାଧିକ ଲୋକ ଏହି ଅଭିଯୋଗ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଅଭିଯୋଗ କରିବା ପରେ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗୋପ ତହସିଲଦାର ରଞ୍ଜନ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ତହସିଲଦାର ଶୁକ୍ରବାର ଦୁଇ ପକ୍ଷଙ୍କୁ ନେଇ ତାରିଖ କରିଥିଲେ। ମାତ୍ର ତହସିଲଦାର ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଆସି କୌଣସି କାର୍ଯ୍ୟରେ ପଳାଇ ଯାଇଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ତାରିଖ ହୋଇ ଥିବାରୁ ଗାଁ ଶତାଧିକ ବରିଷ୍ଠ ନାଗରିକ ତହସିଲଦାର ଅଫିସରେ ପହଞ୍ଚିଥିଲେ ମଧ ତହସିଲଦାର ନ ଥିବା ଜାଣିବାକୁ ପାଇଥିଲେ। କିନ୍ତୁ ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଧିକାଂଶ କର୍ମଚାରୀ ନ ଥିବାରୁ କେତେବେଳେ ତହସିଲଦାର ଆସିବେ ସେ ନେଇ କୌଣସି ସୂଚନା ମିଳି ନ ଥିଲା। ଦୀର୍ଘ ୪ ଘଣ୍ଟା ଧରି ତହସିଲଦାର ନ ଆସିବାରୁ ବରିଷ୍ଠ ନାଗରିକ ୧ ଘଣ୍ଟା ଧରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ମଧ ତହସିଲଦାର ଆସି ନ ଥିଲେ। ଶେଷରେ ବାଧ ହୋଇ ବରିଷ୍ଠ ନାଗରିକ ନିରାଶ ହୋଇ ଫେରିଥିଲେ। ଏପରି ଏହି ପ୍ରସଙ୍ଗରେ ତହସିଲଦାର ପରିଡ଼ାଙ୍କୁ ପଚାରିବାରେ, ଏକ ଜରୁରୀକାଳୀନ କାମରେ ପଳାଇ ଯାଇଥିବା କହିଥିବାବେଳେ ଅନ୍ୟ କେତେକ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ।


ଡେଲାଙ୍ଗ ଅଞ୍ଚଳରେ ଶୁକ୍ରବାର ବିକଶିତ ଭାରତ ସଙ୍କଳ୍ପ ରଥ ପରିକ୍ରମା ଅବସରରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ପଞ୍ଚାୟତରେ ଗଡ଼ିଲା ବିକଶିତ ଭାରତ ସଂକଳ୍ପ ରଥ

ଡେଲାଙ୍ଗ,୮।୧୨(ରଶ୍ମିରଞ୍ଜନ ପ୍ରଧାନ):

ଭାରତ ସରକାରଙ୍କ ପ୍ରଣୟନ ଯୋଜନା ସମ୍ପର୍କରେ ଅବଗତ କରାଇବା ଓ ଯୋଜନା ସୁଫଳ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଡେଲାଙ୍ଗ ବ୍ଲକର ଶୁକ୍ରବାର ୬ଟି ପଞ୍ଚାୟତରେ ବିକଶିତ ଭାରତ ସଙ୍କଳ୍ପ ରଥ ପରିକ୍ରମା କରିଛି। ଜେନାପୁର, ଶ୍ରୀପୁରୁଷୋତ୍ତମପୁର, ଅଭୟମୁଖି ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିବାବେଳେ ମହିଳାଙ୍କ ପାଇଁ ଉଜ୍ଜଳା ଯୋଜନା, ବିଶୁଦ୍ଧ ପାନୀୟ ଜଳ ଯୋଗଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ, କିଶାନ ସମ୍ମାନନିଧି, କିଶାନ କ୍ରେଡିଟ୍ କାର୍ଡ, ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପେନସନ ଯୋଜନା ଭଳି ଅନେକ ଉନ୍ନତୀମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଜେନାପୁର ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ସମିତି ସଭ୍ୟା ସତ୍ୟଭାମା ଜେନା, ଯନ୍ତ୍ରୀ ପବିତ୍ର ମଲ୍ଲିକ, ପିଇଓ ଦୁର୍ଯ୍ୟୋଧନ ଜେନା, ଜିଆର୍‌ଏସ୍ ପବିତ୍ର ପ୍ରଧାନ, ଶ୍ରୀପୁରୁଷୋତ୍ତମପୁରରେ ସ୍ଥାନୀୟ ସରପଞ୍ଚ ହିରଣ୍ୟମୟୀ ମହାପାତ୍ର, ଅଭୟମୁଖି ସରପଞ୍ଚ ପ୍ରମିଳା ସେନାପତି ପ୍ରମୁଖ ରଥକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଶୋକ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡାକସେବା, ସ୍ୱାସ୍ଥ୍ୟସେବା, ଅଙ୍ଗନୱାଡ଼ି, ଶିକ୍ଷା ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲଯାଇ ସଚେତନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ଉପହାର ପ୍ରଦାନ ପୂର୍ବକ ପ୍ରୋତ୍ସାହିତ କରାଯାଇଥିସା। ପ୍ରମୋଦ ଜେନା ଓ ସରୋଜ ପ୍ରଧାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଓ ବିକଶିତ ଭାରତ ସମ୍ପର୍କିତ ପାଲା ପରିବେଷଣ କରାଯାଇଥିଲା । ସେହିପରି ରେଞ୍ଚ, ଖେଲାଉର ଓ ଅରିସଲ ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## କ୍ରୀଡ଼ା, ସଂସ୍କୃତି, ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଯୁବବର୍ଗ ଆଗକୁ ଯିବା ଆବଶ୍ୟକ

ଗୋପ, ୮।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

କ୍ରୀଡ଼ା, ସଂସ୍କୃତି, ସାମାଜିକ କାର୍ଯ୍ୟ ସହିତ ନାଚ, ଗୀତ ଓ ଖେଳରେ ଯୁବବର୍ଗ ଯୋଡ଼ିହେଲେ ମାନସିକ ବୃଦ୍ଧି ହେବା ସହ ଶିକ୍ଷାକ୍ଷେତ୍ରରେ ଆଗକୁ ଯାଇହେବ। ଶୁକ୍ରବାର ଗୋପ ବ୍ଲକ ଅଧୀନ ବଇରିପୁରସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପ ତହସିଲଦାର ରଞ୍ଜନ ପରିଡ଼ା ଏହା କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁରତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧ୍ୟକ୍ଷା ବୁନୁ ମଲ୍ଲିକ, ବନ୍ତଳିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ, ବଣିଆସାହିର ନିରଞ୍ଜନ ଶଗଡ଼ିଆ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ସାମାଜିକ କର୍ମୀ ଶରତ ନାୟକ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମହନ୍ତ କୃଷ୍ଣଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କ୍ରୀଡ଼ା, ସଂସ୍କୃତି, ସାମାଜିକ କାର୍ଯ୍ୟ ସହିତ ନାଚ, ଗୀତ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ନିଜର ଦକ୍ଷତା ବୃଦ୍ଧି କରିବାକୁ ଅତିଥିମାନେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ବିରାଟ କିଶୋର ନାୟକ, ଗଣେଶ ଜେନା, ଅଜୟ ସାହୁ, ଡ. ବନମାଳୀ ବେହେରା, ସମୟ ନାୟକ, ପ୍ରତିଭା ମଞ୍ଜରୀ ଜେନା, ମାନସୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ପ୍ରଧାନ, ସରୋଜ ରଞ୍ଜନ ଲେଙ୍କା, ଇତିଶ୍ରୀ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ହୃଦ୍‌ଫୁସ୍‌ଫୁସୀୟ ପୁନର୍ଜୀବନ ପ୍ରକ୍ରିୟା ସଂକ୍ରାନ୍ତ କର୍ମଶାଳା

ପୁରୀ, ୮।୧୨(ଅଜିତ ମହାନ୍ତି):

ଆପାତକାଳୀନ ସ୍ଥିତିରେ ହୃଦ୍‌ଘାତ କିମ୍ବା ଶ୍ୱାସପ୍ରଶ୍ୱାସ ନେଇପାରୁନଥିବା ଜଣେ ବ୍ୟକ୍ତିଙ୍କ ସାମୟିକ ଜୀବନ ରକ୍ଷା ପାଇଁ ହୃଦ୍‌ଫୁସ୍‌ଫୁସୀୟ ପୁନର୍ଜୀବନ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରକ୍ରିୟା। ଆବଶ୍ୟକ ସମୟରେ ଜଣେ ସାଧାରଣ ବ୍ୟକ୍ତି କିଭଳି ଠିକ୍ ଭାବେ ଏହି ପ୍ରକ୍ରିୟାରେ ଅନ୍ୟ ଜଣଙ୍କ ଜୀବନ ରକ୍ଷା କରିପାରିବ ସେ ସମ୍ପର୍କିତ ଏକ ସଚେତନତା ଓ ପ୍ରଶିକ୍ଷଣ କର୍ମଶାଳା ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗ ଆନୁକୂଲ୍ୟରେ ସାଧାରଣ ଜନତା ଓ ଯୁବପିଢ଼ିକୁ ପ୍ରଶିକ୍ଷଣ ଦେବା ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡିନ୍ ପ୍ରଫେସର ସବିତା ମହାପାତ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର କୌଶିକ ମିଶ୍ର, ପ୍ରଫେସର ଲଲାଟେନ୍ଦୁ ସ୍ୱାଇଁ, ପ୍ରଫେସର ଆରତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ରାଷ୍ଟ୍ରୀୟ ଭେଷଜ ବିଜ୍ଞାନ ପରୀକ୍ଷା ବୋର୍ଡର ଅଧ୍ୟକ୍ଷ ଡାକ୍ତର ଅଭିଜାତ ସେଠ୍ ଆଭାସୀ ମାଧ୍ୟମରେ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବିଶେଷଜ୍ଞ ଡା. ସଞ୍ଜୀବ ମିତ୍ତଲ ଏବଂ ଡା. ଦେବାଶିଷ ଧର୍ ହୃଦ୍‌ଫୁସ୍‌ଫୁସୀୟ ପୁନର୍ଜୀବନ ପ୍ରକ୍ରିୟା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ପରେ କଲେଜର ନିଶ୍ଚେତକ ବିଭାଗ ଅଧ୍ୟାପକ ଡା. ରାମଚନ୍ଦ୍ର ସାହୁ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ସଚେତନ କରାଇବା ସହ କେଉଁ ପରିସ୍ଥିତିରେ ଓ କିଭଳି ଠିକ୍ ଭାବେ ଚାପ ଦେଇ ହୃଦ୍‌ଫୁସ୍‌ଫୁସୀୟ ପୁନଃଜୀବନ ପ୍ରକ୍ରିୟା ସମ୍ପାଦନ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡା. ଦେବାଶିଷ ପଣ୍ଡିତ ପରିଚାଳନା କରିଥିଲେ। ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପରିବାର ସହ ମା' ମଙ୍ଗଳାଙ୍କ ଦର୍ଶନକଲେ ସୁପ୍ରିମ୍‌କୋର୍ଟ ଜଜ୍


ମା ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଜଜ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଅନ୍ୟମାନେ ।

ଅସ୍ତରଙ୍ଗ,୮।୧୨(ମମତା ଜେନା)

ଓଡ଼ିଆ ପୁଅ ତଥା ସୁପ୍ରିମ୍‌କୋର୍ଟ ଜଜ୍ ପ୍ରଶାନ୍ତ କୁମାର ମିଶ୍ର ସପରିବାର ଶୁକ୍ରବାର ମା' ମଙ୍ଗଳାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ପରେ ମନ୍ଦିର ଚତୁଃପାର୍ଶ୍ୱ ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ମନ୍ଦିର ସେବାୟତଙ୍କ ସହିତ ମନ୍ଦିର ଓ ମା'ଙ୍କ ବିଷୟରେ ପଚାରି ବୁଝିଥିଲେ। ମା'ଙ୍କ ବିଶ୍ରାମଶାଳାକୁ ମୁଣ୍ଡିଆ ମାରିବା ପରେ ସେଠାରେ ସେବାୟତ ନିଯୋଗର ଉପଦେଷ୍ଟା କମିଟି ସଦସ୍ୟ ତାପସ ଦୀକ୍ଷିତ, ନଳିନୀକାନ୍ତ ଦୀକ୍ଷିତ, ଅଞ୍ଜନ ଦୀକ୍ଷିତ, ସନ୍ତୋଷ ଦୀକ୍ଷିତ, ପୂଜାପଣ୍ଡା ସଞ୍ଜୟ ଦୀକ୍ଷିତ, ପାରେଶ୍ୱର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମିଶ୍ରଙ୍କୁ ଦର୍ଶନ ନିମନ୍ତେ ସୁରକ୍ଷା ଯୋଗାଇ ଦିଆଯାଇଥିଲା।

## କାନାରା ବ୍ୟାଙ୍କର ନୂତନ ଶାଖା ଲୋକାର୍ପିତ



କାନାରା ବ୍ୟାଙ୍କର ନୂତନ ଶାଖା ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

ନିମାପଡ଼ା, ୮।୧୨(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ଲକ ବଡ଼ମାଛପୁର ପଞ୍ଚାୟତରେ ଶୁକ୍ରବାର କାନାରା ବ୍ୟାଙ୍କର ନୂତନ ଶାଖା ଲୋକାର୍ପିତ ହୋଇଯାଇଛି। କାନାରା ବ୍ୟାଙ୍କର ଜେନେରାଲ ମ୍ୟାନେଜର ଜଗଦୀଶ ଚନ୍ଦ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଡ଼ମାଛପୁର ଶାଖା ପରିଚାଳକ ନରେନ୍ଦ୍ର ପୃଷ୍ଟି ବ୍ୟାଙ୍କିଙ୍ଗ୍ ସମ୍ବନ୍ଧୀୟ ସମସ୍ତ ସେବାର ବିସ୍ତୃତ ବିବରଣୀ ଦେଇଥିଲେ। ମହିଳାଙ୍କ ବିକାଶ ହେଲେ ପରିବାରର ବିକାଶ ଘଟିବ, ଗାଁ, ଜିଲା, ରାଜ୍ୟ ତଥା ଦେଶର ବିକାଶ ହେବ ବୋଲି ଡିଭିଜନାଲ ମ୍ୟାନେଜର ସନ୍ତୋଷ ଦାସ କହିଥିଲେ। ଘର ପାଖରେ ବ୍ୟାଙ୍କିଙ୍ଗ୍ ସୁବିଧା ପାଇ ପଞ୍ଚାୟତବାସୀ ବହୁତ ଖୁସି ଥିବା ସରପଞ୍ଚ ଅଶୋକ ଭୋଇ କହିଥିଲେ। ସମ୍ମାନିତ ଅତିଥି ଭାବେ କାନାରା ବ୍ୟାଙ୍କ ଏଜିଏମ୍ ମହାମାୟା ରାୟ, ନିମାପଡ଼ା ଶାଖା ପରିଚାଳକ ରତନ ଦେହୁରୀ, ପଞ୍ଚାୟତ ସମିତିସଭ୍ୟ ରଞ୍ଜନ ସେଠୀ, ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ଏବଂ ବଡ଼ମାଛପୁର ପଞ୍ଚାୟତ ମହିଳା ମଣ୍ଡଳ ସଭାନେତ୍ରୀ ନଜ୍‌ମା ବିବି ପ୍ରମୁଖ ଉପସ୍ଥିତ ଥିଲେ।

## ସନାତନୀ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ ସମାରୋହ

ନିମାପଡ଼ା,୮।୧୨(ବିଚିତ୍ରାନନ୍ଦ ସାହୁ):

ନିମାପଡ଼ା ସନାତନୀ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ ସମାରୋହ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଧାର୍ମିକ ସଭା ସାମ୍ପ୍ରତିକ ପରିସ୍ଥିତିରେ ସନାତନ ଧର୍ମର ଭୂମିକା, ଉପାଦେୟତା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସନାତନ ପ୍ରେମୀ ଶ୍ରଦ୍ଧାଳୁଙ୍କ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଅନୁଷ୍ଠାନ ପକ୍ଷରୁ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିବାବେଳେ ସଭାରେ ବେଦମନ୍ତ୍ର ପାଠ ହୋଇଥିଲା। ଆୟୋଜିତ ଆଧ୍ୟାତ୍ମିକ ସଭାରେ ଅତିଥି ଭାବେ ସମନ୍ୱୟ ସମିତି ସଭାପତି ପ୍ରଭାକର ସାହୁ, ଉପସଭାପତି ଯୁଧିଷ୍ଠିର ନାୟକ, ସମ୍ପାଦକ ଭରତ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ସଂଯୋଜକ ଶିକ୍ଷାବିତ୍ ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ସନାତନ ଧର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ସମାରୋହରେ ଶତାଧିକ ସନାତନପ୍ରେମୀ, ସାଧୁସନ୍ଥ, ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତା, ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନର ଭଉଣୀମାନେ ଯୋଗଦେଇଥିଲେ।


ସମାରୋହରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ ।

# ରାମେଶ୍ୱରକୁ ହରାଇ ଜୁଭେନାଇଲ ବିଜୟୀ

ନିମାପଡ଼ା,୮।୧୨(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ଅଲ୍ ଓଡ଼ିଶା ବାରବାଟୀ କପ୍ ତଥା ୩ୟ ଟୁକୁଲି ମେମୋରିଆଲ କ୍ରିକେଟ୍ ପ୍ରତିଯୋଗିତାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ଜୁଭେନାଇଲ କଟକ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରୁ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ୟାଟିଂକରି ଜୁଭେନାଇଲ ୧୯.୨ ଓଭରରେ ୮ ଉଇକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରି ବିଜୟ ହାସଲ କରିଛି। ଅମ୍ପାୟାର ଭାବେ ଅଭିନନ୍ଦନ ପାତ୍ର ଓ ସମ୍ବିତ୍ ପଟ୍ଟନାୟକ ଯୋଗଦେଇ ମ୍ୟାଚ୍ ପରିଚାଳନା କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ଅଲ୍ ଓଡ଼ିଶା ବାରବାଟୀ କପ୍**

ଜୁଭେନାଇଲ ଦଳର ଖେଳାଳି ଶାଶ୍ୱତ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ଟ୍ରଫି ପ୍ରଦାନପୂର୍ବକ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ଆସନ୍ତା ୧୦ ତାରିଖରେ କଟକ ଜୁଭେନାଇଲ ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। କୃତୀ ଚାମ୍ପିୟନ ଦଳକୁ ନଗଦ ୫୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।



ମହାପ୍ରଭୁଙ୍କୁ ଆରାମଦାୟକ ଦର୍ଶନ ପାଇଁ ପୁରୀ ବଡ଼ଦାଣ୍ଡରେ ଭକ୍ତଙ୍କ ନିମନ୍ତେ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର କରିଡର ନିର୍ମାଣ କାର୍ଯ୍ୟ ଚାଲିଛି।

# ରାତି ୨ରୁ ଫିଟିବ ଶ୍ରୀମନ୍ଦିର ସିଂହଦ୍ୱାର

ପୁରୀ,୮।୧୨(ଅଜିତ୍ ମହାନ୍ତି)

ଚଳିତ ମାସ ୧୬ ତାରିଖରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆରମ୍ଭ ହେବାକୁ ଯାଉଛି। ଦୀର୍ଘ ଏକମାସ ଧରି ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ନୀତିକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପହିଲି ଭୋଗ ସହ ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଧନୁ ସଂକ୍ରାନ୍ତି ଓ ଜାନୁୟାରୀ ୨୫ରେ ହେବାକୁ ଥିବା ଦେବାଭିଷେକ ନୀତି ସମ୍ପର୍କରେ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ତେବେ ପହିଲି ଭୋଗ ଆରମ୍ଭ ହେବା ଦିନଠାରୁ ରାତି ୨ଟାରେ ସିଂହଦ୍ୱାର ଫିଟାଯାଇ ଭୋର ୫.୨୦ରୁ ୬ଟା ମଧ୍ୟରେ ଏହି ନୀତି ସମ୍ପନ୍ନ ହେବ ବୋଲି ସୂଚନା ଦିଆଯାଇଛି।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ ସୂଚନା ଦେଇ କହିଛନ୍ତି, ନୀତି ସବ୍‌କମିଟି ବୈଠକରେ ମୁଖ୍ୟତଃ ପହିଲି ଭୋଗ ନୀତି ସମ୍ପର୍କରେ ଆଲୋଚନା

**ନୀତି ସବ୍ କମିଟି ବୈଠକ**



■ ୧୬ରୁ ମହାପ୍ରଭୁଙ୍କ ପହିଲି ଭୋଗ ନୀତି

■ ୩୧ରେ ରାତ୍ର ପହୁଡ଼ ହୋଇ ନ ପାରେ

ହୋଇଛି। ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ୧ ମାସ ଧରି ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯିବା ସହ ଅନୁମୋଦନ କରାଯାଇଛି। ରାତି ୨ଟାରୁ ଦ୍ୱାର ଫିଟାଯାଇ ନୀତି ତ୍ୱରାନ୍ୱିତ କରାଯିବ। ତେବେ ପହିଲି ଭୋଗ ନୀତି ଚାଲିବା ସମୟରେ ନୂଆବର୍ଷ ପୂର୍ବଦିନ ଅର୍ଥାତ୍ ଡିସେମ୍ବର ୩୧ ତାରିଖ ରବିବାର ପଡୁଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଡ଼ିଲେ, ୩୧ତାରିଖ ରାତିରେ ରାତ୍ର ପହୁଡ଼ କରାଯାଇ ନ ପାରେ। ତେବେ ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ। ଏ ନେଇ ସେବାୟତଙ୍କ ସହ ଆଲୋଚନା କରାଯିବ। ସେହିପରି ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ଜାନୁୟାରୀ ୧ ତାରିଖରେ ଦିବା ପହୁଡ଼ ହେବ ନାହିଁ। ଜାନୁୟାରୀ ୧୫ରେ ମକର ସଂକ୍ରାନ୍ତି ପଡୁଥିବାରୁ ଉକ୍ତ ଦିନ ନୀତିକୁ ଅଧିକ ଶୃଙ୍ଖଳିତ ଭାବେ ସମ୍ପାଦନ କରାଯିବ। ତେବେ ସେହି ସମୟରେ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଯଜ୍ଞ ଚାଲିଥିବାରୁ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ପରିଚାଳନା କମିଟି ଓ ସେବାୟତଙ୍କ ସହ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ଆବଶ୍ୟକ ପଡ଼ିଲେ ପରିବର୍ତ୍ତନ କରାଯିବ। ଜାନୁୟାରୀ ୨୫ରେ ହେବାକୁ ଥିବା ଦେବାଭିଷେକ ପୂର୍ଣ୍ଣିମାର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ପୀଠର ପୀଠାଧୀଶ ଓ ସାଧୁସନ୍ଥମାନେ ଯୋଗଦେବେ। ୧୭ ତାରିଖରେ ଗଜପତି ମହାରାଜା ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ଲୋକାର୍ପଣ କରିବେ। ଲୋକାର୍ପଣ ଉତ୍ସବକୁ ଏକ ଗଣପର୍ବ ଭାବେ ପାଳନ କରାଯିବ ବୋଲି ଦାସ କହିଛନ୍ତି। ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯିବା ପରେ ପରିଚାଳନା କମିଟିରେ ମୋହର ମରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ଜିଲାପାଳ, ପରିଚାଳନା କମିଟିର ସଦସ୍ୟ, ନୀତି ସବ୍‌କମିଟି ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହାନଦୀ ନେତ୍ର ଚିକିତ୍ସାଳୟ ଶଯ୍ୟା ସଂଖ୍ୟା ବଢ଼ିବ

## ଅନୁଦାନ ଦେବ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ

ଭୁବନେଶ୍ୱର/ସୋନପୁର,୮।୧୨
(ଅନିଲ ଦାସ/ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ବୃଦ୍ଧି ପାଇବ। ପୂର୍ବରୁ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ୩୦ ଥିବାବେଳେ ଏହା ୮୦କୁ ବୃଦ୍ଧି ପାଇବ। ଏହି ଚିକିତ୍ସାଳୟକୁ ଆହୁରି ଉନ୍ନତ କରିବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ। ଏବେ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଦୃଷ୍ଟିହୀନତା ଅନ୍ୟତମ। ଏହାର ଚିକିତ୍ସା, ନିରାକରଣ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ସୁନେତ୍ର ଯୋଜନା ମାଧ୍ୟମରେ ବିଭିନ୍ନ ସରକାରୀ ଚିକିତ୍ସାଳୟଗୁଡିକରେ ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ମହାନଦୀ ନେତ୍ର ଚିକିତ୍ସାଳୟ ପଶ୍ଚିମ ଓଡ଼ିଶାବାସୀଙ୍କୁ ଚକ୍ଷୁଜନିତ ସେବା ଯୋଗାଇ ଆସୁଛି। ଶୁକ୍ରବାର ଭୁବନେଶ୍ୱରରୁ ଆଭାଷୀ ମାଧ୍ୟମରେ ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲାପାଳଙ୍କ ସହ ପରିଷଦର ଆର୍ଥିକ ଅନୁଦାନରେ ନିର୍ମାଣ କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ ତ୍ରିପାଠୀ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟର ଅଧିକାରୀଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ୧କୋଟି ବ୍ୟୟରେ ଚିକିତ୍ସାଳୟର ଉନ୍ନତିକରଣ ଓ ଶଯ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି। ଆଧୁନିକ ଚିକିତ୍ସା ଉପକରଣର ବ୍ୟବସ୍ଥା ସହିତ ପଶ୍ଚିମ ଓଡିଶାରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଏହା ଉତ୍କର୍ଷର କେନ୍ଦ୍ର ହେବ ବୋଲି ତ୍ରିପାଠୀ ଆଶା ପ୍ରକାଶ କରିଛନ୍ତି। ଏହା ସହ ସୁବର୍ଣ୍ଣପୁରରେ ନିର୍ମାଣାଧୀନ ଥିବା ହସ୍ତତନ୍ତ ମଲ ସମ୍ପର୍କରେ ଜିଲାପାଳଙ୍କଠାରୁ ବୁଝିବା ସହିତ ଜିଲା ଲାଇବ୍ରେରିର ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର ଓ ବୈଷୟିକ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ।

# କମର୍ଦ୍ଧା ଥାନାରେ ଏତଲା ଦେଲେ ବାଂଲାଦେଶୀ ଯୁବତୀ

## ବିବାହ ପ୍ରତାରଣା

ଭୋଗରାଇ, ୮।୧୨(ପ୍ରଦୀପ ଦାସ)

୬ ଦିନ ପରେ କମର୍ଦ୍ଧା ଥାନାରେ ଏତଲା ଦେଇଛନ୍ତି ବାଂଲାଦେଶ କକ୍ସବଜାରରୁ ଭୋଗରାଇ ଆସିଥିବା ଯୁବତୀ ରୁମା ମେରିୟମ। ବାଲେଶ୍ୱର ଜିଲା ଭୋଗରାଇ ବୁଦ୍ଧକୁସୁମୀ ଗ୍ରାମର ବୀରେନ୍ଦ୍ର ପ୍ରତାପ ଭଞ୍ଜ ତାଙ୍କୁ ବିବାହ କରି ପ୍ରତାରଣା କରିବା ନେଇ ସେ ଅଭିଯୋଗ କରିଛନ୍ତି। ୫ବର୍ଷ ହେଲା ବୀରେନ୍ଦ୍ର ତାଙ୍କୁ ଛାଡ଼ି ଚାଲିଆସିବା ପରେ ସେ ସ୍ତ୍ରୀର ଅଧିକାର ପାଇବା ପାଇଁ ବୁଦ୍ଧକୁସୁମୀ ଗ୍ରାମରେ ପହଞ୍ଚିଥିଲେ। ବୀରେନ୍ଦ୍ରଙ୍କୁ ଖୋଜି ଘରଲୋକଙ୍କଠାରୁ ତଡ଼ା ଖାଇ ନିରାଶ ହେବା ପରେ ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ତାଙ୍କୁ ସୁରକ୍ଷା ଯୋଗାଇ ଦେଇଥିଲେ। ବାଂଲାଦେଶୀ ଯୁବତୀ ହଠାତ୍ ଶୁକ୍ରବାର କମର୍ଦ୍ଧା ଥାନାକୁ ଆସି ବୀରେନ୍ଦ୍ରଙ୍କ ନାମରେ ଏତଲା ଦେଇଛନ୍ତି। ଅପରପକ୍ଷରେ ବୀରେନ୍ଦ୍ର ଆତ୍ମଗୋପନ କରିବା ଘଟଣାକୁ ରହସ୍ୟାବୃତ୍ତ କରିଛି। କମର୍ଦ୍ଧା ପୋଲିସ ଏକ ମାମଲା(ନଂ. ୧୪୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ଅନ୍ତର୍ଜାତୀୟ ନାଟକ ମହୋତ୍ସବରେ ୨ ଓଡ଼ିଆ ନାଟକ

ଭୁବନେଶ୍ୱର, ୮।୧୨ (ବନ୍ଦନା ସେଠୀ)

ନ୍ୟାଶନାଲ୍ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ୨୩ତମ ଅନ୍ତର୍ଜାତୀୟ ନାଟକ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବ' ପାଇଁ ଦୁଇ ଓଡ଼ିଆ ନାଟକ ମନୋନୀତ ହୋଇଛି। ଚୟନ ହୋଇଥିବା ଦେଶର ବିଭିନ୍ନ ରାଜ୍ୟ ତଥା ଭାଷାଭାଷୀ ନାଟକ ମଧ୍ୟରେ ଓଡ଼ିଶାର ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟର ନାଟକ 'ଅପେକ୍ଷାରେ ରାମଚନ୍ଦ୍ର' ଓ ଜୀବନରେଖା ଥିଏଟରର ନାଟକ 'ଆଷାଢ଼ରେ ଦିନେ' ରହିଛି। ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଲିଖିତ ନାଟକ 'ଅପେକ୍ଷାରେ ରାମଚନ୍ଦ୍ର'ର ନିର୍ଦ୍ଦେଶନା ଦେଇଛନ୍ତି ସଙ୍ଗୀତ ନାଟକ ଏକାଡେମୀ ସଚିବ ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରବୋଧ ରଥ। ରାବଣ ନାଁ କହିଲେ ସାଧାରଣତଃ ଲୋକଙ୍କ ମନରେ ଏକ ନକାରାତ୍ମକ ଚରିତ୍ର ଭାସିଉଠେ। ମାତ୍ର ଏହି ନାଟକରେ ରାବଣର ଏକ ସକାରାତ୍ମକ ଦିଗକୁ ଦର୍ଶାଯାଇଛି। ଜଣେ ମହାନ ଜ୍ଞାନୀ ତଥା ପଣ୍ଡିତ ହେବା ସହ ସେ ମୋକ୍ଷ ପାଇବା ପାଇଁ କିପରି ମା' ସୀତାଙ୍କୁ ଅପହରଣ କରିଥିଲେ ଏବଂ ରାମଚନ୍ଦ୍ରଙ୍କ ପ୍ରତି ତାଙ୍କର ଭଲପାଇବା, ବିଶ୍ୱାସ କିପରି ରହିଥିଲା ସେସବୁ ଏହି ନାଟକରେ ପ୍ରଦର୍ଶିତ ହେବ। ସେହିପରି 'ଆଷାଢ଼ରେ ଦିନେ' ନାଟକର ଓଡ଼ିଆ ଅନୁସୃଜନ ରତ୍ନମାଳା ସ୍ୱାଇଁ କରିଥିବାବେଳେ ନାଟ୍ୟକାର ଅଭିନ୍ନ ରାଉତରାୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏକ କଳ୍ପିତ ଭାବନାର ଫଳସ୍ୱରୂପ ହିମାଳୟ ପାଦଦେଶରେ ଅବସ୍ଥିତ ସୁଦୂର ଏକ ଗ୍ରାମରେ ବାଣୀପୁତ୍ର କାଳିଦାସ ସୁନ୍ଦରୀ ମଲ୍ଲିକାଙ୍କ ସହ ପ୍ରୀତି ପୋଷଣ କରିଛନ୍ତି। ସେ ସମୟରେ ଉଜ୍ଜୟିନୀ ରାଜଭବନ କାଳିଦାସଙ୍କୁ ଅନ୍ୟତମ କବି ଭାବେ ସ୍ୱାଗତ କରିଥିବାବେଳେ ସେ ଏହାକୁ ଗ୍ରହଣ କରିବାକୁ ସମ୍ମତି ଦେଇନାହାନ୍ତି। ଏହି ସମୟରେ ମଲ୍ଲିକା ତାଙ୍କୁ ବୁଝାଇବା ସହ ଉଜ୍ଜୟିନୀ ଯିବାକୁ ରାଜି କରାଇଛନ୍ତି। ତାଙ୍କ କଥାରେ ରାଜି ହୋଇ କାଳିଦାସ ଆଶାର ପେଡି ଖୋଲି ଚାଲିଯାଇଛନ୍ତି ଦୂରକୁ ଏବଂ ତାଙ୍କ ଫେରିବା ବାଟକୁ ମଲ୍ଲିକା ଚାହିଁ ବସିଛନ୍ତି। ଏହିପରି ଏକ କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଛି। ଅପରପକ୍ଷେ ମହୋତ୍ସବରେ ବିଭିନ୍ନ ଭାଷାଭାଷୀର ୫୯ଟି ନାଟକ ପ୍ରଦର୍ଶିତ ହେବ। ଫରେନ୍ ପ୍ଲେ ଭାବେ ଋଷିଆର ନାଟକ 'ଗେରଦାସ୍ ରୁମ୍', ଫୋକ୍ ପ୍ଲେ ଭାବେ ମଧ୍ୟପ୍ରଦେଶର 'ଶକୁନ୍ତଳା ମାଛି' ଏବଂ କର୍ଣ୍ଣାଟକର 'ଗଦାଯୁଦ୍ଧ' ପରିବେଷଣ ପାଇଁ ମନୋନୀତ ହୋଇଥିବା ଏନ୍‌ଏସ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ନିମାପଡ଼ା, ୮।୧୨(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀ ବଳାତ୍କାରର ଶିକାର ହୋଇଥିବା ଶୁକ୍ରବାର ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

ପୀଡ଼ିତାଙ୍କ ଘରକୁ ତାଙ୍କ ଭାଇଙ୍କ ସାଙ୍ଗ ଯିବା ଆସିବା କରୁଥିଲେ। ଇତିମଧ୍ୟରେ ତାଙ୍କ ସହ ପୀଡ଼ିତାଙ୍କ ବନ୍ଧୁତା ବଢ଼ିଥିଲା। ଦୁହେଁ କୋଣାର୍କ ବୁଲିବାକୁ ଯାଇଥିବାବେଳେ ଯୁବକ ଜଣଙ୍କ ତାଙ୍କୁ ଏକ ଲଜ୍‌କୁ ନେଇ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖି ଅଶ୍ଳୀଳ ଫଟୋ ଉଠାଇଥିଲେ। ପରବର୍ତ୍ତୀ ସମୟରେ ପୁଣି କୋଣାର୍କ ଯିବାକୁ କହିବାରୁ ପୀଡ଼ିତା ରାଜି ହୋଇ ନ ଥିଲେ। ଏଥିରେ ଯୁବକ ରାଗିଯାଇ ପୀଡ଼ିତାଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଦେଇଛନ୍ତି। ଏହାପରେ ପୀଡ଼ିତା ପରିବାରବର୍ଗଙ୍କ ସହଯୋଗରେ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

# ପ୍ରଶାସନକୁ ଘାରିଲା ବନାଗ୍ନି ଚିନ୍ତା

ବାରିପଦା,୮।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ ଶିମିଳିପାଳ ସୁରକ୍ଷା ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ

■ ସତର୍କତା, ସଚେତନତା ଉପରେ ଗୁରୁତ୍ୱ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ବନାଗ୍ନି କବଳରୁ ସୁରକ୍ଷା ଦେବା ନିମନ୍ତେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଆଗକୁ ଖରାଦିନ ଆସୁଥିବାରୁ ଜିଲା ପ୍ରଶାସନ ଓ ବନ ବିଭାଗକୁ ଅଭୟାରଣ୍ୟର ସୁରକ୍ଷା ଚିନ୍ତା ଘାରିଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଫାସିଲିଟେଶନ ସେଣ୍ଟରରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବିନୀତ ଭରଦ୍ୱାଜ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଷୀ ଏବଂ ଏସ୍‌ପି ଏସ୍.ସୁଶ୍ରୀ ଉପସ୍ଥିତ ରହି ବନାଗ୍ନି ରୋକିବା ଦିଗରେ ଆଲୋଚନା କରିଥିଲେ। ଅଭୟାରଣ୍ୟକୁ ବଞ୍ଚାଇ ରଖିବା ପାଇଁ ବନବାସୀମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ଏବଂ ଖରାଦିନେ ଶିମିଳିପାଳ ବନାଗ୍ନି ରୋକିବା ଲାଗି ଏକ କମିଟି ଗଠନ କରାଯାଇ ଜିଲାସ୍ତରୀୟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି।

ପ୍ରାକୃତିକ ଓ ମନୁଷ୍ୟକୃତ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ପୋଡୁଚାଷ, ଜାଳେଣି ସଂଗ୍ରହ, ବନ କର୍ମଚାରୀଙ୍କୁ ହଇରାଣ କରିବା, ଜଙ୍ଗଲ ଜମି ଜବରଦଖଲ କରିବା, ବେଆଇନ ଗଛକଟାକୁ ଲୁଚାଇବା ନିମନ୍ତେ ଲୋକେ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ସେହିପରି ମହୁଲ ସଂଗ୍ରହ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଅବଶିଷ୍ଟ ଫସଲକୁ ପୋଡ଼ିବା, ବନ୍ୟପ୍ରାଣୀ ଶିକାର କରିବା, ଜଳନ୍ତା ବିଡ଼ି କିମ୍ବା ସିଗାରେଟ୍ ଫୋପାଡ଼ିବା, ମଟରଯାନରୁ ସ୍ପାର୍କ ନିଆଁ, ଟ୍ରାନ୍ସଫର୍ମରୁ ସ୍ପାର୍କ ନିଆଁ, କାଠ କୋଇଲା ସଂଗ୍ରହ, ଜଙ୍ଗଲ ମଧ୍ୟରେ ରୋଷେଇ, ରାସ୍ତା କାମ ପାଇଁ ପିଚୁ ପ୍ରସ୍ତୁତି ଯୋଗୁ ଦୁର୍ଘଟଣାଜନିତ ଅଗ୍ନିକାଣ୍ଡରେ ମଧ୍ୟ ଜଙ୍ଗଲରେ ନିଆଁ ଲାଗିଥାଏ। ଏହାକୁ ରୋକିବା ପାଇଁ ବିଭିନ୍ନ ବିଭାଗ ସ୍ତରରେ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ବନାଗ୍ନି ରୋକିବା ଦିଗରେ ଅଭୟାରଣ୍ୟ ସଂଲଗ୍ନ ଓ ଭିତରେ ଥିବା ଲୋକଙ୍କୁ ସଚେତନ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ବନ ବିଭାଗ ପକ୍ଷରୁ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦେଇ ସଜାଗ ରଖାଯିବା ସହ ଜଙ୍ଗଲ ଅଞ୍ଚଳର ଅଧିବାସୀ, ବନବାସୀ, ସାମାଜିକ ସଙ୍ଗଠନ ଏବଂ ପରିବେଶବିତ୍‌ମାନଙ୍କୁ ନେଇ ସମ୍ମିଳିତ ପ୍ରୟାସ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ବର୍ଷ ଯଦି କୌଣସି କାରଣରୁ ନିଆଁ ଲାଗେ ତେବେ ଏହାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଜିଲା ପ୍ରଶାସନ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ପ୍ରାଣୀ, ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗର କାର୍ଯ୍ୟକାରିତା ଓ ପଦକ୍ଷେପ ସଂକ୍ରାନ୍ତୀୟ ଆଲୋଚନା କରାଯାଇଥିଲା। ନିଆଁ ଦାଉରୁ ଶିମିଳିପାଳକୁ ଶତପ୍ରତିଶତ ସୁରକ୍ଷା ଦେବା ପାଇଁ ଜୋର୍‌ଦାର କାର୍ଯ୍ୟକ୍ରମ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଷୀ କହିଛନ୍ତି।

# ବିଶ୍ୱବିଦ୍ୟାଳୟରେ ୩୧ ସୁଦ୍ଧା ଲୋକପାଳ ନିଯୁକ୍ତି ନିର୍ଦ୍ଦେଶ

ଭୁବନେଶ୍ୱର, ୮।୧୨(ଅସମାପିକା ସାହୁ)

## କଡ଼ା ଆଭିମୁଖ୍ୟ ଆପଣାଇଲା ୟୁଜିସି

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ବାରମ୍ବାର ଅନୁରୋଧ ସତ୍ତ୍ୱେ ନିୟମ ମାନୁନାହାନ୍ତି ବିଶ୍ୱବିଦ୍ୟାଳୟ। ଛାତ୍ରୀଛାତ୍ରଙ୍କ ଅଭିଯୋଗର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟରେ ଜଣେ ଲୋକପାଳ ନିଯୁକ୍ତ କରିବାକୁ ନିୟମ ରହିଥିଲେ ବି ତାହା ପାଳନ କରାଯାଉ ନାହିଁ। ଏହାକୁ ନେଇ ୟୁଜିସି ଉଦ୍‌ବେଗ ପ୍ରକାଶ କରିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କ ଅଭିଯୋଗ ସମାଧାନ କମିଟି ଗଠନ କରିବା ସହ ଲୋକପାଳ ନିଯୁକ୍ତ କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ୟୁଜିସି କଡ଼ା ନିର୍ଦ୍ଦେଶ ଦେଇଛି। ନିୟମ ନ ମାନିଲେ ଖିଲାପୀ ବିଶ୍ୱବିଦ୍ୟାଳୟ ନାମ ୟୁଜିସି ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବ। ଦେଶର ସମସ୍ତ କେନ୍ଦ୍ରୀୟ, ରାଜ୍ୟ, ଘରୋଇ ଏବଂ ଡିମ୍‌ଡ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ଏଭଳି ତାଗିଦ କରିଛି ୟୁଜିସି। ଚିଠିରେ ଉଲ୍ଲେଖ ରହିଛି ଯେ, ଗତ ଏପ୍ରିଲ ୧୧ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ଛାତ୍ରୀଛାତ୍ରଙ୍କ ଅଭିଯୋଗ ସମାଧାନ) ନିୟମାବଳୀ–୨୦୨୩ ଜାରି ହୋଇଥିଲା। ୟୁଜିସି ୱେବ୍‌ସାଇଟ୍‌ରେ ମଧ୍ୟ ଏହାକୁ ଉପଲବ୍ଧ କରାଯାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଲୋକପାଳ ନିଯୁକ୍ତ କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନୁରୋଧ କରାଯାଇଥିଲା। ଏହାପରେ ବହୁବାର ରିମାଇଣ୍ଡର ମଧ୍ୟ ଦିଆଯାଇଛି। କିନ୍ତୁ କେତେକ ବିଶ୍ୱବିଦ୍ୟାଳୟ ଏହାକୁ ଖାମଖିଆଲ ଭାବେ ଗ୍ରହଣ କରିଛନ୍ତି। ତେଣୁ ୟୁଜିସି ଏହାକୁ ଗୁରୁତ୍ୱର ସହ ନେବା ସହିତ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି।

ସୂଚନାଯୋଗ୍ୟ, ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ସମାଧାନ କମିଟି ଗଠନର ବ୍ୟବସ୍ଥା ରହିଛି। ଛାତ୍ରୀଛାତ୍ରମାନେ ନାମଲେଖା, ପରୀକ୍ଷା, ଦେୟ, ନିର୍ଯାତନା ଆଦି ସମ୍ପର୍କରେ ସେଠାରେ ଅଭିଯୋଗ କରିପାରିବେ। ଏଥିସହ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଜଣେ ଲୋକପାଳ ନିଯୁକ୍ତ କରିବାକୁ ୟୁଜିସି ପକ୍ଷରୁ କୁହାଯାଇଥିଲା। ଜଣେ ଅବସରପ୍ରାପ୍ତ କୁଳପତି କିମ୍ବା ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ କିମ୍ବା ଜଣେ ପୂର୍ବତନ ଜିଲା ବିଚାରପତିଙ୍କୁ ଲୋକପାଳ ଭାବେ ନିଯୁକ୍ତ କରାଯାଇପାରିବ। ଲୋକପାଳଙ୍କ ସୁପାରିସ ଆଇନତଃ ବାଧ୍ୟତାମୂଳକ ହେବ। ଶିକ୍ଷାନୁଷ୍ଠାନର ଅଭିଯୋଗ ସମାଧାନ କମିଟି ଦ୍ୱାରା ଅଭିଯୋଗର ସମାଧାନ ନିର୍ଦ୍ଧାରିତ ସମୟରେ ହୋଇ ନ ପାରିଲେ, ସେମାନଙ୍କୁ ଲୋକପାଳଙ୍କ ନିକଟରେ ଆବେଦନ ପାଇଁ ସୁଯୋଗ ମିଳିବ।

# ରୁର୍‌କିରେ ପ୍ରଶିକ୍ଷଣ ନେବେ ୧୭୬ ଇଞ୍ଜିନିୟର

ଭୁବନେଶ୍ୱର,୮।୧୨(ଅନିଲଦାସ)

## କ୍ଷୁଦ୍ର ଜଳସେଚନ ଇଞ୍ଜିନିୟରଙ୍କ ଦକ୍ଷତା ବୃଦ୍ଧି ହେବ

### ଜଳ ସମ୍ପଦ ବିଭାଗ-ଆଇଆଇଟି ରୁର୍‌କି ସହ ବୁଝାମଣାପତ୍ର ସ୍ୱାକ୍ଷର

କ୍ଷୁଦ୍ର ଜଳସେଚନ(ଏମ୍‌ଆଇ)ର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ପାହ୍ୟାର ୧୭୬ ଜଣ ଇଞ୍ଜିନିୟର ରୁର୍‌କିସ୍ଥିତ ଆଇଆଇଟିରେ ୬ ଦିନ ପାଇଁ ତାଲିମ ନେବେ। ଜାନୁୟାରୀରେ ଏହି ପ୍ରଶିକ୍ଷଣ ଆରମ୍ଭ ହେବ। ଜଳ ସମ୍ପଦ ବିଭାଗ ଅଧୀନ କ୍ଷୁଦ୍ର ଜଳସେଚନ ସଙ୍ଗଠନର ସିଭିଲ ଇଞ୍ଜିନିୟରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଓଡ଼ିଶା ଜଳ ସମ୍ପଦ ବିଭାଗ ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ରୁର୍‌କି ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ଶୁକ୍ରବାର ଜଳ ସମ୍ପଦ ବିଭାଗରେ ସ୍ୱାକ୍ଷରିତ ହୋଇଛି। ଓଡ଼ିଶା କମ୍ୟୁନିଟି ଟ୍ୟାଙ୍କ ମ୍ୟାନେଜମେଣ୍ଟ ସୋସାଇଟି (ଓସିଟିଏମ୍‌ଏସ୍)ର ପ୍ରକଳ୍ପ ନିର୍ଦ୍ଦେଶକ ତଥା ବିଭାଗର ଅତିରିକ୍ତ ଶାସନ ସଚିବ ରଶ୍ମି ରଞ୍ଜନ ନାୟକ ଏବଂ ରୁର୍‌କି ଆଇଆଇଟିର ପ୍ରଫେସର ଦୀପକ ଖାରେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ(ଓଆଇଆଇପିସିଆରଏ) ଜଳ ବ୍ୟବହାରିକ ଦକ୍ଷତାରେ ଉନ୍ନତି ଆଣିବା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବା ଜଳଭଣ୍ଡାରର ସେଚାଞ୍ଚଳରେ ଭାଗୀଦାରି ଜଳସେଚନ ପରିଚାଳନାକୁ ସୁଦୃଢ଼ କରିବା ଏବଂ ବୈଷୟିକ ଜ୍ଞାନକୌଶଳର ଉପଯୋଗ ମାଧ୍ୟମରେ କୃଷିରେ ଜଳବାୟୁ ସହନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ବିଶ୍ୱବ୍ୟାଙ୍କ ସହାୟତାରେ ଏହି ପ୍ରକଳ୍ପକୁ ଜଳସମ୍ପଦ,କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ସହିତ କନଭର୍ଜେନ୍ସ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି। ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଏହି ବିଭାଗରେ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ୫–ଟି ଉପକ୍ରମ ଜରିଆରେ କରାଯାଉଛି। ଏହି ଅବସରରେ ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଓଡ଼ିଶାରେ ଥିବା ସଂଖ୍ୟାଧିକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଟ୍ୟାଙ୍କର ସମନ୍ୱିତ ବିକାଶ କରିବାକୁ ପଦକ୍ଷେପ ନିଆଯାଇଛି। ଏହି ଏମ୍‌ଓୟୁ କ୍ଷୁଦ୍ର ଜଳସେଚନ ଶାଖାର ଯନ୍ତ୍ରୀମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଜଳର ନିରନ୍ତର ବ୍ୟବହାର ଏବଂ ଉତ୍ତମ ଅଭ୍ୟାସ ସମ୍ପର୍କରେ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ଆଇଆଇଟି ରୁର୍‌କିର ପ୍ରଫେସର ଖାରେ କହିଛନ୍ତି, ଏମ୍‌ଆଇର ଯନ୍ତ୍ରୀମାନଙ୍କୁ ପରିବର୍ତ୍ତିତ ଟେକ୍ନୋଲୋଜି ଆଧାରରେ ଜଳ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ ସମ୍ପର୍କରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ପ୍ରଶଂସନୀୟ। ଆଇଆଇଟି, ରୁର୍‌କି ମାଧ୍ୟମରେ ଯନ୍ତ୍ରୀମାନଙ୍କୁ ସର୍ବୋତ୍ତମ ପ୍ରଶିକ୍ଷଣ ଦିଆଯିବ, ଯାହା ସେମାନଙ୍କର ଦକ୍ଷତା ବିକାଶରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ଅତିରିକ୍ତ ଶାସନ ସଚିବ, ମୁଖ୍ୟ ଯନ୍ତ୍ରୀଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩୦ ଜିଲାରେ ବିକେନ୍ଦ୍ରୀକରଣ ଦକ୍ଷତା କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୮।୧୨ (ଅସମାପିକା ସାହୁ)

ରାଜ୍ୟର ସମସ୍ତ ଜିଲାରେ ବିକେନ୍ଦ୍ରୀକରଣ ଦକ୍ଷତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଶୁକ୍ରବାର ଓଡ଼ିଶା ବୈଷୟିକ ଶିକ୍ଷା ଓ ତାଲିମ୍ ପ୍ରତିଷ୍ଠାନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ବିକେନ୍ଦ୍ରୀକରଣ ଦକ୍ଷତା କାର୍ଯ୍ୟକ୍ରମ ଦ୍ୱାରା ଡିଜିଟାଲ ସ୍କିଲିଂରେ ବ୍ୟାପକ ସୁଯୋଗ ଏବଂ ଯୁବକଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି ପାଇବ। ୩୦ଟି ଜିଲାରେ ବିକେନ୍ଦ୍ରୀକରଣ ସ୍କିଲିଂ କାର୍ଯ୍ୟକ୍ରମ ଆରମ୍ଭ ହେବା ସହିତ ଓଡ଼ିଶାର ପ୍ରତିବଦ୍ଧତା ତୃଣମୂଳ ସ୍ତରରେ ବିସ୍ତାର ଲାଭ କରିବ। ଏଥିସହ ଜିଲା ଦକ୍ଷତା କେନ୍ଦ୍ର ମାଧ୍ୟମରେ ବର୍ଷସାରା ସ୍ଥାନୀୟ ଯୁବକଙ୍କ ନିକଟରେ ଦକ୍ଷତା ବିକାଶର ଉନ୍ମେଷ ଘଟିବ। ଅପ୍‌ସ୍କିଲିଂ ପଦକ୍ଷେପ ଫଳରେ ୫ ହଜାରରୁ ଅଧିକ ଆଇଟିଆଇ ଛାତ୍ର ସ୍ୱଳ୍ପକାଳୀନ ପାଠ୍ୟକ୍ରମ ମାଧ୍ୟମରେ ନୂତନ ବିଭାଗରେ ଦକ୍ଷତା ହାସଲ କରିବେ। ଏଥିସହିତ ନିଯୁକ୍ତି ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଓଡ଼ିଶାରେ ଦକ୍ଷତା ବିକାଶର ଅଭିବୃଦ୍ଧି ପାଇଁ 'ନାସ୍‌କମ୍' ଏବଂ




## ନାସ୍‌କମ୍–ଏନ୍‌ଆଇଓଏସ୍ ଚୁକ୍ତି

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲ(ଏନ୍‌ଆଇଓଏସ୍) ସହିତ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏନ୍‌ଆଇଓଏସ୍ ସହ ହୋଇଥିବା ସ୍ୱାକ୍ଷରରେ ଆଇଟିଆଇ ଛାତ୍ରମାନେ ସେମାନଙ୍କ ଦ୍ୱାଦଶ ଶ୍ରେଣୀ ପାସ୍ ସାର୍ଟିଫିକେଟ ଏବଂ ପ୍ରମାଣପତ୍ର ପାଇବାକୁ ସକ୍ଷମ ହେବେ। ବାର୍ଷିକ ୨୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ଉଚ୍ଚଶିକ୍ଷା ପାଇଁ ନୂଆ ବାଟ ଫିଟିବ ଓ ନିଯୁକ୍ତି ବୃଦ୍ଧି ପାଇବ। ସେହିଭଳି ନୂତନ ଯୁଗର ଦକ୍ଷତା ପାଠ୍ୟକ୍ରମର ଡିଜିଟାଲ ସ୍କିଲିଂ ଲଞ୍ଚ୍ ପାଇଁ 'ନାସ୍‌କମ' ସହିତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତାର ଉଦ୍ଦେଶ୍ୟ ହେଉଛି ମାଇକ୍ରୋସଫ୍ଟ, କୋର୍ସେରା ଏବଂ ଅନ୍ୟାନ୍ୟ ଶିଳ୍ପପତିଙ୍କ ସହଯୋଗରେ ଅନ୍‌ଲାଇନ୍ ପାଠ୍ୟକ୍ରମ ସହିତ ବାର୍ଷିକ ୧ ଲକ୍ଷ ଯୁବକଙ୍କୁ ଇ–ସ୍କିଲିଂ ସୁଯୋଗ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ପାଇଁ ଦକ୍ଷତା ବିକାଶ ବିଭାଗ ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଦକ୍ଷତା ବିକାଶ ତଥା ନିଯୁକ୍ତି ନିର୍ଦ୍ଦେଶକ ରେଘୁ ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଆଇଓଏସ୍‌ର ଚେୟାରମ୍ୟାନ ପ୍ରଫେସର ସରୋଜ ଶର୍ମା, ନାସ୍‌କମ୍‌ର ସିଇଓ କୀର୍ତ୍ତି ସେଠ୍, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଗଙ୍ଗାଧର ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହୁମାଛି

**ଗଳ୍ପ**

**ବସନ୍ତ ମଞ୍ଜରୀ ମିଶ୍ର**



ଧୂପକାଠିର ମହମହ ବାସ୍ନାରେ ଭରି ଉଠୁଥିଲା ପୂରା ଅଗଣା। ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରି ସାରି ତିନି ଥର ଖୁବ୍ ସୁନ୍ଦର ଭାବରେ ଶଙ୍ଖଧ୍ୱନି କଲେ ନିରଞ୍ଜନ ବାବୁ। ଦାଣ୍ଡଘରେ ଥିବା ମା'ବାପାଙ୍କ ଫଟୋରେ ନତମସ୍ତକ ହୋଇ ସୋଫାରେ ବସି ରୋଷେଇ ଘର ଆଡ଼କୁ ଚାହିଁ କହିଲେ, 'କିଛି ମିଳିବନି କି ଆଜି ନିର୍ମଳା' ? ଧର୍ମପତ୍ନୀ ନିର୍ମଳା ଚା' ଦୁଇକପ୍ ଆଉ ବିସ୍କୁଟ ଚାରିଖଣ୍ଡ ଧରି ବସି ପଡ଼ୁ ପଡ଼ୁ କହିଲେ, ଆଜି ଲେଖା ଆରମ୍ଭ କରିବନିକି ?

ବିବାହ ପରେ ବ୍ୟକ୍ତିଗତ ଓ ବୃତ୍ତିଗତ ବ୍ୟସ୍ତତା ଭିତରେ ବୁଡ଼ି ରହି ଲେଖାଲେଖି ସମ୍ପୂର୍ଣ୍ଣ ଭୁଲିଯାଇଥିଲେ ସେ। କିନ୍ତୁ ନିର୍ମଳାଙ୍କ ପ୍ରେରଣା ହିଁ ତାଙ୍କୁ ପୁଣି ଥରେ ଲେଖିବାକୁ ଖୋରାକ ଯୋଗେଇଲା। ଚା ପିଇ ସାରି କପ୍‌କୁ ଟି'ପୟ ଉପରେ ରଖି ନିର୍ମଳା ପୁଣି ପଚାରିଲେ, ଆଜି କାହା ବିଷୟରେ ଲେଖିବ ବୋଲି ଭାବୁଛ ? 'ସତରେ ନିର୍ମଳା ତୁମର ଉତ୍ସାହ ଓ ଆଗ୍ରହ ପାଇଁ ହିଁ ମୁଁ ଦୁଇଧାଡ଼ି ଲେଖିପାରୁଛି।' ମୁରୁକି ହସି ଚିରାଚରିତ ଢଙ୍ଗରେ ହୁଁ କରି ନିର୍ମଳା କହିଲେ, ''ଘିଅ ଦୀପ ଥିଲା, ସଳିତା ବି ଥିଲା ମୁଁ ଖାଲି ଯାହା ଗୋଟିଏ କାଠି ପରି ତାକୁ ଟିକେ ତେଜି ଦେଉଛି।'' କିନ୍ତୁ ସେଇ କାଠିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଆମେ ସମସ୍ତେ ଜାଣିଛେ।

ନିର୍ମଳାଙ୍କ ହାତକୁ ସ୍ନେହରେ ଧରି କହିଲେ ନିରଞ୍ଜନ ବାବୁ। ''ହଉ ଏଥର କୁହ ଆଜି କାହା ବିଷୟରେ ଲେଖିବ ବୋଲି ଭାବୁଛ ?'' ମୁରୁକି ହସି ଭ୍ରୂଲତାକୁ ଟିକେ ଉଠେଇ ପଚାରିଲେ ନିର୍ମଳା। ବଗିଚାରେ ଉଡୁଥିବା ମହୁମାଛି ଆଡ଼କୁ ଚାହିଁ ସଂକ୍ଷିପ୍ତ ଉତ୍ତରଟିଏ ଦେଲେ ନିରଞ୍ଜନ ବାବୁ, 'ମହୁମାଛି'। ଆଜି ମହୁମାଛି ବିଷୟରେ ଲେଖିବି।

ବିଦ୍ରୂପ ଓ ଆଶ୍ଚର୍ଯ୍ୟର ଏକ ଫେଣ୍ଟାଫେଣ୍ଟି ସ୍ୱରରେ କହିଲେ ନିର୍ମଳା, ''ପାଗଳ ହୋଇଗଲ ନା କ'ଣ, ସାମାନ୍ୟ ଗୋଟେ ମହୁମାଛି ବିଷୟରେ କ'ଣ ଲେଖିବ ? ଆଉ ତାକୁ ପଢ଼ିବ ବା କିଏ ?''

ଭଗବାନ୍‌ଙ୍କ ସୃଷ୍ଟିରେ କେହି ସାମାନ୍ୟ ନୁହନ୍ତି ନିର୍ମଳା, ତୁମେ କ'ଣ ପଢ଼ିନ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର 'ଟିକି ଟିକି' କବିତାଟି। ଠିକ୍ ସେତିକିବେଳେ ପଡ଼ିଶାଘରୁ ଜୋର୍‌ରେ ପାଟିତୁଣ୍ଡ ଶୁଭିବା ଦେଖି ନିର୍ମଳା କହିଲେ, ''ସବୁବେଳେ ଭାଇମାନଙ୍କ ଭିତରେ ଝଗଡ଼ା। ଧନସମ୍ପତ୍ତି କୋଉଥିରେ ଅଭାବ ନାହିଁ, ହେଲେ ସବୁଦିନେ ପାଟିତୁଣ୍ଡ। ବାପା ଏତେ ଧନ ରଖିଦେଇଛନ୍ତି, ହେଲେ ପିଲାଗୁଡ଼ାକ ଭିତରେ ସବୁବେଳେ ଅଶାନ୍ତି।''

''ତାଙ୍କ ବାପା ସୀତାକାନ୍ତ ବାବୁ ଏବେ କେଉଁଠି ରହୁଛନ୍ତି ନିର୍ମଳା ?''

''କଷ୍ଟ ଅର୍ଜିତ ସବୁ ସମ୍ପତ୍ତି ପୁଅମାନଙ୍କ ଭିତରେ ବାଣ୍ଟି ଦେଇ ବୃଦ୍ଧାଶ୍ରମ ଚାଲିଗଲେ। ବିରଳ ବ୍ୟକ୍ତିତ୍ୱ ସତରେ !''

''ତୁମେ ଜାଣ ନିର୍ମଳା, ସୀତାକାନ୍ତ ବାବୁ ଜଣେ ଅତି ଗରିବ ଲୋକ ଥିଲେ। ଆମେ ଛୋଟ ଥିଲାବେଳେ ସେ ଗୋଟିଏ ସାଇକେଲ ମରାମତି ଦୋକାନ ଦେଇ ଚଳୁଥିଲେ। କିନ୍ତୁ ସେ ଥିଲେ ଭାରି କର୍ମଠ ଆଉ ପରିଶ୍ରମୀ।''

''କିନ୍ତୁ ଆଜି ତାଙ୍କର ଏ ବିରାଟ ପ୍ରାସାଦ ଦେଖିଲେ ବିଶ୍ୱାସ ହେଉନି ଯେ ସେ ଦିନେ ସାଇକେଲ ମରାମତି କରୁଥିଲେ।''

ନିର୍ମଳା ସୀତାକାନ୍ତ ବାବୁଙ୍କ ଘର ଆଡ଼କୁ ଚାହିଁ କହିଲେ, ''ସେଇ ତ ଚମତ୍କାରିତା।'' ବୁଝିଲ ନିର୍ମଳା, ସାଧୁତା, କର୍ମତତ୍ପରତା ଆଉ ପରୋପକାରିତା ତାଙ୍କୁ ଆଜି ଏତେ ଉପରକୁ ଆଣିପାରିଛି।

ଚୁଡ଼ା ମୁଠେ ଖାଇଦେଇ ସକାଳୁ ବାହାରିବେ ଯେ ରାତି ଦଶଟା ପର୍ଯ୍ୟନ୍ତ ଦୋକାନରେ କାମ କରିବେ।

ସବୁଠୁ ବଡ଼ କଥା ହେଉଛି ତାଙ୍କ କଷ୍ଟ ଅର୍ଜିତ ଧନକୁ ସେ କେବଳ ନିଜ ପାଇଁ ସଂଚୟ ନ କରି ସମାଜର ଉନ୍ନତିମୂଳକ କାମରେ ଲଗାନ୍ତି। ନିଜ ଚେଷ୍ଟାରେ ଗାଁ ଗାଁ ବୁଲି ଅର୍ଥ ସଂଗ୍ରହ କରି ଆଉ ନିଜ ସ୍ୱଳ୍ପ ଆୟର କିଛି ପରିମାଣ ମିଶାଇ ଆମ ଗାଁରେ ହାଇସ୍କୁଲଟିଏ କଲେ। ଆମେ ସେଇଠି ପାଠ ପଢ଼ିଲୁ।

ପାନ ବଟୁଆରୁ ପାନଖଣ୍ଡେ ଭାଙ୍ଗି ପାଟିକୁ ନେଉ ନେଉ ନିର୍ମଳା କହିଲେ, ''ଭଗବାନ୍ ତାଙ୍କୁ ଦୀର୍ଘାୟୁ କରନ୍ତୁ।''

''ଛଳନାଭରା ଚକ୍ରବ୍ୟୂହରେ ଏଠି ସବୁଆଡ଼େ ମିଛ ପ୍ରହେଳିକା। ଅଥଚ ତା'ରି ଭିତରେ ସୀତାକାନ୍ତ ବାବୁଙ୍କ ଭଳି ବ୍ୟକ୍ତିତ୍ୱ ବାସ୍ତବିକ୍ ନିଆରା।'' କେତେବେଳେ ତାଙ୍କୁ କିଏ ଖାଲି ବସିବାର ଦେଖିନି।

ଗାଁ ପୋଖରୀରୁ ଦଳ ସଫା କରିବା, ଗାଁ ମନ୍ଦିରକୁ ସକାଳୁ ସକାଳୁ ଝାଡୁ କରି ସଫା କରିବା ଥିଲା ତାଙ୍କର ଦୈନନ୍ଦିନ କାମ। ଆଜି ଆମ ଗାଁରେ ଯେତେ ଗଛପତ୍ର ଦେଖୁଛ ତା'ର ସତୁରି ଭାଗ ତାଙ୍କ ମହାନତାର ଫଳ।

ସବୁଠୁ ବଡ଼ କଥା କ'ଣ ଜାଣ ନିର୍ମଳା, ଏତେ ସବୁ ଗଠନମୂଳକ କାମ କରିବା ପରେ ବି କିଏ ପଚାରିଲେ କୁହନ୍ତି, ସବୁ ସେଇ ଭଗବାନ୍‌ଙ୍କ ଇଚ୍ଛାରେ ହେଉଛି, ମୁଁ ନିମିତ୍ତ ମାତ୍ର।

ପାନ ଚୋବାଉ ଚୋବାଉ ନିର୍ମଳା କହିଲେ, ''ଆଜିକାଲି ତ ଲୋକ କିଛି କରନ୍ତୁ କି ନ କରନ୍ତୁ ଆଗ ସୋସିଆଲ ମିଡିଆରେ ଫଟୋ ଶେୟାର କରି ବାହାବା ସାଉଁଟିବାରେ ବ୍ୟସ୍ତ। ସେଦିନ ନିରାକାର କକେଇ ସ୍ୱଚ୍ଛ ଭାରତ ଅଭିଯାନ କହି ଗୋଟାଏ ପ୍ଲାକାର୍ଡ ମାରି ଝାଡୁ ଧରି ଗୁଡ଼ାଏ ଫଟୋ ଉଠାଇଲେ ସିନା ସେ ସେଠୁ ଯିବା ପରେ ମୁଁ ଦେଖିଲି ଯୋଉ ଅଳିଆକୁ ସେଇ ଅଳିଆ।''

ହେ ହେ... ହସି ପକାଇଲେ ନିରଞ୍ଜନ ବାବୁ। ବୁଝିଲ ନିର୍ମଳା, ଆଜିକାଲି ସବୁ ଲୋକ ନିଜର ବାହୁସ୍ଫୋଟକୁ ନେଇ ବ୍ୟସ୍ତ। ପ୍ରକୃତ ସେବା ମନୋବୃତ୍ତି କ୍ୱଚିତ୍ ଦେଖାଯାଏ। କିନ୍ତୁ ସୀତାକାନ୍ତ ବାବୁଙ୍କ କଥା ଅଲଗା। କାହାର ନିନ୍ଦା ପ୍ରଶଂସାରେ ତାଙ୍କର କିଛି ଯାଏଆସେ ନାହିଁ।

ଆମ ଗାଁ ରଘୁ କକେଇଙ୍କ ପୁଅ ଭାରି ମେଧାବୀ। ହେଲେ ଧନ ଅଭାବରୁ ପଢ଼ିବନି ବୋଲି କହୁଥିଲା। କିନ୍ତୁ ସୀତାକାନ୍ତ ବାବୁ ନିଜ ଖର୍ଚ୍ଚରେ ତାକୁ ପାଠ ପଢ଼ାଇଲେ। ଆଉ ଜାଣିଛ ସେ 'ନାସା' ଯିବାକୁ ମନୋନୀତ ହେଲା।

ଖୁବ୍ କମ୍ ଦିନର ଅତିଥି ଏଇ ମଣିଷ ନିର୍ମଳା। କିଏ ଜାଣେ କେତେବେଳେ କାହାର ଡାକରା ଆସିବ। ହେଲେ ନିଜର ଭଲ କାମ ଆଉ ପରୋପକାରିତା ଦ୍ୱାରା ଜଣେ ସବୁବେଳେ ଅନ୍ୟମାନଙ୍କ ହୃଦୟରେ ଅମର ହୋଇ ରହିଥାଏ। ଦେଖିଲ ସେ ସୁନ୍ଦର ମହୁମାଛିଟିକୁ। କେତେ କଷ୍ଟ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି ମଧୁ ସଂଗ୍ରହ କରୁଛି। ଶେଷରେ ସେଇ ମଧୁକୁ ମାନବ ସମାଜ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଉଡ଼ିଯାଉଛି ଆଉ ଏକ ମହୁବସା ତିଆରି କରିବାକୁ। ଆଉ ସେଇ ମଧୁ ହିଁ ଆମ ମାନବ ଜାତି ପାଇଁ ରକ୍ଷାକବଚ ସାଜି ଆମକୁ ଅନେକ ରୋଗରୁ ରକ୍ଷା କରୁଛି।

କିନ୍ତୁ ମଧୁ ଖାଇଲା ବେଳେ କିଏ କ'ଣ ମହୁମାଛିକୁ ମନେପକାଉଛି। କେତେ ଛୋଟ ପ୍ରାଣୀଟିଏ ହୋଇ ମଧ୍ୟ ସେ କେତେ ବଡ଼ ଉପକାର କରୁଛି ଏଇ ମାନବ ଜାତିର।

ଠିକ୍ ସେମିତି ଏଇ ସୀତାକାନ୍ତ ବାବୁ। ବିନା ସ୍ୱାର୍ଥରେ ତାଙ୍କର ସବୁ କଷ୍ଟଲବ୍ଧ ଅର୍ଥକୁ ଅନ୍ୟ ପାଇଁ ଉତ୍ସର୍ଗ କରିବାରେ ତାଙ୍କର ଆନନ୍ଦ। କେବେ କାହା ଆଗରେ ନିଜ ଆତ୍ମବଡ଼ିମା ଦେଖାନ୍ତି ନାହିଁ ସେ। ଆମ ଗାଁରେ ତାଙ୍କୁ ସମସ୍ତେ ବହୁତ ଭଲପାଆନ୍ତି ତାଙ୍କର ଏଇ ମହାନତା ପାଇଁ।

ହଠାତ୍ କ୍ରନ୍ଦନ ରୋଳ ଶୁଣି ନିରଞ୍ଜନ ବାବୁ ଓ ନିର୍ମଳା ଦାଣ୍ଡଦୁଆରକୁ ଦୌଡ଼ିଗଲେ। ଦୁଇ ତିନୋଟି କାର୍ ଠିଆ ହୋଇଥିବାର ଦେଖି ନିରଞ୍ଜନ ବାବୁ ପାଖକୁ ଯାଇ ଡ୍ରାଇଭରକୁ ପଚାରିଲେ। କ'ଣ ହୋଇଛି କାହାର ?

''ସୀତାକାନ୍ତ ବାବୁଙ୍କ ଦେହ ଭୀଷଣ ଅସୁସ୍ଥ ହେବାରୁ ବୃଦ୍ଧାଶ୍ରମବାଲା ତାଙ୍କୁ ଡାକ୍ତରଖାନାରେ ଆଡମିଟ୍ କରିଛନ୍ତି। ତାଙ୍କ ପୁଅ ଓ ପରିବାର ଲୋକେ ତାଙ୍କୁ ଦେଖିବାକୁ ଡାକ୍ତରଖାନା ଯାଉଛନ୍ତି।''

''ତୁମେ ବି ବାହାରିପଡ଼ ନିର୍ମଳା। ଆମେ ଯାଇ ଟିକେ ଦେଖିଆସିବା।''

ଡାକ୍ତରଖାନାରେ ପହଞ୍ଚି ଜାଣିଲେ ତାଙ୍କର ହାର୍ଟ ଷ୍ଟ୍ରୋକ୍ ହୋଇଛି। ଭେଣ୍ଟିଲେଟରରେ ଅଛନ୍ତି ସେ। ପୁଅ ବୋହୂ ନାତି ନାତୁଣୀ ସମସ୍ତେ ଆସି ପହଁଚିଲେ ତାଙ୍କୁ ଦେଖିବା ପାଇଁ। ଯିଏ ଶୁଣିଲା ଦୌଡ଼ି ଆସିଲା ତାଙ୍କୁ ଦେଖିବାକୁ। ସମସ୍ତେ ପ୍ରାର୍ଥନା କରୁଥା'ନ୍ତି ତାଙ୍କର ଆରୋଗ୍ୟ କାମନା କରି। କିନ୍ତୁ ସମସ୍ତଙ୍କ ଆଖି ସାମ୍ନାରେ ସେ ଆଖି ବୁଜିଦେଲେ।

କ୍ରନ୍ଦନ ରୋଳରେ ଫାଟିପଡ଼ିଲା ଡାକ୍ତରଖାନା। ହଠାତ୍ ସମସ୍ତଙ୍କୁ ଚକିତ କରି ଆଉ ଗୋଟେ ଡାକ୍ତର ଟିମ୍ ଆସି ପହଁଚିଲେ। ମୁଁ ଭାବିଲି ଏମାନେ ବୋଧେ ତାଙ୍କୁ ପୁନର୍ଜୀବନ ଦେବେ। କିନ୍ତୁ ଘଟଣା ସେଇଆ ନ ଥିଲା। ସେମାନେ ଆସିଥିଲେ ତାଙ୍କର ସବୁ ମୂଲ୍ୟବାନ୍ ଅଙ୍ଗକୁ କାଟି ନେବା ପାଇଁ। କାରଣ ମୃତ୍ୟୁ ପୂର୍ବରୁ ସୀତାକାନ୍ତ ବାବୁ ଅଙ୍ଗଦାନ ସଂସ୍ଥାରେ ପଞ୍ଜୀକରଣ କରିଥିଲେ। ସେ ଚାହୁଁଥିଲେ ମୃତ୍ୟୁ ପରେ ବି ତାଙ୍କ ଶରୀର ମାନବ ସେବାରେ ଲାଗୁ।

ଆଖିରୁ ଝରିପଡ଼ିଲା ଧାର ଧାର ଲୁହ। ନିଜକୁ ନିଜେ ପ୍ରଶ୍ନ କଲେ ନିରଞ୍ଜନ ବାବୁ, ''କିଏ କହିଲା ମାନବିକତା ହଜିଯାଇଛି। ନା, ଏବେବି ଏମିତି କେତେ ବିରଳ ବ୍ୟକ୍ତିତ୍ୱ ଆମ ଭିତରେ ଅଛନ୍ତି, ଯିଏ ଅନ୍ୟର ଓଠରେ ହସ ଆଣିବାକୁ ଜୀବନର ମୂଳମନ୍ତ୍ର ଭାବେ ଆପଣେଇ ନେଇଛନ୍ତି।'' ନିର୍ମଳାଙ୍କ ହାତ ଧରି କହିଲେ, ''ଚାଲ ନିର୍ମଳା, ଆମେ ବି ଆଜି ଅଙ୍ଗଦାନ ସଂସ୍ଥାରେ ନାମ ପଞ୍ଜୀକରଣ କରି ଘରକୁ ଯିବା।''

ମୋ: ୯୮୬୧୧୯୨୪୪୫

## ପୁସ୍ତକ ପରିଚୟ

### ତୁମେ ଯେଉଁଠି ଥାଅ



**ଲେଖକ:** ବିଜୟ ନାୟକ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୨୯୫/-

ବିଜୟଙ୍କର ଏ ବହିରେ ଥିବା ଅଠରଟି ଗପ ଲାଗିଲା ଅଠରଟି 'ପର୍ବ' ପରି। ଜୀବନର 'ପର୍ବ', ଯାହାର ପ୍ରତିଟି ଉଚ୍ଚାରଣରେ ଅଛି 'ଗତି'। ଗପରେ ଗତି ନ ଥିଲେ ଗପ ମାଦଳ ହେଇଯାଏ। କାହାକୁ ଛୁଇଁପାରେ ନାହିଁ। 'ତୁମେ ଯେଉଁଠି ଥାଅ' ଏ ଅସମ୍ପୂର୍ଣ୍ଣତାରୁ ମୁକ୍ତ। ଗପଗୁଡ଼ିକର ଶୀର୍ଷକ କାହାକାହାକୁ କବିତା ପରି ଲାଗିବ- ଏ ସମ୍ଭାବନାକୁ ଲକ୍ଷ୍ୟ କରିହୁଏ। 'ଆକାଶ ଦିଶେ କି ସୁନ୍ଦର', 'ଡଙ୍ଗର ଡେଇଁଲେ', 'କାରା କବିତା', 'ମହଣେ ମଲ୍ଲୀ', 'ଉଠ, ଅନୁରାଗ, ଉଠ' ଏବଂ 'ତୁମେ ଯେଉଁଠି ଥାଅ' (ବହିର ଶେଷ ଗପ ଓ ଶୀର୍ଷକ) ଏହାର ନଜିର। 'ତୁମେ ଯେଉଁଠି ଥାଅ' ଗପର 'ତୁମେ'ଟି ଯେ କୌଣସି ବ୍ୟକ୍ତି ବିଶେଷ ନୁହନ୍ତି, ଲେଖକ ସପରିବାର ଦୀର୍ଘଦିନ ବିତାଇଥିବା ଏକ 'ସରକାରୀ ଘର'- ଗପ ଶେଷରେ ତା'ର ଗୁମର ଖୋଲେ। ବିଜୟ ଜଣେ ରୋମାଣ୍ଟିକ୍ ଗାଳ୍ପିକ, ତାଙ୍କ ଭାଷାରେ ଥାଏ ଗାଁମାଟିର ଚେର। ଗପ ମଝିରେ 'ଦୋହା'ପରି ଧାଡ଼ି, ଯଥା: 'ନାରୀର ନାମ ଆସକ୍ତି ନା ଆସକ୍ତିର ନାମ ନାରୀ', 'ବାଲେଶ୍ୱର ଆନ୍ତରିକତାର ଗୋଟେ ଉପଦ୍ୱୀପ', 'କବାଟରୁ ରଙ୍ଗ ଛାଡ଼ିଗଲେ, ହଠାତ୍ ଇନ୍ଦ୍ରଧନୁ ଉଭେଇଯିବା ପରେ ଗୋଟେ ଅବୋଧ ବାଳକର ଅସହାୟତା ତାଙ୍କୁ ଘାରୁଥିଲା', 'ଅଫିସରଙ୍କ ଘରର ହାଣ୍ଡି କଳା ହୁଏ ନାହିଁ', 'କୁଣ୍ଡାଝଡ଼ା ବର୍ଷାରେ ବିଭୋର ମାଟି', 'ତାଙ୍କ (ପତ୍ନୀଙ୍କର) ଭାବଭଙ୍ଗୀ ସବୁ ଲାଗେ ନିସ୍ତବ୍ଧ ନିଶିଥ ପରି' ଇତ୍ୟାଦି। ମଝିରେ ମଝିରେ ହାଲୁକା ଶ୍ଳେଷ ବିଜୟଙ୍କ ଗପକୁ କରେ କ୍ଲାସିକ୍। ବହିଟି ପାଠିକାପାଠକଙ୍କ ପାଇଁ ମୂଲ୍ୟବାନ୍ ସାବ୍ୟସ୍ତ ହେବ।

### କୋଣ୍ଡାକାମ୍ବେରୁ ଖୁଆଡ଼



**କବି:** ବଳରାମ ପୂଜାରୀ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୨୧୯/-

ମୋଟ ୫୧ଟି କବିତା ଆଲୋଚ୍ୟ ପୁସ୍ତକରେ ସ୍ଥାନିତ। ଗ୍ରନ୍ଥାରମ୍ଭରେ ଥିବା 'ଆବାହନୀ ଆଳାପ'ରେ କବି ଲେଖିଛନ୍ତି: ''କୋଣ୍ଡାକାମ୍ବେରୁ ପାର୍ବତ୍ୟଭୂମି ଓ କୋୟା କାମ୍ଭ୍ରୀଗଡ଼ରେ ଅନୁଷ୍ଠିତ ଅନେକ ଗଣବିପ୍ଲବ ଓ ଜନବାଦୀ ଜାଗରଣକୁ ଜନାଭିମୁଖୀ କରିବାର ଉଦ୍ଦେଶ୍ୟ ନେଇ ମୋର ଷଷ୍ଠ ସଂକଳନ 'କୋଣ୍ଡାକାମ୍ବେରୁ ଖୁଆଡ଼'।'' ତାଙ୍କ ଭାଷାରେ ବହିଟିର କବିତାଗୁଡ଼ିକ ହେଉଛି 'ମାଟି ମଣିଷର ପୋଡ଼ା ପେଟର କଥାବ୍ୟଥା', 'ଡହକ ଡହକ ଢଙ୍ଗରର ମାର୍ମିକ ଅଭିବ୍ୟକ୍ତି'। ଗ୍ରନ୍ଥସ୍ଥ 'ଅରଣ୍ୟ ପର୍ବ', 'ମେଘାୟନୀ', 'ଅନ୍ତିମ ଓଁକାର', 'ଅରଣ୍ୟ ଆର୍ଣିକା', 'ପାରିଧି ଢଙ୍ଗର', 'ମେଘକର୍ଣିକା', 'ଅଗ୍ନିଝୁଲ', 'ବହ୍ନିଭୂମିରେ ବର୍ଷା', 'ଅତିକ୍ରମିତ ଅତଏବ', 'ବାଘ ପାହାଡ଼ରେ ସନ୍ଧ୍ୟା', 'ପଣବନ୍ଦୀ', 'ଧୂଙ୍ଗିଆ କ୍ଷେତର ଗୀତ', 'ପାହାଡ଼ୀ ଈଶ୍ୱର' ଓ 'ଅମୋକ୍ଷ ମୁହୂର୍ତ୍ତ' ଆଦି କବିତାଗୁଡ଼ିକ ଦଣ୍ଡକାରଣ୍ୟର ଆରଣ୍ୟକ ସୁଷମା ଓ ମାଟିର ବାସ୍ନା ନେଇ ନିଜସ୍ୱ ମହିମାରେ ଦୀପ୍ତ। ଉଦ୍ଧୃତିଟିଏ ନେବା- ''ଢଳୁଥିଲେ ପିତଳ ରଙ୍ଗର ଝାଲୁଆ ସୂର୍ଯ୍ୟ x x ପାହାଡ଼ ଉହାଡ଼ରୁ ଧସେଇ ପଶୁଥିଲେ/ ଛେଲାଏ କାଳିଆ କସୁରିଆ ପୁଳାଏ ଅନ୍ଧାର, / ଅଙ୍କାବଙ୍କା ପାଦୁଆ ରାସ୍ତାରେ / ଧାଉଁଥିଲେ ସନ୍ଧ୍ୟା ସଙ୍ଗୀତର ଚୂନା ଚୂନା କାଜୋଡ଼ି...'' (ବାଘ ପାହାଡ଼ରେ ସନ୍ଧ୍ୟା, ପୃ: ୧୦୧)। ଓଡ଼ିଆ ଭାଷାର ଏଇ ଅଲଗା ବାସ୍ନା, ଅଲଗା ଚିତ୍ରପଟ କ'ଣ ସାଇତି ରଖିବାର ନୁହେଁ ?

## କାଳକାଳକୁ



**''ସ୍ୱର୍ଗରେ ଭୃତ୍ୟ ହେବା ଅପେକ୍ଷା ନର୍କରେ ରାଜୁତି ଭଲ।''**
**-ଜନ୍ ମିଲ୍‌ଟନ୍**

**ଜନ୍ ମିଲ୍‌ଟନ୍‌ଙ୍କ** ଜନ୍ମ ୯ ଡିସେମ୍ବର ୧୬୦୮ରେ ଓ ପରଲୋକ ୮ ନଭେମ୍ବର ୧୬୭୪ରେ। 'ପାରାଡାଇଜ୍ ଲଷ୍ଟ' ମହାକାବ୍ୟିକ ରଚନା ପାଇଁ ତାଙ୍କୁ ମିଳିଛି ଇତିହାସର ସବୁଠୁ ବଡ଼ କବିର ଖ୍ୟାତି। ବୃତ୍ତିରେ ଉଚ୍ଚ ପ୍ରଶାସନିକ ଅଧିକାରୀ ହେବା ସତ୍ତ୍ୱେ କବିତାରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଯାଇଛନ୍ତି। ତାଙ୍କ କାବ୍ୟର ପ୍ରମୁଖ ପ୍ରସଙ୍ଗ ହେଉଛି ସ୍ୱର୍ଗୀୟ ଉଚ୍ଚତାରୁ ମନୁଷ୍ୟର ପତନ। ସେ ବିଜନ ଅନୁଭବର ମହାର୍ଘ କବି। ତାଙ୍କ ମତରେ 'କେବେକେବେ ନିର୍ଜନତା ବି ହୋଇପାରେ ବସବାସର ସର୍ବୋତ୍ତମ ଜାଗା।'

## କବିତା

### ଧାଙ୍ଗିଡ଼ୀ ରାଜ୍ୟରେ ଶୀତ
**ଜୟନ୍ତୀ ସାହୁ**

ପୂରା ପୂନେଇଁର ମହୁଲି ନିଶାଟା
ଧାଙ୍ଗିଡ଼ୀକୁ ଭାରି ଘାରେ
ଅଳସ କଣ୍ଠେ ପଚାରେ ଧାଙ୍ଗଡ଼ା
ଏମିତି ଆଜି ଗୋ କାହିଁକି ମୋ ଦେହ ଥରେ
କିସ ପାଇଁ କହ ଅଳସୀ ଫୁଲରେ
ସଜାଉଛୁ ମୋର ଜୁଡ଼ା
ରାତି ନ ପାହୁଣୁ କାକରର ଝୋଟି
ଲେଖୁଛୁ ସାରା ଅଗଣା।

କାହୁଁ ଆଣିଲୁରେ ସୋରିଷ ଫୁଲକୁ
ମେଘରଙ୍ଗା ହାତେ ତୋଳି
କିଏ ସେ କିମିଆ କଲାକିରେ ତୋତେ
କାଲୁଆ ବାଆରେ
ଛାତି ମୋ ଦେଉଛି କୋରି।

ଭରା ଅନୁରାଗ ଉଷ୍ମ ଆଶ୍ଳେଷେ
ଧାଙ୍ଗଡ଼ା କହେ ଲୋ ମିତ
ଜାଣିପାରୁନୁ କି ଆମ ରାଇଜକୁ
ଆସିଛି ପରା ଏ ଶୀତ।

ମୋ: ୮୦୯୩୪୮୬୬୭୪

### ଦୀପ ଲିଭିଗଲା ପରେ
**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଦୀପ ଲିଭିଗଲା ପରେ ଜଣାପଡ଼େ
ତା' ମିଞ୍ଜିମିଞ୍ଜି ଆଲୁଅର ପ୍ରବଣତା
ବାରି ହୋଇପଡ଼େ ଆତ୍ମୀୟତାର ଅନୁପସ୍ଥିତି
ହାହାକାର କରିଉଠେ ହରେଇବାର ଦୀପ୍ତି।

କେବଳ ଦୀପ ହିଁ ଜାଣେ
ଦହନର ଦାହ, କଟାକ୍ଷର କୋହ
ତଥାପି ଦୀପକୁ ଆକର୍ଷିତ କରେ
ତା' ଆଲୋକର ଉଜ୍ଜ୍ୱଳତାରେ
ଅନ୍ୟକୁ ଆପଣେଇବାର ମୋହ,
ହାଲୁକା ରୋଶଣିରେ ଖୋଜିବୁଲେ
ଚେନାଏ ହସ ଉକୁଟି ଆସୁଥିବା
ଉତ୍କଣ୍ଠିତ ମୁହଁ
ଏଇ ବୋଧେ ଦୀପର ସାର୍ଥକତା
ସ୍ୱଳ୍ପ ଜୀବନରେ
ଦୁର୍ବାର ଇଚ୍ଛାର ନିର୍ଭୀକତା,
ଖାତିର ନାହିଁ ବାଆକୁ, ବତାସକୁ,
ଜୀବନକୁ, ଜୁଲମକୁ।

ଦଲକାଏ ପବନରେ ଲିଭିଯିବ ଜାଣିସୁଦ୍ଧା
ସେ ବାଣ୍ଟି ଚାଲିଥାଏ
ଦ୍ୟୁତିର ଦୋଳାରେ ସ୍ନେହ, ଶ୍ରଦ୍ଧା,
କର୍ମ, କର୍ତ୍ତବ୍ୟ, ସଂପ୍ରୀତି, ସଦିଚ୍ଛାର ବାର୍ତ୍ତା
ଏଇ ବୋଧେ ଦୀପଟିର
ଅମଳିନ ମହତ୍ତର ସତ୍ତା।

ମୋ: ୭୩୭୭୩୧୮୭୮୯

### ଗୀତି-କବିତା
### ଶୀତ କାର୍ତ୍ତିକ
**ଧନଞ୍ଜୟ ସ୍ୱାଇଁ**

ନିଃଶ୍ୱାସରେ ଅବା ଝରା ଶେଫାଳିର
ଗନ୍ଧ ସେ ବାରି ବାରି
ମହୁଲିଆ ଶୀତ ପିନ୍ଧି ଆସିଲାଣି
କାକରର କାଚମାଳି॥ ୦ ॥

କାଚମାଳି ନୁହେଁ ଭୋର୍ କାକରରେ
ମୋତି ହାରଟିଏ ଗଢ଼ି
ଶୀତ ଚାହେଁ ଅବା ପ୍ରଭାତୀ ପ୍ରଣାମ
ସଅଳ ଦେବାକୁ ବାଢ଼ି
ଶୀତ ଲାଗି ଶୁଭେ ସାତ ସାହି ଡେଇଁ
କାନଫଟା ହୁଳହୁଳି
କାକରର କାଚମାଳି......॥ ୧ ॥

ଶୀତ ଆସିଲାଣି ପିଠୋଉବଟାରେ
ମାଟିକାନ୍ଥ ଲିପିପୋଛି
ଦେଖାଇବାକୁ ସେ ଓଡ଼ିଆଣୀ ହାତ
କଳା କାରିଗରି କିଛି
ଶୀତେ ବାସିଲାଣି ତବତ ଭାତରେ
ବାଡ଼ିବିଲ ମୁଗଡାଲି
କାକରର କାଚମାଳି......॥ ୨ ॥

ଶୀତ ବିଶ୍ୱାସର ପ୍ରାର୍ଥନା ପଦିଏ
ଓଠରୁ ଆସଇ ଝରି
ଶୀତ ଆଖିତଳେ ଉଷୁମ ନିଦକୁ
ରଖିଥାଏ ବୋଧ କରି
ଶୀତ କାର୍ତ୍ତିକର
କବରୀରେ ଅବା
ଗେରୁଆ ଗେଣ୍ଡୁଟି ଭଳି
କାକରର କାଚମାଳି......॥ ୩ ॥

ମୋ: ୯୪୩୭୦୦୦୬୩୬

# ଆଲୁଅର ପଞ୍ଝା

**ଲଘୁଗଳ୍ପ**

**ଶିବ ମିଶ୍ର**

ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ବଣ ଭିତରେ ବାଟ କଢ଼େଇ ନେଉଥିବା ବଣୁଆ ଗାଁର ଯୁବକଟିକୁ ବାବୁ କହିଲେ- ତୋ' ଛାତିରେ ଦମ୍ଭ ଅଛି, ଦେହରେ ବଳ ଅଛି, ମୁଣ୍ଡରେ ବୁଦ୍ଧି ବି ଅଛି। ତୁ ଏ ଅନ୍ଧାରି ଇଲାକାରେ କାହିଁକି ନିଜକୁ ଏମିତି ନଷ୍ଟ କରି ଦେଉଛୁ? ସହରକୁ ଯା' ଆଲୁଅ ଦେଖିବୁ। ଜୀବନର ସ୍ୱାଦ ଚାଖିବୁ। ଜାଣିଛୁ, ସହରରେ ରାତିରେ ବି ଦିନଠାରୁ ଅଧିକ ଆଲୁଅ।

ସଞ୍ଜ ହେବା ଆଗରୁ ସେ ବାବୁ ସହରକୁ ଫେରିଗଲେ। ସେ ବଣୁଆ ଯୁବକ ତା' ଗାଁକୁ ଗଲା। ରାତିରେ ଘରେ ଶୋଇଲା ବେଳେ ତାକୁ ଶୁଭୁଥିଲା, ସେ ବାବୁଙ୍କ କଥା- ''ସହରକୁ ଯା' ଆଲୁଅ ଦେଖିବୁ''। ଏତିକିବେଳେ ହଠାତ୍ ତା' ଘର ଭିତର ଫାଟିପଡ଼ିଲା ତୋଫା ଆଲୁଅରେ। ଦୁଆର କବାଟ ବନ୍ଦ ଥିବା ଘର ଭିତରକୁ ଏତେ ଆଲୁଅ ଆସିଲା କେମିତି! ପୁଣି ବେଳକୁବେଳ ବଢ଼ିବାରେ ଲାଗିଥିଲା ସେ ଆଲୁଅର ତେଜ। ହୁତୁହୁତୁ ଜଳୁଥିବା ବଣୁଆ ନିଆଁ ପରି ସେ ଆଲୁଅର ପ୍ରଚଣ୍ଡ ଗରମ ଧାସରେ ପୋଡ଼ିଗଲା ପରି ଲାଗିଲା ତା' ଦେହ ମୁହଁ। ନା, ଆଉ ସହିହେବ ନାହିଁ। ସିଏ ଘର କବାଟ ଖୋଲି ଦେଇ ବାହାରି ଆସିଲା ଦାଣ୍ଡ ଦୁଆରକୁ। ଦାଣ୍ଡରେ ତହୁଁ ବଳି ଆଲୁଅ। ତହୁଁ ବଳି ଗରମ ଧାସ। ଜୁଆରିଆ ସମୁଦ୍ର ଲହରି ପରି ସେ ଗରମ ଧାସ ମାଡ଼ି ଆସୁଥିଲା ତା' ଆଡ଼କୁ। ସିଏ ଦାଣ୍ଡ କବାଟ କିଳି ଦେଇ ପଛକୁ ଚାହିଁଲା ବେଳକୁ ଅଗଣା ଚଉଁରାମୂଳେ ଦାଉ ଦାଉ ଆଲୁଅ ଭିତରେ ଶୁଖିଲାରେ ମାଛ ପରି ଛଟପଟ ହେଉଥିଲା ଗୋଟାଏ ଛାଇ। ସିଏ ଚାରି ପଟକୁ ଆଖି ବୁଲାଇଲା। କାହିଁ କେହି ତ ଦିଶୁନାହିଁ। କାହାର ଏ ଛାଇ! ଧୀରେ ଧୀରେ ସେଇଆଡ଼କୁ ପାଦ ବଢ଼ାଉଥିଲା ସିଏ, ହଠାତ୍ ସେ ଛାଇ ଗୋଟାଏ କିମ୍ଭୂତକିମାକାର ରୂପ ନେଇ ଉଭା ହେଲା ତା' ଆଗରେ। ସତେ ଯେମିତି ସଂସାରର ସବୁ ପ୍ରକାର ପ୍ରାଣୀଙ୍କର ଶରୀରକୁ ଯୋଡ଼ି କିଏ ଗଢ଼ିଥିଲା ସେଇ ବିଚିତ୍ର ଜୀବକୁ। ସେ ବିଚିତ୍ର ଜୀବକୁ ଦେଖି ଶଙ୍କିଗଲା, ଅଟକିଗଲା ସିଏ। ପଛେଇ ଯିବା ପାଇଁ ପାଦ ଘୁଞ୍ଚାଇଲା ବେଳେ ସେ ଜୀବ ତାକୁ କହିଲା- ମୋର ବିନା ଅନୁମତିରେ ତୁ ଇଞ୍ଚେ ବି ଘୁଞ୍ଚି ପାରିବୁନି। ସେ ଯୁବକ ଡରୁଆ ସ୍ୱରରେ କହିଲା- ନଅଟି ଜନ୍ତୁର ଦେହରୁ ଖଣ୍ଡେ ଖଣ୍ଡେ ଥିବା ନବଗୁଞ୍ଜର କଥା ପୁରାଣରେ ଲେଖା ଅଛି ବୋଲି ଶୁଣିଥିଲି, ହେଲେ ତମେ ନବେ ଗୁଞ୍ଜର ପରି ଦିଶୁଛ। ତମକୁ ଏମିତି ରୂପ ଦେଲା କିଏ ? ସେ ବିଚିତ୍ର ଜୀବ କହିଲା- ମୋତେ କେହି ରୂପ ଦେଇପାରିବେନି। ଏ ସଂସାରର ସମସ୍ତଙ୍କୁ ମୁଁ ମୋର ମନ ମୁତାବକ ରୂପ ଦେଉଛି, ରଙ୍ଗ ଦେଉଛି, ଆଉ ମୋର ଇଚ୍ଛା ହେଲେ ଅରୂପ, ବେରଙ୍ଗ କରି ଦେଉଛି। ମୁଁ ସଂସାରର ସବୁଠାରୁ ବଳଶାଳୀ। ମୋ' ନାଁ ସମୟ।



ସେ ଯୁବକ କହିଲା- ତମେ ଯଦି ସବୁଠାରୁ ବଳୁଆ, ତେବେ ଏମିତି ବିକଳ କଲବଲ ହେଉଥିଲ କାହିଁକି ? ସମୟ କହିଲା- ଯେଉଁ ଆଲୁଅ ତୋତେ ମୁହୂର୍ତ୍ତକରେ ଅଣନିଃଶ୍ୱାସୀ କରିଦେଲା, ସେହି ଆଲୁଅ ଏବେ କିଛିଦିନ ହେଲା ମୋତେ ତା'ର ଫାଶରେ ବାନ୍ଧି ରଖିବାକୁ ଚେଷ୍ଟା କରୁଛି। ଯୁବକଟି ପଚାରିଲା- ସେ ଆଲୁଅ କ'ଣ ସୂର୍ଯ୍ୟର ? ସମୟ କହିଲା- ସୂର୍ଯ୍ୟର ଆଲୁଅରେ ତେଜ ଯେତିକି ଅଛି, ସେତିକି ଅମୃତ ବି ରହିଛି। କିନ୍ତୁ ଏ ଆଲୁଅରେ ତେଜଠାରୁ ଅଧିକ ଅଛି ବିଷ। ହଳାହଳ ବିଷ। ଏ ଆଲୁଅର ଦାଉରେ ବିକୃତ ହୋଇଯାଉଛି ପ୍ରକୃତି। ହଜିଯାଉଛି ଆକାଶରୁ ନୀଳିମା, ମାଟିରୁ ସବୁଜିମା, ଜଳରୁ ଜୀବନ, ପବନରୁ ଶିହରଣ। ସେ ଯୁବକ ଏଥର ପଚାରିଲା- ଏ ଆଲୁଅ କାହାର ? କୋଉଠୁ ଆସୁଛି ଏ ଆଲୁଅ ? ସମୟ କହିଲା- ଆଜିର ସଭ୍ୟ ଶିକ୍ଷିତ ମନୁଷ୍ୟର ସ୍ୱାର୍ଥପରତା ଏବଂ ଅହଂକାରରୁ ସୃଷ୍ଟି ହେଉଛି ଏ ଆଲୁଅ। ସହର ନଗର ଡେଇଁ ଏବେ ମାଡ଼ିଗଲାଣି ମଫସଲ ଗାଁଗହଳିଯାଏଁ ଏ ଆଲୁଅର ସୁଅ। ଏଇ ଜଙ୍ଗଲ ଭିତରେ, ପାହାଡ଼ ତଳେଥିବା ତମ ଗାଁ କୁ ଆସି ତମ ଘରେ ପଶିବାକୁ ଚେଷ୍ଟା କଲାଣି। ଏଇ ଆଲୁଅ ତୋ' ଆଖିରେ ପଡ଼ିଲେ କ'ଣ ହେବ ଜାଣିଛୁ ? ସେ ଯୁବକ ପଚାରିଲା- କ'ଣ ହେବ ? ସମୟ କହିଲା- ତୁ କେବଳ ତୋତେ ହିଁ ଦେଖିପାରିବୁ। ତୋ' ଗାଁ, ତୋ' ଭାଇ ବନ୍ଧୁପରିଜନ ଆଉ କେହି ତୋତେ ଦେଖାଯିବେନି। ଏମିତି କି ତୋତେ ଜନ୍ମଦେଇଥିବା, ତୋ' ବାପା, ମାଆ କୋଉ କୋଣରେ ପଡ଼ି କାନ୍ଦୁଥିବେ, ଆଉ ତୁ ମସ୍‌ଗୁଲ୍ ଥିବୁ ତୋ' ନିଜ ଭିତରେ, ଏଇ ଆଲୁଅରେ। ହଠାତ୍ ସେ ଯୁବକ ଚିତ୍କାର କଲା ପରି କହିଲା- ନା, ସେମିତି ହେବ ନାହିଁ। ସେମିତି ହେବାକୁ ମୁଁ ଦେବିନି।

ଏତିକିବେଳେ କାହା ହାତର ଗୋଟିଏ ନରମ ଧକ୍କାରେ ତା'ର ଆଖି ଖୋଲିଗଲା। ସିଏ ଦେଖିଲା- ତା'ଘରେ ସେ ପ୍ରଚଣ୍ଡ ଆଲୁଅ ନଥିଲା କି ସେ ବିଚିତ୍ର ଜୀବ ନଥିଲା। ଥିଲେ ତା' ବାପା। ବାପା ପଚାରିଲେ- କ'ଣ ହେଲା ? ତୁ ଏମିତି ବିଳିବିଳାଉଥିଲୁ କାହିଁକି ? ସ୍ୱପ୍ନରେ ଭୂତ ଦେଖିଲୁ କି ? ସିଏ କହିଲା- ନା ଭୂତ ନୁହେଁ। ମୁଁ ଦେଖିଲି, ମୋ' ତଣ୍ଟି ଚିପିବା ପାଇଁ ଲମ୍ବି ଆସୁଥିଲା ସେଇ ବିଷାକ୍ତ ଆଲୁଅର ପଞ୍ଝା।

ମୋ: ୯୮୫୩୦୭୦୦୧୮

# କ୍ରୁଟ୍‌କୁ 'ବର୍ଷର ସର୍ବାଧିକ ପସନ୍ଦିତ ସହରୀ ବସ୍ ଟ୍ରାଞ୍ଜିଟ୍ ସିଷ୍ଟମ' ପୁରସ୍କାର

ଭୁବନେଶ୍ୱର, ୮।୧୨
(ବନ୍ଦନା ସେଠୀ)



ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୁଟ୍‌କୁ ପୁରସ୍କୃତ କରାଯାଉଛି।

କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)କୁ ମିଳିଛି ଆଉଏକ ସଫଳତା ମିଳିଛି। ନୂଆଦିଲ୍ଲୀଠାରେ ଆୟୋଜିତ ତୃତୀୟ ଅର୍ବାନ ଇନ୍‌ଫ୍ରା ବିଜ୍‌ନେସ୍ ସମିଟ୍ ଆଣ୍ଡ୍ ଆୱାର୍ଡ କାର୍ଯ୍ୟକ୍ରମରେ କ୍ରୁଟ୍‌କୁ 'ବର୍ଷର ସର୍ବାଧିକ ପସନ୍ଦିତ ସହରୀ ବସ୍ ଟ୍ରାଞ୍ଜିଟ୍ ସିଷ୍ଟମ' ପୁରସ୍କାର ପ୍ରଦାନ କରାଯାଇଛି। ସହରୀ ଗତିଶୀଳ ଜୀବନକୁ ସହଜ କରିବା ପାଇଁ କ୍ରୁଟ୍ ପକ୍ଷରୁ ମୋ ବସ୍ ସେବା ଜାରି ରହିଛି। ଉଭୟ ଏସି ଓ ନନ୍‌ଏସି ବସ୍‌ସେବା ଉପଲବ୍ଧ ଅଛି। ଏବେ ପ୍ରାୟ ୮୪ଟି ରୁଟ୍‌ରେ ମୋ ବସ୍ ଚଳାଚଳ କରୁଥିବାବେଳେ ଦୈନିକ ୨.୫ ଲକ୍ଷ ଲୋକ ଏଥିରେ ଯାତାୟାତ କରୁଥିବା ମୋ ବସ୍ ଅଫିସିଆଲ୍ ପକ୍ଷରୁ ସୂଚନା ଦିଆଯାଇଛି।

# ୨୪ରୁ ୩ ଜୋନ୍‌ରେ ପଥୋତ୍ସବ

ଭୁବନେଶ୍ୱର, ୮।୧୨ (ବନ୍ଦନା ସେଠୀ)

ଖୁବ୍‌ଶୀଘ୍ର ଭୁବନେଶ୍ୱରକୁ ଫେରିବ ପଥୋତ୍ସବ। ପୁଣି ଶୀତୁଆ ସକାଳରେ ଉତ୍ସବମୁଖର ହେବ ରାଜଧାନୀ ରାଜରାସ୍ତା। ଡିସେମ୍ବର ୨୪ରୁ ଆରମ୍ଭ ହେବାକୁ ଯାଉଥିବା ଏହି ପଥୋତ୍ସବ ପାଇଁ ଏକ ସ୍ୱତନ୍ତ୍ର ଏଜେନ୍ସିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଯୋଗାଭ୍ୟାସଠାରୁ ଆରମ୍ଭ କରି ରକ୍ତଦାନ, ସ୍କେଟିଂ, ସାଇକ୍ଲିଂ, ମିନି ମାରାଥନ, ରଙ୍ଗୋଲି, ସ୍ୱାସ୍ଥ୍ୟ ପରୀକ୍ଷା, ବ୍ୟାୟାମ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ନାଚଗୀତରେ ଝୁମିବେ ସହରବାସୀ। ଗତଥର ପରି ଏଥର ମଧ୍ୟ ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ୩ଟି ଯାକ ଜୋନ୍‌ରେ ପଥୋତ୍ସବ କରାଯିବ। ତେବେ ପ୍ରଥମ କାର୍ଯ୍ୟକ୍ରମ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଆୟୋଜିତ ହେବ। ଅପରପକ୍ଷେ ଏଥର ପଥୋତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ପରିମଳ ସମ୍ପର୍କିତ ସଚେତନତା ଉପରେ ଗୁରୁତ୍ୱ ଦିଆଯିବ। ଆଖପାଖ ପରିବେଶକୁ କିପରି ସ୍ୱଚ୍ଛ ରଖାଯିବ, ବ୍ୟବସାୟୀମାନେ ୫ମିଟର ପରିଧିକୁ କିପରି ସ୍ୱଚ୍ଛ ରଖିବେ, ଓଦା ଶୁଖିଲା ଅଳିଆକୁ ଅଲଗା ଅଲଗା କରି ଦିଆଯିବା ନେଇ ସଚେତନ କରାଯିବ। ବିଏମ୍‌ସି ଦ୍ୱାରା ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ପରିମଳ ଯୋଜନାକୁ କିଭଳି କାର୍ଯ୍ୟକାରୀ କରିହେବ ସେନେଇ ସହରବାସୀଙ୍କୁ ସଚେତନ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

**ଏଏସ୍‌ଓ ନିଯୁକ୍ତି ପରୀକ୍ଷା ଅନିୟମିତତା ମାମଲା**

# ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ

କଟକ,୮।୧୨ (କାର୍ତ୍ତିକ ସାହୁ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷାରେ ଅନିୟମିତତା ସମ୍ପର୍କିତ ଅଭିଯୋଗ ମାମଲାର ଶୁଣାଣି ହାଇକୋର୍ଟରେ ଶୁକ୍ରବାର ହୋଇଛି। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ରୁଜୁ ୩ଟି ପୃଥକ୍ ଆବେଦନରେ ଆବେଦନକାରୀମାନଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣିକରି ପ୍ରତିପକ୍ଷଙ୍କୁ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖରେ ଯୁକ୍ତି ଉପସ୍ଥାପନ କରିବାକୁ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଅଦାଲତଙ୍କ ପୂର୍ବ ଅନ୍ତରୀଣ ନିର୍ଦ୍ଦେଶ ବଳବତ୍ତର ରହିଛି। ଆବେଦନକାରୀ କବିତା ଜେନା, ସତ୍ୟବ୍ରତ ନାୟକ ଓ ଅନ୍ୟମାନଙ୍କ ସହିତ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ(ଓପିଏସ୍‌ସି) ପକ୍ଷରୁ ଦାୟର ରିଟ୍ ଅପିଲଗୁଡ଼ିକର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଏଏସ୍‌ଓ ପଦବୀ ନିମନ୍ତେ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗକରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ହୋଇଥିବା ଏଥିରେ ଦର୍ଶାଯାଇଥିଲା। ୧ ଲକ୍ଷ ୪୮ ହଜାର ଆବେଦନକାରୀଙ୍କ ମଧ୍ୟରୁ ୧୧୦୪ ଜଣ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ନଭେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ନଥିପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୧୧୦୪ ଜଣଙ୍କ ମଧ୍ୟରୁ ୫୯ ଜଣ ଅନୁପସ୍ଥିତ ଥିଲେ। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାର ଏବଂ ଓପିଏସ୍‌ସିକୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଏସ୍‌ଓ ନିଯୁକ୍ତି ପ୍ରକ୍ରିୟା ଜାରି ରହିବ, କିନ୍ତୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଅନିୟମିତତା ଫଳରେ ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିଛନ୍ତି ବୋଲି ଆବେଦନରେ ଦର୍ଶାଯାଇଥିଲା। ଏଏସ୍‌ଓ ପରୀକ୍ଷାରେ ନିୟମ ଉଲ୍ଲଂଘନ ଓ ବିଷୟଭିତ୍ତିକ ସର୍ବନିମ୍ନ ନମ୍ବର ବ୍ୟବସ୍ଥାକୁ ବେଆଇନ ଦର୍ଶାଇ ରଜତ କୁମାର ମିଶ୍ର ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ୨୦୨୩ ମେ' ୧୯ରେ ହାଇକୋର୍ଟ ଶୁଣାଣି କରି ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ମେଧା ତାଲିକାକୁ ରଦ୍ଦ କରିଥିଲେ।

## GOVT. OF ODISHA
## OFFICE OF THE EXCUTIVE ENGINEER (AGRIL.) AGRIL, ENGG. DIVISION, CUTTACK

AT/PO- NAYABAZAR, DISTRICT: CUTTACK-753004
Phone No.(0671) 2952638, Email ID:eeagril.cuttack@gmail.com

**e-Procurement Notice: Dated 07.12.2023**
**Bid Identification No.05/2023-24 of EE(AGRIL) Agril.Engg.Division, Cuttack**

**No.L-174:** The Executive Engineer (Agril.) Agril.Engg.Division, Cuttack, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in" for civil works/ buildings in the district of Cuttack & Jagatsinghpur as detailed below:

| Sl. No. | Nos. of the Work/ nature of work for which Tender invited | Approximate Estimated Cost put to Tender (Excluding G.S.T.) (Rs.lakh) | Cost of Bid Documents (in Rs.) | EMD in Rs. | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Total 4 Nos. (Four nos) Building works/ Civil construction works/ PH Sanitary & Electrical Works/ Furnishing Work | Vary from Rs.8.36 to Rs.8.46 lakh | 4000.00 | 1% of the Amount Put to Tender | C&D with LT-Electrical License | 120 Days |

1. Date & Time of availability of bid document in the portal: 11.12.2023 at 10.00 AM to 21.12.2023, 5.30 PM
2. Last date/time for receipt of bids in the portal : 21.12.2023 upto 5.30 PM
3. Date of submission of original bid documents in Tender Box: 11.12.2023, 10.00 AM to 22.12.2023 upto 5.30 PM.
4. Date & Time of opening of original documents, verification & Online bids: 26.12.2023 at 10.30 AM onwards.

The bidders have to participate in ONLINE bidding only in the e-Procurement website: https://tendersodisha.gov.in. with matching class DSC. Any addendum/ Corrigendum/Cancellation of tender/other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reasons thereof.

Sd./- Executive Engineer, (Agril)
Agril.Engg.,Division,Cuttack

OIPR-01447/11/0006/2324

## STATE POLLUTION CONTROL BOARD, ODISHA
(Department of Forest, Environment and Climate Change, Govt. of Odisha)
Paribesh Bhawan, A/118, Nilakantha Nagar,
Unit - VIII, Bhubaneswar - 751012
E-mail:paribesh1@ospcboard.org
Website: www.ospcboard.org

No. 19213/IND-I-SWM-19/2324 Dt.04.12.2023

### PUBLIC NOTICE: PLASTIC FREE PICNIC SPOTS

No. CAD-3203: In continuation to the Public Notice No. 18436 Dtd.21.11.2023 the State Pollution Control Board in association with Youth4Water an eminent NGO of Odisha have undertaken a campaign namely Plastic Free Picnic Challenge with an objective to make Picnic Spots free (100 Spots) from littering of plastic and other materials. The SPCB has decided to include additional 76 picnic spots with an objective to make most picnic spots plastic free. The campaign will be implemented through creating public awarness and other allied activities by engaging local volunteer, NGOs, Eco Clubs, SHGs, DESs and Gram Panchayats. The additional 76 picnic places under this campaign are as follows:

| Sl. No. | District | Name of Picnic Spots |
|---|---|---|
| 1 | Angul | 1. Kukudadarah |
| 2 | Bargarh | 1. Deodhar Siva Temple |
| 3 | Cuttack | 1. Dabarkhol<br>2. Mahavinayak Temple<br>3. Chandikhol, Champujhar<br>4. Duburi<br>5. Ashokjhar |
| 4 | Deogarh | 1. Kurudkote Waterfall<br>2. Bhai Bhauni Waterfall<br>3. Thango Dam<br>4. Rangana<br>5. Bhamamandali |
| 5 | Ganjam | 1. Kankandevi<br>2. Khunteswari<br>3. Black Buck Nature Camp (Saluapali)<br>4. Giant Squrrel Nature Camp |
| 6 | Jharsuguda | 1. Chandi Mandir |
| 7 | Kalahandi | 1. Sindher Waterfall<br>2. Dokrichanchara |
| 8 | Kandhamal | 1. Mandasaru<br>2. Sirki |
| 9 | Keonjhar | 1. Hadagarh<br>2. Gadachandi<br>3. Chakratirtha<br>4. Gundichaghagi<br>5. Remal Dam Site<br>6. Gunduchaghagi Waterfall |
| 10 | Khordha | 1. Maa Tarini Temple<br>2. Maa Biraja Temple<br>3. Kosalasuni Temple<br>4. Bhuiani Temple<br>5. Madangiri Temple<br>6. Maninag Temple<br>7. Asurakumari Temple<br>8. Khilamunda Temple<br>9. Ugratara Temple<br>10. Pandabasuni Temple<br>11. Kalijai Temple<br>12. Mangalajodi |
| 11 | Koraput | 1. Nageswar Caves, Balda |
| 12 | Mayurbhanj | 1. Hatibari<br>2. Tindharia Near Saradha<br>3. Uski Waterfall<br>4. Joranda Waterfall<br>5. Lulung<br>6. Bramanikunda<br>7. Manchabandha-near Salbani FRH<br>8. Asurghaty<br>9. Khadakhai<br>10. Bankbal Dam<br>11. Kailaghaty near Chadheipahadi Village<br>12. Nesa Dam |
| 13 | Nuapada | 1. Godhus Waterfall<br>2. Orenjhola Waterfall<br>3. Beniadhus Waterfall<br>4. Kharaldhus Waterfall<br>5. Patora<br>6. Tikhali |
| 14 | Puri | 1. Palanga VSS near Beladala Area<br>2. Lotus Hotel Area<br>3. Near Light House<br>4. Jahania<br>5. Gangadevi<br>6. Rajhans |
| 15 | Sambalpur | 1. Govindpur<br>2. Pitapali |
| 16 | Sundargarh | 1. Vaishondevi Temple<br>2. Akshaya Shila<br>3. Pitamahal Dam<br>4. Mandira Dam<br>5. Kansbahal Dam<br>6. Deomul Waterfall<br>7. Deodhar<br>8. Brahmani River Darjiling<br>9. Tensa Nature Camp<br>10. Rukura Dam |

This picnic spots shall have restriction/regulations on use of single use of plastic (SUP) and advisory of Dos & Don'ts for strict adherence. All citizens are requested to follow the restrictions and the advisory to maintain the cleaness of the surrounding and maintain enjoyable environment. Cooperation of every individual shall help making the campaign successful accomplishing its objective.

**"Spread joy don't litter, be nature friendly"**

By order of the Chairman
Sd./- Member Secretary

OSPCB-PWM-MISC-0008-2023/12/2023 OIPR-08012/11/0151/2324

## GOVERNMENT OF ODISHA
## "e" PROCUREMENT NOTICE
## WORKS DEPARTMENT
E-mail:pwdoff_khd@yahoo.com
**Tender Call Notice No.38/2023-24**

No.B-1420:- The Superintending Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the **Civil** works as detailed below:

| | | | |
|---|---|---|---|
| 1 | Nature of work | : | Building works |
| 2 | No. of work | : | 01 No. |
| 3 | Tender cost | : | Rs.10000.00 (Online) |
| 4 | Class of contractor | : | 'B' class contractor |
| 5 | Available of bid documents in the website | : | From Dt.11.12.2023 at 10.30 A.M. to Dt.18.12.2023 at 4.30 P.M. |
| 6 | Date of opening of bids | : | Dt.18.12.2023 at 5.00 P.M. |
| 7 | Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information regarding addendum / corrigendum / cancellation of tender can be available in the said website. | | |

Sd./- Executive Engineer
OIPR-34095/11/0027/2324 Khurda (R&B) Division, Khurda

## OFFICE OF THE SUPERINTENDENT
## VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR),
E-mail: vimsarsuptd@gmail.com

### TENDER CALL NOTICE

**No. 23643/VIMSAR** **Dated, Burla, the 05.12.2023**

No. E-617: Sealed tenders are hereby invited by the undersigned from the interested reputed Travel Agencies/Tour Operators/Private Individuals having GST registration for providing vehicles like **TUV300/Bolero/Ertiga/Scorpio/ Creta/Mahindra Marazzo/Swift Dzire/Xcent/Ciaz/Honda City/Innova/Xuv 500/Private Mini Bus for** official use on monthly rented basis. The tenders should reach the office of the Superintendent, VSS IMSAR, Burla on or before 03.01.2024 at 5.00 P.M. through Regd. Post/Speed Post only which will be opened on Dt.04.01.2024 at 11.30 A.M.

The deails terms and conditions can be collected from office of the Superintendent, VSS IMSAR, Burla from Dt.05.12.2023 to 03.01.2024 (BDI) in all working days from 10.00 A.M. to 5.30 P.M. on payment of Rs.1000/- (Rupees one thousand) only in the user fee collection counter towards cost of the tender paper. It can also be downloaded from the district website: **www.sambalpur.nic.in** & submitted with a Bank Draft of Rs.1000/- in favour of Superintendent VSS IMSAR, Burla.

Sd./- Superintendent
OIPR-10187/11/0026/2324 VIMSAR, Burla

## GOVERNMENT OF ODISHA No. B-1408
## WORKS DEPARTMENT
## OFFICE OF THE SUPERINTENDING ENGINEER
## BALLIGUDA (R&B) DIVISION, BALLIGUDA
Telephone & Fax: 06846-243242, E-mail: eepwd.balliguda@gmail.com
**Bid Identification No. S.E. BLG-12/2023-24, Dated: 02.12.2023**

| Sl. No. | Name of the Work | Building and Road Works as per DTCN available in the website **www.tendersodisha.gov.in** |
|---|---|---|
| 1 | Estimated Cost | Rs.77.00 lakh to 84.00 lakh |
| 2 | No. of Works | 02 (Two) Only |
| 3 | Period & time of completion | 04 (Four) Calendar Months |
| 4 | Date & time of availability of the bid document in the portal | 11.12.2023 to 21.12.2023 (upto 5.00 P.M.) for Online Bidding |
| 5 | Last date/time for receipt of bids in the portal | Upto 5.00 P.M. of 21.12.2023 |
| 6 | Date & Time of bid opening | 11.30 hours on Dated 22.12.2023 |
| 7 | Name & address of the Officer Inviting Bid | Superintending Engineer, Balliguda R&B Division, Balliguda, Dist.: Kandhamal, PIN - 762103 |

Others can be seen from Detailed Notice inviting Tenders, available in website: **www.tendersodisha.gov.in**.
Corrigendum if any, shall only be published in the above website.

Sd./- Superintending Engineer
Balliguda (R&B) Division
OIPR-34038/11/0011/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## P.H. DIVISION, BALANGIR
No.C-2043
Ph. No.: (06652-234647), Email ID: eephbgr@yahoo.co.in

### NOTICE INVITING TENDERS
### NATIONAL COMPETITIVE BIDDING THROUGH e-Procurement
**Bid Identification No. SE PH BGR 07/2023-24 Dt.04.12.2023**

| | | |
|---|---|---|
| 01. Number of the Works | : | 02 Nos. |
| 02. Estimated Cost | : | Rs.50.53 to 63.71 Lakhs (Approx.) |
| 03. Period of Completion | : | 6 Months |
| 04. Date & time of availability of bid document in the portal | : | From 11.00 A.M of Dt.13.12.2023 to 5.00 P.M. of Dt.27.12.2023 |
| 05. Last date/time of receipt of bids in the portal | : | 5 P.M. of Dt.27.12.2023 |
| 06. Date & Time of opening of bids | : | At 11.00 A.M. of Dt.28.12.2023 |
| 07. Name and address of the Officer Inviting Bid | : | Superintending Engineer, P.H. Division, Balangir, At: Tulsinagar, Dist.: Balangir - 767001 |

Further details can be seen from the website: **http://tenders.ori.nic.in** or **www.tendersodisha.gov.in**.

Sd./- Superintending Engineer
OIPR-13005/11/0006/2324 P.H. Division, Balangir

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## CENTRAL (R&B) CIRCLE, BHUBANESWAR
Mail i.d.: seccbbsr@gmail.com

### E-Procurement Tender Call Notice No. 21 of 2023-24
**No. 4139 (Estg.)** **Bhubaneswar the 06 December - 2023**

No. B-1421: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number building works to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 12.12.2023 to 5.00 P.M. of 26.12.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 27.12.2023 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if requied, will be available only in the website.

Sd./- Er. P.K. Mohanty
Chief Construction Engineer
OIPR-34005/11/0004/2324 Central (R&B) Circle, Bhubaneswar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, KUCHINDA
No. O-1746 E-mail: eerw_kuchinda@yahoo.com

### "e" Procurement Notice for Bridge Work
**Identification No. Online Tender/09/RWD, Kuchinda/2023-24**

| | | |
|---|---|---|
| 1. Name of the Work | : | Bridge Work |
| 2. Total Number of Works | : | 01 No. |
| 3. Class of Contractor | : | Bridge Work ("B" Class of Contractor) |
| 4. Period of Completion | : | 06 Calendar Months |
| 5. Availability of Tender Online for Bidding | : | Dt.12.12.2023 to 27.12.2023 at 11.00 A.M. |
| 6. Last date & time of seeking tender clarification | : | Dt.26.12.2023 at 5.00 P.M. |
| 7. Date & time of opening of tender Technical Bid | : | 28.12.2023 (11.00 A.M.) |
| 8. Date & time of opening of tender Financial Bid | : | will be intimate separately |

Further details can be seen from the website: **www.tendersodisha.gov.in**.

Sd./- Superintending Engineer
OIPR-25151/11/0012/2324 Rural Works Division, Kuchinda

## MARKFED - ODISHA
(Odisha State Co-operative Marketing Federation Ltd.)
Old Station Road, Bhubaneswar - 751006
Tel.: (0674) 2310626, e-mail: odishamarkfed@gmail.com
Website: www.markfedodisha.nic.in

**Ref. No. 4411** **Date: 07.12.2023**
**Tender Notice No. 4410/EG-01/2021-22** **Date: 07.12.2023**

### TENDER CALL NOTICE

No. CAD-3220: Sealed Tenders (Two Bids) are invited from registered Manpower Service Providing Firms/Agencies (SPA) for providing services of personnel for the year, 2024 to be deployed in branches of Area Offices, Unit Offices, Purchase Centers, Godowns & Head Office of MARKFED for a period of one year. For details, please visit Government of Odisha Tender website **(www.odisha.gov.in)** or Cooperation Department, Government of Odisha website **(www.coopodisha.in)**. Any revision, clarification, addendum, corrigendum, time-extension etc. to the above mentioned tender notice will be hoisted on Cooperation Department website only. No separate notification shall be issued in the press.

**Managing Director**
**Signature of Issuing Authority** **Sd./- Signature of the Tenderer**
OIPR-39017/11/0018/2324

## OSRTC ODISHA STATE ROAD TRANSPORT CORPORATION, BHUBANESWAR
No.2170/OSRTC/IM(TR)-40/2023 Date: 06.12.2023

### Request For Proposal (RFP)

No.CAD-3212:- The Chairman-cum-Managing Director, Odisha State Road Transport Corporation (OSRTC), Bhubaneswar has invited a Request for Proposal (RFP) For Design, Manufacture and Supply of High-End Premium Fully built in AC Buses for Managing Public Transport across Tier-III Routes with Comprehensive Annual Maintenance Contract (AMC) model through the e-tendering process.

The interested firms / OEMs should upload their proposals online bids on the e-Nivida Portal may be obtained at: https://enivida.odisha.gov.in from Dt.6.12.2023 to Dt.27.12.2023 upto 11.00 A.M. and the same will be opened on Dt.27.12.2023 at 1.00 P.M. at OSRTC conference hall.

For any doubt, agencies / firms may contact Mr. Rashmi Pani on 9937567240 to address the issue during office hours.

The details of the terms & conditions are available on the website www.osrtc.in, https://enivida.odisha.gov.in

The authority reserves the right to accept or reject any or all proposals without assigning any reason thereof.

By order of the Chairman-cum-Managing Director
**Sd./- General Manager (A), OSRTC, Bhubaneswar**
OIPR-38002/11/0018/2324

## OFFICE OF THE DIVISIONAL FOREST OFFICER, DHENKANAL FOREST DIVISION
Tele Fax No.: 06762-226717, e-mail Id: dfo.dhenkanal@odisha.gov.in

### NOTIFICATION

No. MM-358: this is for information of all concerned that the following Forest Roads of Dheknakal Forest Division in Dhenkanal District shall remain closed to traffic on Dt.30.12.2022 from Zero hour to 24 hours in accordance with rule 284 of Odisha Forest Department Code 1979. The movement of traffic on the date and time specified above will be treated as violation of Section 26 of Odisha Forest Act and hence will be liable for prosectuion

**LIST OF FOREST ROADS OF DHENKANAL DIVISION**

| Sl. No. | Name of Forest Road | Forest Range | Length in Km. |
|---|---|---|---|
| 01 | Jharan - Chhanabolua | Dhenkanal | 11.30 |
| 02 | Bhapur - Abhimanyupur | Dhenkanal | 2.00 |
| 03 | Hitinda - Mahulpunji | Dhenkanal | 11.50 |
| 04 | Khankira - Dhanianali | Sadangi | 12.00 |
| 05 | Chhotatentuli - Mahisakada | Sadangi | 5.00 |
| 06 | Hindol - Fasigaon | Hindol | 42.00 |
| 07 | Bampa - Patalu | Hindol | 12.50 |
| 08 | Gurujang - Fasigaon | Hindol | 19.20 |
| 09 | Batagaon - Keonjhar Border | K. Nagar East | 20.90 |
| 10 | Umendra - Ekul | K. Nagar East | 11.20 |
| 11 | Baiganpal - Ekul | K. Nagar East | 14.20 |
| 12 | Childa - Khidikidwar | K. Nagar East | 12.00 |
| 13 | Sendhaswar - Khidikidwar | K. Nagar East | 15.00 |
| 14 | Siarimalia - Jhili | K. Nagar West & Mahabirod | 25.30 |
| 15 | Aluajharan - Muktaposi (Banei Border Forest Road) | K. Nagar West | 10.30 |
| 16 | Pathagarh - Gundichanali | K. Nagar West | 20.00 |
| 17 | Basoi - Kankili | K. Nagar West | 5.00 |
| 18 | Sundhikateni - Bileisuni | Mahabirod | 6.02 |
| 19 | Vejia - Gengutia | Mahabirod | 8.00 |
| 20 | Dadaraghati - Bulajhar | Mahabirod | 8.86 |
| | TOTAL | | 272.28 |

Sd./- (Sri Sumit Kumar Kar, IFS)
Divisional Forest Officer
OIPR-08037/11/0012/2324 Dhenkanal Division

## ROURKELA SMART CITY LIMITED, ROURKELA
Udit Nagar, Rourkela-769012, Email: rourkelascl@gmail.com
**BID ID: RSCL/3561/2023** **DATE: 7.12.2023**

### NOTICE INVITING TENDER NATIONAL COMPETITIVE BIDDING

**No.C-2054:** The Chief Executive Officer, RSCL invites bids from eligible contractors for the following projects:

| Sl. No. | Name of the Projects | Base Price |
|---|---|---|
| 1 | Interior Lighting Works of Tribal Museum (Display Area) on Percentage Rate Basis | Rs.98,22,668/- |

The Tender Fees of Rs. 11,800/- is to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 08.12.2023 to 26.12.2023 (up to 15:00 Hrs. 1ST). Pre- Bid Meeting will be held on 13.12.2023 at 12.30 P.M. in the Conference Hall of RSCL. For queries, intending bidder may contact Sarthak Sourav Rath, Architect Phone No. 8093310953/ Debasmita Mahanta, Ar.Designer, Phone No.7838895830 and Email id:rourkelascl@gmail.com The Bid is to be submitted to this Address of Chief Executive Officer, Rourkela Smart City Limited, 1st Floor, RMC City Library, Uditnagar, Rourkela-769012 through Registered Post/ Speed Post only.

**Sd./-Chief Executive Officer**
OIPR-13080/11/0010/2324 **Rourkela Smart City Limited**

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
E-mail Id:cebuildings_orissa@yahoo.co.in, Tel:- (0674) 2391523
No.B-IV-H-(H&D)-66/22 Letter No.52537 Dt.8th December 2023

### Invitation for Bids
No.B- **Bid Identification No.CE(B)-46/2023-24**

| | | | |
|---|---|---|---|
| 1. | The Chief Engineer, Buildings on behalf of Governor of Odisha invites bids from reputed Indian Firms registered with the State Government and bidders of equivalent Grade/ Class registered with Central Government/ MES/Railways for the Building works (STP, ETP) on turnkey basis (i.e. Design & execution of ETP & STP) | | |
| 2. | Nature of Work | : | Building Works (Establishment of STP & ETP) |
| 3. | Nos. of Work | : | 03 Nos. |
| 4. | Bid Cost | : | Rs.10,000/- (Each) |
| 5. | Class of Contractor | : | Special & Super |
| 6. | Availability of Bid documents in the website | : | From dt.12.12.2023 to 05.30 PM of dt.02.01.2024 |
| 7. | Pre-Bid Meeting | : | Dt.26.12.2023 at 11.00 AM |
| 8. | Last Dt. of submission of hardcopy | : | Dt.06.01.2024 upto 5.30 PM |
| 9. | Date of Opening of Bid | : | Dt.08.01.2024 at 11.30 AM |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | | |

**Sd./- Chief Engineer, Buildings, Odisha**
OIPR-34002/11/0001/2324

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଖିରୁ ବାହାରିଲା ୬୦ ଜୀବନ୍ତ ପରଜୀବୀ

**ବେଜିଂ:** ନିକଟରେ ଡାକ୍ତରମାନେ ଜଣେ ମହିଳାଙ୍କ ଆଖିରୁ ଜୀବନ୍ତ ୬୦ଟି ପରଜୀବୀ ବାହାର କରିଛନ୍ତି। ଚାଇନାର କୁନ୍‌ମିଙ୍ଗସ୍ଥିତ ଜଣେ ମହିଳାଙ୍କ ଆଖି ସବୁବେଳେ କୁଣ୍ଡେଇ ହେଉଥିଲା। ସେ ଦିନେ ତାଙ୍କ ଆଖି କୁଣ୍ଡେଇବା ବେଳକୁ ଏକ କୀଟ ଖସିପଡ଼ିଥିଲା। ମହିଳା ଜଣକ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ତୁରନ୍ତ ସ୍ଥାନୀୟ ଏକ ହସ୍ପିଟାଲକୁ ଯାଇ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ପରୀକ୍ଷଣ ପରେ ଜଣାପଡ଼ିଥିଲା ଯେ ତାଙ୍କ ଆଖିପତା ମଧ୍ୟରେ



ଅନେକଗୁଡ଼ିଏ କୀଟ ହୋଇଯାଇଛନ୍ତି। ତେବେ ଡାକ୍ତରମାନେ ଅସ୍ତ୍ରୋପଚାର କରି ମହିଳାଙ୍କ ଡାହାଣ ଆଖିରୁ ୪୦ରୁ ଅଧିକ କୀଟ କାଢ଼ିଥିବାବେଳେ ତାଙ୍କ ବାମ ଆଖିରୁ ୧୦ରୁ ଅଧିକ ଜୀବନ୍ତ କୀଟ ବାହାର କରିଥିଲେ।

# ସାମାଜିକ ସ୍ଥିରତା ପାଇଁ ନିରାପତ୍ତା ଅପରିହାର୍ଯ୍ୟ

## ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ

ଦୁର୍ନୀତି ନିବାରଣ ପାଇଁ ଜନସଚେତନତା ସୃଷ୍ଟି କରିବା ଲାଗି ୩୧ ଅକ୍ଟୋବର ୨୦୦୩ରେ ମିଳିତ ଜାତିସଂଘର ଦୁର୍ନୀତି ବିରୋଧରେ ସମ୍ମିଳନୀ ପାରିତ ହେବା ପରଠାରୁ ପ୍ରତିବର୍ଷ ୯ ଡିସେମ୍ବରରେ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ପାଳନ କରାଯାଏ। ଏହି ସମ୍ମିଳନୀରେ ଆଂଶିକ ଦର୍ଶାଯାଇଥିଲା ଜାତିସଂଘ ହେଉଛି ସମାଜର ସ୍ଥିରତା ଏବଂ ନିରାପତ୍ତା ପ୍ରତି ଦୁର୍ନୀତି ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ଏବଂ ବିପଦର ଗମ୍ଭୀରତା, ଗଣତନ୍ତ୍ରର ଅନୁଷ୍ଠାନ ତଥା ମୂଲ୍ୟବୋଧ, ନୈତିକ ମୂଲ୍ୟବୋଧ ଏବଂ ନ୍ୟାୟକୁ କ୍ଷୁଣ୍ଣ କରିବା ଏବଂ ନିରନ୍ତର ବିକାଶ ତଥା ଆଇନର ନିୟମ ପ୍ରତି ବିପଦ ରହିଛି।

ସମ୍ମିଳନୀରେ ପ୍ରତିନିଧିମାନେ ଦୁର୍ନୀତିକୁ ରୋକିବା ଏବଂ ମୁକାବିଲା କରିବା ପାଇଁ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ଦୃଢ଼ କରିବା। ଦୁର୍ନୀତି ରୋକିବା




ତଥା ମୁକାବିଲା କରିବାରେ ଅନ୍ତର୍ଜାତୀୟ ସହଯୋଗ ତଥା ବୈଷୟିକ ସହାୟତାକୁ ପ୍ରୋତ୍ସାହନ, ସହଜ ତଥା ସମର୍ଥନ। ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ତଥା ମିଳିତ ଜାତିସଂଘର ଡ୍ରଗ୍ସ ଏବଂ କ୍ରାଇମ କାର୍ଯ୍ୟାଳୟ ଦ୍ୱାରା ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ପାଳନ କରାଯାଉଛି। ଦୁର୍ନୀତି ଏବଂ ଏହାର ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏହି ଦିବସ ପାଳିତ ହେଉଛି। ୨୦୦୯ରେ ମିଳିତ ଅନ୍ତର୍ଜାତୀୟ ଅଭିଯାନ ଉପରେ ଧ୍ୟାନ ଦିଆଯାଇଥିଲା। ବିକାଶ ଲକ୍ଷ୍ୟରେ ଦୁର୍ନୀତି ଗଣତନ୍ତ୍ର ତଥା ଆଇନର ଶାସନକୁ ଦୁର୍ବଳ କରିଥାଏ, ମାନବିକ ଅଧିକାରର ଉଲ୍ଲଂଘନ, ବଜାରକୁ ବିକୃତ, ଜୀବନଶୈଳୀକୁ ନଷ୍ଟ କରିଥାଏ ଏବଂ ସଂଗଠିତ ଅପରାଧ, ଆତଙ୍କବାଦ ଏବଂ ଅନ୍ୟାନ୍ୟ ବିପଦକୁ ଅନୁମତି ଦେଇଥାଏ। ବିଶ୍ୱ ମାନବଙ୍କ ସୁରକ୍ଷାକୁ ବୃଦ୍ଧି କରିବାକୁ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

# ମାଳଦ୍ୱୀପରେ ଛୁଟି କଟାଉଛନ୍ତି ତାପସୀ



**ମୁମ୍ବାଇ:** ଅଭିନେତା ଶାହରୁଖ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଡଙ୍କି' ରିଲିଜ୍ ଅପେକ୍ଷାରେ ଅଛି। ଫିଲ୍ମର ମୁଖ୍ୟ ଚରିତ୍ରରେ ନଜରକୁ ଆସିଥିବା ଅଭିନେତ୍ରୀ ତାପସୀ ପନ୍ନୁ ଶୁଟିଂ ସାରି ଏବେ ଛୁଟି କଟାଇବାକୁ ତାଙ୍କର ସବୁଠୁ ପ୍ରିୟ ସ୍ଥାନ ମାଳଦ୍ୱୀପରେ ପହଞ୍ଚିଛନ୍ତି। ସେନେଇ ଅଭିନେତ୍ରୀ କିଛି ଫଟୋ ଶେୟାର କରିଛନ୍ତି। କ୍ୟାପ୍ସନରେ ଲେଖିଛନ୍ତି, ସେ ପ୍ରଥମ ଦେଖାରେ ଏହି ସ୍ଥାନର ପ୍ରେମରେ ପଡ଼ିଯାଇଥିଲେ। ସେ କହିଛନ୍ତି, ଶୁଟିଂ ସରିବା ପରେ ଛୁଟିଦିନ ତାଙ୍କ ପାଇଁ ଆବଶ୍ୟକ ବିରତି ଥିଲା। ତାପସୀ ମନଭରି ସେହି ସ୍ଥାନକୁ ଉପଭୋଗ କରୁଛନ୍ତି। ଫଟୋରେ ଅଭିନେତ୍ରୀଙ୍କୁ ବିଶାଳ ନୀଳ ମହାସାଗରରେ ଉପଭୋଗ କରୁଥିବା ଦେଖିବାକୁ ମିଳିଛି।


# Classified Everyday
0674-2580101, 2549949



REAL ESTATE

**SALE**

Chakeisihani yellow zone plot 2200 and 5000sqft. @ 1600/-. 7008711445, 6372801963. D-1976

New Cancer Hospital ନାଇରେ, ଜଣେ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦୦-୫୦୦୦ରେ ଜାଗା ବିକ୍ରିହେଉଛି। 06743180297. D-75176

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ଫ୍ଲାଟ୍ Sqft. 1499/- , 799/- ମିଳୁଛି – 9124839028, 7008771424. D-75277

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ ଗୃହ ନିର୍ମାଣ କରନ୍ତୁ – 8249310759. D-75276

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987. D-75272

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



Ground floor Two BHK available for residence/ Office at Kalpana Post Office lane. Contact- 9938615954. D-1973



Relax, Refresh your body, Mind at Saikrupa Spa with best therapies. 8984068077. D-1873

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

Ashirvaad Salon and SPA get good massage for your health tha best therapy. 7077181074. D-75069

Relax, refresh your body, mind by expert therapist. Contact- 8338800330. D-75175

**LOST**

Lost my B.Tech Certificate Regn. No.-1201214221, KIST College, near Capital Hospital, BBSR dt. 25.07.21. Contact- Biswajeet Parida, 8598835016. D-1974

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା
ଓ.ଏସ୍.ଏସ୍.କେଶ୍ ନଂ.-୧୫୫୫/୨୦୨୨

ସୁରେନ୍ଦ୍ରନାଥ ନାୟକ ....ବାଦୀ

ବନାମ

ମାନସ କୁମାର ବେହେରା ଓ ଅନ୍ୟମାନେ ....ପ୍ରତିବାଦୀମାନେ

ନୋଟିସ୍-୫ ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
୩) ପଦ୍ମ ପଟ୍ଟନାୟକ, ବୟସ ୭୬ ବର୍ଷ, ସ୍ୱା- ୰ଶରତ ପଟ୍ଟନାୟକ, ୪) ଭୋବନୀ ପଟ୍ଟନାୟକ, ୫) ପୁରୁଷୋତ୍ତମ ପଟ୍ଟନାୟକ ଉଭୟଙ୍କ ପିତା- ବୀର ପଟ୍ଟନାୟକ, ୬) ବାନାମ୍ବର ପଟ୍ଟନାୟକ, ପି- ପଦ୍ମ ଚରଣ ପଟ୍ଟନାୟକ, ୭) ପ୍ରଭାକର ପଟ୍ଟନାୟକ, ପି- ରଘୁ ପଟ୍ଟନାୟକ, ୮) ହାଡ଼ିବନ୍ଧୁ ପଟ୍ଟନାୟକ, ପି- ଗୋପାଳ ପଟ୍ଟନାୟକ, ୯) ଗୋବିନ୍ଦ ପଟ୍ଟନାୟକ, ପି- ଗୋପାଳ ପଟ୍ଟନାୟକ, ୧୦) ଈଶ୍ୱର ପଟ୍ଟନାୟକ, ପି- ବାସୁଦେବ ପଟ୍ଟନାୟକ, ୧୧) ସତ୍ୟବାଦୀ ପଟ୍ଟନାୟକ, ପି- କ୍ଷେତ୍ରମୋହନ ପଟ୍ଟନାୟକ, ୧୨) ନରୋତ୍ତମ ପଟ୍ଟନାୟକ, ପି- ଜଗବନ୍ଧୁ ପଟ୍ଟନାୟକ, ୧୪) ଭାଘୁ ପଟ୍ଟନାୟକ, ପି- ବାନାମ୍ବର ପଟ୍ଟନାୟକ ସମସ୍ତଙ୍କ ଠିକଣା ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜି- ଖୋର୍ଦ୍ଧା, ୧୭) ନିଲମ ସୁରୁନି, ପି- ମାନସି ସୁରୁନି, ସା- ଝିରାପାଣି, ରାଉରକେଲା, ଜି- ସୁନ୍ଦରଗଡ଼, ୧୮) ନିହାର ରଞ୍ଜନ ମିଶ୍ର, ପି- ଜୟରାମ ମିଶ୍ର, ସା- ପୁରୁଷୋତ୍ତମପୁର, ଯାଜପୁର ଟାଉନ, ଜି- ଯାଜପୁର, ୧୯) ନେତ୍ରାନନ୍ଦ ଦାସ, ପି- ଶଶିଭୂଷଣ ଦାସ, ସା- ଶ୍ୟାମସୁନ୍ଦରପୁର, ଖଲ୍ଲିକୋଟ, ଜି- ମୟୂରଭଞ୍ଜ, ୨୦) ନବକିଶୋର ମାଝି, ପି- ଲକ୍ଷ୍ମଣ ମାଝି, ୨୧) ଯଯାତି କିଶୋର ମାଝି, ପି- ଲକ୍ଷ୍ମଣ ମାଝି, ୨୨) ରାଜ କିଶୋର ମାଝି, ପି- ଲକ୍ଷ୍ମଣ ମାଝି, ୨୩) କମଳ ମାଝି, ସ୍ୱା- ଲକ୍ଷ୍ମଣ ମାଝି ସମସ୍ତଙ୍କ ଠିକଣା ସା- ଦେଉରାହିଜିହି, ତିରିଙ୍ଗି, ଜି- ମୟୂରଭଞ୍ଜ, ୨୮) ଡ. ଏଲ୍.ଅରୁଣା, ପି- ଡି. ବାଇ ଭି.ଏସ୍. ପ୍ରଭାକର, ସା- ଏଚ୍‌ଆଇଜି-୬୧୭, ବିଡିଏ ହାଉସିଂ ବୋର୍ଡ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ୨୯) ଗାନ୍ଧି ଶେଖର ରେଡ୍ଡୀ, ପି- ବି. ଗୋପାଳ ରେଡ୍ଡୀ, ସା- ଇଚ୍ଛାପୁରମ୍, ଜି- ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ, ୩୦) ଗୀତା ଜେନା, ସ୍ୱା- ଦେବ ପ୍ରସାଦ ଜେନା, ସା- କୋରକରା, ଯାଜପୁର, ୩୧) ଉମାକାନ୍ତ ମହାପାତ୍ର, ପିତା- ଦାମୋଦର ମହାପାତ୍ର, ସା- ନୂଆପଡ଼ା, ଖନ୍ତାପଡ଼ା, ଜି- ବାଲେଶ୍ୱର, ୩୪) ଗୋପାଳ ଚରଣ ଦାସ, ସ୍ୱା- ଅନ୍ତର୍ଯ୍ୟାମୀ ଦାସ, ସା- ଡଙ୍ଗାକୁଳ, ଜି- ସମ୍ବଲପୁର, ୩୫) ପାର୍ବତୀ କୁମାରୀ ନାୟକ, ପି- ପ୍ରାଣବନ୍ଧୁ ନାୟକ, ସା- ଗନ୍ଧର୍ବ ପୋଖରୀ, ପୋ- ସିଂହଡୋଳା, ଥାନା- ତିହିଡ଼ି, ଜି- ଭଦ୍ରକ, ୩୭) ହେମନ୍ତ କୁମାର ଦାସ, ସ୍ୱା- ଅଚ୍ୟୁତାନନ୍ଦ ଦାସ, ସା- ରେଣପଡ଼ା, ଥାନା- ଚାନ୍ଦୋଳ, ଜି- କେନ୍ଦ୍ରାପଡ଼ା, ୩୮) ପ୍ରଦୋଷ ଚନ୍ଦ୍ର ମହାନ୍ତି, ପି- ପ୍ରକାଶ ଚନ୍ଦ୍ର ମହାନ୍ତି, ମାତୃ ନିଳୟ ବିକାଶ ନଗର, ବାଦାମବାଡ଼ି, ଜି- କଟକ, ୪୧) ବସନ୍ତ କୁମାର ଦାସ, ପି- ଅଚ୍ୟୁତାନନ୍ଦ ଦାସ, ସା- ନାରଣପଡ଼ା, ଥାନା- ଚାନ୍ଦୋଳ, ଜି- କେନ୍ଦ୍ରାପଡ଼ା, ୪୪) ମଞ୍ଜୁଲତା ଦଳାଇ, ସ୍ୱା- ଅଁନର ନାଥ ମହାଲିକା, ସା- ଆନନ୍ଦପୁର, ଜି- କେନ୍ଦୁଝର, ୪୫) ରବିନାରାୟଣ ମଲ୍ଲିକ, ପି- ଗଣେଶ୍ୱର ମଲ୍ଲିକ, ସା- ତରଡ଼ା, ଜି- ଢେଙ୍କାନାଳ, ୪୬) ମନ୍ଦିରା ସେନାପତି, ସ୍ୱା- ପୂର୍ଣ୍ଣଚନ୍ଦ୍ର ସେନାପତି, ସା- ପ୍ଲଟ୍ ନଂ.-୧୦୭/ଡି., ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା, ୫୨) ଶର୍ମିଷ୍ଠା କର, ପି- ବୀର କିଶୋର କର, ସା- କୁମ୍ଭରାଜପୁର, ଜି- କଟକ, ୫୬) ସ୍ୱାତୀ ପାଣିଗ୍ରାହୀ, ପି- ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସା- ପଟ୍ଟନାୟକପଡ଼ା, ଜି- ସମ୍ବଲପୁର, ୬୨) ଦେବ ପ୍ରସାଦ ଜେନା, ପି- ସନ୍ନ୍ୟାସୀ ଚରଣ ଜେନା, ସା- କୋରକରା, ଜି- ଯାଜପୁର, ୬୩) ସୁଧାଂଶୁ ନନ୍ଦ, ପି-ଦାଶରଥି ନନ୍ଦ, ସା- ପରବେଡ଼ା, ଥାନା- ଜୟପୁର, ଜି- କୋରାପୁଟ, ୬୪) ରୁକ୍ମୁଣି ପ୍ରଧାନ, ସ୍ୱା- ପ୍ରଶାନ୍ତ କୁମାର ପ୍ରଧାନ, ସା- ଶ୍ରୀବିହାର କଲୋନୀ, ବିଡ଼ାନାସୀ, କଟକ, ୬୫) ହରିରାମ କେଡିଆ, ପି- ରାଧାକୃଷ୍ଣ କେଡିଆ, ସା- ସେହଜାଦ ବଜାର, ଲାଲବାଗ, କଟକ, ୬୬) କୁମାରୀ ଶୀର୍ଷା, ପି-ଜି. କୁମାରୀ ରାଓ, ସା- ପ୍ଲଟ୍ ନଂ.-୬୯୨, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ୬୮) ମାଧବ ନାୟକ, ପି- ଧନୁ ନାୟକ, ସା- ସାମନ୍ତରାପୁର, ପୋଲିସ୍ କଲୋନୀ, ଜି- କେନ୍ଦୁଝର, ୬୯) ବାସନ୍ତୀ ଲତା ସ୍ୱାଇଁ, ସ୍ୱା- ଅକ୍ରୁର ସ୍ୱାଇଁ, ସା- ଇନ୍ଦ୍ରପଲ୍ଲୀ, ଥାନା- ବାଲିଅନ୍ତା, ଜି- ଖୋର୍ଦ୍ଧା, ୭୩) ମନସ୍ୱିନୀ ପଟ୍ଟନାୟକ, ପି- ଶଙ୍କର ପଟ୍ଟନାୟକ, ୭୪) ପ୍ରଜ୍ଞାସନୀ ପଟ୍ଟନାୟକ, ପି- ଶଙ୍କର ପଟ୍ଟନାୟକ, ୭୫) ଯମୁନା ପଟ୍ଟନାୟକ, ସ୍ୱା- ଶଙ୍କର ପଟ୍ଟନାୟକ ସମସ୍ତଙ୍କ ଠିକଣା ସା- ଦାରୁଠେଙ୍ଗ, ଭୁବନେଶ୍ୱର, ଜି- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିଯେ, ଉପରଲିଖିତ ଓଏସ୍ଏସ୍ କେଶ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା ୦୮।୦୧।୨୦୨୪ରିଖ ଦିବା ଘ୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜି- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ।

ସାବକ

ସାବକ ଖାତା ନଂ.-୨୬୨, ସାବକ ପ୍ଲଟ୍ ନଂ.-୬୪୪, ରକବା- ଏ୦.୦୫୩ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ବଗାୟତ-୨,

ହାଲ୍

ହାଲ୍ ଖାତା ନଂ.-୧୩୩୫, ହାଲ୍ ପ୍ଲଟ୍ ନଂ.-୩୦୯୦, ରକବା- ଏ୦.୧୦୦ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ବଗାୟତ-୨

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା. ୧୫।୧୧।୨୩
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୭୫୦୭୫

ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.-୩ ଇଜିଲାସ ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ନଂ.-
୧୩୭୦/୨୦୧୯

ବଳରାମ ହାଃଜର ....ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର, ଓଗେର ....ପ୍ରତିବାଦୀ

ନୋଟିସ୍ ଅର୍ଡର୍-୫, ରୁଲ୍ ୨୦ ସି.ପି.ସି. ମୁତାବକ

୧. ଚିତ୍ରସେନ ବଳ, ୨. ପୁଷ୍ପସେନ ବଳ, ୩. ବେଲାରସେନ ବଳ, ୪. ଆଲା ବଳ, ସମସ୍ତଙ୍କ ପିତା ମୃତ ନାଥ ବଳ, ୫. ନିଶା ବଳ, ସ୍ୱାମୀ- ମୃତ ନାଥ ବଳ, ୬. ହିରଣ୍ୟ ବଳ, ୭. ବିକ୍ରମ ବଳ, ୮. ସିକ୍ରମ ବଳ, କ୍ରମିକ ନଂ.-୬ ରୁ ୮ଙ୍କ ପିତା ମୃତ ଦାଶରଥି ବଳ, ୯. ହୀନ ବଳ, ସ୍ୱାମୀ- ମୃତ ଦାଶରଥି ବଳ, ୧୦. ଦୁଷ୍ମନ୍ତ ବଳ, ୧୧. ବାଙ୍କୀ ବଳ, ୧୨. ଅଞ୍ଜଳି ବଳ, କ୍ରମିକ ନଂ.-୧୦ ରୁ ୧୨ଙ୍କ ପିତା ନନ୍ଦ ବଳ, ୧୩. ବାଳି ବଳ, ସ୍ୱାମୀ- ମୃତ ନନ୍ଦ ବଳ, ୧୪. ଗନ୍ଧର୍ବ ବଳ, ପିତା- ଭ୍ରମର ବଳ, ୧୫. ଶରତ ପ୍ରଧାନ, ପିତା- ଫାଶୀ ପ୍ରଧାନ, ୧୬. ସରସ୍ୱତୀ ପ୍ରଧାନ, ପିତା- ପଠାଣି ପ୍ରଧାନ, ୧୭. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପିତା- ସୁଜନ ପ୍ରଧାନ, ୧୮. ଅକ୍ଷୟ ପାତ୍ର, ୧୯. ହିରଣ୍ୟ ପାତ୍ର, ୨୦. ରୁବାସ ପାତ୍ର, ୨୧. ସୁବାସ ପାତ୍ର କ୍ରମିକ ନଂ.- ୧୮ରୁ ୨୧ଙ୍କ ପିତା- ମୃତ ବଂଶୀଧର ପାତ୍ର, ୨୨. ବିନୋଦିନୀ ପାତ୍ର, ସ୍ୱାମୀ- ମୃତ ବଂଶୀଧର ପାତ୍ର, ୨୩. କୃଷ୍ଣ ପାତ୍ର, ପିତା- ମୃତ ଚନ୍ଦ୍ର ପାତ୍ର, ୨୪. ଉଦୟନାଥ ବେଉରା, ପିତା- ମୃତ ବାଉରୀ ବେଉରା, ୨୫. ପୁରସ୍ତମ ସୁନ୍ଦରା, ୨୬. ଅଧିକାରୀ ସୁନ୍ଦରା କ୍ରମିକ ନଂ.-୨୫ ଏବଂ ୨୬ଙ୍କ ପିତା- ମୃତ କାହ୍ନୁ ସୁନ୍ଦରା, ୨୭. ଦାଶରଥି ସୁନ୍ଦରା, ପିତା- ଅନାଥ ସୁନ୍ଦରା, ୨୮. ମରୁଆ ବେୱା, ସ୍ୱାମୀ- ମହନ ସୁନ୍ଦରା, ୨୯. ପୀତବାସ ପାଲଟାସିଂହ, ୩୦. ଲମ୍ଭ ପାଲଟାସିଂହ, ୩୧. ଆଲା ପାଲଟାସିଂହ, ୩୨. ଲିଲି ପାଲଟାସିଂହ, ୩୩. ଶମ୍ଭୁ ପାଲଟାସିଂହ କ୍ରମିକ ନଂ.-୨୯ରୁ ୩୩ଙ୍କ ପିତା ମୃତ ପ୍ରହଲ୍ଲାଦ ପାଲଟାସିଂହ ୩୪. ବାଙ୍କୀ ପାଲଟାସିଂହ, ସ୍ୱାମୀ- ମୃତ ପ୍ରହଲ୍ଲାଦ ପାଲଟାସିଂହ, ୩୫. ସହଦେବ ସୁନ୍ଦରା, ୩୬. ବିଷ୍ଣୁ ସୁନ୍ଦରା, କ୍ରମିକ ନଂ.-୩୫ ଏବଂ ୩୬ଙ୍କ ପିତା ମୃତ କୁଞ୍ଜ ସୁନ୍ଦରା ସମସ୍ତଙ୍କ ଗ୍ରାମ- ବାଓଁରା, ଥାନା- ବାଙ୍କୀ, ଜିଲ୍ଲା- କଟକ, ୩୭. କାଳନ୍ଦୀ ସୁନ୍ଦରା, ପିତା- କୁଞ୍ଜ ସୁନ୍ଦରା, ୩୮. ଦେବରାଜ ଜେଠି, ପିତା- ସଦ ଜେଠି, ୩୯. କୁଞ୍ଜ ଜେଠି, ପିତା- ମଣି ଜେଠି କ୍ରମିକ ନଂ.-୩୭ରୁ ୩୯ଙ୍କ ଗ୍ରାମ/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪୦. ବିପ୍ଳବ କୁମାର ସାହୁ, ପିତା- ପ୍ରଫୁଲ୍ଲ ଚନ୍ଦ୍ର ସାହୁ Executive Director, Satya Multiplex Pvt. Ltd. ପ୍ଲଟ୍ ନଂ.-M-୬/୩୨୧, IRC Village, ପୋ- ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଏତଦ୍ୱାରା ଉପରୋକ୍ତ ସମସ୍ତ କେସ୍‌ରେ ପ୍ରତିବାଦୀ ନଂ.-୧ରୁ୪୦ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୩ ଇଜିଲାସ ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୯।୧୨।୨୩ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଭୁଆସୁଣୀ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବକ ଖାତା ନଂ.-୧୯୦, ପ୍ଲଟ୍ ନଂ.- ୧୩୦, ଏରିଆ ଏ ୫.୮୧୦ ଡେସିମିଲ। କ୍ରୟବୃତ୍ତି ଏ ୦.୦୫୫ ଡେସିମିଲ, ସବ୍ ପ୍ଲଟ୍ ନଂ.-୧୬୭।

ହାଲ୍ ଖାତା ନଂ.-୩୩୪, ହାଲ୍ ପ୍ଲଟ୍ ନଂ.-୨୩୨, ଏରିଆ ଏ୧.୨୭୦ ଡେସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କର ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ଅଦାଲତଙ୍କ ଆଦେଶକ୍ରମେ
ସ୍ୱା./- ସହକାରୀ ଅଧିକାରୀ
ଧ-୧୯୭୮


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CLASSIFIED DISPLAY

TARIFF — MORE SPACE ' SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ହେମନ୍ତ କୁମାର ମହାନ୍ତି**
ନାଇଲ, ଅଡ଼ଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୧।୧୯୬୫
ତିରୋଧାନ: ୨୦।୧୧।୨୦୨୨

ଆଜି ଆପଣଙ୍କର ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପୁତ୍ର: ସୋମୁ, ଶିବୁନା ଏବଂ ପରିବାରବର୍ଗ।
ଧ-୬୯୦୯୮

# ଆହାନ ମିଶ୍ରଙ୍କୁ ଡବଲ୍ସ ଟାଇଟଲ



ଭୁବନେଶ୍ୱର, ୮।୧୨
(ତପନ ସ୍ୱାଇଁ)

ଓଡ଼ିଶାର ଆହାନ ମିଶ୍ର ବେଙ୍ଗାଲୁରୁରେ ଅନୁଷ୍ଠିତ ଏସିଆନ ର୍‍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବାଳକ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଆହାନଙ୍କର ପାର୍ଟନର ଥିଲେ ଆନ୍ଧ୍ରପ୍ରଦେଶର ଇଶାନ ୟାଦାପଲ୍ଲୀ। ଆହାନ-ଇଶାନ ଯୋଡ଼ି ଫାଇନାଲରେ ତାମିଲନାଡୁର ଇଶାନ ସୁଦର୍ଶନ ଓ କର୍ଣ୍ଣାଟକର ଅନିରୁଦ୍ଧ ପାଲାନିସ୍ୱାମୀଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।

# ଓଡ଼ିଶାର ଆହାନ ନଂ.୧

## ଏଆଇଟିଏ ର୍‍ୟାଙ୍କିଙ୍ଗ୍

- ୧୨ ବର୍ଷରୁ କମ୍ ପରେ ୧୪ ବର୍ଷରୁ କମ୍ ବର୍ଗରେ ସଫଳତା
- କେଏସ୍‌ଏଲ୍‌ଟିଏ ଏସିଆନ ଟେନିସ୍‌ରେ ଡବଲ ଟାଇଟଲ

ଭୁବନେଶ୍ୱର, ୮।୧୨
(ତପନ ସ୍ୱାଇଁ)

ଓଡ଼ିଶାର ପ୍ରତିଭାସମ୍ପନ୍ନ ବାଳିକା ଟେନିସ ଖେଳାଳି ଆହାନ ସର୍ବଭାରତୀୟ ଟେନିସ ଆସୋସିଏଶନ(ଏଆଇଟିଏ)ର ୧୪ ବର୍ଷରୁ କମ୍ ବର୍ଗରେ ନମ୍ବର ୱାନ ହେବାର ଗୌରବ ଅର୍ଜନ କରିଛନ୍ତି। ନିକଟରେ ଏଆଇଟିଏ ପକ୍ଷରୁ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଆହାନ ୧୨୫୯.୨୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ହରିୟାଣାର ପ୍ରାଚୀ ମଲିକ ଦ୍ୱିତୀୟ ଓ ତାମିଲନାଡୁର ହରିଥଶ୍ରୀ ଭେଙ୍କଟେଶ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ଅଭିପ୍ସା ଦେହୁରି ୧୧ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ୧୨ ବର୍ଷରୁ କମ୍ ବର୍ଗରେ ନଂ-୧ ରହିସାରିଥିବା ଆହାନ ଏବେ ୧୪ ବର୍ଷରୁ କମ୍ ବର୍ଗରେ ସେହି ସଫଳତାକୁ ଦୋହରାଇବାରେ ସକ୍ଷମ ହୋଇଛନ୍ତି। ଆହାନ ଏସ୍‌ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଟେନିସ କୋର୍ଟରେ ଆହାନଙ୍କର ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ବେଙ୍ଗାଲୁରୁଠାରେ ନିକଟରେ ଶେଷ ହୋଇଥିବା ୧୪ ବର୍ଷରୁ କମ୍ କେଏସ୍‌ଏଲ୍‌ଟିଏ ଏସିଆନ ଟେନିସ ଟୁର୍ନାମେଣ୍ଟରେ ସେ ଦ୍ୱିମୁକୁଟ ହାସଲ କରିଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ସେ ତାମିଲନାଡୁର କାର୍ତ୍ତିକ ପଦ୍ମକୁମାରଙ୍କୁ ୬-୨, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ ସେ ପଦ୍ମକୁମାରଙ୍କୁ ସାଥିକରି ଫାଇନାଲରେ ତାମିଲନାଡୁର ଶ୍ରୀନିଡି ଚୌଧୁରୀ ଓ ତେଲଙ୍ଗାନାର ଜାହ୍ନବୀ ତାମ୍ମିନିଦିଙ୍କୁ ୬-୧, ୬-୧ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି।



ମହିଳା ସିଙ୍ଗଲ୍ସ ଓ ଡବଲ୍ସ ଟ୍ରଫି ସହ ଆହାନ।

# ନ୍ୟୁଜିଲାଣ୍ଡର ଦୃଢ଼ ପ୍ରତ୍ୟାବର୍ତ୍ତନ

ମୀରପୁର(ବାଂଲାଦେଶ), ୮।୧୨(ଏପି)

ଗ୍ଲେନ ଫିଲିପ୍ସଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଯୋଗୁ ବର୍ଷାରେ ପ୍ରଭାବିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚର ତୃତୀୟ ଦିବସ ଖେଳରେ ନ୍ୟୁଜିଲାଣ୍ଡ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ଫିଲିପ୍ସଙ୍କ ୭୨ ବଲ୍‌ରୁ ୮୭ ରନ ସହାୟତାରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୮୦ରନ ସଂଗ୍ରହ କରି ୮ରନ ଅଗ୍ରଣୀ ଲାଭ କରିପାରିଛି। ଶୁକ୍ରବାର ଖରାପ ଆଲୋକ ଯୋଗୁ ଖେଳ ସ୍ଥଗିତ ରଖାଯିବା ବେଳକୁ ବାଂଲାଦେଶ ୨ଉଇକେଟ ବିନିମୟରେ ୩୮ରନ କରିଛି। ଘରୋଇ ଦଳ ପ୍ରଥମ ଇନିଂସରେ ୧୭୨ ରନ କରି ଅଲଆଉଟ ହୋଇଯାଇଥିଲା। ବର୍ଷା ଯୋଗୁ ମ୍ୟାଚର ଦ୍ୱିତୀୟ ଦିବସ ଖେଳ ସମ୍ପୂର୍ଣ୍ଣ ଧୋଇଯାଇଥିଲା। ତୃତୀୟ ଦିବସର ପ୍ରଥମ ସେସନ ମଧ୍ୟ ସମ୍ଭବ ହୋଇ ନ ଥିଲା। ନ୍ୟୁଜିଲାଣ୍ଡ ଏହାର ପ୍ରଥମ ଇନିଂସ ଅସମାପ୍ତ ସ୍କୋର ୫୫/୫ରୁ ଏହାର ଖେଳ ଆରମ୍ଭ କରିଥିଲା। ଫିଲିପ୍ସ ତାଙ୍କ ଇନିଂସରେ ୯ ଚୌକା ଓ ୪ ଛକା ଲଗାଇଥିଲେ। ବିଶେଷ କରି ମେହିଦି ହସନଙ୍କ ପ୍ରଥମ ୩ ଓଭର ବୋଲିଂରେ ସେ ୩ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଫିଲିପ୍ସ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରିଥିଲେ। ସେ ୬ଷ୍ଠ ଉଇକେଟରେ ମିଚେଲଙ୍କ ସହ ୪୯ ଏବଂ ୮ମ ଉଇକେଟରେ କାଇଲ ଜେମିସନଙ୍କ ସହ ୫୫ ରନର ଭାଗୀଦାରି କରିଥିଲେ। ମିଚେଲଙ୍କୁ ସ୍ପିନରମାନଙ୍କ ବିପକ୍ଷରେ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ମାତ୍ର ୧୮ ରନ କରି ଖେଳୁଥିବା ବେଳେ ଅଫ୍ ସ୍ପିନର ନଇମ ହସନଙ୍କ ପ୍ରଥମ ଓଭର ବୋଲିଂରେ ମେହିଦିଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ୨୧ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିବା ନଇମ ପରବର୍ତ୍ତୀ ଓଭରରେ ମିଚେଲ ସାଣ୍ଟନର (୧ରନ)ଙ୍କୁ ଆଉଟ କରିଦେଇଥିଲେ। ସେତେବେଳେ ନ୍ୟୁଜିଲାଣ୍ଡ ସ୍କୋର ୯୭/୭ ରହିଥିଲା। ଫିଲିପ୍ସଙ୍କୁ ଜେମିଶନଙ୍କଠାରୁ ଉପଯୁକ୍ତ ସହାୟତା ମିଳିବାରୁ ବାଂଲାଦେଶ ସ୍କୋରରୁ ଅତିକ୍ରମ କରିପାରିଥିଲା ନ୍ୟୁଜିଲାଣ୍ଡ।

# ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲରେ ଶୁକ୍ରବାର ନୀତା ଫୁଟବଲ ଏକାଡେମୀ ବିଜୟୀ ହୋଇଛି। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୬-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନିବେଦିତା ନାୟକ ହ୍ୟାଟ୍ରିକ ସହ ୭, ୧୦, ୭୫ ଓ ୮୨ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଲୋକତୋଙ୍ଗବାମ ଶିଲା ଦେବୀ ୧୩ ଓ ଅଶ୍ରଫି ଖାତୁନ ୬୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ଜାତୀୟ ମହିଳା କବାଡ଼ିରେ ଓଡ଼ିଶା ଭାଗନେବ



ଜାତୀୟ ସିନିୟର ମହିଳା କବାଡ଼ି ପାଇଁ ମନୋନୀତ ଓଡ଼ିଶା ଦଳ।

କଟକ,୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ପଞ୍ଜାବ ରୂପନଗରସ୍ଥିତ ଲମରିନ୍ ଟେକନିକାଲ ସ୍କିଲ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହେବ ୭୦ତମ ଜାତୀୟ ସିନିୟର ମହିଳା କବାଡି ଚମ୍ପିୟନଶିପ। ଏଥିପାଇଁ ଓଡିଶା ମହିଳା କବାଡି ଦଳ ଶୁକ୍ରବାର ପଞ୍ଜାବ ଅଭିମୁଖେ ଯାତ୍ରା କରିଛି। ମ୍ୟାନେଜର ଅନନ୍ତ ଚରଣ ନାଥ ଓ କୋଚ୍ ସ୍ୱପ୍ନାରାଣୀ ପ୍ରଧାନଙ୍କ ନେତୃତ୍ୱରେ ଯାଇଥିବା ଓଡିଶା ମହିଳା କବାଡି ଦଳରେ ନିତୁ ଦେବୀ (କ୍ୟାପଟେନ), ଅଞ୍ଜନୀ ପଟେଲ, ହରପ୍ରିୟା ମହାପାତ୍ର, ପ୍ରିୟଙ୍କା ମହାପାତ୍ର, ଜ୍ୟୋତି ଦଳେଇ, ସଖିନା ଦାସ, ସୁମିତ୍ରା ମୁଣ୍ଡାରୀ, ମନୀଷା ଷଣ୍ଢ, ଲିଜା ପାତ୍ର, ପ୍ରତିଭା ନାଏକ, ଲକ୍ଷ୍ମୀପ୍ରିୟା ରାଉତ ଓ ରାନୀ ସାହୁ ପ୍ରମୁଖ ସାମିଲ ରହିଥିବା ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି।

# ଗଣ୍ଡଗୋଳ ଯୋଗୁ ଗ୍ରୀକ୍ ଫୁଟ୍‌ବଲ ମ୍ୟାଚ ସ୍ଥଗିତ

ଏଥେନ୍ସ, ୮।୧୨ (ଏପି)

ସମର୍ଥକମାନଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଯୋଗୁ ସପ୍ତାହ ଶେଷରେ ଖେଳାଯିବାକୁ ଥିବା ଟପ୍ ଲେଭଲ ଗ୍ରୀକ୍ ଫୁଟ୍‌ବଲ ମ୍ୟାଚଗୁଡ଼ିକୁ ସ୍ଥଗିତ ରଖାଯାଇଛି। ଗଣ୍ଡଗୋଳ ସମୟରେ ଜଣେ ପୋଲିସ ଅଫିସର ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ଏଥେନ୍ସ ଭଲିବଲ୍ ଷ୍ଟାଡିୟମ ବାହାରେ ଖେଳକୁ କେନ୍ଦ୍ର କରି ଏକାଧିକ ହିଂସାକାଣ୍ଡ ଦେଖାଦେଥିଲା। ପୋଲିସ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖିଛି। ରେଫରି ସ୍ଥାନ ପୂରଣ ହୋଇଗଲେ ଖେଳାଯାଇପାରି ନ ଥିବା ମ୍ୟାଚଗୁଡ଼ିକ ପାଇଁ ଦିନ ଧାର୍ଯ୍ୟ କରାଯିବ ସରକାରଙ୍କ ମୁଖପାତ୍ର ପାଭଲସ ମାରିନାକିସ୍ ପ୍ରକାଶ କରିଛନ୍ତି। ସଦ୍ୟତମ ଗଣ୍ଡଗୋଳ ସହରର ଦୁଇ ବଡ଼ କ୍ଲବ ପାନାଥିନାଇକସ ଓ ଅଲିମ୍ପିଆକସ୍ ମଧ୍ୟରେ ଏକ ଭଲିବଲ ମ୍ୟାଚ୍ ବେଳେ ଘଟିଥିଲା। ଏହି ଦୁଇ କ୍ଲବର ସମର୍ଥକମାନଙ୍କ ମଧ୍ୟରେ ଫୁଟ୍‌ବଲ ଏବଂ ଅନ୍ୟ କେତେକ ଖେଳ ବେଳେ ମଧ୍ୟ ସଂଘର୍ଷ ଘଟିଥାଏ। ଦଳେ ସମର୍ଥକ ଦଙ୍ଗା ପୋଲିସଙ୍କ ଉପରେ ଆକ୍ରମଣ କରିଥିଲେ। ସେମାନେ ନିଆଁ ହୁଳା, ଗ୍ୟାସୋଲିନ ବୋମା ଓ ଟେକାପଥର ପକାଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏଥିରେ ଗୁରୁତର ଭାବେ ଆହତ ହୋଇଥିବା ଜଣେ ୩୧ ବର୍ଷୀୟ ପୋଲିସ ଅଫିସର ସ୍ଥାନୀୟ ଏକ ସରକାରୀ ହସ୍ପିଟାଲରେ କୋମା ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

# ପ୍ରଭାକରନଙ୍କୁ ବହିଷ୍କାର ଉପରେ ରହିତାଦେଶ

ନୂଆଦିଲ୍ଲୀ, ୮।୧୨ (ପି.ଟି.)

ଆସ୍ଥା ହରାଇଥିବା ଅଭିଯୋଗରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଦ୍ୱାରା ସେକ୍ରେଟାରୀ ଜେନେରାଲ ପଦବୀରୁ ବହିଷ୍କୃତ ହୋଇଥିବା ଶାଜି ପ୍ରଭାକରନଙ୍କୁ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଏଆଇଏଫ୍‌ଏଫ୍‌ର ଏହି ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଛନ୍ତି। ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦଙ୍କ ଜଣିକିଆ ଖଣ୍ଡପୀଠ ଏହି ଅନ୍ତରୀଣ ଆଦେଶ ପ୍ରଦାନ କରିବାବେଳେ କୋର୍ଟରେ ଏଆଇଏଫ୍‌ଏଫ ତରଫରୁ ଜଣେ କେହି ହେଲେ ଉପସ୍ଥିତ ନ ଥିଲେ।



ନିଯୁକ୍ତି ପାଇବାର ୧୪ ମାସ ପରେ ଏହି ହାଇପ୍ରୋଫାଇଲ ପଦବୀରୁ ଗତ ନଭେମ୍ବର ୭ରେ ବହିଷ୍କୃତ ହୋଇଛନ୍ତି। ପ୍ରଭାକରନଙ୍କୁ ବହିଷ୍କାର କଲା ବେଳେ ସେ କେଉଁ କାରଣରୁ ଆସ୍ଥା ହରାଇଛନ୍ତି ତାହା ଉଲ୍ଲେଖ କରାଯାଇ ନାହିଁ। ଗତବର୍ଷ ସେପ୍ଟେମ୍ବର ୨ରେ ନିର୍ବାଚନ ପରେ କଲ୍ୟାଣ ଚୌବେଙ୍କ ନେତୃତ୍ୱାଧୀନ ନୂତନ କର୍ମକର୍ତ୍ତା ଏଆଇଏଫ୍‌ଏଫ୍‌ର କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହାର ଦିନକ ପରେ ପ୍ରଥମ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ପ୍ରଭାକରନଙ୍କୁ ନିଯୁକ୍ତି ମିଳିଥିଲା। ପୂର୍ବରୁ ଫୁଟ୍‌ବଲ ଦିଲ୍ଲୀର ସଭାପତି ଭାବେ କାର୍ଯ୍ୟକରିଥିବା ପ୍ରଭାକରନ ୨୦୨୨ ସେପ୍ଟେମ୍ବର ୬ରେ ଏଆଇଏଫ୍‌ଏଫ୍‌ର ସେକ୍ରେଟାରୀ ଜେନେରାଲ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଡିସେମ୍ବର ୨୦ ଦିନ ଧାର୍ଯ୍ୟ କରାଯାଇଛି।



ପ୍ରୋ କବାଡ଼ି ଲିଗ୍‌ରେ ଶୁକ୍ରବାର ପୁନେରୀ ପଲ୍ଟନ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# କୋରିଆକୁ ହରାଇଲା ଭାରତ

ସାଣ୍ଟିଆଗୋ(ଚିଲି), ୮।୧୨ (ପି.ଟି.)

ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ୯ମରୁ ୧୨ତମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ କୋରିଆକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ରୋପନି କୁମାରୀ (୨୩ତମ ମିନିଟ), ମମ୍‌ତାଜ ଖାଁ (୪୪ତମ) ଓ ଅନୁ (୪୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିବାବେଳେ କୋରିଆ ପକ୍ଷରୁ ଏକମାତ୍ର ଗୋଲ୍ ସ୍କୋର କରିଥିଲେ ଜିୟୁନ୍ ଚୋଇ (୧୯ତମ)। ସୂଚନାଯୋଗ୍ୟ, ଭାରତ ପ୍ରତିଯୋଗିତାର ପୁଲ୍ 'ସି'ରେ ତୃତୀୟ ସ୍ଥାନ ଅଧିକାର କରି ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ଏହି ବିଜୟ ଦ୍ୱାରା ଟୁର୍ନାମେଣ୍ଟରେ ୯ମ ସ୍ଥାନ ଅଧିକାର କରିବାର ସୁଯୋଗ ସୃଷ୍ଟିହୋଇଛି। ଭାରତ ଏହାର ଅନ୍ତିମ ମ୍ୟାଚ ଶନିବାର ଚିଲି କିମ୍ବା ଯୁକ୍ତରାଷ୍ଟ୍ର ଆମେରିକାକୁ ଭେଟିବ।

# ନାଲ୍‌କୋ ଓପନ ଟେନିସ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଅନ୍ୟ ଅତିଥି ଓ ଖେଳାଳିମାନେ।

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

ଦୀର୍ଘ ୩ ବର୍ଷ ବ୍ୟବଧାନ ପରେ ଅଲ୍ ଓଡ଼ିଶା ନାଲ୍‌କୋ ଓପନ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରରେ ଆରମ୍ଭ ହୋଇଛି। ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏକ ଟୁର୍ନାମେଣ୍ଟକୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ସ୍ୱତନ୍ତ୍ର ଅତିଥି ଏବଂ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ଓ ନାଲ୍‌କୋ ନିର୍ଦ୍ଦେଶକ (ଫାଇନାନ୍ସ) ରମେଶ ଚନ୍ଦ୍ର ଯୋଶୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସମ୍ପାଦକ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସମ୍ମାନଜନକ ପ୍ରତିଯୋଗିତାରେ ରେକର୍ଡ ସଂଖ୍ୟକ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ରାଜ୍ୟରେ ଟେନିସ ପ୍ରତି ଆଗ୍ରହ ବଢୁଥିବାର ପ୍ରମାଣ ଏଥିରୁ ମିଳିଛି। ପ୍ରତିଯୋଗିତା ପାଇଁ ୪.୩୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ସିଙ୍ଗଲ୍ସ, ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ମହିଳା ଓ ପୁରୁଷ ସିଙ୍ଗଲ୍ସ, ୪୦, ୫୦ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଭେଟେରାନ୍ସ ଡବଲ୍ସ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପ୍ରତିଯୋଗିତା ମୋଟ ୩ ଦିନ ଧରି ଚାଲିବ।

# କ୍ଲବ ୭୩-କିଶୋର କ୍ଲବ ଫାଇନାଲ

ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ର ଫାଇନାଲ କ୍ଲବ-୭୩ ଓ କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ କିଶୋର କ୍ଲବ ୨-୧ ଗୋଲରେ ଏଜି ରିକ୍ରିଏଶନ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ କିଶୋର କ୍ଲବ ପ୍ରଭାବ ବିସ୍ତାର କରି ଖେଳିଥିଲା। ବେଞ୍ଜାମିନ୍ ମୁର୍ମୁ ୧୮ ଓ ସୌରଭ ଚୌଧୁରୀ ୩୫ତମ ମିନିଟରେ ଗୋଲ କରିବାରୁ କିଶୋର କ୍ଲବ ୨-୦ରେ ଅଗ୍ରଣୀଲାଭ କରିଥିଲା। ୪୨ତମ ମିନିଟରେ ଏଜି ଦଳର ରାଜେନ୍ଦ୍ର ହେମ୍ବ୍ରମ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳିଥିଲେ ମଧ୍ୟ କେହି ଗୋଲ ଦେଇପାରି ନ ଥିଲେ। କିଶୋର କ୍ଲବର ଏ. କହ୍ନେୟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଆସୋସିଏଶନ ଉପସଭାପତି ରାଧାନାଥ ମହାପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏମ. ଏସ. ବେଗ୍ ମ୍ୟାଚ ପରିଚାଳନା କରିଥିଲେ। ସହକାରୀ ରେଫରିଭାବେ ସୁଶାନ୍ତ ମିଶ୍ର ଓ ଶିବ ସାମନ୍ତରାୟ ତାଙ୍କୁ ସହାୟତା କରିଥିଲେ। ସୁଜିତ ପାତ୍ର ୪ର୍ଥ ରେଫରି ଏବଂ ସୁଦୀପ୍ତା ଦାଶ ମ୍ୟାଚ କମିଶନର ଥିଲେ। ପ୍ରତିଯୋଗିତାର ଫାଇନାଲ ଆସନ୍ତା ରବିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ଏ. କହ୍ନେୟା।

# ସୁବ୍ରତ ପଲ୍‌ଙ୍କ ଅବସର

କୋଲକାତା, ୮।୧୨ (ପି.ଟି.)

ଭାରତର ପୂର୍ବତନ ଗୋଲ୍‌କିପର ସୁବ୍ରତ ପଲ୍ ଫୁଟ୍‌ବଲରୁ ଅବସର ଘୋଷଣା କରିଛନ୍ତି। ଫଳରେ ତାଙ୍କ ଦୀର୍ଘ ୧୬ ବର୍ଷ ଉଜ୍ଜ୍ୱଳ କ୍ୟାରିୟରର ଅନ୍ତ ଘଟିଛି। ସର୍ବ ଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତାଙ୍କୁ ସ୍ପାଇଡରମ୍ୟାନ ଆଖ୍ୟା ଦେବା ସହ ଧନ୍ୟବାଦ ଅର୍ପଣ କରିଛି। ୩୬ ବର୍ଷୀୟ ସୁବ୍ରତ ୨୦୦୭ ବିଶ୍ୱକପ୍ କ୍ୱାଲିଫାୟର୍ସରେ ଲେବାନନ ବିପକ୍ଷ ମ୍ୟାଚ ଖେଳି ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଭାରତର ତରଫରୁ ସେ ୬୫ଟି ମ୍ୟାଚ ଖେଳି ସାରିଥିଲେ। ୨୦୧୧ରେ ଦୋହାଠାରେ ଅନୁଷ୍ଠିତ ଏସିଆନ କପ୍‌ରେ ହେଭିୱେଟ୍ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚରେ ତାଙ୍କର ଚମତ୍କାର ଗୋଲ୍ ରକ୍ଷଣକୁ ନେଇ ତାଙ୍କୁ ଲୋକେ 'ସ୍ପାଇଡରମ୍ୟାନ' ବୋଲି କହିଥିଲେ। ସେତେବେଳେ ଭାରତ ଦୀର୍ଘ ୨୭ବର୍ଷ ପରେ ଯୋଗ୍ୟତା ଅର୍ଜନ କରିଥିଲା। ମ୍ୟାଚରେ ଦକ୍ଷିଣ କୋରିଆ ଗୋଲ୍ ପୋଷ୍ଟକୁ ୨୦ଶଟ ଲଗାଇଥିଲା। ସୁବ୍ରତ ତନ୍ମଧ୍ୟରୁ ୧୬ଟିକୁ ଅକାମି କରି ଦେଇଥିଲେ। ଫଳରେ ଭାରତ ଏହି ମ୍ୟାଚ ୧-୪ରେ ହାରିଯାଇଥିଲା। କୋଚ୍ ଷ୍ଟିଫେନ୍ କନଷ୍ଟାନଟିନଙ୍କ ଅଧୀନରେ ୨୦୧୮ ବିଶ୍ୱକପ୍‌କ୍ୱାଲିଫାୟର୍ସବେଳେ ସେ ଭାରତୀୟ ଦଳର ଅଧିନାୟକତ୍ୱ କରଇଥିଲେ।

# କମିଲା ବର୍ଷା, ଆସିବ ଥଣ୍ଡା ପବନ ସହ କୁହୁଡ଼ି

ଭୁବନେଶ୍ୱର, ୮।୧୨(ଅନୁରାଧା ମହାରଣା): ବାତ୍ୟା 'ମିଗ୍‌ଜୋମ୍' ପ୍ରଭାବରେ ୨ଦିନ ଧରି ରାଜ୍ୟରେ ବର୍ଷା ଲାଗି ରହିଥିଲା। ଶୁକ୍ରବାର ଦିନର ପ୍ରଥମାର୍ଦ୍ଧରେ ମଧ ପାଗ ମେଘୁଆ ସହ ଆଂଶିକ ସ୍ଥାନରେ ବର୍ଷା ହୋଇଥିଲା। ମାତ୍ର ଅପରାହ୍ନରୁ ଆକାଶ ମେଘମୁକ୍ତ ହେବାସହ କେତେକ ସ୍ଥାନରେ ମେଘୁଆ ପାଗ ଭଳି ସ୍ଥିତି ନଜରକୁ ଆସିଥିଲା। ତେବେ ଆସନ୍ତା ୭ ଦିନ ରାଜ୍ୟରେ ପାଗ ମୁଖ୍ୟତଃ ଭାବେ ଶୁଖିଲା ରହିବ। ୩ ଦିନ ରାଜ୍ୟର ବିଭିନ୍ନ ଜିଲାରେ ଘନ କୁହୁଡି ଅନୁଭୂତ ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା କମିବା ପରେ ରାଜ୍ୟର ପାହାଡ଼ ଓ ସମତଳ ଅଞ୍ଚଳରେ ଶୀତ ପରିମାଣ ବଢ଼ିବା ନେଇ ପୂର୍ବରୁ ଆକଳନ କରାଯାଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ବର୍ଷା ଓ ପାଗ ମେଘୁଆ ରହିବାରୁ ରାଜ୍ୟର ମାତ୍ର ୩ ସ୍ଥାନରେ ରାତି ତାପମାତ୍ରା ୧୫ ଡିଗ୍ରୀ ତଳେ ରେକର୍ଡ ହୋଇଛି। କୋରାପୁଟରେ ସର୍ବନିମ୍ନ ରାତି ତାପମାତ୍ରା ୧୧.୫ ଡିଗ୍ରୀ ରହିଥିବାବେଳେ ସୁନ୍ଦରଗଡ଼ କିରେଇରେ ୧୪.୨ ଡିଗ୍ରୀ ଓ କୋରାପୁଟର ସେମିଳିଗୁଡ଼ାରେ ତାପମାତ୍ରା ୧୪.୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ହେଲେ ନବରଙ୍ଗପୁରରେ ସର୍ବାଧିକ ରାତି ତାପମାତ୍ରା ୨୩.୫ ଡିଗ୍ରୀ ରହିଥିଲା। ଡିସେମ୍ବରରେ ରାଜ୍ୟରେ ସାଧାରଣତଃ ରାତି ତାପମାତ୍ରା ୧୦ରୁ ୨୦ ଡିଗ୍ରୀ ମଧ୍ୟରେ ରୁହେ ଓ ଶୀତ ଅନୁଭୂତ ହୁଏ। ମାତ୍ର ପାଣିପାଗର ପରିବର୍ତ୍ତନ କାରଣରୁ ରାଜ୍ୟରେ ରାତି ତାପମାତ୍ରା ଅଧିକ ରହୁଛି। ଆଗକୁ ଉତ୍ତର ପଟୁ ପୁଣି ଥଣ୍ଡା ପବନର ପ୍ରବାହ ଆରମ୍ଭ ହେବା ସହ ରାତି ତାପମାତ୍ରା କମିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।






















































# କଟକରେ ପୁଣି ବିଡବ୍ଲ୍ୟୁଏଫ୍ ଟୁର୍ ସୁପର-୧୦୦

■ ୧୨ରେ ଆରମ୍ଭ, ୧୭ରେ ଶେଷ

■ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବ ସମସ୍ତ ମ୍ୟାଚ୍

କଟକ,୮।୧୨
(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟ ବ୍ୟାଡ୍‌ମିଣ୍ଟନ ପ୍ରେମୀମାନଙ୍କୁ ପୁଣି ଥରେ ଅନେକ ତାରକା ଖେଳାଳିଙ୍କୁ ଦେଖିବାର ସୁଯୋଗ ମିଳିବ। କାରଣ କଟକରେ ପୁଣି ଥରେ ଆୟୋଜନ ହେବାକୁ ଯାଉଛି ଏସିଆ ମହାଦେଶର ଅନ୍ୟତମ ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦। ଆସନ୍ତା ୧୨ ତାରିଖରୁ ଆରମ୍ଭ ହୋଇ ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବ। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ) ଦ୍ୱାରା ଆୟୋଜିତ ଏହି ଟର୍ନାମେଣ୍ଟ ଲଗାତର ଦ୍ୱିତୀୟ ଥର ଓଡ଼ିଶାରେ ହେବାକୁ ଯାଉଛି। ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ର ଚଳିତ ସଂସ୍କରଣର ନାମ ରଖାଯାଇଛି ଓଡ଼ିଶା ମାଷ୍ଟର୍ସ-୨୦୨୩। ପ୍ରଥମ ସଂସ୍କରଣ ମଧ୍ୟ କଟକରେ ଖେଳାଯାଇଥିଲା। ୨୦୨୨ରେ ହୋଇଥିବା ପ୍ରଥମ ସଂସ୍କରଣ ବେଶ୍ ସଫଳ ହେବା ପରେ ପୁନର୍ବାର କଟକରେ ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା କହିଛନ୍ତି ଯେ, ଏହି ଖେଳର ପ୍ରଚାର, ପ୍ରସାର ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି । କଟକରେ ପୁଣି ଥରେ ଓଡ଼ିଶା ମାଷ୍ଟର୍ସ ଆୟୋଜନ କରାଯିବ। ବ୍ୟାଡ୍‌ମିଣ୍ଟନ ପ୍ରତି ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ଖେଳାଳିମାନଙ୍କ ପାଇଁ ଏହା ଉତ୍ସାହପ୍ରଦ ହେବ ବୋଲି ସେ କହିଥିଲେ। ଏହି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଯେତିକି ଜରୁରୀ, ଏଭଳି ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟ ଆୟୋଜନ ମଧ୍ୟ ସେତିକି ଜରୁରୀ। ବିଶ୍ୱର ଅନେକ ରାଷ୍ଟ୍ରର ପ୍ରତିଭାବାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଟୁର୍ନାମେଣ୍ଟରେ ଭାଗ ନେବେ ବୋଲି ସଚିବ କହିଛନ୍ତି। ଟୁର୍ନାମେଣ୍ଟର ପୁରସ୍କାର ରାଶି ହେଉଛି ୧ ଲକ୍ଷ ଡଲାର, ଭାରତୀୟ ମୁଦ୍ରାରେ ଯାହା ପ୍ରାୟ ୮୪ଲକ୍ଷ ଟଙ୍କା ସହ ସମାନ। ଭାରତର ନାମୀଦାମୀ ବ୍ୟାଡ୍‌ମିଣ୍ଟନ ତାରକାଙ୍କ ସମେତ ବିଦେଶୀ ରାଷ୍ଟ୍ରର ପ୍ରତିଯୋଗୀମାନେ ଏଥିରେ ଭାଗ ନେବେ । ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯାଉଛି।

# ଦୀପ୍ ରଞ୍ଜନଙ୍କୁ ସ୍ୱର୍ଣ୍ଣ ; ସୁଚିତ୍ରା, ଜୟନ୍ତୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୮।୧୨
(ତପନ ସ୍ୱାଇଁ)

ଥାଇଲାଣ୍ଡର ନାଖୋନ ରାଚାସୀମାରେ ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ ଗେମ୍ସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତ ୩୬ ସ୍ୱର୍ଣ୍ଣ, ୩୨ ରୌପ୍ୟ ଓ ୩୫ ବ୍ରୋଞ୍ଜ ସହ ମୋଟ ୧୦୩ଟି ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶାର ୧୩ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ୯ଟି ପଦକ ହାସଲ କରିଛନ୍ତି। ଓଡ଼ିଶାର ଦୀପ୍ ରଞ୍ଜନ ବିଶୋଇ ବ୍ୟାଡ୍‌ମିଣ୍ଟନ ଡବଲ୍ସରେ ସ୍ୱର୍ଣ୍ଣ ଏବଂ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଡବଲ୍ସ ଫାଇନାଲରେ ସେ ଶରଦ ଚନ୍ଦ୍ର ଯୋଶୀଙ୍କୁ ପାର୍ଟନର କରି ଫାଇନାଲରେ ନିଜ ଦେଶର ପ୍ରେମ୍ କୁମାର ଇଝିଲ ଓ ଦୀନେଶ ରାଜାଇଆଙ୍କୁ ୨୧-୧୧, ୨୧-୧୨ରେ ପରାସ୍ତ କରିଛନ୍ତି। ମାତ୍ର ସିଙ୍ଗଲ୍ସ ସେମିଫାଇନାଲରେ ଇଣ୍ଡୋନେସିଆର ହକମତ ରାନଦାନିଙ୍କଠାରୁ ୧୩-୨୧, ୨୧-୧୧ରେ ହାରିଯିବାରୁ ବ୍ରୋଞ୍ଜ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ଅନ୍ୟତମ ଓଡ଼ିଆ ଖେଳାଳି ଶୁଭ୍ରଜିତ୍ ମହାରଣା ଡବଲ୍ସରେ ଜଗଦୀଶ ଦିଲିଙ୍କୁ ପାର୍ଟନର କରି ସେମିଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ପ୍ରେମ୍ କୁମାର ଇଝିଲ ଓ ଦୀନେଶ ରାଜାଇଆଙ୍କଠାରୁ ୧୬-୨୧, ୨୧-୧୮, ୧୨-୨୧ରେ ପରାସ୍ତ ହେଇଛନ୍ତି। ଫଳରେ ସେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଓଡ଼ିଶାର ଅନ୍ୟ ଦୁଇ ଖେଳାଳି ଦିଲେଶ୍ୱର ରାଓ ଓ ନୁରୁଲ ହୁସେନ ଖାନ୍ ଖାଲିହାତରେ ଫେରିଛନ୍ତି।

ଆଥ୍‌ଲେଟିକ୍ସରେ ସୁଚିତ୍ରା ପରିଡ଼ା ମହିଳା ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ପୂର୍ବରୁ ଜାଭେଲିନ୍‌ରେ ସ୍ୱର୍ଣ୍ଣ ପଦକ ଜିତିସାରିଥିବା ସୁଚିତ୍ରା ମହିଳା ଶଟ୍‌ପୁଟ୍‌ର ଏଫ୍ ୩୪/୫୩/୫୪/୫୬ ବର୍ଗର ଫାଇନାଲରେ ୫.୨୩ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୟନ୍ତୀ ବେହେରା ୪୦୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଟି-୪୭ ବର୍ଗର ୪୦୦ମି.କୁ ୧:୦୦.୪୮ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ସେ ୧୦୦ ଓ ୨୦୦ମି.ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ୪୦୦ ମିଟରରେ ଥାଇଲାଣ୍ଡର ଶଶିରାୱନ ଇଙ୍କାଚୋଟ୍ ୫୯.୫୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ହୁଇଲ ଚେୟାର ଫେନ୍‌ସିଂ ଇଭେଣ୍ଟରେ ଏହି ୭ ଖେଳାଳି ଭାଗ ନେଇଥିଲେ ହେଁ ସଫଳତା ପାଇପାରିନାହାନ୍ତି।



ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ ଗେମ୍ସରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

## ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସ ଉଦ୍‌ଯାପିତ

ଅଭିନନ୍ଦନ
ନିର୍ଭୀକ ଓ ନିରପେକ୍ଷ ଖବର ପ୍ରସାରଣରେ 'ଧରିତ୍ରୀ'ର ସ୍ୱତନ୍ତ୍ରତା ରହିଛି । ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଖଲ୍ଲିକୋଟ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
କାର୍ଯ୍ୟାଳୟ ପରିସର ପରିଷ୍କାର ରଖନ୍ତୁ ।
ମୁଖ୍ୟ ଫାଟକ ନିକଟରେ ବାଇକ୍ ପାର୍କିଂ କରନ୍ତୁ ନାହିଁ ।
ଚୈତନ୍ୟ ବେହେରା – ବରିଷ୍ଠ କିରାଣି
ପ୍ରଭାତ ରଞ୍ଜନ ଆଚାର୍ଯ୍ୟ – କନିଷ୍ଠ କିରାଣି
ସବ୍‌ରେଜିଷ୍ଟ୍ରାର ଅଫିସ, ଖଲ୍ଲିକୋଟ

ଅଭିନନ୍ଦନ
'ଧରିତ୍ରୀ' ଏକ ନିରପେକ୍ଷ, ସତ୍ୟନିଷ୍ଠ ଖବରକାଗଜ ଭାବେ ଜନାଦୃତ ହୋଇଛି । ଏହି ଲୋକପ୍ରିୟ ଖବରକାଗଜର ସ୍ୱର୍ଣ୍ଣିମ ଜୟନ୍ତୀ ଅବସରରେ ଖଲ୍ଲିକୋଟ ଏନ୍.ଏ.ସି.ର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଖଲ୍ଲିକୋଟ ସହରକୁ ଅଧିକ ସରସ, ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଆମେ ସମସ୍ତେ ମିଳିମିଶି କାମ କରିବା ।
ଇଂ. ନିରଞ୍ଜନ ବେହେରା – ଖଲ୍ଲିକୋଟ ଏନ୍.ଏ.ସି. ଅଧ୍ୟକ୍ଷ
ରାଜେଶ ମହାପାତ୍ର – ନିର୍ବାହୀ ଅଧିକାରୀ, ଖଲ୍ଲିକୋଟ ଏନ୍.ଏ.ସି.

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ପାଟକୁରା ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ପାଇଁ ମୁଁ ସଂକଳ୍ପବଦ୍ଧ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିକାଶମୂଳକ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଁ ଅଙ୍ଗୀକାରବଦ୍ଧ ।
ସାବିତ୍ରୀ ଅଗ୍ରୱାଲ୍ – ବିଧାୟିକା, ପାଟକୁରା
ସଞ୍ଜୟ ଅଗ୍ରୱାଲ୍ – ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ବିଜୁ ଜନତା ଦଳ

ଦୈନିକ ଖବରକାଗଜ ଧରିତ୍ରୀର 50ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଏହାର ସମସ୍ତ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା
ମମତା ବେହେରା – ସରପଞ୍ଚ, ମଲାଡ଼ ପଞ୍ଚାୟତ, ଗଞ୍ଜାମ ବ୍ଲକ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ କୁରୁଜଙ୍ଗା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।
କୃଷ୍ଣଚନ୍ଦ୍ର ସାହୁ – ସମିତିସଭ୍ୟ, କୁରୁଜଙ୍ଗା ଗ୍ରାମପଞ୍ଚାୟତ, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ ପଲେଇ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।
ଅକ୍ଷୟ କୁମାର ସାହୁ – ସରପଞ୍ଚ, ପଲେଇ ଗ୍ରାମପଞ୍ଚାୟତ, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ ମୁକୁନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।
ମିତାରାଣୀ ମଲ୍ଲିକ – ସରପଞ୍ଚ, ମୁକୁନ୍ଦପୁର ଗ୍ରାମପଞ୍ଚାୟତ, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ ହରିଅଙ୍କ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।
କନକଲତା ପ୍ରଧାନ – ସରପଞ୍ଚ, ହରିଅଙ୍କ ଗ୍ରାମପଞ୍ଚାୟତ, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ ବାଲିଆ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।
ପ୍ରବୀର କୁମାର ସିଂହ – ସରପଞ୍ଚ, ବାଲିଆ ଗ୍ରାମପଞ୍ଚାୟତ, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛୁ । ଏହି ଅବସରରେ ଚାଟରାଚକଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛୁ ।
ମମତା ରାଉତ – ସରପଞ୍ଚ, ଚାଟରାଚକଡ଼ା ଗ୍ରାମପଞ୍ଚାୟତ, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ ଦାନପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ପଞ୍ଚାୟତରେ ଆରମ୍ଭ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।
ମାନସୀ ତ୍ରିପାଠୀ – ସରପଞ୍ଚ, ଦାନପୁର ଗ୍ରାମପଞ୍ଚାୟତ, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ।
"କେନ୍ଦ୍ରାପଡ଼ା ଜିଲ୍ଲାର ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ତରଫରୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ଦକ୍ଷତା ବିକାଶ ପ୍ରଶିକ୍ଷଣ କର୍ମଶାଳାରେ ବହୁଳ ଭାବରେ ଅଂଶଗ୍ରହଣ କରନ୍ତୁ । ସେଥିନିମନ୍ତେ ନିକଟସ୍ଥ ବ୍ଲକ୍ ଉଦ୍ୟାନ-କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।"
Sd./-
Assistant Director of Horticulture
Kendrapara

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛୁ । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବାକୁ ଆମ ସମବାୟ ସମିତି ସଂକଳ୍ପବଦ୍ଧ ।
ଜୟପ୍ରକାଶ ସ୍ୱାଇଁ – ସମ୍ପାଦକ
ସରୋଜକାନ୍ତ ସାହୁ – ସଭାପତି
ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛୁ । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବାକୁ ଆମ ସମବାୟ ସମିତି ସଂକଳ୍ପବଦ୍ଧ ।
ମୃତ୍ୟୁଞ୍ଜୟ ଦାଶ – ସମ୍ପାଦକ
ସୁଧାଂଶୁ ଭୂଷଣ ସାମନ୍ତରାୟ – ସଭାପତି
କପିଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି, ହରିଅଙ୍କ

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । କେନ୍ଦ୍ରାପଡ଼ା ଜିଲ୍ଲା ୧୪ ନମ୍ବର ଜିଲ୍ଲା ପରିଷଦ ଜୋନ୍ ଅଧୀନରେ ଥିବା ଡେରାବିଶ ବ୍ଲକର ସମସ୍ତ ପଞ୍ଚାୟତ ଅଧିବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି । ଆସନ୍ତୁ ଆମ ପଞ୍ଚାୟତରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସଂକଳ୍ପ ନେବା ।
ଅରବିନ୍ଦ ମଲ୍ଲିକ – ସଭ୍ୟ, ୧୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ, ଡେରାବିଶ, କେନ୍ଦ୍ରାପଡ଼ା

ଅଭିନନ୍ଦନ
'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା । ଏହି ଅବସରରେ ଡେରାବିଶ ବ୍ଲକ୍ ଅଞ୍ଚଳରେ ରବି ୨୦୨୩-୨୪
୧। ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା
୨। ତୈଳବୀଜ ଫସଲ ପ୍ରଦର୍ଶନ
୩। ଓଡ଼ିଶା ମିଲେଟ୍ ମିଶନ ଅନ୍ତର୍ଗତ ମାଣ୍ଡିଆ, ଯହ୍ନା, ବାଜରା ଚାଷ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି ।
କୃଷି ବିଭାଗ
ଡେରାବିଶ ବ୍ଲକ

# ରାଜ୍ୟ ମହିଳା ଭଲିବଲ ଆରମ୍ଭ


ବୌଦ୍ଧ ଷ୍ଟାଡିୟମ୍‌ରେ ରାଜ୍ୟ ମହିଳା ଭଲିବଲ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

ବୌଦ୍ଧ,୮।୧୨

( ଅଜିତ କୁମାର ବାରିକ)

ରାଜ୍ୟ ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଓ ଜିଲା କ୍ରୀଡା ସଂଘ ସହଯୋଗରେ ୭୦ତମ ରାଜ୍ୟ ମହିଳା ଭଲିବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବୌଦ୍ଧଜିଲାରେ ଦ୍ୱିତିୟଥର ପାଇଁ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନର ସୁଯୋଗ ଦେଇଥିବାରୁ ରାଜ୍ୟ ଭଲିବଲ ସଂଘକୁ ମନ୍ତ୍ରୀ ଅମାତ କୃତଜ୍ଞତା ପ୍ରକାଶ କରିବା ସହିତ ଏହାଦ୍ୱାରା ସ୍ଥାନୀୟ ଖେଳାଳିମାନେ ଉତ୍ସାହିତ ହେବା ସହିତ ଜିଲାରେ ଭଲିବଲ ଖେଳର ବିକାଶ ହୋଇପାରିବ ବୋଲି କହିଥିଲେ। ରାଜ୍ୟ ଭଲିବଲ ସଂଘର ସାଧାରଣ ସଂପାଦକ ଗଗନେନ୍ଦୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଭାରପ୍ରାପ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ,ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଜିଲା କ୍ରୀଡା ସଂଘର ଉପସଭାପତି ଧୂରୀଣ କୁମାର ଦେହୁରୀ ଏବଂ ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆନ୍ତଃ କ୍ଲବ ରାଜ୍ୟସ୍ତରୀୟ ମହିଳା ଭଲିବଲ ପ୍ରତିଯୋଗିତାରେ କିଟ୍ ,ରେଲୱେ, ପାରାଦୀପ ପୋର୍ଟ ସମେତ କେନ୍ଦ୍ରାପଡା, କନ୍ଧମାଳ, ବଲାଙ୍ଗୀର, ସୁନ୍ଦରଗଡ, ଢେଙ୍କାନାଳ, ଭୁବନେଶ୍ୱର ଓ ଜଗତ୍‌ସିଂହପୁରରୁ ୧୦ ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଭଲିବଲ ସଂଘ ପକ୍ଷରୁ ରେଫରି ଭାବରେ ଶୁଭସ୍ମିତା ପରିଡା, ଭି.ସ୍ୱାତିଲତା ରେଡୀ ସୁଜାତା ବିଶ୍ୱାଳ, ସଞ୍ଜୀବ କୁମାର ପଣ୍ଡା, ରଞ୍ଜନ କୁମାର ସାହୁ ଓ ଦିଲୀପ ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା କନ୍ଧମାଳ ସାଂସଦ ଅଚ୍ୟୁତାନନ୍ଦ ସାମନ୍ତଙ୍କ ଉଦ୍ୟମକ୍ରମେ ବୌଦ୍ଧ ଓ କନ୍ଧମାଳ ଜିଲାରେ ଏହି ରାଜ୍ୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ କିଟ୍ ପକ୍ଷରୁ ସମସ୍ତ ଖେଳାଳିମାନଙ୍କୁ ଜର୍ସି ପ୍ରଦାନ କରାଯାଇଥିଲା।




## ମ୍ୟାଚ ଫଳାଫଳ

**ମହିଳା ଭଲିବଲ (ବୌଦ୍ଧ)**

- ଇଷ୍ଟକୋଷ୍ଟ ରେଲୱେ-୨, ପାରାଦୀପ ପୋର୍ଟ ଟ୍ରଷ୍ଟ-୦ ସେଟ୍
- ବଲାଙ୍ଗୀର-୨, ଢେଙ୍କାନାଳ-୦
- କେନ୍ଦ୍ରାପଡ଼ା-୨, ସୁନ୍ଦରଗଡ଼-୦
- କନ୍ଧମାଳ-୨, ଢେଙ୍କାନାଳ-୦
- କେନ୍ଦ୍ରାପଡ଼ା-୨, ପାରାଦୀପ ପୋର୍ଟ ଟ୍ରଷ୍ଟ-୦

**ପୁରୁଷ ଭଲିବଲ (ଫୁଲବାଣୀ)**

- ରାଉରକେଲା ଷ୍ଟିଲ ପ୍ଲାଣ୍ଟ-୨, ଭୁବନେଶ୍ୱର-୦
- ବରଗଡ଼-୨, ଦେବଗଡ଼-୦
- ଅନୁଗୋଳ-୨, ଗଞ୍ଜାମ-୦
- ରାଉରକେଲା ଷ୍ଟିଲ ପ୍ଲାଣ୍ଟ-୨, କନ୍ଧମାଳ-୦
- କଟକ-୨, ସୁନ୍ଦରଗଡ଼-୦
- ସମ୍ବଲପୁର-୨, ଭୁବନେଶ୍ୱର-୦
- ଝାରସୁଗୁଡ଼ା-୨, ଅନୁଗୋଳ-୦
- ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ-୨, ବରଗଡ଼-୦
- ବୌଦ୍ଧ-୨, ଗଞ୍ଜାମ-୦
- ଭୁବନେଶ୍ୱର-୨, କନ୍ଧମାଳ-୦
- ମୟୂରଭଞ୍ଜ-୨, ବାଲେଶ୍ୱର-୦
- ସୁନ୍ଦରଗଡ଼-୨, ଅନୁଗୋଳ-୧
- ଓଡ଼ିଶା ପୋଲିସ-୨, ପାରାଦୀପ ପୋର୍ଟ ଟ୍ରଷ୍ଟ-୦
- ବାଲେଶ୍ୱର-୨, କେନ୍ଦୁଝର-୦
- ସମ୍ବଲପୁର-୨, ଦେବଗଡ଼-୦
- ଜଗତ୍‌ସିଂହପୁର-୨, ଗଞ୍ଜାମ-୦
- ଭୁବନେଶ୍ୱର-୨, ବରଗଡ଼-୧
- କଟକ-୨, ବୌଦ୍ଧ-୧
- ସମ୍ବଲପୁର-୨, କନ୍ଧମାଳ-୦

(ବାଲିଗୁଡ଼ାରେ ଅନୁଷ୍ଠିତ ପ୍ରତିଯୋଗିତାର ପୁଲ୍ 'ଏଫ୍' ବିଜେତା ପୁରୀ ଓ ରାଇକିଆରେ ପୁଲ୍ 'ଇ' ବିଜେତା ନୟାଗଡ଼ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି)।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ